# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୭/୨୦୧୯ (୨୦ ପୃଷ୍ଠା) | Bhubaneswar, Sunday, April 7/2019 (ଛୁଟିଦିନ ସହ) | ★★★★

୪୫ଶ ଭାଗ ୧୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-





“ମୁଁ ଆପଣଙ୍କୁ କଥା ଦେଉଛି, ଆପଣଙ୍କ ଆଶୀର୍ବାଦରେ ବିଜୁ ଜନତା ଦଳ ସରକାର ଗଠନର ପ୍ରଥମ ଦିନରେ ହିଁ ବାକି ଥିବା ୨୫ ଲକ୍ଷ ଚାଷୀ ‘କାଳିଆ’ ଯୋଜନାର ଦୁଇ କିସ୍ତି ୧୦ ହଜାର ଟଙ୍କା ଏକା ଥରକେ ପାଇବେ ।”

– ନବୀନ ପଟ୍ଟନାୟକ

ଆମର ‘କାଳିଆ’ ଯୋଜନାରେ ଏ ପର୍ଯ୍ୟନ୍ତ ୪୦ ଲକ୍ଷ ଚାଷୀ ଉପକାର ପାଇଲେଣି ।
ଆଉ ୨୫ ଲକ୍ଷ ଚାଷୀଙ୍କ ଲିଷ୍ଟ ତିଆରି ହୋଇଛି ।
ଲିଷ୍ଟରେ ଥିବା ସବୁ ଚାଷୀ ଯୋଜନାର ଲାଭ ପାଇବେ ।
କେହି ବି ଜଣେ ଚାଷୀ ବଞ୍ଚିତ ହେବେ ନାହିଁ ।
ଏବେ ନୁହେଁ କି କେବେ ନୁହେଁ ।

ବିଜୁ ଜନତା ଦଳ
ସବୁଦିନେ ଚାଷୀଙ୍କ ସାଥୀରେ

ନବୀନ ମୋର ପରିବାର
‘ଶଙ୍ଖ’ ମୋର ଚିହ୍ନ



ବାହ୍ୟ ସ୍ତରରେ ନିରସ୍ତ୍ରୀକରଣର ସଫଳତା ଲାଗି ପ୍ରୟାସ କରିବା ପୂର୍ବରୁ ଜନସାଧାରଣ ପ୍ରଥମେ ଆଭ୍ୟନ୍ତରୀଣ ସ୍ତରରେ ଅସ୍ତ୍ରତ୍ୟାଗ କରିବା ଜରୁରୀ।
-ଦଲାଇ ଲାମା,
ତିବ୍ବତୀୟ ଧର୍ମଗୁରୁ






## ସଂକ୍ଷେପରେ

### ଭାଜପାରେ ଯୋଗଦେଲେ ପୂର୍ବତନ ସେନା ଉପମୁଖ୍ୟ ଶରଥ ଚାନ୍ଦ୍



**ନୂଆଦିଲ୍ଲୀ,୬।୪(ପି.ଟି.):** ସ୍ଥଳସେନାର ପୂର୍ବତନ ଉପମୁଖ୍ୟ ଶରଥ ଚାନ୍ଦ୍ ଶନିବାର ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ଉପସ୍ଥିତିରେ ଭାଜପାରେ ଯୋଗଦେଇଛନ୍ତି। ଶରଥ ୧୯୭୯ ଜୁନରେ ଗଡ଼ୱାଲ ରାଇଫଲ୍ସରେ ଯୋଗଦେଇ ଗତବର୍ଷ ଜୁନ୍ ୧ରେ ଅବସର ଗ୍ରହଣ କରିଥିଲେ। ବର୍ତ୍ତମାନର ବିଶ୍ୱ ଦୃଶ୍ୟପଟରେ ଦେଶ ଦୃଢ଼ ନେତୃତ୍ୱ ଆବଶ୍ୟକ କରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ସେ ଭାଜପାରେ ଯୋଗଦେଇଥିବା କହିଛନ୍ତି।

### ତାଲିବାନ ଆକ୍ରମଣ ୭ ପୋଲିସ ସମେତ ୧୦ ନିହତ

**କାବୁଲ,୬।୪:** ଆଫଗାନିସ୍ତାନର ବିଭିନ୍ନ ସ୍ଥାନରେ ଶନିବାର ତାଲିବାନ ଆତଙ୍କବାଦୀଙ୍କ ଆକ୍ରମଣରେ ୭ ପୋଲିସଙ୍କ ସମେତ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଆତଙ୍କବାଦୀମାନେ କ୍ରମାଗତ ଭାବେ ସୁରକ୍ଷା ଯବାନ ଓ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରିଆସୁଛନ୍ତି। ସାରି ପୁଲ୍ ପ୍ରଦେଶର ଏକ ସୁରକ୍ଷା ଚେକ୍ ପଏଣ୍ଟରେ ଆକ୍ରମଣ କରିବାରୁ ୪ ପୋଲିସ ନିହତ ହୋଇଛନ୍ତି। ଏହି ଆକ୍ରମଣରେ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ଗଜନୀ ପ୍ରଦେଶରେ ଅନ୍ୟ ଏକ ଆକ୍ରମଣରେ ୩ ପୋଲିସ ନିହତ ହେବା ସହ ୭ ଜଣ ଆହତ ହୋଇଛନ୍ତି। ଗୁଳି ବିନିମୟ ବେଳେ ୭ ଆତଙ୍କବାଦୀ ନିହତ ହୋଇଛନ୍ତି। ନଙ୍ଗରହାର ପ୍ରଦେଶରେ ଦୁଇଟି ବିସ୍ଫୋରଣରେ ୩ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି।

### ୟେଲୋ ଭେଷ୍ଟ ଆନ୍ଦୋଳନକୁ ୨୧ ସପ୍ତାହ ପୂରିଲା

**ପ୍ୟାରିସ୍,୬।୪:** ଫ୍ରାନ୍ସରେ ଚାଲିଥିବା ୟେଲୋ ଭେଷ୍ଟ ଆନ୍ଦୋଳନ ୨୧ ସପ୍ତାହ ପୂରଣ କରିଥିବାବେଳେ ଶନିବାର ବିକ୍ଷୋଭକାରୀମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ରାଷ୍ଟ୍ରପତି ଏମ୍ମାନୁଏଲ ମାକ୍ରଁଙ୍କ ଆର୍ଥିକ ନୀତିକୁ ବିରୋଧ କରି ସାମାଜିକ ଓ ଆର୍ଥିକ ନ୍ୟାୟ ଦାବିରେ ହଜାର ହଜାର ୟେଲୋ ଭେଷ୍ଟ ବିକ୍ଷୋଭକାରୀ ଗତବର୍ଷ ନଭେମ୍ବର ୧୭ରୁ ଆନ୍ଦୋଳନ ଜାରି ରଖିଛନ୍ତି। ଶନିବାର ଶତାଧିକ ଆନ୍ଦୋଳନକାରୀ ନରମାଣ୍ଡିର ରୋଉନ୍ ଏବଂ ପୂର୍ବ ପ୍ୟାରିସ୍‌ର ପ୍ଲେସ୍ ଡେ ଲା ରିପବ୍ଲିକ୍‌ଠାରେ ଏକତ୍ର ହୋଇ ଶୋଭାଯାତ୍ରାରେ ବାହାରିଥିଲେ।

# ଯୁଦ୍ଧ ଉନ୍ମାଦନା ବଢ଼ାଉଛି ଭାଜପା: ଇମ୍ରାନ

**ଇସ୍‌ଲାମାବାଦ,୬।୪(ପି.ଟି.)**

ଏଫ-୧୬ ଯୁଦ୍ଧବିମାନ ଖସାଇଥିବାର ମିଛ ଦାବି କରି ଭାଜପା ଯୁଦ୍ଧ ଉନ୍ମାଦନା ବୃଦ୍ଧି କରୁଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଅଭିଯୋଗ କରିଛନ୍ତି। ଯେକୌଣସି ପ୍ରକାରେ ନିର୍ବାଚନ ଜିତିବା ପାଇଁ ଶାସକ ଭାଜପାର ଏହା ଏକ ଚାଲ୍ ବୋଲି ସେ କହିଛନ୍ତି। ପାକିସ୍ତାନକୁ ଆମେରିକା ଯୋଗାଇଥିବା ସମସ୍ତ ଏଫ-୧୬ ଲଢୁଆ ବିମାନ ଠିକ୍‌ଠାକ୍ ଥିବା ୱାଶିଂଟନର ବୈଦେଶିକ ନୀତି ପତ୍ରିକାରେ ରିପୋର୍ଟ ପ୍ରକାଶ ପାଇବା ପରେ ଭାଜପା ନେତୃତ୍ୱାଧୀନ ସରକାରଙ୍କ ମିଛ ପଦାରେ ପଡିଯାଇଛି। ଆମେରିକା ଅଧିକାରୀ ଇସ୍‌ଲାମାବାଦ ଆସି ଏଫ-୧୬ ଗଣନା କରିବା ପରେ ଏହି ରିପୋର୍ଟ ପ୍ରକାଶ ପାଇଛି।

ଫେବୃୟାରୀ ୨୭ରେ ପାକିସ୍ତାନର ଏଫ-୧୬ ଖସାଇଥିବା ଭାରତୀୟ ବାୟୁସେନା (ଆଇଏଏଫ୍) ଦାବି କରିବା ସହ ଏହାର ପ୍ରମାଣ ରହିଥିବା କହିଥିଲା। ସତ୍ୟର ସବୁବେଳେ ବିଜୟ ହୋଇଥାଏ ଏବଂ ଏହା ସର୍ବଶ୍ରେଷ୍ଠ ନୀତି ବୋଲି ଇମ୍ରାନ କହିଛନ୍ତି। ମିଥ୍ୟା ଦାବି କରି ଭାଜପା ନିର୍ବାଚନ ଜିତିବା ପାଇଁ ଉଦ୍ୟମ କରୁଥିବା ପାକ୍ ପ୍ରଧାନମନ୍ତ୍ରୀ କହିଛନ୍ତି। ଫେବୃୟାରୀ ୨୮ରେ ଆଇଏଏଫ୍ ଆମ୍‌ରାମ୍ କ୍ଷେପଣାସ୍ତ୍ରର ଅଂଶବିଶେଷ ଦେଖାଇଥିଲା, ଯାହା ଏଫ୍-୧୬ରୁ ଛଡ଼ାଯାଇଥିଲା। ଜମ୍ମୁ-କଶ୍ମୀରରେ ଥିବା ସାମରିକ ଘାଟିକୁ ଟାର୍ଗେଟ କରିବାକୁ ପାକ୍ ସେନା ଆମେରିକା ନିର୍ମିତ ଏଫ୍-୧୬ ଯୁଦ୍ଧବିମାନ ବ୍ୟବହାର କରିଥିବାର ପ୍ରମାଣ ସ୍ୱରୂପ ଭାରତ ଉକ୍ତ ଧ୍ୱଂସାବଶେଷ ପ୍ରଦର୍ଶିତ କରିଥିଲା। ଏଫ-୧୬ ଖସାଇବା ଦାବିକୁ ଇସ୍‌ଲାମାବାଦ ସେତେବେଳେ ଖଣ୍ଡନ କରିଥିଲା। ଏହା ପରେ ଯୁଦ୍ଧବିମାନ ଗଣିବାକୁ ଇସ୍‌ଲାମାବାଦ ଆମେରିକା କର୍ତ୍ତୃପକ୍ଷଙ୍କୁ ଆମନ୍ତ୍ରଣ କରିଥିଲା। ଆଇଏଏଫ୍ ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କ ମିଗ୍-୨୭ ଯୁଦ୍ଧବିମାନ ପାକିସ୍ତାନର କ୍ଷେପଣାସ୍ତ୍ର ମାଡରେ ଖସିବା ପୂର୍ବରୁ ସେ ଏଫ-୧୬ ଖସାଇବାରେ ସଫଳ ହୋଇଥିଲେ ବୋଲି ଯେଉଁ ଦାବି କରାଯାଉଥିଲା ତାହା ଠିକ୍ ନୁହେଁ ବୋଲି ୱାଶିଂଟନର ବୈଦେଶିକ ନୀତି ପତ୍ରିକାରେ ଉଲ୍ଲେଖ କରାଯାଇଛି। ଏପରିକି ପାକିସ୍ତାନ ଜୋର୍ଡାନରୁ କିଣିଥିବା ଏଫ୍-୧୬କୁ ମଧ୍ୟ ଗଣତିରେ ସାମିଲ କରାଯାଇଥିବା ପତ୍ରିକାରେ ଉଲ୍ଲେଖ କରାଯାଇଛି। ଏହି ଖବର ପ୍ରକାଶ ପାଇବା ପରେ ଭାରତ ପ୍ରକୃତ କ୍ଷତି ସମ୍ପର୍କରେ ସତକଥା ଜଣାଉ ବୋଲି ପାକିସ୍ତାନ ସେନା ଆହ୍ୱାନ ଦେଇଛି।



## ବାଲାକୋଟ ଆକ୍ରମଣ ଓ ଏଫ୍-୧୬ ଖସାଇବା ମିଛ: ଫାରୁକ୍

**ଶ୍ରୀନଗର,୬।୪(ପି.ଟି.):** ବାୟୁସେନାର ବାଲାକୋଟ କାର୍ଯ୍ୟାନୁଷ୍ଠାନ ଏବଂ ପାକିସ୍ତାନର ଏଫ୍-୧୬ ଲଢୁଆ ବିମାନକୁ ଖସାଇବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ମିଛ କହିଥିବା ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା ଅଭିଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ୨୦୧୪ ସାଧାରଣ ନିର୍ବାଚନ ବେଳେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହେବା ପରେ ଉକ୍ତ ପ୍ରସଙ୍ଗରୁ ଲୋକଙ୍କ ନଜର ହଟାଇବା ପାଇଁ ଏୟାରଷ୍ଟ୍ରାଇକ୍ ଏକ ଚାଲ୍ ଥିଲା ବୋଲି ସେ କହିଛନ୍ତି। ବାଲାକୋଟରେ ବାୟୁସେନାର ବୋମାମାଡ଼ରେ ୩୦୦ରୁ ୩୫୦ ଆତଙ୍କବାଦୀ ନିହତ ହୋଇଥିବା କଥା କୁହାଯାଇଥିଲା, ଯାହାର କୌଣସି ସତ୍ୟତା ନାହିଁ। ଜଣେ ଲୋକ ମଲେ ସାରା ବିଶ୍ୱ ଜାଣୁଥିବାବେଳେ ଏତେସଂଖ୍ୟାରେ ଆତଙ୍କବାଦୀଙ୍କ ମୃତ୍ୟୁ ସମ୍ପର୍କରେ ବିଦେଶୀ ଗଣମାଧ୍ୟମ ଜାଣି ନ ପାରିବା ସମ୍ଭବ କି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ଭାରତୀୟ ବାୟୁସେନା ପାକିସ୍ତାନର ଲଢୁଆ ବିମାନକୁ ଖସାଇଥିବା ଦାବି କରୁଥିଲା। ତେବେ ଆମେରିକା ପାକିସ୍ତାନକୁ ଦେଇଥିବା ଏଫ୍-୧୬ ଗଣନା କରି ସବୁ ବିମାନ ଠିକ୍ ଥିବା ରିପୋର୍ଟ ଦେବା ପରେ ପ୍ରଧାନମନ୍ତ୍ରୀଙ୍କ ଆଉ ଏକ ମିଛ ଧରାପଡିଯାଇଛି। ମୋଦି କ'ଣ ପାଇଁ ଦେଶବାସୀଙ୍କୁ ମିଛ କହୁଛନ୍ତି ବୋଲି ଫାରୁକ୍ ପ୍ରଶ୍ନ କରିଛନ୍ତି।



■ ରୋଡ୍ ଶୋ'ରେ ଅମିତ୍ ଶାହଙ୍କ ସ୍ଲୋଗାନ

# ସମଗ୍ର କଶ୍ମୀର ଆମର

**ଅହମଦାବାଦ,୬।୪(ପି.ଟି.)**

ଗାନ୍ଧୀନଗରରୁ ପ୍ରାର୍ଥୀ ହୋଇଥିବା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଶନିବାର ଅହମଦାବାଦରେ ଏକ ରୋଡ ଶୋ'ରେ ଭାଗ ନେଇ 'ସମଗ୍ର କଶ୍ମୀର ଆମର' ବୋଲି ସ୍ଲୋଗାନ ଦେବା ସହ ଅନ୍ୟମାନଙ୍କୁ ଏହା ଦୋହରାଇବାକୁ କହିଥିଲେ। ଭାଜପାର ୩୯ତମ ପ୍ରତିଷ୍ଠା ଦିବସ ଅବସରରେ ନିଜର ନିର୍ବାଚନ ପ୍ରଚାର ପାଇଁ ଶାହ ଏହି ରୋଡ ଶୋ'ର ଆୟୋଜନ କରିଥିଲେ। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଧାରା ୩୭୦ ଉଚ୍ଛେଦ ନେଇ ଅମିତ ଶାହ ଦିବାସ୍ୱପ୍ନ ଦେଖୁଥିବା ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି ପୂର୍ବରୁ କହିଥିଲେ। ଯଦି ଧାରା ୩୭୦ ଏବଂ ୩୫-କ ଉଚ୍ଛେଦ ହୁଏ ତେବେ କଶ୍ମୀରର ରାଜନୈତିକ ଦଳଗୁଡିକ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି ମୁଫ୍‌ତି କହିଥିଲେ। ଏହାର ଜବାବ ଦେବାକୁ ଯାଇ ଶାହ କହିଥିଲେ, ଯେଉଁଠି ଶ୍ୟାମା ପ୍ରସାଦ ମୁଖାର୍ଜୀ ବଳିଦାନ ଦେଇଥିଲେ ସେହି ସମଗ୍ର କଶ୍ମୀର ଆମର। ଏହି ରୋଡ ଶୋ' ଭେଜାଲପୁର, ଆନନ୍ଦନଗର, ଜୀବ୍‌ରାଜ ପାର୍କ, ମାନ୍‌ସି କ୍ରସ୍ ରୋଡ ଅଞ୍ଚଳ, ଜୁହାପୁରା ଅଞ୍ଚଳ ପରିକ୍ରମା କରି ବସ୍ତ୍ରପୁରର ହବେଲିଠାରେ ଶେଷ ହୋଇଥିଲା।



## ଶାହଙ୍କ ପ୍ରାର୍ଥିତ୍ୱ ରଦ୍ଦ ଦାବି

**ନୂଆଦିଲ୍ଲୀ,୬।୪(ପି.ଟି.)**

### ମିଥ୍ୟା ସତ୍ୟପାଠ

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଗାନ୍ଧୀନଗର ଆସନ ପାଇଁ ନାମାଙ୍କନପତ୍ର ଦାଖଲ କଲାବେଳେ ଭୁଲ୍ ସତ୍ୟପାଠ ଦାଖଲ କରିଥିବା ଅଭିଯୋଗ ହୋଇଛି। ନିର୍ବାଚନ କମିଶନ (ଇସି) ତାଙ୍କ ପ୍ରାର୍ଥିତ୍ୱ ରଦ୍ଦ କରିବା ଲାଗି କଂଗ୍ରେସ ଦାବି କରିଛି। କଂଗ୍ରେସ ଇସିଙ୍କ ପାଖରେ କରିଥିବା ଅଭିଯୋଗ ଅନୁଯାୟୀ ଶାହ ଦାଖଲ କରିଥିବା ସତ୍ୟପାଠରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ଜାଣିଶୁଣି ଦିଆଯାଇନାହିଁ। ସେ କରିଥିବା ଋଣ ଏବଂ ଗାନ୍ଧୀନଗରରେ ଥିବା ଜମି ସମ୍ପର୍କରେ ସତ୍ୟପାଠରେ ଉଲ୍ଲେଖ କରିନାହାନ୍ତି।

# ତଦନ୍ତ ଦାବି କଲେ ଇଡି

**ନୂଆଦିଲ୍ଲୀ,୬।୪(ପି.ଟି.)**

### ଅଗୁସ୍ତା ଚାର୍ଜଶିଟ୍ ଲିକ୍



ଖ୍ରୀଷ୍ଟିଆନ ମିଶେଲ

ଅଗୁସ୍ତା ୱେଷ୍ଟଲ୍ୟାଣ୍ଡ ହେଲିକପ୍ଟର କିଣା ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କୋର୍ଟରେ ଦାଖଲ କରିଥିବା ଅତିରିକ୍ତ ଚାର୍ଜଶିଟ୍ ଲିକ୍ ଘଟଣାର ତଦନ୍ତ ଦାବି କରାଯାଇଛି। ଚାର୍ଜଶିଟ୍ ତଥ୍ୟ କିପରି ଗଣମାଧ୍ୟମକୁ ଗଲା ତାହାର ତଦନ୍ତ କରାଯିବାକୁ ଦିଲ୍ଲୀ କୋର୍ଟରେ ଇଡି ଏବଂ ଅଗୁସ୍ତା ମାମଲାର ମଧ୍ୟସ୍ଥ ଖ୍ରୀଷ୍ଟିଆନ ମିଶେଲ ଆବେଦନ କରିଛନ୍ତି। ଏହା ଅତି ଗୁରୁତର ଘଟଣା ବୋଲି ଇଡିଙ୍କ ସ୍ୱତନ୍ତ୍ର ସରକାରୀ ଓକିଲ ଡି.ପି. ସିଂ ଏବଂ ଏନ୍.କେ. ମତ୍ତ କହିଛନ୍ତି। ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଏହି ତଥ୍ୟ କିପରି ପାଇଲେ ସ୍ପଷ୍ଟୀକରଣ ଦେବାକୁ କୋର୍ଟ ନୋଟିସ ଜାରି କରନ୍ତୁ ବୋଲି ସେମାନେ ଅନୁରୋଧ କରିଛନ୍ତି।

ଅନ୍ୟପକ୍ଷରେ ମିଶେଲଙ୍କ ଆବେଦନ ଉପରେ ସ୍ୱତନ୍ତ୍ର ଜଜ୍ ଅରବିନ୍ଦ କୁମାର ଇଡିକୁ ନୋଟିସ ଜାରି କରିଛନ୍ତି। ମିଶେଲ ଜେରାବେଳେ କୌଣସି ବ୍ୟକ୍ତିବିଶେଷଙ୍କ ନାଁ ନେଇ ନ ଥିବା ତାଙ୍କ ଓକିଲ କୋର୍ଟଙ୍କୁ ଜଣାଇଥିଲେ। ମିଶେଲଙ୍କର ବ୍ୟବସାୟ ସହଯୋଗୀ ଡାଭିଡ ନାଇଜେଲ୍ ଜନ୍ ସାଇମ୍ସଙ୍କୁ ମେ' ୯ରେ ହାଜର ହେବାକୁ ସମନ ଜାରି ହୋଇଛି।

## ନୂଆ ସରକାର ଗଠନରେ ଟିଏମ୍‌ସି ନେତୃତ୍ୱ ନେବ: ମମତା

**ଆଲିପୁରଦୁଆର,୬।୪(ପି.ଟି.)**



ସାଧାରଣ ନିର୍ବାଚନ ପରେ କେନ୍ଦ୍ରରେ ନୂଆ ସରକାର ଗଠନରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତୃତ୍ୱ ନେବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ଦେଶବାସୀଙ୍କ ସୁରକ୍ଷା ଲାଗି ଭାଜପାକୁ ପରାଜିତ କରିବାକୁ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଥ୍ୟାବାଦୀ। ସେ ୫ ବର୍ଷ ହେଲା ଲୋକଙ୍କୁ କେବଳ ମିଛ କହି ଆସୁଛନ୍ତି ଏବଂ ଗୋଟିଏ ବି ପ୍ରତିଶ୍ରୁତି ପୂରଣ କରିନାହାନ୍ତି ବୋଲି ଟିଏମ୍‌ସି ଅଧ୍ୟକ୍ଷା କହିଛନ୍ତି। ଏନ୍‌ଆରସି ଏବଂ ନାଗରିକତ୍ୱ (ସଂଶୋଧନ) ବିଲ୍ ନାମରେ ଭାଜପା ଦେଶର ପ୍ରକୃତ ନାଗରିକଙ୍କୁ ବିଦେଶୀ କରିବାକୁ ଉଦ୍ୟମ କରୁଛି। ନିଜ ସ୍ତ୍ରୀଙ୍କ ଦେଖାଶୁଣା କରୁ ନ ଥିବା ବ୍ୟକ୍ତି କିପରି ଦେଶବାସୀଙ୍କ କଥା ବୁଝିବେ ବୋଲି ମୋଦିଙ୍କୁ ସମାଲୋଚନା କରି ମମତା କହିଛନ୍ତି।

# କେରଳର ୨୦ ଆସନରେ ୨୪୩ ପ୍ରାର୍ଥୀ

**ଥିରୁଭାନନ୍ତପୁରମ୍,୬।୪**

କେରଳର ୨୦ ଲୋକ ସଭା ଆସନରେ ସମୁଦାୟ ୨୪୩ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଥିମଧ୍ୟରୁ ୱାୟାନାଡ ଅନ୍ୟତମ ଆସନ ଯେଉଁଠାରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସମୁଦାୟ ୩୦୩ ପ୍ରାର୍ଥୀ ମନୋନୟନପତ୍ର ଦାଖଲ କରିଥିବା ବେଳେ ଯାଞ୍ଚ ବେଳେ ୬୦ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଥିଲା।



କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କେରଳଗସ୍ତ ଅବସରରେ ଭୋଟରଙ୍କ ସହ କଥା ହେଉଛନ୍ତି।

ଶନିବାର ଚୂଡାନ୍ତ ତାଲିକା ପ୍ରକାଶ ପାଇଛି। ୱାୟାନାଡ୍‌ରେ ରେକର୍ଡସଂଖ୍ୟକ ୨୨ ପ୍ରାର୍ଥୀ ଛିଡା ହୋଇଥିବା ବେଳେ କୋଟ୍ଟାୟାମ୍ ଏବଂ ଆଲାଥୁର(ଏସ୍‌ସି)ରେ ସର୍ବନିମ୍ନ ୭ଜଣ ଲେଖା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଆଟିଙ୍ଗଲ ଲୋକ ସଭା ଆସନରୁ ଦ୍ୱିତୀୟ ସର୍ବାଧିକ ସଂଖ୍ୟକ ୨୧ ପ୍ରାର୍ଥୀ ଛିଡା ହୋଇଛନ୍ତି। ଏହା ପଛକୁ ରହିଛି ଥିରୁଭାନନ୍ତପୁରମ୍(୧୭)। ଲୋକ ସଭା ନିର୍ବାଚନ ୭ ପର୍ଯ୍ୟାୟ ବିଶିଷ୍ଟ ହେଉଥିବା ବେଳେ ଏହିସବୁ ଆସନରେ ନିର୍ବାଚନ ତୃତୀୟ ପର୍ଯ୍ୟାୟରେ ଏପ୍ରିଲ ୨୩ରେ ଅନୁଷ୍ଠିତ ହେବ।

### ଟିଡିପିର ନିର୍ବାଚନୀ ଇସ୍ତାହାର ପ୍ରତି ପରିବାରକୁ ୨ ଲକ୍ଷ

**ଅମରାବତୀ,୬।୪(ପି.ଟି.)**

ଆନ୍ଧ୍ରପ୍ରଦେଶର ଶାସକ ତେଲୁଗୁଦେଶମ ପାର୍ଟି (ଟିଡିପି) ଶନିବାର ନିର୍ବାଚନୀ ଇସ୍ତାହାର ପ୍ରକାଶ କରିଛି। ଏଥିରେ ପ୍ରତି ପରିବାରକୁ ବର୍ଷକୁ ୨ ଲକ୍ଷ ଟଙ୍କାର ସହାୟତା ପ୍ରତିଶ୍ରୁତି ଦିଆଯାଇଛି। ଟିଡିପି ଅଧ୍ୟକ୍ଷ ଏନ୍.ଚନ୍ଦ୍ରାବାବୁ ନାଇଡୁ କହିଛନ୍ତି, ତାଙ୍କ ଦଳ ଯଦି କ୍ଷମତାକୁ ଆସେ ତେବେ ପ୍ରତି ପରିବାରକୁ ୨ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ। ଏଥିସହିତ କୃଷକମାନଙ୍କୁ ବର୍ଷକୁ ୧୫ ହଜାର ଟଙ୍କା ମିଳିବ।

### ଇତିହାସର ଆଇନାରେ

## ଏପ୍ରିଲ ୭ର ପ୍ରମୁଖ ଘଟଣା

୨୦୦୧ ଏପ୍ରିଲ ୭ରେ ଆମେରିକୀୟ ମହାକାଶ ଗବେଷଣା କେନ୍ଦ୍ର (ନାସା) ମାର୍ସ ଓଡେସି ଉତ୍‌କ୍ଷେପଣ କରିଥିଲା। ମାର୍ସ ଓଡେସି ହେଉଛି ଏକ ରୋବୋଟିକ୍ ସ୍ପେସ୍‌କ୍ରାଫ୍ଟ। ଏହା ମଙ୍ଗଳ ଗ୍ରହକୁ ପରିକ୍ରମା କରୁଛି। ମଙ୍ଗଳ ଗ୍ରହରେ ଅତୀତରେ ଜଳ ଓ ବରଫ ଥିଲା ନା ବର୍ତ୍ତମାନ ଅଛି ସେ ସମ୍ବନ୍ଧରେ ପ୍ରମାଣ ସଂଗ୍ରହ କରିବା ଉକ୍ତ ମିଶନ୍‌ର ଲକ୍ଷ୍ୟ।

୨୦୦୩ ଏପ୍ରିଲ ୭ରେ ଆମେରିକୀୟ ସେନା ବାଗଦାଦ୍ ଦଖଲ କରିବାର ଦୁଇଦିନ ପରେ ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କ କାର୍ଯ୍ୟକାଳର ପତନ ଘଟିଥିଲା। ବାଗଦାଦ୍ ଯୁଦ୍ଧକୁ ବାଗଦାଦ୍ ପତନ ବୋଲି ମଧ୍ୟ କୁହାଯାଏ। ୨୦୦୩ ଏପ୍ରିଲ ପ୍ରାରମ୍ଭରେ ଆମେରିକା ନେତୃତ୍ୱରେ ମେଣ୍ଟଶକ୍ତି ଇରାକ୍ ଉପରେ ଆକ୍ରମଣ କରିଥିଲା। ଏପ୍ରିଲ ୧୪ରେ ଇରାକ ବିରୋଧରେ ଆମେରିକା ନିଜକୁ ବିଜୟୀ ଘୋଷଣା କଲା।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୪ | ୨୩.୫ |
| ଚାନ୍ଦବାଲି | ୩୬.୨ | ୨୬.୪ |
| କଟକ | ୩୬.୬ | ୨୪.୫ |
| ପାରାଦ୍ୱୀପ | ୩୧.୮ | ୨୭.୩ |
| ଭୁବନେଶ୍ୱର | ୩୬.୬ | ୨୬.୨ |
| ଗୋପାଳପୁର | ୩୧.୮ | ୨୫.୩ |
| ପୁରୀ | ୩୧.୨ | ୨୬.୬ |
| ଅନୁଗୋଳ | ୩୮.୧ | ୨୨.୦ |
| ବାରିପଦା | ୩୫.୪ | ୨୧.୦ |
| ଝାରସୁଗୁଡ଼ା | ୪୦.୨ | ୨୫.୦ |
| କେନ୍ଦୁଝର | ୩୭.୧ | ୨୩.୪ |
| ସମ୍ବଲପୁର | ୩୯.୪ | ୨୨.୦ |
| ସୁନ୍ଦରଗଡ଼ | ୩୯.୫ | ୨୧.୦ |
| ହୀରାକୁଦ | ୩୮.୬ | ୨୩.୪ |
| ତାଳଚେର | ୪୧.୧ | ୨୪.୩ |
| ଭବାନୀପାଟଣା | --- | ୨୨.୬ |
| ବଲାଙ୍ଗୀର | ୪୧.୦ | ୨୩.୦ |
| କୋରାପୁଟ | ୩୬.୦ | ୧୮.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୨.୦ | ୨୨.୦ |
| ମାଲକାନଗିରି | ୩୯.୫ | ୨୧.୬ |
| ସୋନପୁର | ୪୧.୨ | ୨୧.୪ |
| ଦାରିଙ୍ଗିବାଡ଼ି | ୩୫.୦ | ୨୨.୦ |

ଡିଗ୍ରୀ ସେଲ୍‌ସିୟସ୍

■ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ

# କଲ୍ୟାଣ ସିଂ, ରାଜୀବ କୁମାରଙ୍କ ଇସ୍ତଫା ଦାବି

**ନୂଆଦିଲ୍ଲୀ,୬।୪(ପି.ଟି.)**



ପି. ଚିଦାମ୍ବରମ୍

- ■ମୋଦିଙ୍କୁ ଜିତାଇବା ପାଇଁ ରାଜସ୍ଥାନ ରାଜ୍ୟପାଳ କହିଥିଲେ
- ■କଂଗ୍ରେସର ନ୍ୟାୟ ଯୋଜନାକୁ ସମାଲୋଚନା କରିଥିଲେ ନୀତି ଆୟୋଗ ଉପାଧ୍ୟକ୍ଷ
- ■ଯୋଗୀ ଆଦିତ୍ୟନାଥଙ୍କୁ ତାଗିଦ୍

ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ନେଇ ନିର୍ବାଚନ କମିଶନ (ଇସି) ଦୋଷାରୋପ କରିବା ପରେ ରାଜସ୍ଥାନ ରାଜ୍ୟପାଳ କଲ୍ୟାଣ ସିଂ ଏବଂ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାରଙ୍କର ସେମାନଙ୍କ ପଦବୀରେ ରହିବାର କୌଣସି ଅଧିକାର ନାହିଁ ବୋଲି ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ କହିଛନ୍ତି। ସେମାନେ ତୁରନ୍ତ ଇସ୍ତଫା ଦେବାକୁ ଚିଦାମ୍ବରମ ଦାବି କରିଛନ୍ତି।

କଂଗ୍ରେସର ପ୍ରସ୍ତାବିତ ସର୍ବନିମ୍ନ ଆୟ ଯୋଜନା 'ନ୍ୟାୟ' ବିରୋଧରେ ନୀତି ଆୟୋଗ ଉପାଧ୍ୟକ୍ଷ ମନ୍ତବ୍ୟ ଦେଇଥିବାରୁ ଶୁକ୍ରବାର ଇସି ତାଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ନରେନ୍ଦ୍ର ମୋଦିଙ୍କୁ ପୁଣିଥରେ ପ୍ରଧାନମନ୍ତ୍ରୀ କରିବା ପାଇଁ ସମର୍ଥନ ଦେବାକୁ ଆହ୍ୱାନ ଦେଇ କଲ୍ୟାଣ ସିଂ ଆଚରଣ ବିଧିର ଉଲ୍ଲଂଘନ କରିଛନ୍ତି। ଅନ୍ୟପକ୍ଷରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦେଶର ସୈନ୍ୟବାହିନୀକୁ 'ମୋଦିଜୀଙ୍କ ସେନା' କହିଥିବାବେଳେ ଭବିଷ୍ୟତରେ ଏଭଳି ଶବ୍ଦ ବ୍ୟବହାର ନ କରିବାକୁ ନିର୍ବାଚନ କମିଶନ ତାଙ୍କୁ ପରାମର୍ଶ ଦେବା ଘଟଣାକୁ କଂଗ୍ରେସ ସମାଲୋଚନା କରିଛି। ଆଦିତ୍ୟନାଥ ସେନାବାହିନୀକୁ ଅପମାନିତ କରିଥିବାବେଳେ ଇସି ତାଙ୍କୁ ପ୍ରେମପତ୍ର ଲେଖିଥିବା କଂଗ୍ରେସ ଅଭିଯୋଗ କରିଛି। ଆଦର୍ଶ ଆଚରଣ ବିଧି (ଏମ୍‌ସିସି) ମୋଦି ଆଚରଣ ବିଧିରେ ପରିଣତ ହୋଇଥିବା କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଏପ୍ରିଲ ୭/୨୦୧୯ | Bhubaneswar, Sunday, April 7/2019 | ପୃଷ୍ଠା-୧



## ପ୍ରଫୁଲ୍ଲ ପଟେଲ ନିର୍ବାଚିତ

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ ସଭାପତି ପ୍ରଫୁଲ୍ଲ ପଟେଲ ଶନିବାର ଫିଫା କାଉନ୍‌ସିଲ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।

୧୭ ୦୨

## ଆରାଧ୍ୟା ୱାର୍କିଂ ଡେସ୍କକୁ ଆସିଲେ ଖୁସି ହୁଅନ୍ତି ବିଗ୍ ବି

ନାତୁଣୀ ଆରାଧ୍ୟା ତାଙ୍କ ୱାର୍କିଂ ଡେସ୍କକୁ ଆସି ପେନ୍, ମୋବାଇଲ୍ କି ଲାପଟପ୍‌ରେ ଲାଗିଲେ ଖୁବ୍ ଖୁସି ହୁଅନ୍ତି ମେଗାଷ୍ଟାର ଅମିତାଭ୍ ବଚ୍ଚନ୍।








### ଆଜିର ମନ୍ତବ୍ୟ

"ବିବିଧତାକୁ ଗ୍ରହଣ କରୁ ନ ଥିବା ବ୍ୟକ୍ତିଙ୍କୁ ଦେଶଭକ୍ତ କୁହାଯାଉଛି ଓ ଲୋକଙ୍କୁ ଦେଶଭକ୍ତିର ନୂଆ ପରିଭାଷା ଶିଖାଯାଉଛି।

**-ସୋନିଆ ଗାନ୍ଧୀ, ଉପା ଅଧ୍ୟକ୍ଷା**

### କିଛି ତଥ୍ୟ

୨୦୧୮ ଏପ୍ରିଲଠାରୁ ୨୦୧୯ ଫେବୃୟାରୀ ସମୟ ମଧ୍ୟରେ ଦେଶର ଅଶୋଧିତ ତୈଳ ଉତ୍ପାଦନ ୪% ହ୍ରାସ ଘଟି ୩୧.୨୩ ନିୟୁତ ମେଟ୍ରିକ ଟନ୍ ରହିଛି।

**-ପେଟ୍ରୋଲିୟମ ମନ୍ତ୍ରଣାଳୟ**

ଅନିବାର୍ଯ୍ୟ କାରଣରୁ ଏ ସପ୍ତାହରେ 'ଆଗାମୀ ଆଶା' ପୃଷ୍ଠା ପ୍ରକାଶ ପାଇପାରୁ ନାହିଁ।

# କଟକରେ ହାଜତ ମୃତ୍ୟୁ ଅଭିଯୋଗ

- ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହେବେ ପରିବାର ଲୋକ
- ପୋଲିସ ପିଟିପିଟି ମାରିଦେଇଥିବା ଅଭିଯୋଗ

**କଟକ ଅଫିସ, ୬।୪**

ଖାକି ବର୍ଦ୍ଦି ପିନ୍ଧିଛନ୍ତି ବୋଲି ମଣିଷଙ୍କୁ ପୋକମାଛି ବୋଲି ଭାବୁଛନ୍ତି। ଗିରଫ କରିବାର ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିବାର ନିର୍ଦ୍ଦେଶଙ୍କୁ ମଧ୍ୟ ପୋଲିସ ମାନୁ ନାହିଁ। ଗିରଫ କରିବା ପରେ ୪ ଦିନ ପର୍ଯ୍ୟନ୍ତ ମୋ ପୁଅଙ୍କୁ ଥାନା ହାଜତରେ ରଖି ଅମାନୁଷିକ ଭାବେ ମାଡ଼ ମାରି ମାରିଦିଆଯାଇଛି। ଏଭଳି ହାଜତ ମୃତ୍ୟୁର ଅଭିଯୋଗ ଆଣିଛନ୍ତି ଶନିବାର ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିବା ଭରତ ମଣ୍ଡଳ(୨୬)ଙ୍କ ମା' ରୁନା ମଣ୍ଡଳ। ଏହାକୁ ନେଇ ସାରା ଦିନ ଏସ୍‌ସିବି ମେଡିକାଲରେ ଉତ୍ତେଜନା ଲାଗି ରହିଥିଲା। ପୋଲିସର ଏଭଳି ଅମାନୁଷିକ ଅତ୍ୟାଚାର ବିରୋଧରେ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆରସି)ଙ୍କ ନିକଟରେ ଅଭିଯୋଗ କରିବେ ବୋଲି ଭରତଙ୍କ ପରିବାର ଲୋକ କହିଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଭରତଙ୍କ ଶବ ବ୍ୟବଚ୍ଛେଦ ହୋଇ ନ ଥିବା ବେଳେ ତାଙ୍କ ପରିବାର ଲୋକଙ୍କ ସମେତ ସ୍ଥାନୀୟ ଲୋକେ ମେଡିକାଲ ପରିସରରେ ଜଗି ରହିଛନ୍ତି।

ଗତ ୨୮ ତାରିଖରେ କମିଶନରେଟ ପୋଲିସର ପୁରୀଘାଟ ଥାନା ପୋଲିସ ବେଆଇନ ବନ୍ଧୁକ ରଖିବା ଅଭିଯୋଗରେ ଭରତଙ୍କୁ ଗିରଫ କରିଥିଲା ବୋଲି ଦର୍ଶାଇଥିଲା। ସେହିଦିନ ତାଙ୍କୁ ପୋଲିସ କୋର୍ଟଚାଲାଣ କରିଥିଲା। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଥିଲା। ଚୌଦ୍ୱାର ☞ପୃଷ୍ଠା-୨





ଭରତ ମଣ୍ଡଳ ଓ ତାଙ୍କ ପିଠିରେ ଥିବା ମାଡ ଚିହ୍ନ


ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


### ଆଜିର ସମ୍ପାଦକୀୟ

ଆଡଭାନୀଙ୍କ ବ୍ଲଗ୍

## ସୁନ୍ଦରଗଡ଼, ସୋନପୁରରେ ବର୍ଷିଲେ ମୋଦି

# ଓଡ଼ିଶାରେ ଚାଲିଛି ନୀତିହୀନ ସରକାର

**ସୁନ୍ଦରଗଡ଼/ସୋନପୁର,୬।୪ (ଡି.ଏନ୍.ଏ./ନି.ପ୍ର.)**

- ଓଡ଼ିଶାବାସୀ ଆୟୁଷ୍ମାନ,କୃଷି କଲ୍ୟାଣ ଯୋଜନାରୁ ବଞ୍ଚିତ
- ଦୃଢ଼ ସଂକଳ୍ପ ଦ୍ୱାରା ଓଡ଼ିଶା ବିକଶିତ ହୋଇପାରିବ
- କଂଗ୍ରେସ ହଟିଲେ ଗରିବୀ ହଟିବ
- ବ୍ରାହ୍ମଣୀ ସେତୁ, ସୁପର ସ୍ପେଶିଆଲିଟି ହସ୍ପିଟାଲ କଥା ଉଠାଇଲେ ନାହିଁ

କଂଗ୍ରେସ ଓ ବିଜେଡି ଆଞ୍ଚଳିକ ବୈଷମ୍ୟ ଭାବ ସୃଷ୍ଟି କରୁଛନ୍ତି। ନୀତିହୀନ ରାଜ୍ୟ ସରକାରଙ୍କ ପାଇଁ କେନ୍ଦ୍ରର ଆୟୁଷ୍ମାନ ଯୋଜନା ଓ କୃଷି କଲ୍ୟାଣ ଯୋଜନାରୁ ଓଡ଼ିଶାବାସୀ ବଞ୍ଚିତ ହୋଇଛନ୍ତି। ଓଡ଼ିଶା ଗରିବ ନୁହେଁ। ଏଠାରେ ବିପୁଳ ପ୍ରାକୃତିକ ପ୍ରାଚୁର୍ଯ୍ୟ ରହିଛି। ଓଡ଼ିଶାବାସୀଙ୍କ ଦୃଢ଼ ସଂକଳ୍ପ ଦ୍ୱାରା ଏହି ରାଜ୍ୟ ବିକଶିତ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁନ୍ଦରଗଡ଼ ଓ ସୋନପୁରରେ ଆୟୋଜିତ ବିଜୟ ସଂକଳ୍ପ ସଭାରେ କହିଛନ୍ତି।

ଶନିବାର ସୁନ୍ଦରଗଡ଼ରେ ଆୟୋଜିତ ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଉଦ୍‌ବୋଧନ ଦେବା ଅବସରରେ ପ୍ରଧାନମନ୍ତ୍ରୀ ମୋଦି କହିଲେ, ରାଜ୍ୟ ସରକାରଙ୍କ କାଳକ୍ଷେପଣ ନୀତି ଯୋଗୁ ଏମ୍‌ସିଏଲର ସ୍ୱତନ୍ତ୍ର କୋଲ କରିଡର ନିର୍ମାଣରେ ବିଳମ୍ବ ହୋଇଛି। କୋଇଲା ରୟାଲିଟି ଓ ଖଣିଜ ପ୍ରତିଷ୍ଠାନ ପାଣ୍ଠିର ସଦ୍‌ବିନିଯୋଗ ହେଉ ନାହିଁ । କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ସବ୍‌କା ସାଥ ସବ୍‌କା ବିକାଶ ମାଧ୍ୟମରେ ବିକାଶର ପଞ୍ଚଧାରାକୁ ଆଗେଇ ନେବାରେ ବିଶ୍ୱାସ ରଖିଛି। ଜନଜାତିଙ୍କ ବିକାଶ, ଗ୍ରାମାଞ୍ଚଳରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ସେବାର ଉନ୍ନତି ନେଇ ଭାଜପା ସରକାର ଗୁରୁତ୍ୱ ଦେଇଛି। ସ୍ୱତନ୍ତ୍ର ଏକଲବ୍ୟ ମଡେଲ ସ୍କୁଲ ପ୍ରତିଷ୍ଠା କରି ଜନଜାତି ଛାତ୍ରୀଛାତ୍ରମାନଙ୍କ ଶିକ୍ଷାର ଉନ୍ନତି ନିମନ୍ତେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଦଳିତ ଆଦିବାସୀ, ପଛୁଆବର୍ଗଙ୍କୁ ସଶକ୍ତ ☞ପୃଷ୍ଠା-୨



ସୁନ୍ଦରଗଡରେ ଆୟୋଜିତ ବିଜୟ ସଂକଳ୍ପ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ ନେତୃବୃନ୍ଦ।

## କେନ୍ଦ୍ରକୁ ନବୀନଙ୍କ ପ୍ରଶ୍ନବାଣ

# କୁଆଡ଼େ ଗଲା ନବରଙ୍ଗପୁର ରେଳପଥ

**ନବରଙ୍ଗପୁର/ରାଇଘର/ଝରିଗାଁ/ପାପଡାହାଣ୍ଡି,୬।୪ (ବି.ପ୍ର./ଡି.ଏନ.ଏ./ସ୍ୱ.ପ୍ର.)**

ନବରଙ୍ଗପୁର ଜିଲାରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ମାରାଥନ ନିର୍ବାଚନ ପ୍ରଚାର କରିଛନ୍ତି। ଶୁକ୍ରବାର ମାଲକାନଗିରି ଓ କୋରାପୁଟ ଗସ୍ତରେ ଯେଉଁ ପ୍ରସଙ୍ଗ ଉଠାଇଥିଲେ, ଶନିବାର ନବରଙ୍ଗପୁର ସଭାରେ ତାହାକୁ ଦୋହରାଇଛନ୍ତି ନବୀନ ପଟ୍ଟନାୟକ । ଶୁକ୍ରବାର ପରି ଶନିବାର ନିର୍ବାଚନୀ ସଭାର ମଞ୍ଚ ଅଲଗା ଥିଲେ ମଧ୍ୟ ନବୀନଙ୍କ କେନ୍ଦ୍ର ବିରୋଧୀ ପ୍ରସଙ୍ଗ ସମାନ ରହିଥିବା ଦେଖିବାକୁ ମିଳିଛି। ଜନତାଙ୍କ ସମ୍ମୁଖରେ କେନ୍ଦ୍ର ପାଇଁ ଏକାଧିକ ପ୍ରଶ୍ନ ରଖି ଜବାବ ମାଗିଛନ୍ତି ନବୀନ। ନବରଙ୍ଗପୁର ରେଳ ପଥ ଓ ମହାନଦୀ ପାଣି କୁଆଡେ ଗଲା, କେବିକେ ଯୋଜନା, ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ବୃତ୍ତି କାହିଁକି ବନ୍ଦ କଲ, ଫସଲ ବୀମା ଯୋଜନାରେ ଚାଷୀଙ୍କ ଅର୍ଥ ରାଶି, ୨ ଗୁଣ ଏମଏସପି ବୃଦ୍ଧି କରିବା ନେଇ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ସେସବୁ କେଉଁଆଡେ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି।

ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀର ରାଇଘର ମିନି ଷ୍ଟାଡିୟମ, ଝରିଗାଁ ନିର୍ବାଚନ ମଣ୍ଡଳୀର ଝରିଗାଁ ମିନି ଷ୍ଟାଡିୟମ, ଡାବୁଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀର ମୈଇଦଲପୁର ଓ ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ନବରଙ୍ଗପୁର ଠାରେ ମୁଖ୍ୟମନ୍ତ୍ରୀ ନିର୍ବାଚନ ପ୍ରଚାର କରିଥିଲେ। ଏଥିରେ ନବୀନ କହିଥିଲେ ଯେ, ଚାଷୀ କଲ୍ୟାଣକୁ ଆମେ ୧ ନମ୍ବରରେ ରଖିଛୁ। କାଳିଆ ଯୋଜନାରେ ଚାଷୀ ଉପକାର ପାଇବେ। ଏକାଥରକେ ୨ଟି ☞ପୃଷ୍ଠା-୨



ଝରିଗାଁ ମିନି ଷ୍ଟାଡିୟମଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦବୋଧନ ଦେଉଛନ୍ତି।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସ ବିଶେଷ

ପୃଷ୍ଠା : ୧୩-୧୪







NECC NATIONAL EGG CO-ORDINATION COMMITTEE 06.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 89 | 144 | 154 |
| DKL | 88 | 142 | 152 |
| BDK | 91 | 146 | 156 |
| BLS | 93 | 149 | 159 |
| ANG | 88 | 142 | 152 |

*Conditions Apply

Eggs Retail Price- 40/-Dozen
Issued in the Interest of Consumers


## ଭାଜପା ପ୍ରାର୍ଥୀ ଘୋଷଣା

# ଜଗତ୍‌ସିଂହପୁର ଲୋକ ସଭାରୁ ଲଢ଼ିବେ ବିଭୁ ତରାଇ

**ଭୁବନେଶ୍ୱର,୬।୪(ବ୍ୟୁରୋ)**

ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀରୁ ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ ଭାଜପା ପ୍ରାର୍ଥୀ ହେବେ। ଦୁଇଦିନ ତଳେ ବିଭୁ ନିଜ ସମର୍ଥକମାନଙ୍କ ସହ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। କାକଟପୁର ବିଧାନସଭା ଆସନ ପାଇଁ ପୂର୍ବତନ ବିଧାୟକ ରବି ମଲ୍ଲିକଙ୍କ ନାଁ ଘୋଷଣା କରାଯାଇଛି। ରବି ଶୁକ୍ରବାର ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। କେନ୍ଦ୍ରାପଡ଼ା ବିଧାନସଭା ଆସନ ପାଇଁ ସୁନାକର ବେହେରାଙ୍କୁ ଦଳ ପକ୍ଷରୁ ପ୍ରାର୍ଥୀ କରାଯାଇଛି।

ଘୋଷିତ ହୋଇଥିବା ୩ଟି ଆସନରୁ ୨ଟିରେ ଦଳଡିଆଁ ନେତାଙ୍କୁ ଟିକେଟ ଦିଆଯାଇଛି। ଜଗତ୍‌ସିଂହପୁର ଲୋକ ସଭା ପ୍ରାର୍ଥୀ ହୋଇଥିବା ବିଭୁଙ୍କୁ କଂଗ୍ରେସ ପକ୍ଷରୁ ତିର୍ତ୍ତୋଲ ବିଧାନସଭା ଆସନରୁ ପ୍ରାର୍ଥୀ କରାଯାଇଥିଲା। ହେଲେ ସେ ଲୋକ ସଭା ପାଇଁ ଆଶାୟୀ ଥିବାରୁ କଂଗ୍ରେସ ଟିକେଟ ଗ୍ରହଣ କରି ନ ଥିଲେ। କଂଗ୍ରେସ ନେତୃତ୍ୱ ଏବଂ ବିଜେଡି ମଧ୍ୟରେ ଭିତିରି ବୁଝାମଣା ଥିବା ଅଭିଯୋଗ ଆଣି ବିଭୁ ଦଳ ଛାଡିଥିଲେ। କଂଗ୍ରେସ ଟିକେଟ ଛାଡିବାର ୪୮ ଘଣ୍ଟା ମଧ୍ୟରେ ବିଭୁଙ୍କୁ ଭାଜପା ଟିକେଟ ଦେଇଛି। ୨୦୦୯ରେ ବିଭୁପ୍ରସାଦ ବିଜେଡି ସହଯୋଗୀ ସିପିଏମ୍ ପକ୍ଷରୁ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ।



ବିଭୁପ୍ରସାଦ ତରାଇ

### କାକଟପୁରରୁ ରବି, କେନ୍ଦ୍ରାପଡ଼ା ବିଧାନସଭା ଆସନରୁ ସୁନାକର

୨୦୧୪ରେ କଂଗ୍ରେସ ପ୍ରାର୍ଥୀ ଭାବେ ସେହି ଲୋକ ସଭା ଆସନ ଲଢି ଅଢେଇ ଲକ୍ଷରୁ ଅଧିକ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। କାକଟପୁର ବିଧାନସଭା ଆସନରୁ ଭାଜପା ପ୍ରଥମେ ତୁଷାରକାନ୍ତ ବେହେରାଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା। ହେଲେ ଘଟଣାକ୍ରମରେ ତୁଷାର ବର୍ତ୍ତମାନ ବିଜେଡିରେ ଯୋଗଦେଇ ସାରିଲେଣି। ସେହି ଆସନରେ ୨୦୦୯ରେ ବିଜେଡି ପ୍ରାର୍ଥୀ ହୋଇ ବିଜୟୀ ହୋଇଥିବା ରବି ମଲ୍ଲିକ ଶୁକ୍ରବାର ଭାଜପାରେ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ ବହୁଚର୍ଚ୍ଚିତ କେନ୍ଦ୍ରାପଡ଼ା ବିଧାନସଭା ଆସନ ପାଇଁ ସୁନାକର ବେହେରାଙ୍କୁ ପ୍ରାର୍ଥୀ କରାଯାଇଛି। ସୁନାକର ୨୦୧୪ରେ ମଧ୍ୟ ଭାଜପା ପ୍ରାର୍ଥୀ ହୋଇଥିଲେ।

# ଯୋଗୀଙ୍କ ଫୁଲବାଣୀ, ବ୍ରହ୍ମପୁର ଗସ୍ତ ବାତିଲ




ବ୍ରହ୍ମପୁର ସଭାରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ ।

**ଫୁଲବାଣୀ ଅଫିସ/ବ୍ରହ୍ମପୁର ଅଫିସ୍,୬।୪**

- ଭୁବନେଶ୍ୱରରୁ ଫୋନରେ ଭାଷଣ ଦେଲେ
- ପ୍ରାର୍ଥୀ, କର୍ମୀ, ସମର୍ଥକ ନିରାଶ

ଆସିବେ...ଆସିବେ.... ହେଲେ ଆସିଲେନି। ପୂର୍ବାହ୍ନ ୧୧ରୁ ଅପରାହ୍ନ ସାଢ଼େ ୫ଟା ଯାଏ ଅପେକ୍ଷା ପରେ ନିରାଶ। ଶେଷରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ଭାଜପାର ଷ୍ଟାର୍ ପ୍ରଚାରକ ଯୋଗୀ ଆଦିତ୍ୟନାଥଙ୍କ ବ୍ରହ୍ମପୁର ଓ ଫୁଲବାଣୀ ଗସ୍ତ ବାତିଲ୍ ହୋଇଯାଇଛି। ଭାଜପା ନେତା, କର୍ମୀ ଏବଂ ବହୁ ସମର୍ଥକ ଅପେକ୍ଷା କରିଥିଲେ। ଯୋଗୀ ଆସିବେ। ଅଗ୍ନିବର୍ଷୀ ଭାଷଣ ଦେଇ ନିର୍ବାଚନୀ ମାହୋଲ୍‌କୁ ଉଷ୍ମ କରିବେ। କିନ୍ତୁ ଯୋଗୀ ଆସିଲେନି। ମାଇକ୍‌ରେ ବାଜିଲା ଟେଲିଫୋନିକ୍ ଭାଷଣ। ହେଲେ ମନ ବୁଝିଲାନି। ସମସ୍ତେ ନିରାଶ ହୋଇ ଫେରିଗଲେ। ସେହିପରି ଫୁଲବାଣୀ ସଭାସ୍ଥଳରୁ ମଧ୍ୟ ୮୦ ପ୍ରତିଶତ ଲୋକେ ପଳାଇଥିଲେ।

ମଧ୍ୟାହ୍ନ ୧୨ଟାରେ ଫୁଲବାଣୀ ଓ ଅପରାହ୍ନ ୨ଟା ୨୫ମିନିଟ୍‌ରେ ବ୍ରହ୍ମପୁରରେ ଯୋଗୀ ପହଞ୍ଚିବାର କାର୍ଯ୍ୟକ୍ରମ ଥିଲା। ତେଣୁ ଫୁଲବାଣୀ କରୋନେଶନ ପଡ଼ିଆ ଏବଂ ବ୍ରହ୍ମପୁର ଆମ୍ବପୁଆ ବିବେକବିହାରରେ ବିରାଟ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ତେଣୁ ଉଭୟ ସଭାସ୍ଥଳ ମଧ୍ୟାହ୍ନ ସୁଦ୍ଧା ଭର୍ତ୍ତି ହୋଇଯାଇଥିଲା। ଆମ୍ବପୁଆ ବିବେକବିହାରରେ ଆୟୋଜିତ ସଭାସ୍ଥଳରେ ବ୍ରହ୍ମପୁର ଲୋକ ସଭା ନିର୍ବାଚନମଣ୍ଡଳୀର ବ୍ରହ୍ମପୁର, ଗୋପାଳପୁର, ଛତ୍ରପୁର, ଚିକିଟି ଏବଂ ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବହୁ ସଂଖ୍ୟାରେ କର୍ମୀ ଏବଂ ସମର୍ଥକ ପହଞ୍ଚିଥିଲେ। ବିଧାୟକ ପ୍ରାର୍ଥୀମାନେ ମଞ୍ଚରେ ବସିଥିଲେ। ଅପରାହ୍ନ ସାଢ଼େ ୨ଟା ବାଜିଲା। ହେଲେ ଯୋଗୀ ଆସିଲେନି। ଏପଟେ ସମର୍ଥକ ଏବଂ କର୍ମୀଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗୁଥିଲା। ଯୋଗୀଙ୍କ ଭାଷଣ ଶୁଣିବା ପାଇଁ ବଢୁଥିଲା ଉତ୍କଣ୍ଠା। ସମୟ ଗଡୁଥିଲା। ଧୀରେ ଧୀରେ ନିରାଶ ଦେଖିବାକୁ ମିଳିଥିଲା। ସମୟ କାଟିବା ପାଇଁ କେତେବେଳେ ମଞ୍ଚ ଉପରେ କଣ୍ଠଶିଳ୍ପୀମାନେ ଗୀତ ☞ପୃଷ୍ଠା-୨

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସାରା
ପରିବାରବର୍ଗ


ପ୍ରଥମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ଓଡ଼ିଶାରେ....

କରିବାରେ କେନ୍ଦ୍ର ସରକାର ସ୍ୱତନ୍ତ୍ର ଧ୍ୟାନ ଦେଇଥିବା ସେ କହିଥିଲେ । ଓଡ଼ିଶାରେ ଉଜ୍ଜ୍ୱଳା ଯୋଜନାରେ ୩୫ଲକ୍ଷ ମହିଳାଙ୍କୁ ଗ୍ୟାସ ସଂଯୋଗ, ୮ଲକ୍ଷ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଇ ଦିଆଯାଇଥିବା କହିଥିଲେ। ନିଜକୁ ଚୌକିଦାର ଭାବେ ଅଭିହିତ କରିବା ସହ ପୂର୍ବ ଭାରତର ରାଜ୍ୟଗୁଡିକ ବିକାଶଠାରୁ ଦୂରରେ ରହିଛି। ଓଡ଼ିଶାରେ ନୂତନ ବିକାଶର ଧାରା ସୃଷ୍ଟି କରିବାକୁ ସେ ସଂକଳ୍ପବଦ୍ଧ ବୋଲି କହିଥିଲେ । ହେଲେ ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ ଓ ଆଇଜିଏଚ୍‌କୁ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରିବାର ପ୍ରତିଶ୍ରୁତି ସମ୍ପର୍କରେ ସେ ମୁହଁ ଖୋଲି ନ ଥିଲେ ।

ସେହିପରି ସୋନପୁର ସହରର ରାମେଶ୍ୱରସ୍ଥିତ ଷ୍ଟାଡିୟମରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସ ଉପରେ ବର୍ଷିଥିଲେ। ସେ କହିଲେ, କଂଗ୍ରେସ ମଧ୍ୟମ ବର୍ଗଙ୍କ ଉପରେ ଜବରଦସ୍ତ କର ଲଗାଇବାକୁ ଚାହୁଁଛି। ଏହାଦ୍ୱାରା ଦରଦାମ ବୃଦ୍ଧି ପାଇବ । ଦେଶକୁ ବିକାଶ ପଥରେ ଆଗେଇ ନେବା ପାଇଁ କଂଗ୍ରେସ ପାଖରେ ପର୍ଯ୍ୟାପ୍ତ ସୁଯୋଗ ଥିଲା। କିନ୍ତୁ ଦୀର୍ଘ ବର୍ଷ ଦେଶ ଓ ରାଜ୍ୟକୁ ଶାସନ କରିଥିବା ଏହି ସର୍ବ ପୁରାତନ ଦଳ ଉଚ୍ଚ ନୀଚ ଭେଦଭାବ ସୃଷ୍ଟି କରି ଲୋକଙ୍କ ଭିତରେ ବିଷ ମଞ୍ଜି ବୁଣିଲା। ପିଢି ପରେ ପିଢି ଗରିବୀ ହଟାଇବାର ନାରା ଦିଆଗଲା। ମାତ୍ର ଦାରିଦ୍ର୍ୟ ହଟିଲାନି। ତାହା ରାଜନୈତିକ ସ୍ଲୋଗାନ ଭିତରେ ସୀମିତ ରହିଲା। ଲୋକେ ଗରିବ ହୋଇ ରହିଲେ ରାଜନୈତିକ ଫାଇଦା ମିଳିବ ବୋଲି ସେମାନେ ଭାବନ୍ତି। କଂଗ୍ରେସ ହଟିଲେ ଗରିବୀ ଆପଣା ଛାଏଁ ହଟିଯିବ। ଦାରିଦ୍ର୍ୟ ହଟାଇବାର ଜଡିବୁଟି ହେଉଛି କଂଗ୍ରେସ। ସେହି ଦଳକୁ ହଟାଅ ବୋଲି ମୋଦି ଆହ୍ୱାନ କରିଥିଲେ।

ବିଜେଡି ସରକାରଙ୍କୁ ଟାର୍ଗେଟ୍ କରିବାକୁ ଯାଇ ପ୍ରଧାନମନ୍ତ୍ରୀ କହିଲେ ଓଡିଶାରେ ପର୍ଯ୍ୟାପ୍ତ ପରିମାଣରେ କୋଇଲା, ଖଣିଜ ସମ୍ପଦ, ଜଙ୍ଗଲ ଓ ଜଳ ଅଛି। ସବୁ ଥାଇ ବି ସମୃଦ୍ଧ ଓଡିଶା ବିକାଶ କ୍ଷେତ୍ରରେ ପଛରେ ପଡିଛି। ଗ୍ରାମାଞ୍ଚଳରେ ଲୋକଙ୍କୁ ସ୍ୱଚ୍ଛ ପିଇବା ପାଣି ମିଳୁନି। ଜମିକୁ ଜଳସେଚନର ସୁବିଧା ନାହିଁ। ସ୍ଥାନୀୟ ଯୁବକଙ୍କୁ କାମ ପାଇଁ ବାହାରକୁ ଯିବାକୁ ପଡୁଛି। ବିଜେଡି ସରକାରରେ ଭେଦଭାବ ଛଡା ଆଉ କିଛି ମିଳିନାହିଁ । ୧୯ ବର୍ଷ ଧରି ଆପଣ ଯାହାକୁ ବିଶ୍ୱାସ କଲେ ସେ କିଛି କରି ନାହାନ୍ତି । ଓଡିଶାରେ ପରିବର୍ତ୍ତନ ଦରକାର। ସବୁଠି ଲହର ସୃଷ୍ଟି ହେଲାଣି। ମାତ୍ର କିଛି ଲୋକଙ୍କୁ ଏହା ଜଣା ପଡୁନି ବୋଲି ସେ ତାଚ୍ଛଲ୍ୟ କରିଥିଲେ।

କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆଣିବାକୁ ହେବ। ଆପଣଙ୍କୁ ମଜବୁର ନା ମଜଭୁତ ସରକାର ଦରକାର ବୋଲି ମୋଦି ସମବେତ ଜନତାଙ୍କୁ ପ୍ରଶ୍ନ ପଚାରିଥିଲେ। ଓଡିଶା ସରକାରଙ୍କ ଅସହଯୋଗ ନୀତି ଯୋଗୁ ଆପଣଙ୍କୁ ସୁବିଧା ମିଳିନି। କେନ୍ଦ୍ର ଆରମ୍ଭ କରିଥିବା ଆୟୁଷ୍ମାନ ଭଳି ଯୋଜନାର ଲାଭ ଉଠାଇବାରେ ଓଡିଶାବାସୀଙ୍କୁ ବଞ୍ଚିତ କରିଛନ୍ତି ରାଜ୍ୟ ସରକାର। ପିଏମ୍-କିଷାନ ଯୋଜନାରେ ସହାୟତା ରାଶି ପ୍ରଦାନ ପାଇଁ ଚାଷୀଙ୍କ ପୂରା ତାଲିକା ରାଜ୍ୟ ସରକାର ଦେଉ ନ ଥିବା କହିଥିଲେ। ଅନ୍ୟପକ୍ଷରେ କେନ୍ଦ୍ରର କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି ମୋଦି। ଦିଲ୍ଲୀରେ ମଜବୁର ସରକାର ପାଇଁ ମହାମିଳନ ଚାଲିଛି। ମାତ୍ର ତାହା ସମ୍ଭବ ହେବନି। ସଚେତନ ଚୌକିଦାରଙ୍କୁ ହିଁ ଭ୍ରଷ୍ଟାଚାରୀ ଡରିବେ। ଆପଣଙ୍କ ପାଇଁ ଏ ଚୌକିଦାର ପ୍ରସ୍ତୁତ। ଏହି ନିର୍ବାଚନ ଦେଶ ଓ ରାଜ୍ୟର ଭବିଷ୍ୟତ ସ୍ଥିର କରିବ। ଆପଣଙ୍କ ପିଲାଙ୍କ ଭବିଷ୍ୟତ ସ୍ଥିର ହେବ। ଭାରତର ବୀରମାନେ ମଜଭୁତ ହେବେ। ଦେଶ ବିରୋଧୀଙ୍କୁ ଉଚିତ ଶିକ୍ଷା ମିଳିବ। ତେଣୁ ଲୋକ ସଭା ଓ ବିଧାନସଭାରେ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ସେ ଉପସ୍ଥିତ ମତଦାତାଙ୍କୁ ନିବେଦନ କରିଥିଲେ।

ଏହି ଦୁଇ ସଭାରେ ବରିଷ୍ଠ ନେତା ବଳଦେବ ପ୍ରସାଦ ବେଦ୍‌ବାକଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ବିଧାୟକ ଦଳ ନେତା ତଥା ପାଟଣାଗଡ ବିଧାନସଭା ପ୍ରାର୍ଥୀ କନକ ବର୍ଦ୍ଧନ ସିଂହଦେଓ, ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂହଦେଓ, ସୋନପୁର ବିଧାୟକ ପ୍ରାର୍ଥୀ ଅଶୋକ ପୂଜାରୀ, ଓଡ଼ିଶା ପ୍ରଭାରୀ ଅରୁଣ ସିଂ, ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ପଟେଲ, ରାଜ୍ୟ ଭାଜପା ଯୁବ ମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ, ସୁନ୍ଦରଗଡ଼ ଲୋକ ସଭା ଆସନ ଭାଜପା ପ୍ରାର୍ଥୀ ଜୁଏଲ ଓରାମ, ବରଗଡ ଲୋକ ସଭା ଆସନ ପ୍ରାର୍ଥୀ ସୁରେଶ ପୂଜାରୀଙ୍କ ସମେତ ଦଳୀୟ ପ୍ରାର୍ଥୀ ଓ କର୍ମକର୍ତ୍ତା ଉଦ୍‌ବୋଧନ ଦେଇ ରାଜ୍ୟ ସରକାରକୁ ସମାଲୋଚନା କରିଥିଲେ।

## କଟକରେ...

ଜେଲର ହେମନ୍ତ ସେଠୀଙ୍କ କହିବା ଅନୁଯାୟୀ, ଗତ ୨୮ ତାରିଖ ଅପରାହ୍ନ ସାଢେ ୧ଟା ବେଳେ ପୋଲିସ ଭରତଙ୍କୁ ଚୌଦ୍ୱାର ଜେଲକୁ ନେଇଥିଲା। ସେଠାରେ ଭରତ ପହଞ୍ଚିବା ପରେ ଜେଲରେ ତାଙ୍କର ନାମ ରେଜିଷ୍ଟର ହୋଇଥିଲା। ହେଲେ ତାଙ୍କ ଛାତିରେ ଯନ୍ତ୍ରଣା ହେଉଥିବା ଭରତ କହିବା ପରେ ଜେଲରେ ଥିବା ଡାକ୍ତର ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଚିକିତ୍ସା ପାଇଁ ତାଙ୍କୁ ଏସ୍‌ସିବି ମେଡିକାଲକୁ ପଠାଇଥିଲେ। ସେବେଠାରୁ ଚିକିତ୍ସାଧୀନ ଥିଲେ। ଶନିବାର ସକାଳ ୯ଟା ୨୫ ମିନିଟ୍‌ରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ଜେଲର ସେଠୀ କହିଛନ୍ତି।

ଭରତଙ୍କ ଘର ପୁରୀଘାଟ ଥାନା ଅଧୀନ ତେଲେଙ୍ଗାବଜାରରେ। ରୁନାଙ୍କ ଅଭିଯୋଗ ଅନୁଯାୟୀ, ପୋଲିସ ଭରତଙ୍କୁ ଗତ ୨୪ ତାରିଖରେ ଗିରଫ କରିଥିଲା। ସେ ତ୍ରିଶୂଳିଆ ଛକରେ ଥିବା ଏକ ସେଲୁନରେ ବୁଟି କାଟୁଥିବାବେଳେ ସେଠାରୁ ତାଙ୍କୁ ପୋଲିସ ଗିରଫ କରି ଥାନାକୁ ଆଣିଥିଲା। ଗତ ୨୫ ତାରିଖରେ ରୁନା ପୁରୀଘାଟ ଥାନାକୁ ଯାଇ ତାଙ୍କ ପୁଅକୁ କାହିଁକି ଗିରଫ କରାଯାଇଛି ପଚାରିଥିଲେ। କିନ୍ତୁ ପୋଲିସ ଭରତଙ୍କୁ ଗିରଫ କରି ନ ଥିବା କହିଥିଲା। କିନ୍ତୁ ଥାନାର କେତେଜଣ କର୍ମଚାରୀ ତାଙ୍କୁ ସିଡିଏ ଫେଜ୍-୨ ଥାନାକୁ ଯାଇ ପଚାରିବାକୁ ପରାମର୍ଶ ଦେଇଥିଲେ। ପରେ ରୁନା ଫେଜ୍-୨ ଥାନାକୁ ଯାଇ ପଚାରିଥିଲେ ମଧ୍ୟ ପୋଲିସ ତାଙ୍କ ପୁଅ ବିଷୟରେ ଜାଣି ନ ଥିବା କହିଥିଲେ। ପରେ ସେ ମଙ୍ଗଳାବାଗ, ବାଦାମବାଡି ଥାନାକୁ ଯାଇ ନିରାଶ ହୋଇଥିଲେ। ହେଲେ ପୋଲିସ ତାଙ୍କ ପୁଅକୁ କୌଣସି ସ୍ଥାନରେ ଅଟକ ରଖି ମାଡ଼ ମାରିଥିବା ରୁନା ଗତ ୨୭ ତାରିଖରେ କଟକ ଏସ୍‌ଡିଜେଏମ୍ କୋର୍ଟରେ ଅଭିଯୋଗ କରିଥିଲେ। ଏ କଥା ଜାଣିବା ପରେ ପୁରୀଘାଟ ପୋଲିସ ଭରତଙ୍କୁ ଗତ ୨୮ ତାରିଖରେ କୋର୍ଟରେ ହାଜର କରିଥିଲେ। ସେଠାରେ ଭରତ ତାଙ୍କ ମା'ଙ୍କୁ କହିଥିଲେ ଯେ, ପୋଲିସ ତାଙ୍କୁ ପୁରୀଘାଟ ଥାନା ହାଜତରେ ରଖି ଲୁହାରଡ଼ରେ ମାଡ ମାରିବା ସହ ତାଙ୍କ ଯୌନାଙ୍ଗରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେବାକୁ ଧମକ ଦେଇଥିଲା। ତେବେ ପୁରୀଘାଟ ସମେତ ବାଦାମବାଡି, ମଙ୍ଗଳାବାଗ, ସିଡିଏ ଫେଜ୍-୨ ପୋଲିସ ମିଳିମିଶି ତାଙ୍କ ପୁଅକୁ ପିଟିପିଟି ମାରି ଦେଇଥିବା ଅଭିଯୋଗ କରିଛନ୍ତି ରୁନା।

ଏନେଇ ଡିସିପି ଅଖିଳେଶ୍ୱର ସିଂଙ୍କୁ ପଚାରିବାରୁ ସେ କହିଲେ, ଭରତଙ୍କ ବିରୋଧରେ କୋର୍ଟ ଜାମିନବିହୀନ ଗିରଫ ପରୱାନା ଜାରି କରିଥିଲେ। ପରେ ପୋଲିସ ତାଙ୍କୁ ଏକ ବନ୍ଧୁକ ଧରି ବୁଲୁଥିବା ବେଳେ ଗିରଫ କରିଥିଲା। ତାଙ୍କ ପରିବାର ଲୋକ ଯେଉଁ ଅଭିଯୋଗ କରିଛନ୍ତି ତାହା ଉପରେ ତଦନ୍ତ କରାଯିବ। ଯଦି ପୋଲିସ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି)ଙ୍କ ନିର୍ଦ୍ଦେଶନାମା ଅନୁସାରେ ଅଭିଯୁକ୍ତଙ୍କ ସହ ବ୍ୟବହାର କରି ନ ଥିବ, ତାହାହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## କୁଆଡେ ଗଲା....

କିସ୍ତିରେ ୧୦ ହଜାର ଟଙ୍କା ଚାଷୀଙ୍କୁ ମିଳିବ। କାଳିଆ ଯୋଜନାରେ ଜଣେ ମଧ୍ୟ ଚାଷୀ ବଞ୍ଚିତ ହେବେ ନାହିଁ। ବଡ ବଡ ଦଳ କହୁଥିବା ନେତାମାନେ ୫ ବର୍ଷରେ ଥରେ ମଧ୍ୟ ନବରଙ୍ଗପୁର ଆସି ନାହାନ୍ତି। ଏବେ କେବଳ ଭୋଟ ପାଇଁ ଆସିଛନ୍ତି। ୨୦ ହଜାର କୋଟି ପରିବର୍ତ୍ତେ ମାତ୍ର ୨ଶହ କୋଟି ଟଙ୍କା ଦେଇଛନ୍ତି ବୋଲି ନିର୍ବାଚନୀ ପ୍ରଚାରରେ କେନ୍ଦ୍ରକୁ ନବୀନ ଜବାବ ମାଗିଥିଲେ। ଏହି ଅବସରରେ ଦଳୀୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରିବା ପାଇଁ କହିଥିଲେ।

ଏହି ନିର୍ବାଚନୀ ସଭାରେ ନବରଙ୍ଗପୁର ଲୋକ ସଭା ପ୍ରାର୍ଥୀ ରମେଶ ଚନ୍ଦ୍ର ମାଝି, ଉମରକୋଟ ବିଧାନସଭା ପ୍ରାର୍ଥୀ ସୁବାସ ଗଣ୍ଡ, ଝରିଗାଁ ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ମାଝି, ଡାବୁଗାଁ ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ମନୋହର ରନ୍ଧାରୀ ଓ ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ସଦାଶିବ ପ୍ରଧାନୀ ଉପସ୍ଥିତ ଥିଲେ। ଜିଲା ସଭାପତି ପ୍ରହଲ୍ଲାଦ ତ୍ରିପାଠୀ, ସମ୍ପାଦକ ରବି ପଟ୍ଟନାୟକ, କାଜୁ ନିଗମ ଅଧ୍ୟକ୍ଷ ମୁନ୍ନା ଖାଁ, ଯୋଗେନ୍ଦ୍ର ସ୍ୱାଇଁ, ସ୍ୱତନ୍ତ୍ର ବିକାଶ ପରିଷଦ ଉପାଧ୍ୟକ୍ଷା ମଞ୍ଜୁଳା ମାଝୀ, ଜିଲା ପର୍ଯ୍ୟବେକ୍ଷକ ସଂଜୟଦାଶ ବର୍ମା ପ୍ରମୁଖ ମଞ୍ଚାସୀନ ରହି ସରକାରଙ୍କ ଜନହିତକର କାର୍ଯ୍ୟକ୍ରମ ଉପରେ କହିଥିଲେ।

## ଯୋଗୀଙ୍କ ଫୁଲବାଣୀ...

ଗାଉଥିଲେ, ତ ପୁଣି କେତେବେଳେ ନେତାମାନେ ଭାଷଣ ଦେଉଥିଲେ। କିନ୍ତୁ ମନ ବୁଝୁ ନ ଥିଲା। ଯୋଗୀଙ୍କ ପାଇଁ ଅପେକ୍ଷା ବଢୁଥିଲା। ଏପଟେ ନେତାମାନେ କହୁଥିଲେ- ଯୋଗୀ ଆସୁଛନ୍ତି । ଆଉ ୧୫ମିନିଟ୍‌ରେ ପହଞ୍ଚିବେ । ଭୁବନେଶ୍ୱର ବିମାନବନ୍ଦର ଛାଡ଼ିସାରିଲେଣି, ଆକାଶରେ ଉଡୁଛନ୍ତି। ତଥାପି ଆସିଲାନି ହେଲିକପ୍ଟର। କର୍ମୀ ଏବଂ ସମର୍ଥକମାନେ ବିରକ୍ତ ହେଉଥାନ୍ତି। ଖରା ପ୍ରବଳ । ଝାଞ୍ଜି ପବନ । ଉତ୍ସାହ ବଢ଼ାଇବା ପାଇଁ ଜଣକ ପରେ ଜଣେ ନେତା ମାଇକ୍‌ରେ ଭାଷଣ ଦେଉଥାନ୍ତି। ରାଜ୍ୟ ସରକାରଙ୍କ ଅପାରଗତାକୁ ତୀବ୍ର ସମାଲୋଚନା କରୁଥାନ୍ତି । ମୋଦି ସରକାରଙ୍କ ଯୋଜନାଗୁଡ଼ିକର ସଫଳତା ବଖାଣୁଥାନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମାଲୋଚନା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଶଂସା କରୁଥାନ୍ତି। ହେଲେ ସମସ୍ତେ ତ ଆସିଛନ୍ତି ଯୋଗୀ ଆଦିତ୍ୟନାଥଙ୍କୁ ଶୁଣିବା ପାଇଁ। ତାଙ୍କୁ ଦେଖିବା ପାଇଁ। ଏଣୁ ଅନ୍ୟ ନେତାଙ୍କ ଭାଷଣ ସେମାନଙ୍କୁ ଆକର୍ଷିତ କରିପାରୁ ନ ଥାଏ। ଚାହିଁ ଚାହିଁ ସମୟ ହେଲା ସାଢ଼େ ୪ଟା। ପ୍ରାୟ ସାଢ଼େ ଚାରିରୁ ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ଧୈର୍ଯ୍ୟ ଭାଙ୍ଗିବାରେ ଲାଗିଲା । ସଭା ସ୍ଥଳରୁ ଜଣକ ପରେ ଜଣେ ଖସିବା ଆରମ୍ଭ କଲେ । ନିଜ ନିଜ ଅଟୋ, କାର୍ ଏବଂ ବସ୍ ପାଖକୁ ଗଲେ। ଛତ୍ର ଭଙ୍ଗ ହେବାରେ ଲାଗିଲା ସଭାସ୍ଥଳ । ଏତିକି ବେଳେ ପୁଣି ଥରେ ଜଣେ ନେତା କହିଲେ, ଯୋଗୀ ଆଦିତ୍ୟନାଥଙ୍କ ଫୁଲବାଣୀ କାର୍ଯ୍ୟକ୍ରମ ବାତିଲ୍ ହୋଇଗଲା। ଏଣୁ ସିଧା ବ୍ରହ୍ମପୁରକୁ ଆସିବେ। ଭୁବନେଶ୍ୱର ବିମାନ ବନ୍ଦର ଛାଡ଼ିସାରିଲେଣି। ମାତ୍ର ୧୫ମିନିଟ୍ ଭିତରେ ହେଲିକପ୍ଟରରେ ପହଞ୍ଚିବେ। ଯେଉଁମାନେ ଫେରିଯାଉଥିଲେ, ସେମାନେ ପୁଣି ଥରେ ଆସି ଚୌକିରେ ବସିଲେ। ଏ ୧୫ମିନିଟ୍ ମଧ୍ୟ ବିତିଗଲା। ତଥାପି ଯୋଗୀ ଆସିଲେନି। ଅପରାହ୍ନ ସାଢ଼େ ୫ଟାରେ ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଘୋଷଣା କଲେ- 'ଯୋଗୀ ଆଉ ଆସିବେନି । ସେ ଭୁବନେଶ୍ୱର ବିମାନବନ୍ଦରରେ ବସିଛନ୍ତି । ପାଗ ଖରାପ ଥିବା ଯୋଗୁ ହେଲିକପ୍ଟର ଉଡ଼ାଇବାକୁ ଅନୁମତି ମିଳୁନି । ଏଣୁ ମୋବାଇଲ୍ ଫୋନରେ ଭାଷଣ ଦେବେ ଯୋଗୀ।' ଏହା ପରେ ଭୃଗୁ ନିଜ ମୋବାଇଲ୍‌କୁ ମାଇକ୍ ପାଖରେ ରଖିଲେ। ସେପଟୁ ଶୁଭିଲା ଯୋଗୀଙ୍କ ଭାଷଣ। ପ୍ରାୟ ପାଞ୍ଚ ମିନିଟ୍‌ର ଟେଲିଫୋନିକ୍ ଭାଷଣରେ ଯୋଗୀ ରାଜ୍ୟ ସରକାରଙ୍କ ତୀବ୍ର ସମାଲୋଚନା କଲେ। ବିଫଳତା ଗଣିଲେ। କେନ୍ଦ୍ରର ମୋଦି ସରକାରଙ୍କୁ ପ୍ରଶଂସା କଲେ। ଯୋଜନାଗୁଡ଼ିକର ସଫଳତା ବିଷୟରେ କହିଲେ। ଦେଶର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ପୁଣି ଥରେ ଭାଜପାକୁ ଭୋଟ୍ ଦେବାକୁ ନିବେଦନ କଲେ । ସଭା ଶେଷ ହେଲା ବୋଲି ଘୋଷଣା କରାଗଲା ।

ଏହି ସଭାରେ ଲୋକ ସଭା ପ୍ରାର୍ଥୀ ଭୃଗୁଙ୍କ ସମେତ ବ୍ରହ୍ମପୁର ବିଧାନସଭା ପ୍ରାର୍ଥୀ କାହ୍ନୁଚରଣ ପତି, ଛତ୍ରପୁର ପ୍ରାର୍ଥୀ ପ୍ରଶାନ୍ତ କୁମାର କର, ଗୋପାଳପୁର ପ୍ରାର୍ଥୀ ବିଭୂତି ଭୂଷଣ ଜେନାଙ୍କ ସମେତ ଭାଜପାର ବହୁ ନେତା ଉପସ୍ଥିତ ଥିଲେ। ଏନେଇ ଭୃଗୁ କହିଛନ୍ତି, ପାଗ ଖରାପ ଯୋଗୁ ଯୋଗୀଙ୍କ କାର୍ଯ୍ୟକ୍ରମ ବାତିଲ୍ ହେଲା। ତଥାପି କର୍ମୀମାନେ ଉତ୍ସାହିତ ଅଛନ୍ତି। ଏହି ବାତିଲ୍ କାର୍ଯ୍ୟକ୍ରମର କୌଣସି ପ୍ରଭାବ ନିର୍ବାଚନ ପ୍ରଚାରରେ ପଡ଼ିବ ନାହିଁ ବୋଲି ସେ ପ୍ରକାଶ କରିଥିଲେ। ଫୁଲବାଣୀରେ ଅନୁଷ୍ଠିତ ନିର୍ବାଚନୀ ସଭାରେ କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଖରାବେଳ ସ୍ୱାଇଁ, ଫୁଲବାଣୀ ବିଧାୟକ ପ୍ରାର୍ଥୀ ଦେବନାରାୟଣ ପ୍ରଧାନ, ଜି.ଉଦୟଗିରି ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଅର୍ଚ୍ଚନା ପ୍ରଧାନ, ବାଲିଗୁଡା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ କରେନ୍ଦ୍ର ମାଝିଙ୍କ ସମେତ ଦଳର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଆରାଧ୍ୟା ୱାର୍କିଂ ଡେସ୍କକୁ ଆସିଲେ ଖୁସି ହୁଅନ୍ତି ବିଗ୍ ବି



ମୁମ୍ବାଇ

ନାତୁଣୀ ଆରାଧ୍ୟା ତାଙ୍କ ୱାର୍କିଂ ଡେସ୍କକୁ ଆସି ପେନ୍, ମୋବାଇଲ୍ କି ଲାପଟପ୍‌ରେ ଲାଗି କିଛି ଭଙ୍ଗାତୁଟା କଲେ ଖୁବ୍ ଖୁସି ହୁଅନ୍ତି ମେଗାଷ୍ଟାର ଅମିତାଭ୍ ବଚ୍ଚନ୍। ଆରାଧ୍ୟା ହେଉଛନ୍ତି ଅଭିଷେକ ଓ ଆରାଧ୍ୟାଙ୍କ କନ୍ୟା। ତାଙ୍କ କନ୍ୟା ଶ୍ୱେତାଙ୍କର ମଧ୍ୟ ନବ୍ୟା ନବେଲୀ ଓ ଅଗସ୍ତ୍ୟ ନାମରେ ଦୁଇ ଝିଅପୁଅ ଅଛନ୍ତି। 'ଷ୍ଟାରି ନାଇଟ୍ସ ୨. ଓ'ର ଫାଇନାଲ୍ ଏପିସୋଡ୍‌ରେ ଅମିତାଭ୍ ଏକ ବିବୃତିରେ ତାଙ୍କ ନାତିନାତୁଣୀଙ୍କ ବିଷୟ ବର୍ଣ୍ଣନା କରିଛନ୍ତି। ସେ କହନ୍ତି, ମୁଁ ସେମାନଙ୍କୁ ଖୁବ୍ ଭଲ ପାଏ। କିନ୍ତୁ ସେମାନଙ୍କୁ କେତେବେଳେ ଆକଟ କରିବାକୁ ଚାହିଁଲେ ସେମାନଙ୍କ ମାତାପିତା ମୋତେ ବିରୋଧ କରନ୍ତି ନାହିଁ।

ଆରାଧ୍ୟା ମୁଁ କାର୍ଯ୍ୟକରୁଥିବା ଟେବୁଲକୁ ଆସେ। କଲମ ଧରି କିଛି ଲେଖିବାକୁ ଚାହେଁ ଏବଂ ଲାପଟପ୍‌ରେ ଖେଳେ। ଏହି ଦୃଶ୍ୟ ମୋତେ ଅତୀବ ଆନନ୍ଦ ଓ ସୁନ୍ଦର ଅନୁଭୂତି ଦେଇଥାଏ।

ଐଶ୍ୱର୍ଯ୍ୟା ପରିବାରକୁ ଆସିଲା ପରେ କିଛି ପରିବର୍ତ୍ତନ ଘଟିଲା କି ବୋଲି ପ୍ରଶ୍ନରେ ଅମିତାଭ୍ କହିଲେ, କିଛି ପରିବର୍ତ୍ତନ ହୋଇନାହିଁ। ଗୋଟିଏ ଝିଅ ଗଲା ଏବଂ ଆଉ ଜଣେ ଝିଅ ପରିବାରକୁ ଆସିଲା। ସିନେମା ଜଗତ ସହ ବର୍ତ୍ତମାନର ପିଢ଼ିର ଝିଅଙ୍କ ସମ୍ପୃକ୍ତି ବିଷୟରେ ପ୍ରଶ୍ନ ହେବାରୁ ସେ କହିଥିଲେ, ଆଜିକାଲି ଫିଲ୍ମ ସେଟ୍ସରେ ତରୁଣୀଙ୍କ ସଂଖ୍ୟା ଅଧିକ। ଆମ ସମୟରେ ଫିଲ୍ମରେ କେବଳ ଦୁଇ ମହିଳା ଜଣେ ହିରୋଇନ୍ ଏବଂ ଆଉ ଜଣେ ମା' ଭୂମିକାରେ ଅଭିନୟ କରୁଥିଲେ। ବର୍ତ୍ତମାନ ସମୟ ବଦଳି ଯାଇଛି। ସବୁ ବିଭାଗରେ ବାଳିକାଙ୍କ ପ୍ରବେଶ ଖୁବ୍ ଆଶ୍ଚର୍ଯ୍ୟଜନକ ବୋଲି ବିଗ୍ ବି ପ୍ରକାଶ କରିଥିଲେ।

ଉପରେ ବର୍ଣ୍ଣିତ ଏପିସୋଡ୍ ଜି କେଫ୍ ଟିଭି ଚ୍ୟାନେଲ୍‌ରେ ରବିବାର ପ୍ରସାରିତ ହେବାର ଅଛି।

### ଛତାରେ ବର୍ଷିଲେ ବିଜୟ, ବୈଜୟନ୍ତ

# ଏ ସରକାର ବଦଳିବା ଦରକାର


ନିର୍ବାଚନୀ ସଭାରେ ବୈଜୟନ୍ତ ପଣ୍ଡା ଓ ବିଜୟ ମହାପାତ୍ରଙ୍କ ସହ ଅନ୍ୟମାନେ।

ଡେରାବିଶ,୬।୪(ସ୍ୱ.ପ୍ର.)

ଏକଦା ବିଜେଡି ଭାଜପା ସହଯୋଗରେ ଗଠନ ହୋଇଥିଲା । ଯେବେ ଠାରୁ ଭାଜପା ଏହି ଦଳକୁ ପରିତ୍ୟାଗ କରିଛି ,ସେବେଠାରୁ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି । ରାଜ୍ୟରେ ଏବେ ବିଜୁ ଯୁବବାହିନୀ କର୍ମୀଙ୍କ ଗୁଣ୍ଡାରାଜ ଚାଲିଛି। ନାରୀ ନିର୍ଯାତନା ସାଙ୍ଗକୁ ବେକାରି ସମସ୍ୟା ବଢିଛି। ତେଣୁ ଏ ସରକାର ବଦଳିବା ଦରକାର ବୋଲି ଶନିବାର କେନ୍ଦ୍ରାପଡା ଜିଲାର ଛତାଠାରେ ଭାଜପା ପକ୍ଷରୁ ଆୟୋଜିତ ଏକ ବିଶାଳ ନିର୍ବାଚନୀ ସଭାରେ ଜନତାଙ୍କୁ ସମ୍ବୋଧିତ କରି କହିଛନ୍ତି ଭାଜପା ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡା ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଏବଂ ପାଟକୁରା ବିଧାନସଭା ପ୍ରାର୍ଥୀ ବିଜୟ ମହାପାତ୍ର। ଅପରପକ୍ଷରେ ଯେଉଁଠି ସ୍ୱାଭିମାନ କଥା ଉଠିବ ସେଠାରେ ଅଭିନେତା ନୁହନ୍ତି ରିୟଲ ହିରୋ ଦରକାର ବୋଲି ଏହି ସଭାରେ କହିଛନ୍ତି ଓଲିଉଡ ଷ୍ଟାର ବାବୁସାନ୍।

ଶନିବାର ମଧ୍ୟାହ୍ନରେ ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକର ଛତାଠାରେ ଭାଜପାର ଏହି ନିର୍ବାଚନୀ ସଭା ହୋଇଥିଲା। ଯେଉଁଠି ନେତା ଓ ଅଭିନେତା ଏକାଠି ହୋଇଥିବା ଦେଖିବାକୁ ମିଳିଥିଲା। ସଭାରେ ବିଜୟ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରି କହିଥିଲେ ଯେ, ଏହା ସାଧାରଣ ନିର୍ବାଚନ ନୁହେଁ, ଅସାଧାରଣ ଓ ଐତିହାସିକ । ବିଜୟ ମହାପାତ୍ର କେମିତି ବିଧାନସଭା ନ ଆସନ୍ତୁ କିଛି ଲୋକ ଚାହୁଁଛନ୍ତି । ଦୀର୍ଘ ୧୯ ବର୍ଷ ବିଜେଡି ସରକାର ଶାସନ ଗାଦିକୁ ଅକ୍ତିଆର କରିଥିବା ବେଳେ ରାଜ୍ୟରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବଢି ଚାଲିଛି । ଶିକ୍ଷିତ ଯୁବକ ଆଜି ବେକାର ହୋଇ ଘରେ ବସିଛି। କାଳିଆ ଯୋଜନା ନାଁରେ ଓଡିଶାର ଲୋକଙ୍କୁ ସରକାର ଭୁଆଁ ବୁଲାଇଛନ୍ତି । ଏହି ଅବସରରେ ସେ ଆଗାମୀ ଦିନରେ ଭାଜପା ସରକାର ଅବହେଳିତ ଏହି ନିର୍ବାଚନମଣ୍ଡଳୀର ସମୃଦ୍ଧି ପାଇଁ କାର୍ଯ୍ୟ କରିବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଏହି ସଭାରେ କେନ୍ଦ୍ରାପଡା ଏମପି ପ୍ରାର୍ଥୀ ପଣ୍ଡା ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ଜନବିରୋଧୀ ଶାସନରେ ଅତିଷ୍ଠ ହୋଇ ଜନସାଧାରଣ ପରିବର୍ତ୍ତନ ପାଇଁ ସ୍ୱର ଉଠାଇଛନ୍ତି ବୋଲି କହିଥିଲେ। ବିଶେଷ କରି ନାରୀ ସୁରକ୍ଷା, ଚାଷୀ ସମସ୍ୟା, ବେକାରଙ୍କ ସଂଖ୍ୟା ବୃଦ୍ଧି, କେନ୍ଦ୍ରୀୟ ଯୋଜନାରେ ରାଜ୍ୟର ଅସହଯୋଗକୁ ନେଇ ବର୍ଷିଥିଲେ। ନାରୀ ନିର୍ଯାତନା କଥା କହିବାକୁ ଯାଇ ସେ କୁନ୍ଦୁଲି ପୀଡିତା, ବେବିନା କଥା ଦୋହରାଇଥିଲେ । ରାଜ୍ୟରେ ମହିଳାଙ୍କ ସୁରକ୍ଷା ପ୍ରତି ସରକାର ସଚେତନ ନ ଥିବା ସେ କହିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆୟୁଷ୍ମାନ ଯୋଜନାକୁ ସରକାର କାର୍ଯ୍ୟକାରୀ ନ କରିବାରୁ ସାଧାରଣ ଲୋକ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟର ବିକାଶ ପାଇଁ ଗତ ୧୯ ବର୍ଷ ମଧ୍ୟରେ ଆସିଥିବା ୧୭ ଲକ୍ଷ କୋଟି ଟଙ୍କା କୁଆଡ଼େ ଗଲା ବୋଲି ଏହି ଅବସରରେ ବୈଜୟନ୍ତ ପ୍ରଶ୍ନ କରିଥିଲେ। ବିଶେଷ କରି କେନ୍ଦ୍ରାପଡା ଜିଲାର ଉନ୍ନୟନ କାର୍ଯ୍ୟ ପାଇଁ ଆସୁଥିବା ସରକାରୀ ଅର୍ଥକୁ ଦଳୀୟ ପାଣ୍ଠିରେ ପରିଣତ କରାଯାଇଥିବା ସେ ଅଭିଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ସାଧାରଣ ନିର୍ବାଚନରେ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଗଠନ ପାଇଁ ସମସ୍ତ ଜନସାଧାରଣଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସଭାରେ ଜିଲା ଦଳୀୟ ସଭାପତି ଦୁର୍ଯ୍ୟୋଧନ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଧ୍ୟାପକ ଭୁବନ ମୋହନ ଜେନା, ଚଳଚ୍ଚିତ୍ର ତାରକା ବାବୁସାନ୍‌ଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ବକ୍ତବ୍ୟ ରଖି ଭାଜପା ପ୍ରାର୍ଥୀଙ୍କୁ ନିର୍ବାଚିତ କରିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ। ୨୬ ନଂ ଜୋନ୍ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ନିର୍ବାଚନୀ ସଭାକୁ ପୂର୍ବତନ ଜିଲା ସଭାପତି ସୁକାନ୍ତ ଦ୍ୱିବେଦୀ ସଂଯୋଜନା କରିଥିଲେ । ବାବୁସାନ୍ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ରାଜନୀତି କଣ ମୁଁ ଜାଣିନାହିଁ। ତେବେ ବର୍ତ୍ତମାନ ପରିସ୍ଥିତିରେ ରାଜ୍ୟରେ ସରକାର ପରିବର୍ତ୍ତନର ଆବଶ୍ୟକତା ଦେଖାଦେଇଛି । ଏହି ସଭାରେ କଂଗ୍ରେସ ଓ ବିଜେଡିର ବହୁ କର୍ମୀ ନିଜ ନିଜ ଦଳ ଛାଡି ଭାଜପାରେ ଯୋଗ ଦେଇଥିଲେ । ବରିଷ୍ଠ ଭାଜପା ନେତ୍ରୀ କଲ୍ୟାଣୀ ନାୟକ, ଭାଜପା ନେତା ବିଭୁଦେନ୍ଦୁ ପଣ୍ଡା, ସ୍ମାରକ ମହାନ୍ତି, ରତ୍ନାକର ପରିଡା, ସରୋଜକାନ୍ତ ପଣ୍ଡା, ଅଶ୍ୱିନୀ ପରିଡା, ଦେବାଶିଷ ଗିରିଜା ଭୂଷଣ ନାୟକ, ସଲିମ୍ ଖାଁ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ । ବିଜୟ ଓ ବୈଜୟନ୍ତ ଭାଜପାର ଦୁଇ ହେଭିୱେଟଙ୍କ ଛତାଠାରେ ଅନୁଷ୍ଠିତ ପ୍ରଥମ ନିର୍ବାଚନୀ ସଭା ଜିଲାର ରାଜନୈତିକ ପାଣିପାଗକୁ ଉଷ୍ମ କରିଦେଇଛି।

# ସ୍ତ୍ରୀଙ୍କୁ ଗଳାକାଟି ହତ୍ୟା

**ମୃତଦେହକୁ କଲଭର୍ଟ ତଳେ ପକାଇ ସ୍ୱାମୀ ଫେରାର**

ଆର.ଉଦୟଗିରି,୬।୪(ଡି.ଏନ.ଏ.)- ଗଜପତି ଜିଲା ଆର୍.ଉଦୟଗିରି ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବ୍ୟକ୍ତି ଝିଅର ଆଡ୍‌ମିଶନ୍ ପାଇଁ ସ୍ତ୍ରୀ ଓ ଝିଅଙ୍କୁ ବିଦ୍ୟାଳୟ ନେବାବାଟରେ ଏକ ନିଛାଟିଆ କଲଭର୍ଟ ନିକଟରେ ସ୍ତ୍ରୀଙ୍କୁ ଗଳାକାଟି ହତ୍ୟା କରିଛନ୍ତି। ମୃତକ ହେଲେ ଗଜପତି ଜିଲା ମୋହନା ଥାନା ଟାଙ୍ଗିଲିପଦରର ରୁନିତା ନାୟକ। ଏନେଇ ଆର୍.ଉଦୟଗିରି ଥାନାରେ ଝିଅ ଅଭିଯୋଗ କରିବା ପରେ ପୋଲିସ ନଂ୪୦/୧୯ରେ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୁବାସ ନାୟକ ଶୁକ୍ରବାର ସକାଳେ ବଡପଦା ସ୍କୁଲରେ ଝିଅର ଆଡ୍‌ମିଶନ ପାଇଁ ସ୍ତ୍ରୀ ରୁନିତା ଓ ଝିଅଙ୍କୁ ବାଇକ ଧରି ଘରୁ ବାହାରି ଥିଲେ। ବାଟରେ କୌଣସି କାରଣକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଫଳରେ ସୁବାସ ବଡପଦା ଅଭିମୁଖେ ନଯାଇ ଆର୍.ଉଦୟଗିରି ବାଦପୁର ରାସ୍ତାରେ ବାଇକ ନେଇଥିଲେ। ସ୍ତ୍ରୀ ପଚାରିବାରୁ ଏପଟେ ଅଳ୍ପବାଟ ହେବ ବୋଲି କହିଥିଲେ। ମାତ୍ର ବାଟରେ ଏକ ନିଛାଟିଆ କଲ୍‌ଭର୍ଟ ନିକଟରେ ବାଇକ ରଖି ସାଙ୍ଗରେ ଆଣିଥିବା ଏକ ଧାରୁଆ ଅସ୍ତ୍ରରେ ରୁନିତାଙ୍କ ଗଳାକାଟି ହତ୍ୟା କରିଥିଲେ। ମୃତଦେହକୁ କଲଭର୍ଟ ତଳେ ପକାଇ ସେଠାରୁ ଝିଅକୁ ନେଇ ସମ୍ପର୍କୀୟ ମାଉସୀ ଘର ଜୋରା ଗ୍ରାମକୁ ଯାଇଥିଲେ। ସେଠାରେ ଝିଅକୁ ଛାଡି ଫେରାର ହୋଇଯାଇଥିଲେ। ଶନିବାର ଝିଅର ଆଈ କୌଣସି ସୂତ୍ରରୁ ଖବର ପାଇ ନାତୁଣୀକୁ ଆଣିବାକୁ ଜୋରା ଗ୍ରାମକୁ ଯାଇଥିଲେ। ସେଠାରେ ନାତୁଣୀ ମା'ଙ୍କୁ ବାପା ତଣ୍ଟିକାଟି ହତ୍ୟା କରିଥିବା କହିଥିଲେ। ପରେ ଆଈ ନାତୁଣୀଙ୍କୁ ଧରି ମୋହନା ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଉତ୍ତର ଅୟନ ମଧ୍ୟରେ ଛଅଟି ଗ୍ରହ ଅବସ୍ଥାନକରି ଆପଣଙ୍କ ସମସ୍ତ ଆଶା ଓ ଅଭିଳାଷ ପୂରଣ କରିବେ। ଅର୍ଥ ଓ ମନୋରଞ୍ଜନ ସକାଶେ ମନ ବଳିବା ସାଙ୍ଗକୁ ଯାତ୍ରାରେ ଅଭିଳଷିତ ଫଳ ପାଇବେ। କର୍ମକ୍ଷେତ୍ରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ସାମାଜିକ ସ୍ତରରେ ଆଦର୍ଶବାଦୀ ହୋଇ ପ୍ରଶଂସିତ ହେବେ।

**ବୃଷ** ଉଚ୍ଚାରୋହୀ ଚନ୍ଦ୍ର ଦ୍ୱାଦଶସ୍ଥ ରହି ଆପଣଙ୍କ ଯାତ୍ରା, ଋଣ ପରିଶୋଧ,ବନ୍ଧୁଙ୍କୁ ସାହାଯ୍ୟ ମାଧ୍ୟମରେ ଅର୍ଥବ୍ୟୟ କରାଇପାରନ୍ତି। କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘ ସମୟ ବନ୍ଧୁଙ୍କୁ ଅପେକ୍ଷାକରି ବିରକ୍ତ ହେବେ। ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସଭାସମିତି ଓ ସାହିତ୍ୟ, ଏଜେନ୍ସିପ୍‌ରୁ ପ୍ରଶଂସିତ ହେବେ।

**ମିଥୁନ** ଲାଭସ୍ଥାନରେ ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କୁ ଅର୍ଥ, ସମ୍ମାନ ଓ ପ୍ରତିଷ୍ଠା ପ୍ରଦାନରେ ସହାୟକ ହେବ। କେତେକ କ୍ଷେତ୍ରରେ ଅନ୍ୟମାନଙ୍କର ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ଏକପ୍ରକାର ଭଲ ରହିବ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହୋଇଯାଇପାରେ।

**କର୍କଟ** ରାହୁ ଓ କେତୁ ମଧ୍ୟରେ ସମସ୍ତ ଗ୍ରହ ଅବସ୍ଥାନକରି ଦୈନନ୍ଦିନର ଜୀବନଯାତ୍ରାକୁ ଅବ୍ୟବସ୍ଥିତ କରିପାରନ୍ତି। ଖାଇବା ପିଇବାରେ ଅବହେଳା କରି ନିଜର ସ୍ୱାସ୍ଥ୍ୟ ପାଇଁ ନିଜେ ହିଁ ବାଧକ ସାଜିବେ। ଘରଲୋକଙ୍କୁ ଅବି ଶ୍ୱାସ କରିବା ସାଙ୍ଗକୁ ପରକଥାକୁ ବିଶ୍ୱାସକରି ହଇରାଣରେ ପଡ଼ିପାରନ୍ତି। ସାମାଜିକ ସ୍ତରରେ ସହନଶୀଳତା ଗୁଣରୁ ପ୍ରଶଂସିତ ହେବେ।

**ସିଂହ** ଆଜିର ଗ୍ରହ ସ୍ଥିତି ମଧ୍ୟମ ପ୍ରକାରର ହେତୁ ଭଲ ଓ ମନ୍ଦର ମିଶ୍ରିତଫଳ ମାଧ୍ୟମରେ ଦିନଟି ଅତିବାହିତ ହେବ। ଆକସ୍ମିକ ଭାବରେ କୌଣସି ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଯାତ୍ରା କରିବାକୁ ପଡ଼ିପାରେ। ଯେକୌଣସି ପରିସ୍ଥିତିରେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ। ଅଫିସ୍ କାମରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା** ରବିଙ୍କ ରାଶିକୁ ଦୃଷ୍ଟିଜନିତ ଅର୍ଥଲାଭ କାରଣରୁ ଅଟକି ରହିଥିବା ଆପଣଙ୍କ କାମ ସୁବିଧାରେ ହୋଇଯିବ। ସାମାଜିକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ସାହିତ୍ୟ,କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା** ରାଶି ପ୍ରତି ଚନ୍ଦ୍ରଙ୍କ ଶୁଭଦୃଷ୍ଟି କର୍ମକ୍ଷେତ୍ରରେ ଉନ୍ନତିର ପରିଚାୟକ ହୋଇପାରେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ କର୍ମକ୍ଷେତ୍ରରେ କିଛି ନା କିଛି କାରଣକୁ ନେଇ ଟେନ୍‌ସନ ଲାଗିରହିବ। ଶୁଣାକଥାକୁ ବିଶ୍ୱାସକଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ଦୀର୍ଘ ଦିନରୁ ସମ୍ପର୍କରେ ଭଙ୍ଗା ପଡ଼ିଥିବା ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ।

**ବିଚ୍ଛା** ଭାଗ୍ୟାଧିପ ଚର ରାଶିରେ ରହି କାର୍ଯ୍ୟପଦ୍ଧତିକୁ ଅଙ୍କାବଙ୍କା ପଥରେ ଗତିଶୀଳ କରାଇପାରନ୍ତି। ପରିବାରରେ ସାଧାରଣ କଥାରେ ରାଗି ବିରକ୍ତିପ୍ରକାଶ କରିବା ଦ୍ୱାରା ନିଜ ପାଇଁ ଅନିଷ୍ଟକର ପରିସ୍ଥିତି ସୃଷ୍ଟିକରିପାରେ। କୌଣସି ମାଙ୍ଗଳିକ କାମରେ ବନ୍ଧୁମାନଙ୍କୁ ସାହାଯ୍ୟକଲେ ମଧ୍ୟ ପର କ୍ଷଣରେ ନିନ୍ଦିତ ହୋଇପାରନ୍ତି। ସଙ୍ଗଠନ, ରାଜନୀତି ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ।

**ଧନୁ** ପାରିବାରିକ ସମସ୍ୟା ଲାଗି ରହିଥିଲେ ମଧ୍ୟ ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ତାଙ୍କ ସାଙ୍ଗରେ ଯିବାକୁ ବାଧ୍ୟ ହେବେ। ରାହୁଙ୍କ ପ୍ରଭାବରେ ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। କର୍ମକ୍ଷେତ୍ରରେ ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**ମକର** ଚତୁର୍ଥସ୍ଥ ଚନ୍ଦ୍ର ପ୍ରଭାବରେ ଆକସ୍ମିକ କଳହ ହେତୁ ମାନସିକ ସ୍ଥିରତା କେତେକାଂଶରେ କ୍ଷୁଣ୍ଣହେବା ସୂଚନା ରହିଛି। କୌଣସି ବ୍ୟକ୍ତି ନିକଟରେ ବହୁଦିନରୁ ରହିଯାଇଥିବା ବାକି ଟଙ୍କା ଆଜି ଅପରାହ୍ନରେ ପାଇବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡରୋଗରେ କଷ୍ଟ ପାଇବେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**କୁମ୍ଭ** ମଙ୍ଗଳଙ୍କ ସ୍ଥାନାବସ୍ଥାନ କାରଣରୁ ପାରସ୍ପରିକ ସହମତି ମଧ୍ୟରେ ପରିବାରରେ ସୁଖ ଶାନ୍ତି ଫେରିଆସିବ। ଭଲ ସମ୍ପର୍କ ରଖୁ ନ ଥିବା ବ୍ୟକ୍ତିମାନଙ୍କ ନିକଟରୁ ଆଜି ଯଥା ସମ୍ଭବ ଦୂରେଇ ରହିବା ଭଲ। ଅଯଥା ବିରକ୍ତି ପ୍ରକାଶ ନ କରି ପିଲାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରନ୍ତୁ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ ଯାହାକି ମୁଣ୍ଡବ୍ୟଥାର କାରଣ ହୋଇପାରେ।

**ମୀନ** ଉଚ୍ଚାରୋହୀ ରବିଙ୍କ ପ୍ରଭାବରେ ଆବଶ୍ୟକତା ପୂରଣ କରିବା ସକାଶେ ଧାର କରିବାକୁ ପଡ଼ିବ। କର୍ମକ୍ଷେତ୍ରର କୌଣସି ନିକଟତମ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଜମିଜମା ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ। ଦୀର୍ଘଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ।

ଆଜି ଚୈତ୍ର ଶୁକ୍ଳ ଦ୍ୱିତୀୟା ରବିବାର, ଏପ୍ରିଲ ୭ ତାରିଖ, ବିଶ୍ୱ ସ୍ୱାସ୍ଥ୍ୟ ଦିବସ, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତଚନ୍ଦ୍ର ଓ ଘାତବାର। ଦିବା ଘ୭।୧୧ମି. ଗତେ ଘ୮।୪୧ମି. ମଧ୍ୟେ ଅମୃତବେଳା। ଦିବା ଘ୮।୪୧ମି. ଗତେ ଘ୧୦।୧୧ମି. ମଧ୍ୟେ, ଘ୧।୧୧ମି. ଗତେ ଘ୨।୪୧ମି. ମଧ୍ୟେ ମାହେନ୍ଦ୍ର ବେଳା । ଅପରାହ୍ନ ଘ୪।୨୬ମି. ଗତେ ଘ୫।୫୮ମି. ମଧ୍ୟେ ରାହୁକାଳ।

## ମୋଦିଙ୍କ ବିପୁଳ ଅର୍ଥ ବ୍ୟୟ ବରାଦ ସତ୍ତ୍ୱେ

# ବିକାଶରେ ବାଧକ ରାଜ୍ୟ ସରକାର



### ରାଜ୍ୟ ସରକାରଙ୍କ ଅସହଯୋଗ ପାଇଁ ୧,୩୬,୪୧୪ କୋଟି ଟଙ୍କାର ପ୍ରକଳ୍ପ ଅଟକି ରହିଛି

- ୧୦,୦୦୦ କୋଟି ଟଙ୍କା ବ୍ୟୟବରାଦରେ ୪୧୫ କି.ମି. ଦୀର୍ଘ ଗୋପାଳପୁରରୁ ଦିଘା କୋଷ୍ଟାଲ୍ ହାଇୱେ କାମକୁ ମଞ୍ଜୁରୀ ନାହିଁ
- ୧,୦୬୦ କି.ମି ଦୀର୍ଘ ୧୨,୨୮୬ କୋଟି ଟଙ୍କାର ରେଳପ୍ରକଳ୍ପ ପାଇଁ ଜମି ଓ ଜଙ୍ଗଲ ମଞ୍ଜୁରୀ ନାହିଁ
- ମୋଦିଙ୍କ ଯୋଜନା - ଜିଲ୍ଲା ଖଣିଜ ପାଣ୍ଠିରେ ୬,୪୩୮ କୋଟି ଟଙ୍କାରୁ ମାତ୍ର ୧୫% ଖର୍ଚ୍ଚ। ଆଦିବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି
- ପାଇଖାନା ନ ଥିବା ପରିବାରରେ, ପାଇଖାନା ନିର୍ମାଣ ପାଇଁ ପରିବାର ପିଛା ମୋଦିଙ୍କ ୧୨,୦୦୦ ଟଙ୍କା ବ୍ୟୟ ବରାଦ। ଓଡ଼ିଶାର ପଡ଼ୋଶୀ ରାଜ୍ୟମାନେ ୧୦୦% ନିର୍ମାଣ କରାଇଥିବା ବେଳେ ରାଜ୍ୟ ସରକାରଙ୍କ ଅପାରଗତା ପାଇଁ ଏବେ ବି ଓଡ଼ିଶାର ୧୮% ଗ୍ରାମୀଣ ପରିବାର ଏହି ସୁବିଧାରୁ ବଞ୍ଚିତ
- ମୋଦିଙ୍କ ଲୋକପ୍ରିୟତାକୁ ଡରି ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାକୁ ଲାଗୁ ନ କରିବାରୁ ଓଡ଼ିଆ ଲୋକ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ନେଇପାରୁ ନାହାନ୍ତି
- ବରୁଣେଇ ପାହାଡ଼ ପାଦଦେଶରେ ୨୦୦ କୋଟି ଟଙ୍କା ବ୍ୟୟ ବରାଦରେ ଓଡ଼ିଆଙ୍କ ବୀରତ୍ୱ ଓ ସ୍ୱାଭୀମାନର ପ୍ରତୀକ ପାଇକ ବିଦ୍ରୋହ ସ୍ମାରକ ପ୍ରତିଷ୍ଠା ପାଇଁ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ପ୍ରତିଶ୍ରୁତି ଦେଇଥିବା ମୁଖ୍ୟମନ୍ତ୍ରୀ ଜମି ଯୋଗାଇ ନାହାନ୍ତି

## ସମାଧାନ ସବୁ ସମସ୍ୟାର

## ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର

ଏମ୍‌ପି ଏବଂ ଏମ୍‌ଏଲ୍‌ଏ ପାଇଁ ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ

ବିଜେପି

**ବହୁତ ହେଲା ୧୯ ବର୍ଷ**

**ରାଜ୍ୟ ସରକାର ବଦଳିବା ଦରକାର**

**ଫିର୍ ଏକ୍ ବାର୍ ମୋଦି ସରକାର**

Issued by BJP, 4R-3/2, Kharavel Nagar, Unit-3, Bhubaneswar

ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। –ଶ୍ରୀମା

# ଆଡଭାନୀଙ୍କ ବ୍ଲଗ୍



ଆକାର ପଟେଲ

ବର୍ଷୀୟାନ୍ ଭାଜପା ନେତା ଲାଲ୍‌କୃଷ୍ଣ ଆଡଭାନୀ ତାଙ୍କ ବ୍ଲଗ୍ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଯେଉଁ ବାର୍ତ୍ତା ଦେଇଛନ୍ତି, ତା'ର ପ୍ରକୃତ ଅର୍ଥ ବୁଝିବାରେ କିଛିଟା ଦ୍ୱନ୍ଦ୍ୱ ରହିଛି। ପୂର୍ବତନ ଉପପ୍ରଧାନମନ୍ତ୍ରୀ ତଥା ପୂର୍ବତନ ଭାଜପା ଅଧ୍ୟକ୍ଷଙ୍କଠାରୁ ତାଙ୍କର ନିରାପଦ ଗାନ୍ଧୀନଗର ଆସନ (ଯେଉଁଥିରୁ ୧୯୯୧ରୁ ଏ ପର୍ଯ୍ୟନ୍ତ ସେ ଛଅଥର ନିର୍ବାଚିତ ହୋଇଛନ୍ତି)ଟିକୁ ଦଳର ବର୍ତ୍ତମାନ ଅଧ୍ୟକ୍ଷ ଅମିତ୍ ଶାହ ଝାମ୍ପିନେବାର ଅଳ୍ପଦିନ ପରେ ସେ ଏହି ବିଦାୟକାଳୀନ ବ୍ଲଗ୍‌ଟି ଲେଖିଛନ୍ତି।

ଆଡଭାନୀ ଏଥିରେ ମୁଖ୍ୟତଃ ଦୁଇଟି କଥା କହିଛନ୍ତି। ବିଭିନ୍ନ ଗଣମାଧ୍ୟମ ତାଙ୍କର ପ୍ରଥମ କଥାଟିକୁ ନେଇ ଶିରୋନାମା କରିଛନ୍ତି। ଆଡଭାନୀ ଲେଖିଛନ୍ତି ଯେ, ଭାଜପା ସୃଷ୍ଟି ହେବା ଦିନଠାରୁ କେବେ ସେମାନଙ୍କୁ ଶତ୍ରୁ ବୋଲି ଭାବିନାହିଁ ଯେଉଁମାନେ ରାଜନୈତିକଭାବେ ଭାଜପାକୁ ବିରୋଧ କରିଆସିଛନ୍ତି। ଭାଜପା ସେମାନଙ୍କୁ କେବଳ ନିଜର ପ୍ରତିପକ୍ଷ ଭାବେ ହିଁ ଭାବିଆସିଛି। ସେ ପୁଣି ଲେଖିଛନ୍ତି, ଆମର (ଭାଜପାର) ଜାତୀୟତାବୋଧର ଅବଧାରଣା ଅନୁସାରେ ଯେଉଁମାନେ ରାଜନୈତିକଭାବେ ଆମ ମତ ସହ ଏକମତ ନୁହନ୍ତି, ସେମାନଙ୍କୁ ଆମେ କେବେହେଲେ 'ଦେଶବିରୋଧୀ' ଭାବେ ଅଭିହିତ କରିନାହୁଁ। ବ୍ୟକ୍ତିଗତ ଓ ରାଜନୈତିକ ସ୍ତରରେ ପ୍ରତ୍ୟେକ ନାଗରିକର ପସନ୍ଦର ସ୍ୱାଧୀନତାକୁ ଦଳ ସବୁବେଳେ ସମ୍ମାନ ଦେଇଆସିଛି। ଆଡଭାନୀ ଏକଥା ସେହି ସମୟରେ କହିଛନ୍ତି, ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ହିନ୍ଦୁ ସଂଖ୍ୟାବହୁଳ ଆସନଗୁଡ଼ିକୁ ଛାଡ଼ି ଅନ୍ୟତ୍ର ଯିବାର ଅଭିଯୋଗ କରିଛନ୍ତି ଏବଂ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି ଯେ, କଂଗ୍ରେସ ଇସ୍ତାହାର ଛୋଟ ଛୋଟ ଗୋଷ୍ଠୀର ପ୍ରତିନିଧିତ୍ୱ କରୁଛି ଏବଂ ଭାରତକୁ ଭାଗ ଭାଗ କରିବାର ଲକ୍ଷ୍ୟ ରଖିଛି। ଅମିତ୍ ଶାହ କହିଛନ୍ତି ଯେ, ଆଫ୍‌ସ୍ପା ଆଇନକୁ ଦୁର୍ବଳ କରିବାର ପ୍ରସ୍ତାବ ଦେଇଥିବାରୁ କଂଗ୍ରେସ ନେତାମାନେ ନିଜକୁ ପାଣିରେ ବୁଡ଼େଇ ମାରିବା ଉଚିତ।

ଏହା ସ୍ପଷ୍ଟ ଯେ ଆଡଭାନୀଙ୍କ କହିବା ଅନୁସାରେ ଅଟଳ ବିହାରୀ ବାଜପେୟୀ ଓ ତାଙ୍କ ସମୟରେ ବିରୋଧୀଙ୍କ ପ୍ରତି ଅଧିକ ସହିଷ୍ଣୁତା ଥିଲା, ଯାହା ଏବେ ମୋଦିଙ୍କ ଅମଳରେ ନାହିଁ। ମୋଦି ଏହି ବାର୍ତ୍ତାକୁ ଗ୍ରହଣ କଲେ କି ? ନିଶ୍ଚୟ ନୁହେଁ। ଆଡଭାନୀ ଏ ବ୍ଲଗ୍‌ଟି ଛାଡ଼ିବା ଦିନ ହିଁ ମୋଦି ଟୁଇଟ୍ କଲେ– ଆଡଭାନୀଜୀ ବାସ୍ତବରେ ଭାଜପାର ସାରତତ୍ତ୍ୱ ବଖାଣିଛନ୍ତି। ସେ ଲେଖିଛନ୍ତି 'ଦେଶ ପ୍ରଥମେ, ତା'ପରେ ଦଳ ଓ ଶେଷରେ ବ୍ୟକ୍ତି ନିଜେ'। ଭାଜପାର ଜଣେ କାର୍ଯ୍ୟକର୍ତ୍ତା ହୋଇଥିବାରୁ ଏବଂ ଆଡଭାନୀଙ୍କ ପରି ମହାନ୍ ନେତାମାନେ ଏହାକୁ ଶକ୍ତିଶାଳୀ କରିଥିବାରୁ ସେ ନିଜକୁ ଧନ୍ୟ ଓ ଗୌରବାନ୍ୱିତ ମନେକରୁଛନ୍ତି। ଏହା ମାଧ୍ୟମରେ ମୋଦି ଆଡଭାନୀଙ୍କ କଥାକୁ ତାଙ୍କ ଆଡ଼କୁ ବୁଲାଇଦେଇଛନ୍ତି। ତାହା କିପରି ଓ କାହିଁକି ମୁଁ ଏଠାରେ ବୁଝାଇବାକୁ ଚେଷ୍ଟା କରୁଛି।

ଯେଉଁମାନେ ଅନ୍ୟ ଭାରତୀୟମାନଙ୍କୁ ଦେଶବିରୋଧୀ ବୋଲି ଅଭିହିତ କରନ୍ତି, ସେମାନଙ୍କ ଯୁକ୍ତି ସେହି ଏକା ଦର୍ଶନ ଉପରେ ଆଧାରିତ– ଦେଶ ପ୍ରଥମେ, ତା'ପରେ ଦଳ ଓ ଶେଷରେ ବ୍ୟକ୍ତି। ଏହାର ମାନେ କ'ଣ ? କଥା ହେଉଛି ବ୍ୟକ୍ତିସ୍ୱାର୍ଥ ଓ ଜାତୀୟ ସ୍ୱାର୍ଥ କିମ୍ବା ଦଳୀୟ ସ୍ୱାର୍ଥ ଓ ଜାତୀୟ ସ୍ୱାର୍ଥ ଭିତରେ ସଂଘାତ ଆସିପାରେ। ଯେତେବେଳେ ଏପରି ଦ୍ୱନ୍ଦ୍ୱ ଆସିବ ସେତେବେଳେ ଭାରତର ସ୍ୱାର୍ଥକୁ ଗୁରୁତ୍ୱ ଦେବା ଉଚିତ। ପ୍ରଶ୍ନ ହେଉଛି ଏପରି ଦ୍ୱନ୍ଦ୍ୱ କେତେବେଳେ ଆସିଥାଏ ? ସାଧାରଣ ମଧ୍ୟବିତ୍ତ ପାଇଁ ଜାତୀୟ ସ୍ୱାର୍ଥକୁ ଗୁରୁତ୍ୱ ଦେବା ଅର୍ଥ ସମ୍ପୂର୍ଣ୍ଣ ଆୟକର ପଇଠ କରିବା ବା କୌଣସି କାର୍ଯ୍ୟ ହାସଲ ପାଇଁ କାହାକୁ ଲାଞ୍ଚ ନ ଦେବା ବା ଦେଶର ଆଇନକାନୁନକୁ ଠିକ୍‌ଭାବେ ପାଳନ କରିବା। କିନ୍ତୁ ସତକଥା ହେଉଛି ଆମମାନଙ୍କ ମଧ୍ୟରୁ ଅଧିକାଂଶ ଏ କ୍ଷେତ୍ରରେ ବ୍ୟକ୍ତିସ୍ୱାର୍ଥକୁ ଗୁରୁତ୍ୱ ଦେଇ ଜାତୀୟ ସ୍ୱାର୍ଥକୁ ଅଣଦେଖା କରିଥାନ୍ତି। ଟିକସ ପଇଠ କରିବାରେ ପ୍ରମୁଖ ଗଣତାନ୍ତ୍ରିକ ଦେଶଗୁଡ଼ିକ ଭିତରେ ଭାରତ ସବା ତଳେ ଥିବାବେଳେ ନିୟମ ଭାଙ୍ଗିବା ହେଉଛି ଅଧିକାଂଶ ଭାରତୀୟଙ୍କର ସ୍ୱଭାବ। ଆଡଭାନୀ କ'ଣ ଏହି ଅର୍ଥରେ ଦେଶ ପ୍ରଥମ ବୋଲି କହିଛନ୍ତି ? ନା, କାରଣ ସେହି ଅର୍ଥରେ ଅଧିକାଂଶ ଭାରତୀୟ ଦେଶବରୋଧୀ ଭାବେ ବିବେଚିତ ହେବେ। ତେଣୁ ଆଡଭାନୀଙ୍କ କହିବାର ଅର୍ଥ ନିଶ୍ଚୟ ଅଲଗା। ସତକଥା ହେଲା 'ଦେଶ ପ୍ରଥମ' କଥାଟି ଫାଙ୍କା ଓ ନିରର୍ଥକ। ମୋତେ ୫୦ ବର୍ଷ ହେଲା ଏବଂ ମୋ ଜୀବନରେ କେବେ ଏପରି ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇନାହିଁ, ଯେତେବେଳେ ମୋତେ ଦେଶ ଓ ବ୍ୟକ୍ତି ଭିତରୁ ଗୋଟିକୁ ବାଛିବା ପାଇଁ ପଡ଼ିଛି। ଆପଣମାନଙ୍କ ଜୀବନରେ ବି ସେଇଆ ଘଟିଥିବ। ଇତିହାସରେ କେତେଜଣ ଲୋକଙ୍କ ଜୀବନରେ ଦେଶ ବା ନିଜ ଧର୍ମ ଭିତରୁ ବା ଦେଶ ଓ ଆଉ କାହା ଭିତରୁ ଗୋଟିକୁ ବାଛିବାକୁ ପଡ଼ିଛି ? ତେଣୁ ଆଡଭାନୀ ଯେଉଁ ବଡ଼ ଦାର୍ଶନିକ କଥା କହିଛନ୍ତି, ତା'ର କିଛି ମାନେ ନାହିଁ। ବାସ୍ତବରେ ସେ ସେହି ଏକା କଥା ହିଁ କହିଛନ୍ତି, ଯାହା ଗତ କିଛିଦିନ ଭିତରେ ଜେଟ୍‌ଲୀ, ଶାହ ଓ ମୋଦି ବି କହିଛନ୍ତି। ଅର୍ଥାତ୍ ଯେଉଁମାନେ ତାଙ୍କ ଆଦର୍ଶ ସହ ଏକମତ ନୁହନ୍ତି, ସେମାନେ ଦେଶବିରୋଧୀ ଏବଂ ଛୋଟ ଛୋଟ ଗୋଷ୍ଠୀର ଅଂଶ। ତେଣୁ 'ଭାରତ ପ୍ରଥମ' ବିବୃତିକାର ଚାହାନ୍ତି ସମସ୍ତ ବିରୋଧୀଙ୍କୁ ଦବେଇ ଦିଆଯାଉ। ସେଥିପାଇଁ ଆଡଭାନୀଙ୍କ ବ୍ଲଗ୍ ପରେ କେଇ ମିନିଟ୍ ଭିତରେ ମୋଦି ଟୁଇଟ୍ କଲେ ଯେ, ସେ ତାଙ୍କ 'ମନ୍ତ୍ର' ସହ ସମ୍ପୂର୍ଣ୍ଣ ଏକମତ। ଆଡଭାନୀ ଠିକ୍ କହିଥିଲେ ଯେ, ଯେଉଁମାନେ ରାଜନୈତିକ ଭାବେ ଆମକୁ ବିରୋଧ କରୁଛନ୍ତି, ତାଙ୍କୁ ଆମେ ବିଶ୍ୱସଘାତକ କହିବା ଉଚିତ ନୁହେଁ। କିନ୍ତୁ ସେ ତାଙ୍କ ଜୀବନ ସାରା ଭିନ୍ନ ଧର୍ମ ଓ ଭିନ୍ନ ମତବାଦର ଲୋକଙ୍କୁ ଶତ୍ରୁ ଓ ଦେଶବିରୋଧୀ ଭାବେ ଅଭିହିତ କରିଆସିଛନ୍ତି। ନିଜ ଇଚ୍ଛା ବିରୋଧରେ ରାଜନୀତିରୁ ଅବସର ନେବା ଅବସରରେ ଏବେ ସେ ସହିଷ୍ଣୁତାର ମହତ୍ତ୍ୱ ବୁଝିଲା ପରି କଥା କହୁଛନ୍ତି। ଏହାଦ୍ୱାରା ସେ ନିଜର ଏକ ସମୟର ଛାତ୍ରଙ୍କୁ ତାଙ୍କୁ ଏ ବୃଦ୍ଧ ବୟସରେ ତାଙ୍କ ନିଜ ପାଠ ପଢ଼େଇବାର ଅବକାଶ ସୃଷ୍ଟି କରିଛନ୍ତି।

Email: aakar.patel@gmail.com

# ଖସିଗଲା ପାଦ ତଳକୁ



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

ଏ ଲେଖକର ତେଷଠି ବର୍ଷର ଜୀବନକାଳ ମଧ୍ୟରେ ପ୍ରଥମକରି ଏମିତି ଏକ ଉଜ୍ଜ୍ୱଳ ଦୃଶ୍ୟଟିଏ ତା' ଆଖି ଆଗରେ ପଡ଼ିଲା। ଅବଶ୍ୟ ଦୃଶ୍ୟଟି ସମ୍ପର୍କରେ ସେ ପୂର୍ବରୁ ବନ୍ଧୁ ମେଳରୁ ଶୁଣିଥିଲେ ମଧ୍ୟ ବିଶ୍ୱାସ ନ କରିବାର ଯଥେଷ୍ଟ କାରଣ ଥିଲା ତା' ପାଖରେ। ଆଧୁନିକ ଜୀବନର ଜୟଯାତ୍ରା ମଧ୍ୟରେ ବଞ୍ଚିବାର ଠାଣି ଚଳଣି ବହୁ ଭାବେ ବଦଳିଯାଇଥିଲେ ସୁଦ୍ଧା ଗୋଟିଏ ସଂସ୍କାରସିଦ୍ଧ ପରମ୍ପରାର ରୂପରଙ୍ଗ ଏମିତି ଭୟଙ୍କର ଭାବେ ବଦଳିଯାଇଥିବ ବୋଲି ସେ ଆଦୌ ବିଶ୍ୱାସ କରିପାରୁ ନ ଥିଲା। କେବଳ ସେ କାହିଁକି, ତା' ବୟସର ପାଖାପାଖି ଏ ସ୍ତମ୍ଭର କୌଣସି ପାଠକ ପାଠିକା ବି ଏ ପ୍ରକାର ଏକ ଦୃଶ୍ୟ ଅତୀତରେ କେବେ ଦେଖି ନ ଥିବେ ବୋଲି ସେ ଜୋର ଦେଇ କହିପାରୁଥିଲା। ସୁତରାଂ ଏବେ ସେଇ ଅନୁପମ ଦୃଶ୍ୟଟି ଦେଖିବା ହୁଅନ୍ତୁ।

ସ୍ମାର୍ଟ ସିଟି ଭୁବନେଶ୍ୱରର ସଦା ଉଜ୍ଜ୍ୱଳ ରାଜପଥରେ ରାତିର ବିବାହ ଶୋଭାଯାତ୍ରା ଯେଉଁମାନେ ଦେଖିଥିବେ ସେମାନଙ୍କ ପାଇଁ କଥିତ ଦୃଶ୍ୟଟିକୁ କଳନା କରିବା କଷ୍ଟକର ହେବନାହିଁ। ମୁଣ୍ଡ ଉପରେ ରୋଶଣି ଲାଇଟ୍ ରଖି ଧାଡ଼ିରେ ଚାଲୁଥିବେ କେଇଜଣ ଶ୍ରମିକ ଶ୍ରେଣୀର ମହିଳା। ବରଗାଡ଼ିର ଆଗରେ ଚାଲୁଥିବ ପ୍ରଚଣ୍ଡ ଗର୍ଜନ କରି ନୃତ୍ୟର ପାଗଳ ପ୍ରବଣତା ସୃଷ୍ଟି କରୁଥିବା ଡିଜେ ନାମକ ସେଇ ଯନ୍ତ୍ରଟି। ତା'ର ବିକଟ ସଙ୍ଗୀତର ଉତ୍କଟ ଆକର୍ଷଣରେ ନାଚି ନାଚି ଚାଲିଥିବେ କେଇଜଣ ଉଦଣ୍ଡ ଉନ୍ମାଦ ବରଯାତ୍ରୀ, ଯେଉଁମାନେ ମଦ୍ୟ ବା ସେଭଳି କୌଣସି ପଦାର୍ଥର ପ୍ରଭାବରେ ନିଜ ଆୟତ୍ତରେ ନ ଥିଲେ ବି ନିଜ ନିଜର ଉପସ୍ଥିତି ଜାହିର କରୁଥିବେ ଏକ ବିଚିତ୍ର ମୁଦ୍ରାରେ। କଥା ହେଉଛି ନବ୍ୟ ଆଧୁନିକତାର ଭବ୍ୟ ଆହ୍ୱାନ ମଧ୍ୟରେ ଏଭଳି ଦୃଶ୍ୟ ଗାଁ ଗଣ୍ଡାରେ ବି ଏତେ ପ୍ରବଳ ଯେ ସ୍ମାର୍ଟ ସିଟି ଭୁବନେଶ୍ୱରରେ ଏଇଟା କୋଉ ବଡ଼ କଥା ଯେ!

ମାତ୍ର ବଡ଼ କଥା ହେଉଛି ଏଭଳି ଏକ ଦୃଶ୍ୟ ପ୍ରାୟ ମାସକ ତଳେ ଏ ଲେଖକ ଦେଖିଥିଲା। ତାହା କୌଣସି ବିବାହ ଶୋଭାଯାତ୍ରାରେ ନୁହେଁ, ବରଂ ଏକ ବ୍ରତୋତ୍ସବର ବ୍ରହ୍ମଚାରୀ ଶୋଭାଯାତ୍ରାରେ। ସେ ଆଶ୍ଚର୍ଯ୍ୟ ହୋଇଥିଲା ଏମନ୍ତ ଏକ ଅଭିନବ ପଟୁଆର ଦେଖି। ବିବାହ ଉତ୍ସବରେ ଦୁଇଜଣ ବରକନ୍ୟା ପରସ୍ପରର ହାତ ଧରି ଏକ ନୂଆ ଜୀବନରେ ପ୍ରବେଶ କରୁଥିବାରୁ କନ୍ୟାର ପାଣିଗ୍ରହଣ କରିବାକୁ ପଟୁଆରରେ ନିଜ ସାଥୀସାମନ୍ତଙ୍କୁ ନେଇ ବିକ୍ରମ ଅଭିଯାନରେ ଯାତ୍ରା କରୁଥାଏ ବର ବୋଲାଉଥିବା କେହି ଜଣେ ଯୁବକ। ମାତ୍ର ଦୈବସଂଯୋଗରେ ବ୍ରାହ୍ମଣକୁଳରେ ଜନ୍ମ ହୋଇଥିବା ଶିଶୁ ବା କିଶୋରଟିର ବ୍ରତୋପନୟନ ସରିଲା ପରେ ନିଜ ଅଞ୍ଚଳର ଦେବ ବା ଦେବୀ ଦର୍ଶନରେ ବାହାରୁଥିବା ନବ ବ୍ରହ୍ମଚାରୀର ଯେ ପୁଣି କି ରାଜକୀୟ ଶୋଭାଯାତ୍ରା। ନିଜେ ବ୍ରାହ୍ମଣକୁଳରେ ଜନ୍ମ ହୋଇଥିବାରୁ ପ୍ରାୟ ପଞ୍ଚାବନ ବର୍ଷ ତଳର ନିଜ ବ୍ରତୋତ୍ସବକୁ ମନେ ପକାଉଥିଲା ଏ ଲେଖକ।

ଗଡ଼ ଜୟ କରି ଗଲା ଭଳି ବୀରବିକ୍ରମ ଠାଣିରେ ଖୋଲା ଗାଡ଼ିରେ ବସି ରହିଥିଲା ଅପେକ୍ଷାକୃତ ଟିକେ ପାକଳ ହୋଇଯାଇଥିବା ନବ ବ୍ରହ୍ମଚାରୀ। ସାଧାରଣତଃ ୮ରୁ ୧୨ ବର୍ଷ ଭିତରେ ବ୍ରତୋପନୟନ କାର୍ଯ୍ୟ ସମ୍ପନ୍ନ ହେଉଥିଲା ବେଳେ ମାଟ୍ରିକ ପରୀକ୍ଷା ଦେଇ ସାରିଥିବା ବ୍ରହ୍ମଚାରୀଟିକୁ ପାକଳ କୁହାଯିବା ଅଯୁକ୍ତିକର ନୁହେଁ ନିଶ୍ଚୟ। ସେ ଯାହା ହେଉ, ଜୀବନରେ ପ୍ରଥମକରି ଏପରି ଏକ ବ୍ରତୋତ୍ସବର ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ଦେଖି ବ୍ରହ୍ମଚାରୀଟିର ବାପାମା'ଙ୍କ ସମ୍ପର୍କରେ ଖବର ନେବାକୁ ଏ ଲେଖକ ମନରେ ବିଚିତ୍ର ବାସନାଟିଏ ଜାଗିଲା। ସେ ଜାଣିବାକୁ ଚାହୁଁଥିଲା, କେତେ ସ୍ୱଚ୍ଛଳ ହେଲେ ତଥା ନିଜକୁ କେତେ ଅତ୍ୟାଧୁନିକ ଭାବେ ଗଢ଼ିତୋଳିଲେ ନିଜ ପୁଅର ଦେବଦର୍ଶନ ଶୋଭାଯାତ୍ରାରେ ବିବାହ ଶୋଭାଯାତ୍ରା ଅନୁରୂପ ଡିଜେର ନୃତ୍ୟ ଉଦ୍ରେକକାରୀ ସଙ୍ଗୀତ ସହ ଯୌବନରେ ପାଦ ଥାପିବାକୁ ଯାଉଥିବା ଆଠ ଦଶଜଣ ତରୁଣଙ୍କ ଉଦ୍ଦଣ୍ଡ ନୃତ୍ୟକୁ ବରଦାସ୍ତ କରିପାରିବ ଜଣେ ବାପା!

ସାମ୍ବାଦିକ ନ ହେଲେ ବି ଖବର ସଂଗ୍ରହ କରିବାର କଳା ସହ ସାମାନ୍ୟ ସମ୍ପୃକ୍ତି ଥିବାରୁ ବାପାଙ୍କୁ ଆବିଷ୍କାର କରିବା କଷ୍ଟକର ହେଲାନାହିଁ। ପ୍ରତ୍ୟକ୍ଷ ନ ହେଲେ ବି ପରୋକ୍ଷ ଭାବେ ବାପାଙ୍କଠୁ ଯେଉଁ କୈଫିୟତ ଶୁଣିବାକୁ ମିଳିଲା ତା' ମଧ୍ୟରେ ପ୍ରତିଭାତ ହେଉଥିଲା ଆଧୁନିକ ଜୀବନର ଉଦାତ୍ତ ଆହ୍ୱାନ ନିକଟରେ ବିକଳ ଭାବେ ସମର୍ପଣ କରିଥିବା ଜଣେ ଅସହାୟ ବାପାର ଅନ୍ତଃସ୍ୱର। ସେ କହୁଥିଲେ, ପୁଅର ଜିଦ୍ ଥିଲା ଡିଜେ ନ ବାଜିଲେ, ତା'ର ଦଶଜଣ ସାଙ୍ଗଙ୍କର ନାଚ ସହ ଶୋଭାଯାତ୍ରାରେ ନ ବାହାରିଲେ ସେ ବ୍ରତ ହେବ ନାହିଁ। ଏମିତି ଅଦ୍ଭୁତ ଜିଦ୍ ଆଗରେ ମୁଣ୍ଡ ନୁଆଁଇବାକୁ ମୋ ସଂସ୍କାର ସ୍ପଷ୍ଟ ମନା କରିଦେଲା ପରେ ଦୁଇବର୍ଷ ବିତିଗଲା। ଶେଷରେ କଲେଜ ଯିବା ସମୟ ପାଖେଇ ଆସିବାରୁ ଓ ତା' କଥା ମାନିନେବାକୁ ତା' ଜନନୀର ଚାପ ପ୍ରବଳରୁ ପ୍ରବଳତର ହେବାରୁ ମୋର ଅନ୍ୟ ଗତି ନ ଥିଲା।

ଏ ଦୃଶ୍ୟଟିର ସଂଖ୍ୟା ଏକରେ ସୀମିତ ନୁହେଁ ନିଶ୍ଚୟ। ପିଲାମାନେ ବଡ଼ ହେଲା ପରେ ନିଜ ଇଚ୍ଛାରେ ଜୀବନସାଥୀ ନିର୍ବାଚନ କରି ତଦନୁଯାୟୀ ବିବାହ ଉତ୍ସବ ସମ୍ପନ୍ନ କରିବାକୁ ବାପାମା'ଙ୍କୁ ବାଧ୍ୟ ବିବଶ କରୁଥିବାର ଦୃଶ୍ୟ ସଚରାଚର ପରିଲକ୍ଷିତ ହେଉଥିଲା। ମାତ୍ର ବ୍ରତ ଉପନୟନ ଭଳି ଏକ ସଂସ୍କାର ଓ ପରମ୍ପରାର କର୍ମ ଯେ ତାଙ୍କ ଇଚ୍ଛାନୁଯାୟୀ କରିବାକୁ ପଡୁଛି, ଏହା ଜଣା ନ ଥିଲା ଏ ଲେଖକକୁ। ପିଲାମାନଙ୍କ ସବୁ ଇଚ୍ଛା ପୂରଣ କରିବା କ'ଣ ମାଆବାପାଙ୍କର ଏକ ମୌଳିକ କର୍ତ୍ତବ୍ୟ ? ଏମିତି ଏକ ପ୍ରଶ୍ନର ଉତ୍ତର ଖୋଜିବା ପୂର୍ବରୁ ଆଉ ଏକ ଦୃଶ୍ୟ ଉପରେ ଆଖି ପକାଯାଉ। ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜଣେ ବରିଷ୍ଠ ଅଫିସରଙ୍କ ଡ୍ରଇଁରୁମ୍‌ରେ ସଂଘଟିତ ହୋଇଥିଲା ଏହି ଦୃଶ୍ୟଟି ପ୍ରାୟ ବର୍ଷକ ତଳେ। ଡ୍ରଇଁରୁମ୍‌ର ଗୋଟିଏ ସୋଫା ଉପରେ ବସି ଅଫିସର ତାଙ୍କ ଅଧ୍ୟାପକ ବନ୍ଧୁଙ୍କ ସହ ଭାରତବର୍ଷର ସର୍ବକାଳୀନ ଚମତ୍କାରୀ ବ୍ୟକ୍ତିତ୍ୱ ସ୍ୱାମୀ ବିବେକାନନ୍ଦଙ୍କ ସମ୍ପର୍କରେ ଆଲୋଚନା କରୁଥାନ୍ତି। କକ୍ଷଟିର ଅନ୍ୟ କୋଣରେ ଟିଭିରେ ସିନେମା ଦେଖିବାରେ ବ୍ୟସ୍ତ ଥାଏ ତାଙ୍କ ବାରବର୍ଷର ପୁଅଟି।

ଅଚାନକ ପିଲାଟି ପାଟିକରି ଉଠିଲା। ଏତେ ଜୋରରେ କଥା ହୁଅନା। ମୁଁ ସିନେମା ଦେଖିପାରୁନାହିଁ। ବାରବର୍ଷର କିଶୋରଟିଏ। ମହାପୁରୁଷଙ୍କ ଜୀବନୀରୁ ସଂସ୍କାର ଆହରଣ କରି ନିଜକୁ ଗଢ଼ିବାର ବୟସ। ଅଥଚ ବାତ୍ସଲ୍ୟ ପ୍ରେମର ଏକ ଦୁର୍ବାର ଦୃଷ୍ଟାନ୍ତ ସୃଷ୍ଟିକରି ବ୍ୟାଙ୍କ ଅଫିସର ଜଣକ ବନ୍ଧୁ ଅଧ୍ୟାପକଙ୍କୁ କହିଲେ, ''ଚାଲନ୍ତୁ, ଆର ରୁମ୍‌କୁ ଯିବା। ଫିଲ୍ମ ଦେଖିବା ବେଳେ କେହି ଡିଷ୍ଟର୍ବ କଲେ ପୁଅ ମୋର ଭାରି ଚିଡ଼ିଯାଏ।'' ଅଧ୍ୟାପକଙ୍କୁ ଲାଗୁଥିଲା ବିଶ୍ୱବିଜୟୀ ବିବେକାନନ୍ଦଙ୍କ ତୁଳନାରେ କେଡ଼େ ପ୍ରଭାବଶାଳୀ ସେଇ ସିନେମାର ହିରୋ। ସେଥିପାଇଁ ତ ଟିଭି ବନ୍ଦକରି ପୁଅକୁ ସ୍ୱାମିଜୀଙ୍କ କଥା ଶୁଣିବା ପାଇଁ ତାଗିଦ କରିପାରିଲେ ନାହିଁ, ବରଂ ଜୋରରେ କଥା ନ ହେବା ପାଇଁ ତା'ର ତାଗିଦ ଆଗରେ ମୁଣ୍ଡ ନୁଆଁଇ ଅନ୍ୟ ରୁମ୍‌କୁ ଉଠି ଚାଲିଗଲେ। ଭୁଲିଗଲେ ଚଳିବ ନାହିଁ ଯେ ପିଲାଟିର ବାପା ଜଣେ ଉଚ୍ଚଶିକ୍ଷିତ ବ୍ୟାଙ୍କ ଅଫିସର ଥିଲେ ଓ ତାଙ୍କ କିଶୋର ପୁଅଟି ପାଇଁ ସ୍ୱାମିଜୀଙ୍କ ଜୀବନୀ ଓ ଫିଲ୍ମର କାହାଣୀ ମଧ୍ୟରୁ କେଉଁଟି ଅଧିକ ଉପଯୋଗୀ, ତାହା ଭଲଭାବେ ଜାଣିଥିଲେ।

ଆମ ପିଲାମାନେ ଭୁଲ୍ ରାସ୍ତାରେ ଯାଉଛନ୍ତି ବୋଲି ଆମେ କେତେ ଉଦ୍‌ବେଗ ପ୍ରକାଶ କରୁଛୁ। ଅଥଚ ଭୁଲିଯାଉଛୁ ଯେ ତା'ର ତଳକୁ ଖସୁଥିବା ପାଦ ପାଇଁ ତା' ଅପେକ୍ଷା ବେଶି ଦାୟୀ ଆମେମାନେ। ଏକ ସମ୍ଭ୍ରାନ୍ତ ଇଂରାଜୀ ବିଦ୍ୟାଳୟରେ ପାଠ ପଢୁଥିବା କୋମଳମତି ଶିଶୁଟିଏ କେଇଦିନ ତଳେ ନିଜ ବାପାଙ୍କୁ ପଚାରିଲା, ''ଡାଡି! ଉତ୍କଳ ଦିବସ ଅର୍ଥ କ'ଣ।'' ଡାଡି ମହୋଦୟ କିଛି ଉତ୍ତର ଦେବା ପୂର୍ବରୁ ମମି ମହୋଦୟା ଗର୍ଜି ଉଠିଲେ, ତୁ ଇଂଲିଶ ସ୍କୁଲରେ ପଢୁଛୁ। ଉତ୍କଳ ଦିବସ ବିଷୟରେ ଜାଣିବା ଦରକାର କ'ଣ ? ନିଜ ପୁଅ ପାଖରୁ ମମି ସମ୍ବୋଧନରେ ଗଦ୍ ଗଦ୍ ହେଉଥିବା ମାଆ ଜଣଙ୍କୁ କିଏ କେମିତି ବୁଝାନ୍ତା ଯେ ନିଜ ପୁଅକୁ ହାକିମ କରିବାକୁ ପ୍ରଚଣ୍ଡ ପ୍ରବଣତା ପ୍ରକାଶ କରିଥିବା ଡାକମୁନ୍‌ସୀର ହରି ସିଂହଙ୍କୁ ଦିନେ କି ପ୍ରକାର ପରାଭବ ଭୋଗିବାକୁ ପଡ଼ିଥିଲା।

ଦିନେ ଟ୍ରେନ୍‌ରେ ଯାତ୍ରା କରୁଥାନ୍ତି ସ୍ୱାମୀ ବିବେକାନନ୍ଦ। ସହଯାତ୍ରୀ ଦୁଇ ଯୁବା ଦମ୍ପତିଙ୍କୁ ନୟାନ୍ତ କରୁଥାଏ ତାଙ୍କ ଛଅ ସାତ ବର୍ଷ ବୟସର ଟିକି ପୁଅଟି। ଯାହା ଦେଖୁଥାଏ, ତାକୁ ନେବାକୁ ଜିଦ୍ କରୁଥାଏ। ନ ଦେଲେ ଚିତ୍କାର କରି କାନ୍ଦୁଥାଏ। ତା' ପାଇଁ ବ୍ୟସ୍ତବିବ୍ରତ ହୋଇପଡ଼ିଥିବା ଯୁବ ଦମ୍ପତିଙ୍କୁ ଲକ୍ଷ୍ୟକରି ସ୍ୱାମିଜୀ ଅନୁଚ୍ଚ ସ୍ୱରରେ କହିଲେ, ''ତୁମେ ତା' ଜିଦ୍ ଆଗରେ ମୁଣ୍ଡ ନ ନୁଆଁଇଲେ ସେ କିଛି ସମୟ ପାଇଁ କାନ୍ଦିବ। ମାତ୍ର ତା'ର ସବୁ ଜିଦ୍‌କୁ ମାନିନେଲେ, ସେ କାନ୍ଦୁ କି ନ କାନ୍ଦୁ, ତୁମେ କିନ୍ତୁ ଜୀବନ ସାରା କାନ୍ଦିବ।'' ସତ କଥା। ସେଦିନ ଡିଜେ ବଜାଇ ବ୍ରତ ଶୋଭାଯାତ୍ରାରେ ଯାଉଥିବା ବ୍ରହ୍ମଚାରୀର ବାପାଙ୍କ ଭଳି।

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି,
ଭୁବନେଶ୍ୱର, ମୋ-୮୮୯୫୬୨୪୧୦୫

# ବିଶ୍ୱ ବ୍ୟାଙ୍କ ମୁଖ୍ୟ

ବ୍ୟକ୍ତିତ୍ୱ



ଡେଭିଡ୍ ରବର୍ଟ ମାଲପାସ୍

ବିଶ୍ୱ ବ୍ୟାଙ୍କ ଅନ୍ତର୍ଜାତୀୟ ଆର୍ଥିକ ସଂସ୍ଥା ଭାବେ ପରିଚିତ। ପୃଥିବୀର ବିଭିନ୍ନ ଦେଶରେ ହେଉଥିବା ପ୍ରକଳ୍ପ ସକାଶେ ଏହା ଋଣ ଦେଇଥାଏ। ଇଣ୍ଟରନ୍ୟାଶନାଲ ବ୍ୟାଙ୍କ ଫର୍ ରିକନ୍‌ଷ୍ଟ୍ରକ୍ସନ ଆଣ୍ଡ୍ ଡେଭଲପ୍‌ମେଣ୍ଟ ଏବଂ ଇଣ୍ଟରନ୍ୟାଶନାଲ ଡେଭଲପ୍‌ମେଣ୍ଟ ଆସୋସିଏଶନ୍ ଅନୁଷ୍ଠାନକୁ ନେଇ ଏହା ଗଠିତ। ୧୯୪୪ରେ ଏହା ପ୍ରତିଷ୍ଠା ହୋଇଥିଲା। ଆମେରିକା ରାଜଧାନୀ ୱାଶିଂଟନ ଡିସିରେ ଏହାର ମୁଖ୍ୟାଳୟ ରହିଛି। ବିଶ୍ୱର ଅନ୍ୟତମ ଆର୍ଥିକ ସଂସ୍ଥା ହୋଇଥିବାରୁ ଭିତ୍ତିଭୂମି ବିକାଶ ଦିଗରେ ଏହାର ମୁଖ୍ୟଙ୍କ ନିଷ୍ପତ୍ତି ଓ ପଦକ୍ଷେପ ସର୍ବଦା ଗୁରୁତ୍ୱ ବହନ କରିଥାଏ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନରେ ଟ୍ରେଜେରି ଫର୍ ଇଣ୍ଟରନ୍ୟାଶନାଲ ଆଫେୟାର୍ସର ଅଣ୍ଡର ସେକ୍ରେଟାରି (ଅର୍ଥ ବିଭାଗର ଅନ୍ତର୍ଜାତୀୟ ବ୍ୟାପାର ଉପ ସଚିବ) ଥିବା ଡେଭିଡ୍ ରବର୍ଟ ମାଲ୍‌ପାସ୍‌ଙ୍କୁ ଏବେ ବିଶ୍ୱ ବ୍ୟାଙ୍କର ସଭାପତି ଭାବେ ନିଯୁକ୍ତ କରାଯାଇଛି। ଆମେରିକାର ସରକାରୀ ଅଧିକାରୀ ତଥା ଅର୍ଥନୈତିକ ବିଶ୍ଳେଷକ ଡେଭିଡ୍‌ଙ୍କୁ ଏହି ଗୁରୁଦାୟିତ୍ୱ ମିଳିବା ପରେ ସେ କହିଛନ୍ତି, ଗରିବ ରାଷ୍ଟ୍ରରେ ଦେଖାଦେଉଥିବା ଦାରିଦ୍ର୍ୟ ହ୍ରାସ, ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରିବା ଲାଗି ପଦକ୍ଷେପ ନେବା ସହ ଋଣଗ୍ରହୀତାଙ୍କ ଅଭିବୃଦ୍ଧି ଓ ବିଶ୍ୱ ଅର୍ଥନୀତିରେ ସ୍ଥିରତା ଆଣିବା ଦିଗରେ କାର୍ଯ୍ୟ କରିବେ।

ଡେଭିଡ୍ ଆମେରିକାର ଉତ୍ତର ମିଚିଗାନ୍‌ଠାରେ ୧୯୫୬ ମାର୍ଚ୍ଚ ୮ରେ ଜନ୍ମଗ୍ରହଣ କରିଥିଲେ। କଲୋରାଡ୍ କଲେଜରୁ ପଦାର୍ଥ ବିଜ୍ଞାନରେ ସ୍ନାତକ କରିବା ପରେ ସେ ୟୁନିଭର୍ସିଟି ଅଫ୍ ଡେନ୍‌ଭରରୁ ଏମ୍‌ବିଏ ଡିଗ୍ରୀ ଅର୍ଜନ କରିଥିଲେ। ଜର୍ଜଟାଉନ୍ ୟୁନିଭର୍ସିଟିର ସ୍କୁଲ୍ ଅଫ୍ ଫରେନ୍ ସର୍ଭିସ୍‌ରେ ସେ ଅନ୍ତର୍ଜାତୀୟ ଅର୍ଥନୀତି ଅଧ୍ୟୟନ ମଧ୍ୟ କରିଥିଲେ। ପିଲାଟି ବେଳୁ ମେଧାବୀ ଛାତ୍ର ରହି ଆସିଥିବା ଡେଭିଡ୍ ସ୍ପେନିଶ୍, ଋଷିଆନ୍ ଏବଂ ଫ୍ରେଞ୍ଚ୍ ଭାଷାରେ ମଧ୍ୟ ଦକ୍ଷତା ଅର୍ଜନ କରିଛନ୍ତି। ୧୯୭୭ରୁ ୧୯୮୩ ଯାଏ ପୋର୍ଟଲାଣ୍ଡସ୍ଥିତ ଏସ୍‌କୋ କର୍ପୋରେଶନ ଏବଂ ଆର୍ଥର ଆଣ୍ଡରସନ୍ସ ସିଷ୍ଟମ୍ସ କନ୍‌ସଲଟିଂ ଗ୍ରୁପ୍‌ର ସାର୍ଟିଫାଏଡ୍ ପବ୍ଲିକ୍ ଆକାଉଣ୍ଟାଣ୍ଟ (ସିପିଏ) ଭାବେ କାର୍ଯ୍ୟକରି ବୃତ୍ତିଗତ ଉତ୍କର୍ଷ ଲାଭ କରିଥିଲେ। ଆର୍ଥିକ ବ୍ୟାପାର ଉପରେ ଅଗାଧ ଜ୍ଞାନ ରହିଥିବା ଡେଭିଡ୍‌ଙ୍କୁ ରୋନାଲ୍ଡ ରେଗାନ୍, ଜର୍ଜ ଏଚ୍. ଡବ୍ଲ୍ୟୁ. ବୁଶ୍‌ଙ୍କ ରାଷ୍ଟ୍ରପତିତ୍ୱ ସମୟରେ ବଜେଟ୍, ଟିକସ, ବହିର୍ବ୍ୟାପାର ଆଦି କ୍ଷେତ୍ରରେ ଅନ୍ୟତମ ପରାମର୍ଶଦାତା ଭାବେ କାର୍ଯ୍ୟ କରିବାର ସୁଯୋଗ ଦେଇଥିଲା। ୧୯୯୩ରୁ ୨୦୦୮ ମଧ୍ୟରେ ବିୟର ଷ୍ଟିୟର୍ନସ ନିବେଶକ ସଂସ୍ଥାରେ ମୁଖ୍ୟ ଅର୍ଥନୀତିଜ୍ଞ ରହିଥିଲେ। ପରେ ୨୦୦୮ରେ ସେ ନ୍ୟୁୟର୍କ ସିଟିରେ ଏନ୍‌ସିମା ଗ୍ଲୋବାଲ ନାମକ ଏକ ଫାର୍ମ ପ୍ରତିଷ୍ଠା କରିଥିଲେ। ସଂସ୍ଥାଗତ ନିବେଶକଙ୍କ ପାଇଁ ବିଶ୍ୱ ଅର୍ଥନୀତି ଓ ରାଜନୀତି ସମ୍ବନ୍ଧୀୟ ଧାରା କିଭଳି ରହୁଛି ତାହା ଉପରେ ଦୈନିକ ବିଶ୍ଳେଷଣ କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ। ଆମେରିକା ଅର୍ଥନୀତିରେ ଅସଙ୍ଗତି ଲକ୍ଷ୍ୟ କରିବା ପରେ ସେ ୨୦୦୭-୨୦୦୮ରେ ଆର୍ଥିକ ସଙ୍କଟ ଦେଖାଦେବ ବୋଲି କରିଥିବା ଅନୁମାନ ସତରେ ପରିଣତ ହୋଇଥିବାରୁ ତାଙ୍କ ସମୀକ୍ଷାକୁ ସର୍ବଦା ଗୁରୁତ୍ୱ ଦିଆଯାଇଆସିଛି। କେବଳ ଆର୍ଥିକ ଜଗତରେ ନିଜକୁ ସୀମିତ ନ ରଖି ସେ ୨୦୧୦ରେ ଆମେରିକାର ସିନେଟ୍ ପାଇଁ ରିପବ୍ଲିକାନ୍ ପ୍ରାର୍ଥୀ ଭାବେ ନ୍ୟୁୟର୍କରେ ନିର୍ବାଚନ ଲଢ଼ିଥିଲେ। ହେଲେ ସେଠାକାର ପ୍ରାଇମେରିରେ ଦ୍ୱିତୀୟ ସ୍ଥାନରେ ରହିଥିଲେ।

ଲେଖାଲେଖି ଓ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମରେ କମେଣ୍ଟେଟର ବା ଭାଷ୍ୟକାର ଭୂମିକା ଡେଭିଡ୍‌ଙ୍କୁ ବେଶ୍ ଖ୍ୟାତି ଆଣିଦେଇଛି। ପ୍ରସିଦ୍ଧ ପତ୍ରିକା 'ଫୋର୍ବସ୍'ରେ ସ୍ତମ୍ଭ ଲେଖିବା ସହ 'ଦି ୱାଲ୍ ଷ୍ଟ୍ରିଟ୍ ଜର୍ନାଲ'ର ସମ୍ପାଦକୀୟ ପୃଷ୍ଠାରେ ତାଙ୍କ ଲେଖା ଅସଂଖ୍ୟ ପାଠିକାପାଠକ ସୃଷ୍ଟି କରିପାରଛି। ତେବେ ମେ ୨୦୧୬ରେ ଟ୍ରମ୍ପଙ୍କ ରାଷ୍ଟ୍ରପତି ନିର୍ବାଚନ ପ୍ରଚାର ବେଳେ ଡେଭିଡ୍ ସିନିୟର ଅର୍ଥନୈତିକ ବିଶ୍ଳେଷକ ଭାବେ ଯୋଗଦେଇଥିଲେ। ସେତେବେଳେ ନୀତିଗତ ସଂସ୍କାର ଦିଗରେ ଟ୍ରମ୍ପଙ୍କ ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଡେଭିଡ୍ ଟେଲିଭିଜନ ଜରିଆରେ ଜୋରଦାର କସରତ କରିଥିଲେ। ଏପରିକି ଫୋର୍ବସ୍‌ରେ ନିର୍ବାଚନ ପୂର୍ବର ୪ଟି ଲେଖା ଆମେରିକାରେ ରାଜନୈତିକ ଆନ୍ଦୋଳନକୁ ନୂଆ ଦିଶା ଦେଖାଇଥିଲା। ଫଳରେ ୨୦୧୭ ମାର୍ଚ୍ଚରେ ତାଙ୍କ ପରିଶ୍ରମକୁ ପୁରସ୍କାର ମିଳିଥିଲା। ରାଷ୍ଟ୍ରପତି ଟ୍ରମ୍ପଙ୍କ ନୋମିନି ଭାବେ ସେ ଟ୍ରେଜେରି ଫର୍ ଇଣ୍ଟରନ୍ୟାଶନାଲ ଆଫେୟାର୍ସର ଅଣ୍ଡର ସେକ୍ରେଟାରି ହେବା ବିଷୟ ହ୍ୱାଇଟ୍ ହାଉସ୍ ଘୋଷଣା କରିଥିଲା। ୩ ଅଗଷ୍ଟ ୨୦୧୭ରେ ସେ ବିଧିବଦ୍ଧ ଭାବେ ଉକ୍ତ ପଦବୀରେ ଅବସ୍ଥାପିତ ହୋଇଥିଲେ। ଡେଭିଡ୍‌ଙ୍କ କାର୍ଯ୍ୟ ପ୍ରତି ନିଷ୍ଠା ଦେଖି ଟ୍ରମ୍ପ ତାଙ୍କୁ ବିଶ୍ୱ ବ୍ୟାଙ୍କର ପ୍ରମୁଖ ଭାବେ ମନୋନୀତ କରିଥିଲେ। ୨୦୧୯ ଏପ୍ରିଲ ୫ରେ ସେ ବିଶ୍ୱ ବ୍ୟାଙ୍କର ମୁଖ୍ୟ ହୋଇଛନ୍ତି ।

**–ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଆଗକୁ ଲୋକ ସଭା ନିର୍ବାଚନ। ଆସାମର ମୋଦାତି ଗାଁର ସମସ୍ୟା ବୁଝିବାକୁ କୌଣସି ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ସ୍ଥାନୀୟ ଲୋକପ୍ରତିନିଧି ଆସନ୍ତି ନାହିଁ। ଗାଁ ଲୋକେ ପ୍ରତି ନିର୍ବାଚନ ଋତୁରେ ମତାଧିକାର ସାବ୍ୟସ୍ତ କରିବାରେ ହେଳା କରି ନ ଥାନ୍ତି। ଗାଁ ପାଖ ଦେଇ ବହିଯାଇଥିବା ଶିବାଳୀ ନଦୀ ବର୍ଷାଦିନେ ବନ୍ୟାପାଣିରେ ଫୁଲିଉଠେ। ଫଳରେ ନଦୀପାର ହୋଇ ଯାତାୟାତ କରିବା ମୁସ୍କିଲ ହୋଇପଡ଼େ। ଗାଁର ୨୬ବର୍ଷ ବୟସ୍କ ସୁକୁର ଅଲି ନିଜ ସଞ୍ଚିତ ଅର୍ଥ ବିନିଯୋଗ କରି ଏବଂ ଗାଁ ଲୋକଙ୍କ ସହାୟତାରେ ନଦୀ ଉପରେ ବାଉଁଶ ପୋଲଟିଏ ତିଆରି କରିଛନ୍ତି। ଚଳିତ ବର୍ଷ ସେ ସ୍ୱାଧୀନ ଭାବରେ ଲୋକ ସଭା ନିର୍ବାଚନ ଲଢ଼ିବାକୁ ଅଣ୍ଟା ଭିଡିଛନ୍ତି। ସ୍ଥାନୀୟ ସମସ୍ୟା ବୁଝିବା ପାଇଁ ଜଣେ ନେତା ବାଛିବାକୁ ଉକ୍ତ ଅଞ୍ଚଳର ଲୋକେ ତାଙ୍କୁ ହିଁ ଠିକ୍ କରିଛନ୍ତି। ନିର୍ବାଚନ ଖର୍ଚ୍ଚ ଭରଣା ପାଇଁ ଆବଶ୍ୟକ ପଡିଲେ ସୁକୁର ନିଜ କିଡ୍‌ନୀ ବିକ୍ରି କରିବାକୁ ପ୍ରସ୍ତୁତ ଥିବା କହିଛନ୍ତି। ସୁକୁରଙ୍କ ଏଭଳି ମନ୍ତବ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଆସାମରେ ଏପ୍ରିଲ ୧୧, ୧୮ ଓ ୨୩ରେ ୩ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ ହେବାକୁ ଯାଉଛି।

### ଚିରନ୍ତନୀ

ଜଳିଉଠୁ ଜଳେ ସ୍ଥଳେ ଉଜ୍ଜ୍ୱଳାଇ
ସକଳ ମେଦିନୀ
ତୀକ୍ଷ୍ଣ ତାର ରଶ୍ମିଲାଗି ହସି ଉଠୁ
ତିମିର ଯାମିନୀ।

(ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୭ ଏପ୍ରିଲ ୧୯୯୪

- ପ୍ରଖ୍ୟାତ ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କର ୮୮ ବର୍ଷ ବୟସରେ ପରଲୋକ।
- ପାକିସ୍ତାନର ଷ୍ଟାର ବ୍ୟାଟ୍ସମ୍ୟାନ ଜାଭେଦ ମିଆଁଦାଦଙ୍କ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 8 | | 2 | | | | E | | | | C | | A | B |
| | | | 9 | | | | | | | 6 | | C | | E |
| | | | | | | | A | | 8 | | 0 | | | |
| 6 | 5 | | | | | 0 | | | | | E | 1 | | |
| | | C | | | 3 | 6 | | 4 | | 1 | 9 | | | |
| | | | | | 4 | | | | | | | | | |
| C | 4 | A | 3 | D | | | | | | B | | 9 | 6 | 7 |
| 1 | | D | | | 9 | | | | 0 | A | | | 5 | 3 |
| | | | | 8 | | | | | | C | | | B | |
| 9 | 0 | | | 1 | C | 5 | | 2 | E | | 7 | D | | |
| | | | | | E | | | | | D | | | 9 | |
| B | | | | | 5 | | 6 | | 1 | | | | C | A |
| | | 9 | C | 7 | 2 | | | | B | 8 | 6 | 4 | E | 0 |
| | | 3 | 4 | 6 | A | | 5 | | | 0 | | B | | |
| | 2 | 0 | | | B | | | A | | | | | D | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | A | 5 | 2 | E | 7 | 6 | C | 3 | 4 | 1 | 0 | D | 9 | 8 |
| E | D | 0 | C | 5 | 8 | 4 | B | 2 | 9 | 6 | A | 7 | 1 | 3 |
| 6 | 9 | 8 | 0 | D | 4 | 1 | 7 | A | B | 5 | 3 | 2 | E | C |
| C | 3 | 2 | B | A | 1 | 9 | 0 | E | D | 7 | 8 | 5 | 4 | 6 |
| 1 | 7 | 4 | 9 | 6 | 3 | D | 8 | 5 | 2 | E | C | A | B | 0 |
| 2 | 1 | 6 | A | 7 | C | 5 | 4 | D | 0 | 8 | 9 | B | 3 | E |
| D | 8 | C | E | 4 | 5 | 7 | A | B | 3 | 2 | 1 | 6 | 0 | 9 |
| 9 | B | E | D | 3 | 2 | 0 | 1 | 8 | 7 | C | 6 | 4 | 5 | A |
| A | 0 | 3 | 6 | 1 | B | C | E | 9 | 5 | 4 | D | 8 | 7 | 2 |
| 4 | 5 | 7 | 8 | 9 | 0 | 2 | 3 | 6 | E | A | B | 1 | C | D |
| 3 | 4 | 9 | 1 | B | 6 | 8 | 2 | 0 | C | D | 5 | E | A | 7 |
| 0 | E | D | 7 | 8 | 9 | A | 6 | C | 1 | B | 4 | 3 | 2 | 5 |
| 5 | C | B | 3 | 2 | A | E | D | 4 | 6 | 9 | 7 | 0 | 8 | 1 |
| 7 | 6 | A | 4 | C | E | 3 | 5 | 1 | 8 | 0 | 2 | 9 | D | B |
| 8 | 2 | 1 | 5 | 0 | D | B | 9 | 7 | A | 3 | E | C | 6 | 4 |

ଗତକାଲି ପ୍ରକାଶିତ ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନିର୍ବାଚନୀ ଇସ୍ତାହାର

ମହାଶୟ,

ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରମୁଖ ଜାତୀୟ ଓ ରାଜ୍ୟସ୍ତରୀୟ ରାଜନୈତିକ ଦଳ ସେମାନଙ୍କର ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତି କଲେଣି। କିନ୍ତୁ ଏହା ଲୋକାଭିମୁଖୀ ଓ ବାସ୍ତବବାଦୀ ହେବା ଆବଶ୍ୟକ। ଏଥିରେ ଲୋକଙ୍କର ଯେଉଁସବୁ ମୌଳିକ ଓ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସ୍ଥାନ ପାଇବା ଆବଶ୍ୟକ ସେଗୁଡିକ ହେଉଛି: ୧. ଏକ ସମୃଦ୍ଧ, ସୁସ୍ଥ, ସ୍ୱାବଲମ୍ବୀ ଓ ସ୍ୱାଭିମାନୀ ସମାଜ ଗଠନ ପାଇଁ ସମ୍ପୂର୍ଣ୍ଣ ନିଶା ନିବାରଣ, ୨. ଦେଶରୁ ଦାରିଦ୍ର୍ୟ, କ୍ଷୁଧା, ଅପପୁଷ୍ଟି ଓ ବେକାରି ଦୂରୀକରଣ ପାଇଁ ସର୍ବନିମ୍ନ ସାର୍ବଜନୀନ ପେନ୍‌ସନ ପ୍ରଦାନ, ୩. କୃଷି ଓ କୃଷକର ବିକାଶ ପାଇଁ ସ୍ୱାମୀନାଥନ କମିଶନଙ୍କ ସୁପାରିସର ସମ୍ପୂର୍ଣ୍ଣ କାର୍ଯ୍ୟାନ୍ୱୟନ, ୪. କୃଷକଙ୍କ ଆତ୍ମହତ୍ୟା ରୋକିବା ପାଇଁ କୃଷିଋଣ ଛାଡ଼, ୫. ସରକାରୀ ଓ ଅର୍ଦ୍ଧସରକାରୀ କାର୍ଯ୍ୟାଳୟରେ ଖାଲି ପଡ଼ିଥିବା ପଦବୀର ଅନ୍ତତଃ ୯୦ ପ୍ରତିଶତ ପୂରଣ, ୬. ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଯଥାକ୍ରମେ ଜିଡିପିର ୬ ଓ ୪ ପ୍ରତିଶତ ବ୍ୟୟବରାଦ, ୭. ଜାତୀୟସ୍ତରରେ ଜଳସେଚିତ ଜମିର ପରିମାଣ ୫୦ ପ୍ରତିଶତକୁ ବୃଦ୍ଧି, ୮. ଦାଗୀ ଓ ଗୁରୁତର ଅପରାଧରେ ଅଭିଯୁକ୍ତ ନେତାଙ୍କୁ ଟିକେଟ ପ୍ରଦାନ ନ କରିବା, ୯. ନିର୍ବାଚନକୁ ଅର୍ଥ ଓ ବାହୁବଳରୁ ମୁକ୍ତ କରିବା ପାଇଁ ନିର୍ବାଚନ କମିଶନଙ୍କୁ ଅଧିକ କ୍ଷମତା ପ୍ରଦାନ ଓ ୧୦. ଗଣତନ୍ତ୍ରର ସୁରକ୍ଷା ଓ ସମୃଦ୍ଧି ପାଇଁ ରିଜର୍ଭ ବ୍ୟାଙ୍କ, ସିବିଆଇ, ନିର୍ବାଚନ କମିଶନ ଓ ପରିସଂଖ୍ୟାନ କମିଶନ ପରି ଶୀର୍ଷ ସାମ୍ବିଧାନିକ ଅନୁଷ୍ଠାନକୁ ସମ୍ପୂର୍ଣ୍ଣ ସ୍ୱାୟତ୍ତତା ପ୍ରଦାନ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହିସବୁ ପ୍ରତିଶ୍ରୁତି ପୂରଣ ପାଇଁ ସମୟସୀମା ନିର୍ଦ୍ଧାରଣ ଓ ଏଥିପାଇଁ ଯେଉଁ ଅର୍ଥ ଖର୍ଚ୍ଚ ହେବ ତାହା ସଂଗ୍ରହ କରିବାର ଉତ୍ସ ସମ୍ପର୍କରେ ତଥ୍ୟ ମଧ୍ୟ ସ୍ଥାନ ପାଇବା ଉଚିତ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରଡ଼ି, ଜଗତ୍‌ସିଂହପୁର

### ଦୁର୍ଘଟଣା ସଚେତନତା ଶିବିର ହେଉ

ରାଜ୍ୟରେ ଦୁର୍ଘଟଣାର ହାର ବଢ଼ିଚାଲିଛି। ପ୍ରାୟ ପ୍ରତ୍ୟେକ ଦିନ ସଡକ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ହେଉଛି। ଦୁର୍ଘଟଣା ହାର ହ୍ରାସ କରିବା ପାଇଁ ମୁଖ୍ୟ ସଡକପଥରେ ସ୍ପିଡ ଗଭର୍ନର ପ୍ରଚଳନ ସହିତ ପ୍ରତି ବ୍ଲକ, ପଞ୍ଚାୟତ ଓ ଜିଲା ସ୍ତରରେ ଜନସଚେତନତା ଶିବିରମାନ ଆୟୋଜନ କରାଯିବା ଦରକାର। ଶିବିରରେ ସଚେତନତା ସାଙ୍ଗକୁ ଡ୍ରାଇଭରମାନଙ୍କର ବେପରୁଆ ଗାଡିଚାଳନା ବନ୍ଦ ପାଇଁ ଏକ ସ୍ୱତନ୍ତ୍ର, କଠୋର ଆଇନ ପ୍ରଣୟନ କରାଯାଇପାରିଲେ ସଡକ ଦୁର୍ଘଟଣାର ହାର ବହୁମାତ୍ରାରେ ହ୍ରାସ ପାଇପାରନ୍ତା।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ସିବିଏସ୍‌ଇ ଦଶମ ପରୀକ୍ଷା ପାସ୍ ଢାଞ୍ଚା ବଦଳିବ

**ଭୁବନେଶ୍ୱର, ୬।୪(ବ୍ୟୁରୋ):** ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ (ସିବିଏସ୍‌ଇ) ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଢାଞ୍ଚାରେ ପରିବର୍ତ୍ତନ ହେବ। ଲିଖିତ ପରୀକ୍ଷା (ଥିଓରି)ରେ ଇଣ୍ଟରନାଲ ଆସେସ୍‌ମେଣ୍ଟ ପରୀକ୍ଷାର ନମ୍ବର ମିଶିବ। ବର୍ତ୍ତମାନ ଥିଓରୀ ପରୀକ୍ଷା ୮୦ ମାର୍କ ଥିବାବେଳେ ଇଣ୍ଟରନାଲ ଆସେସ୍‌ମେଣ୍ଟ ପାଇଁ ୨୦ ମାର୍କ ରହିଛି। ଏହି ଦୁଇଟି ମାର୍କକୁ ଆଧାର କରି ପାସ୍ କିମ୍ବା ଫେଲ୍ ନିର୍ଦ୍ଧାରଣ କରାଯିବ ବୋଲି ଶନିବାର ସିବିଏସ୍‌ଇ ପକ୍ଷରୁ ଘୋଷଣା କରାଯାଇଛି। ସୂଚନାଯୋଗ୍ୟ, ସିବିଏସ୍‌ଇର ଦଶମ ପରୀକ୍ଷା ମାର୍ଚ୍ଚ ୨ରୁ ଆରମ୍ଭ ହୋଇ ୨୯ ତାରିଖରେ ଶେଷ ହୋଇଛି। ବର୍ତ୍ତମାନ ଖାତାଦେଖା ପ୍ରକ୍ରିୟା ଚାଲିଛି। ଆସନ୍ତା ୧୫ ତାରିଖ ସୁଦ୍ଧା ଖାତାଦେଖା ସରିବ। ମେ' ଶେଷ ସପ୍ତାହ ସୁଦ୍ଧା ସିବିଏସ୍‌ଇ ଦଶମ ପରୀକ୍ଷା ଫଳ ପ୍ରକାଶ କରିବାକୁ ଲକ୍ଷ୍ୟ ରଖିଛନ୍ତି ସିବିଏସ୍‌ଇ କର୍ତ୍ତୃପକ୍ଷ। ଚଳିତବର୍ଷ ଦେଶରେ ୧୮,୨୭,୪୭୨ଜଣ ଛାତ୍ରୀଛାତ୍ର ଦଶମ ପରୀକ୍ଷା ଦେଇଛନ୍ତି। ସେଥିମଧ୍ୟରେ ୭,୫୬,୮୯୩ଜଣ ଛାତ୍ରୀ ଥିବାବେଳେ ୧୦,୭୦,୫୭୯ଜଣ ଛାତ୍ର ରହିଛନ୍ତି।

## ସିଇଓଙ୍କୁ ଫେରାଦ ହେଲା ଭାଜପା

**ଭୁବନେଶ୍ୱର,୬।୪(ବ୍ୟୁରୋ):** ଭୁବନେଶ୍ୱର ମଧ ବିଧାନସଭା ଆସନ ବିଜେଡି ପ୍ରାର୍ଥୀ ଅନନ୍ତ ନାରାୟଣ ଜେନାଙ୍କ ପ୍ରାର୍ଥିପତ୍ରରେ ତ୍ରୁଟି ରହିଛି। ସେ ନିର୍ବାଚନ କମିଶନ ଆୟୋଗଙ୍କ ଦ୍ୱାରା ପ୍ରଦତ୍ତ ଫର୍ମ -୨୬ର ସତ୍ୟପାଠ ପୂରଣ କରିନାହାନ୍ତି। ସେହିପରି ବିଡିଏ ଅଧକ୍ଷ ପଦରୁ ଇସ୍ତଫା ନ ଦେଇ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସମ୍ବିଧାନ ଅନୁଚ୍ଛେଦ ୧୯୧ ଅନୁଯାୟୀ ଅନନ୍ତଙ୍କ ନାମାଙ୍କନପତ୍ର ଅଫିସ ଅଫ୍ ପ୍ରଫିଟ୍ ନିୟମ ଅନୁସାରେ ଖାରଜ ହେବା କଥା। ହେଲେ ରିଟର୍ନିଂ ଅଫିସର ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନପତ୍ରକୁ ଖାରଜ କରୁନାହାନ୍ତି। ଭାଜପା ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଏ ସମ୍ବନ୍ଧରେ ଅଭିଯୋଗ ଆଣିବା ପରେ ବି ରିଟର୍ନିଂ ଅଫିସର କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି।

ଏହାର ପ୍ରତିବାଦରେ ଶନିବାର ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଭେଟି ଅନନ୍ତଙ୍କ ପ୍ରାର୍ଥିପତ୍ରକୁ ପୁନର୍ବାର ନିରପେକ୍ଷତାର ସହ ଯାଞ୍ଚ କରି ନାମାଙ୍କନ ପତ୍ର ନାକଚ କରିବା ପାଇଁ ଦାବି କରିଛି।

ପ୍ରତିନିଧି ଦଳରେ ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ, ନିର୍ବାଚନ ପ୍ରକୋଷ୍ଠ ସଂଯୋଜକ ଜୟନ୍ତ ଜେନା ଓ ସତ୍ୟବ୍ରତ ନାୟକ, ଭୁବନେଶ୍ୱର ମଧ ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ଏବଂ ଯୁବମୋର୍ଚ୍ଚା ଉପସଭାପତି ସିକନ୍ଦର ଅଲ୍ଲୀ ପ୍ରମୁଖ ସାମିଲ ଥିଲେ।




## କାଶୀପୁରରେ ଜଣ୍ଡିସ: ୬ରୁ ଊର୍ଦ୍ଧ୍ୱ ଶିଶୁ ଆକ୍ରାନ୍ତ

ନିରାକାରପୁର, ୬।୪(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ଅନ୍ତର୍ଗତ କାଶୀପୁର ବଡପାଟଣା ଗ୍ରାମରେ ଜଣ୍ଡିସ୍ ରୋଗ ବ୍ୟାପିବାରେ ଲାଗିଛି। ଏଥିରେ ୬ରୁ ଊର୍ଦ୍ଧ୍ୱ ଶିଶୁ ଆକ୍ରାନ୍ତ ହୋଇଛନ୍ତି। ସେମାନେ ହେଲେ ପାୟଲ ପ୍ରଧାନ(୪), ଶ୍ରାବଣୀ ପ୍ରଧାନ(୭), ଅଜୟ ପ୍ରଧାନ(୭), ପବିତ୍ର ରଣସିଂହ(୯), ଚୁନି ପ୍ରଧାନ(୩) ଓ ମହାବୀର ଦଳେଇ(୧୧)।

## ରଘୁ ସାହୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ

- ପ୍ରମୋଦ ରଥ ରେଢ଼ାଖୋଲ ସଂଯୋଜକ
- ୪ ଜଣଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହୃତ

ଭୁବନେଶ୍ୱର,୬।୪(ବ୍ୟୁରୋ)

ଚଳିତ ଥର ରାଜ୍ୟରେ ବିଭିନ୍ନ ବିଧାନସଭା ପାଇଁ ବିଜେଡି ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ସମସ୍ତ ଟିକେଟ ଆଶାୟୀଙ୍କୁ ଦଳ ସନ୍ତୁଷ୍ଟ କରିପାରିନାହିଁ। ତେଣୁ କାଳେ ବିଜେଡି ମଧ୍ୟରେ ବିଦ୍ରୋହ ହେବ, ତାହାକୁ ଦୃଷ୍ଟିରେ ରଖି ଆଶାୟୀଙ୍କୁ ଦଳୀୟ ପଦପଦବୀରେ ଥଇଥାନ କରାଯାଇଛି। ଏହି କ୍ରମରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଶନିବାର ବିଜେଡି ପକ୍ଷରୁ ଏକାଧିକ ନିଯୁକ୍ତି ହୋଇଛି। ଏଥିସହିତ କେତେଜଣ ନେତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ମଧ କରାଯାଇଛି।

ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କୁ ବିଜେଡି ସାଧାରଣ ସମ୍ପାଦକଭାବେ ନିଯୁକ୍ତ କରାଯାଇଛି। ୨୦୦୯ରେ ରଘୁ ଚିଲିକା ବିଧାନସଭା ଆସନରୁ ବିଜୟୀ ହୋଇଥିଲା ବେଳେ, ୨୦୧୪ରେ ପରାଜିତ ହୋଇଥିଲେ। ୨୦୧୯ରେ ଚିଲିକା ଟିକେଟ ପାଇଁ ରଘୁ ପ୍ରମୁଖ ଦାବିଦାର ଥିଲେ। ହେଲେ ତାଙ୍କୁ ବଞ୍ଚିତ କରାଯାଇ ବେଗୁନିଆ ବିଧାୟକଥିବା ପ୍ରଶାନ୍ତ ଜଗଦ୍ଦେବଙ୍କୁ ବିଜେଡି ପକ୍ଷରୁ ପ୍ରାର୍ଥୀ କରାଯାଇଛି। ସେଠାରେ ଭାଜପା ଓ ବିଜେଡି ମଧ୍ୟରେ ଭୋଟ ବ୍ୟବଧାନ କମ୍ ଥିବାରୁ ରଘୁଙ୍କୁ ସାଙ୍ଗଠନିକ ପଦପଦବୀରେ ଥଇଥାନ କରାଯାଇଥିବା ଆଲୋଚନା ହୋଇଛି। ସମ୍ବଲପୁର ଜିଲା ରେଢାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରମୋଦ କୁମାର ରଥ ସଂଯୋଜକ, ସିଦ୍ଧାର୍ଥ ସାହାଙ୍କୁ ସହସଂଯୋଜକ ଭାବେ ନିଯୁକ୍ତ ଦିଆଯାଇଛି। ଅନ୍ୟପକ୍ଷରେ ପୂର୍ବରୁ ବିଭିନ୍ନ କାରଣ ପାଇଁ ଦଳରୁ ନିଲମ୍ବିତ ହୋଇଥିବା ନେତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଛି। ଏହି ନେତାମାନେ ହେଉଛନ୍ତି– ପାଲଲହଡ଼ାର ମନୋଜ ସାହୁ, ନୟାଗଡ଼ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ଖଣ୍ଡପଡ଼ାର ଶିଶିର କୁମାର ସାହୁ ଓ ସୁନ୍ଦରଗଡ଼ ଜିଲାର ସୁଶ୍ରୀ ଉପାସୀ ଓରାମ।

## ୪ ଜଣଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ଜୟପାଟଣା,୬।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ ବଡପୂଜାରିଗୁଡା ଗ୍ରାମପଞ୍ଚାୟତ ପଳସ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। କୌଣସି କାରଣକୁ କେନ୍ଦ୍ର କରି ଶନିବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ରାସ୍ତା ଉପରେ ୪ଜଣଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ମୃତଦେହଗୁଡ଼ିକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିରହିଛି। ମୃତକମାନେ ହେଲେ ନକୁଳ ନାୟକ (୪୦), ସୁବର ନାୟକ (୪୦), ଲିଙ୍ଗରାଜ ନାୟକ (୩୮) ଓ ଉପେନ୍ଦ୍ର ଶବର (୩୦) ବୋଲି ଜଣାପଡିଛି। ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। କିଏ ଏହି ଘଟଣାରେ ସମ୍ପୃକ୍ତ ତାହା ସ୍ପଷ୍ଟ ହୋଇନାହିଁ। ଏହି ଖବର ପ୍ରସ୍ତୁତ ହେବା ବେଳକୁ ଜୟପାଟଣା ଥାନା ଆଇଆଇସି ସୁଶାନ୍ତ ସାହୁ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ଏ ସଂକ୍ରାନ୍ତରେ କୌଣସି ସୂଚନା ଦେଇପାରିନାହିଁ। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

# କାଏମ ରହିଲା ନଳିନୀଙ୍କ ପ୍ରାର୍ଥିପତ୍ର


ନଳିନୀକାନ୍ତ ପ୍ରଧାନ

- ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା ଅଭିଯୋଗ
- ଜାଲିଆତି କରିବା ପାଇଁ ସମୟ ଦିଆଗଲା
- ନ୍ୟାୟ ପାଇଁ ହାଇକୋର୍ଟ ଯିବ ଭାଜପା
- ମିଛ ଅଭିଯୋଗ କରୁଛି ଭାଜପା: ନଳିନୀ

ସମ୍ବଲପୁର,୬।୪(ବ୍ୟୁରୋ)

ସମ୍ବଲପୁର ଲୋକ ସଭା ଆସନର ବିଜେଡି ପ୍ରାର୍ଥି ନଳିନୀକାନ୍ତ ପ୍ରଧାନଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ଭାଜପା ପକ୍ଷରୁ ଶୁକ୍ରବାର ହୋଇଥିବା ଅଭିଯୋଗ ଉପରେ ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଶୁଭମ୍ ସକ୍‌ସେନା ଶନିବାର ନଳିନୀଙ୍କୁ ନିର୍ବାଚନ ଲଢ଼ିବା ପାଇଁ ସବୁଜ ସଙ୍କେତ ଦେଇଛନ୍ତି। ନଳିନୀ ଫେବୃୟାରୀ ୨୮ରୁ ସରକାରୀ ପଦପଦବୀଗୁଡିକରୁ ଇସ୍ତଫା ଦେଇଥିବା ନାମାଙ୍କନପତ୍ରରେ ଦର୍ଶାଇଥିଲେ। ଅନ୍ୟ ଅଭିଯୋଗଗୁଡ଼ିକ ଉପରେ ମଧ ଯାଞ୍ଚ କରାଯାଇ ଏହି ନିଷ୍ପତ୍ତି ନିଆଗଲା ବୋଲି ନିର୍ବାଚନ ଅଧିକାରୀ ସକ୍‌ସେନା କହିଛନ୍ତି।

ହେଲେ ନିର୍ବାଚନ ଅଧିକାରୀ ସୁପ୍ରିମକୋର୍ଟ ଓ ନିର୍ବାଚନ କମିଶନରଙ୍କ ନିୟମ ପାଳନ କରିନାହାନ୍ତି। କାଗଜପତ୍ର ଜାଲିଆତି କରିବା ପାଇଁ ନଳିନୀଙ୍କୁ ସୁଯୋଗ ଦିଆଗଲା ବୋଲି ଭାଜପା ଅଭିଯୋଗ କରିଛି। ଏଣୁ ନଳିନୀଙ୍କ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ବାହାରିଛନ୍ତି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ଭାଜପା ଏମ୍‌ପି ପ୍ରାର୍ଥୀ ନୀତେଶ ଗଙ୍ଗଦେବ। ଭାଜପା ମିଛ ଅଭିଯୋଗ କରୁଛି ବୋଲି ନଳିନୀ କହିଛନ୍ତି। ନଳିନୀଙ୍କ ପ୍ରାର୍ଥିପତ୍ର କାଏମ ରହିବା ପରେ ଜିଲାପାଳଙ୍କ ଅଫିସ ବାହାରେ ସମର୍ଥକମାନେ ଖୁସି ମନାଇଛନ୍ତି।

ସୂଚନାଯୋଗ୍ୟ, ନଳିନୀ ରାଜ୍ୟ ସରକାରଙ୍କ ଲାଭକାରୀ ସଂସ୍ଥାରୁ ଇସ୍ତଫା ନ ଦେଇ କିଭଳି ନିର୍ବାଚନ ଲଢୁଛନ୍ତି ବୋଲି ଶୁକ୍ରବାର ନୀତେଶ ଅଭିଯୋଗ କରି ତାଙ୍କ ନାମାଙ୍କନପତ୍ର ଖାରଜ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଣୁ ଶୁକ୍ରବାର ସମ୍ବଲପୁର ଲୋକ ସଭା ଆସନ ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ସମସ୍ତ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଯାଞ୍ଚ ହୋଇଥିଲେ ବି ନଳିନୀଙ୍କ ନାମାଙ୍କନପତ୍ର ଯାଞ୍ଚ ନ ହୋଇ ଶନିବାରକୁ ଝୁଲି ରହିଥିଲା।

# କଂଗ୍ରେସରେ ଶତ୍ରୁଘ୍ନ

**ପାଟନାସାହିବରୁ ପ୍ରାର୍ଥୀ ହେଲେ**

ନୂଆଦିଲ୍ଲୀ,୬।୪(ଆଇଏଏନ୍‌ଏସ୍)

ଅଭିନେତାରୁ ରାଜନେତା ପାଲଟିଥିବା ଭାଜପାର ବିଦ୍ରୋହୀ ନେତା ଶତ୍ରୁଘ୍ନ ସିହ୍ନା ଶନିବାର କଂଗ୍ରେସରେ ଯୋଗଦେଇଛନ୍ତି। ତାଙ୍କ ରାଜନୈତିକ ଭବିଷ୍ୟତ ନେଇ କିଛିଦିନ ହେଲା ଯେଉଁ କଳ୍ପନାଜଳ୍ପନା ପ୍ରକାଶ ପାଉଥିଲା ତାହାର ଅବସାନ ଘଟିବା ସହିତ ଭାଜପାରୁ ଦୀର୍ଘ ଦଶବର୍ଷର ସମ୍ପର୍କ ଛିନ୍ନ ହୋଇଛି। କଂଗ୍ରେସରେ ଯୋଗଦେବା ପରେ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଜନସାଧାରଣ, ସମାଜ ଏବଂ ଦେଶର ସେବା କରିବା ପାଇଁ ଦଳ ତାଙ୍କୁ ସୁଯୋଗ ଦେବ।

ପାଟନାସାହିବ ଏମ୍‌ପି ଶତ୍ରୁଘ୍ନ ନୂଆଦିଲ୍ଲୀସ୍ଥିତ କଂଗ୍ରେସ ମୁଖ୍ୟାଳୟରେ ଏଆଇସିସି ସାଧାରଣ ସଂପାଦକ କେ.ସି. ବେଣୁଗୋପାଳ ଏବଂ ରଣଦୀପ ସିଂ ସୂର୍ଜେୱାଲାଙ୍କ ଉପସ୍ଥିତିରେ ଦଳରେ ଯୋଗ ଦେଇଥିଲେ। ପୁରୁଣା ଦଳ ତାଙ୍କୁ ଯନ୍ତ୍ରଣା ଦେଇଥିବା ସେ ପୂର୍ବରୁ ଟୁଇଟ୍ କରିଥିଲେ। ଭାଜପାର ୩୯ତମ ପ୍ରତିଷ୍ଠା ଦିବସରେ ଶତ୍ରୁଘ୍ନ ଭାଜପା ଛାଡି କଂଗ୍ରେସରେ ସାମିଲ ହେବା ବିଷୟରେ ପ୍ରାୟତଃ ସମସ୍ତେ ଅବଗତ ବୋଲି ସେ ପ୍ରକାଶ କରିଛନ୍ତି।



ନୂଆଦିଲ୍ଲୀରେ କଂଗ୍ରେସ ନେତୃବୃନ୍ଦଙ୍କ ସହ ଶତ୍ରୁଘ୍ନ ସିହ୍ନା।

ପୁରାତନ ରାଜନୈତିକ ଦଳ କଂଗ୍ରେସ ସମାଜ ଓ ଦେଶର ଏକତା, ସମୃଦ୍ଧି, ପ୍ରଗତି, ବିକାଶ ଏବଂ ଗୌରବ ବଢ଼ାଇବା ଦିଗରେ କାର୍ଯ୍ୟକରିବା ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଥିଲେ। ଏହି ଦଳ ହେଉଛି ମହାତ୍ମା ଗାନ୍ଧୀ, ଜବାହରଲାଲ୍ ନେହେରୁ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଭଳି ମହାନ୍ ଦେଶ ନିର୍ମାତାଙ୍କର। ବର୍ତ୍ତମାନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ପ୍ରଗତିଶୀଳ ମନୋଭାବ ଏବଂ ବିକାଶମୂଳକ ଚିନ୍ତାଧାରା ଦେଶକୁ ଉନ୍ନତି ପଥରେ ଆଗେଇନେବ ବୋଲି ଶତ୍ରୁଘ୍ନ କହିଛନ୍ତି। କଂଗ୍ରେସରେ ସାମିଲ ହେବାପରେ ଦଳ ତାଙ୍କୁ ବିହାରର ପାଟନାସାହିବ ଲୋକ ସଭା ଆସନରୁ ପ୍ରାର୍ଥୀ କରିଛି। ଏହି ଆସନରେ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ଭାଜପା ପ୍ରାର୍ଥୀ ହୋଇଛନ୍ତି।

# କୋଇଲା ବୋଝେଇ ଟ୍ରେନରେ ନିଆଁ


ଦମକଳବାହିନୀ କର୍ମଚାରୀମାନେ ନିଆଁକୁ ଲିଭାଉଛନ୍ତି।

ମୁନିଗୁଡା,୬।୪(ଡ଼ି.ଏନ.ଏ)

ରାୟଗଡା ଜିଲା ମୁନିଗୁଡା ଷ୍ଟେଶନରେ ଛିଡ଼ା ହୋଇଥିବା ଏକ କୋଇଲା ବୋଝେଇ ଟ୍ରେନର ୪ଟି ବଗିରେ ଶନିବାର ଅଗ୍ନିକାଣ୍ଡ ଘଟିଛି। ବଗିରୁ ଧୂଆଁ ବାହାରୁଥିବା ଦେଖି ରେଳ ବିଭାଗ ଅଧିକାରୀ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀର ମୁଖ୍ୟ ଅଧିକାରୀ ଚକ୍ରଧର କଅଁରଙ୍କ ନେତୃତ୍ୱରେ କର୍ମଚାରୀମାନେ ଷ୍ଟେଶନରେ ପହଞ୍ଚି ଦୁଇଘଣ୍ଟା ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରିଥିଲେ। ତେବେ ପ୍ରବଳ ଗରମ ଯୋଗୁଁ କୋଇଲା ବଗିରେ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଉକ୍ତ ଟ୍ରେନଟି ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ସମ୍ବଲପୁରର ଲଫଙ୍ଗାକୁ ଯାଉଥିଲା।

### ସିପିଆଇ ନିର୍ବାଚନୀ ଇସ୍ତାହାର

# ପ୍ରତିଶ୍ରୁତି: ଧାନର ଏମ୍‌ଏସ୍‌ପି ୩ ହଜାର

**ମହିଳାଙ୍କ ପାଇଁ ୩୩% ସଂରକ୍ଷଣ**

ଭୁବନେଶ୍ୱର,୬।୪(ବ୍ୟୁରୋ)

ଚଳିତ ଲୋକ ସଭା ଓ ବିଧାନସଭା ସକାଶେ ଭାରତର କମ୍ୟୁନିଷ୍ଟ ପାର୍ଟି(ସିପିଆଇ) ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଶନିବାର ନିର୍ବାଚନୀ ଇସ୍ତାହାର ପ୍ରକାଶିତ ହୋଇଛି। ଇସ୍ତାହାରରେ କୃଷିଋଣ ଛାଡ଼ ସହିତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୩ ହଜାର ଟଙ୍କା କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। ସେହିପରି ୬୦ ବର୍ଷରୁ ଊର୍ଦ୍ଧ୍ୱ ଚାଷୀ ଓ ମୂଲିଆଙ୍କୁ ମାସିକ ୬ ହଜାର ଟଙ୍କା ଏବଂ ଶ୍ରମିକଙ୍କୁ ୯ ହଜାର ଟଙ୍କା ପେନସନ, ଶ୍ରମିକମାନଙ୍କୁ ୩୦୦ ଦିନର କାମ, କ୍ଷୁଦ୍ର, ମଧ୍ୟମ ଓ କୁଟୀର ଶିଳ୍ପକୁ ପ୍ରୋତ୍ସାହନ ଦେଇ ବ୍ୟାପକ କର୍ମନିଯୁକ୍ତି ସହ ଓଡ଼ିଶାରେ ୬ ମାସ ମଧ୍ୟରେ ୩ ଲକ୍ଷ ଯୁବତୀଯୁବକଙ୍କୁ ସରକାରୀ ଚାକିରିରେ ନିଯୁକ୍ତି, ବନ୍ଦ ହୋଇଯାଇଥିବା କେବିକେ ଯୋଜନାର ପୁନଃ ପ୍ରଚଳନ କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। ଲୋକ ସଭା, ବିଧାନସଭା ସହ ସରକାରୀ ଓ ବେସରକାରୀ ଚାକିରିରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ, ବିଧବା ଭତ୍ତା ୩ ହଜାର ଟଙ୍କାକୁ ବୃଦ୍ଧି, ଶିକ୍ଷା କ୍ଷେତ୍ରରେ ମୋଟ ଜିଡିପିର ୧୦ ପ୍ରତିଶତ ଏବଂ ସ୍ୱାସ୍ଥ୍ୟ ପାଇଁ ୬ ପ୍ରତିଶତ ବ୍ୟୟ ବରାଦ କରାଯିବ। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ, ଅଙ୍ଗନୱାଡି, ଆଶାକର୍ମୀ, ଶିକ୍ଷା ସହାୟକ, ଗାଁ ସାଥୀ, କୃଷକ ସାଥୀ, ମିଶନ ଶକ୍ତି, ପାଚିକା ଓ ଯଶୋଦା କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରାଯିବ। ବାମପନ୍ଥୀ ସମର୍ଥନରେ ଯଦି କେନ୍ଦ୍ର ଓ ରାଜ୍ୟରେ ସରକାର ଗଠନ ହେବ ତେବେ ବିକାଶର ଏହି ବିକଳ୍ପ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାକୁ ଇସ୍ତାହାରରେ ଘୋଷଣା କରାଯାଇଛି। ଶନିବାର ପୂର୍ବାହ୍ନରେ ସିପିଆଇ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, କେନ୍ଦ୍ର କାର୍ଯ୍ୟକାରୀ କମିଟି ସଭ୍ୟ ଦିବାକର ନାୟକ ଏବଂ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସୌରୀବନ୍ଧୁ କର ଏହି ନିର୍ବାଚନ ଇସ୍ତାହାରକୁ ଉନ୍ମୋଚନ କରିଛନ୍ତି।

ସୂଚନାଯୋଗ୍ୟ ଯେ, ସିପିଆଇ ଆସିକା ଲୋକ ସଭା ସମେତ ଛତ୍ରପୁର, ବୌଦ୍ଧ ଏବଂ ବ୍ରଜରାଜନଗର ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି। ଅନ୍ୟ ଦଳ ଆସନରେ କଂଗ୍ରେସ, ସିପିଏମ ଏବଂ ଜେଏମ୍‌ଏମ୍‌କୁ ସମର୍ଥନ କରୁଛି।












## ସଂକ୍ଷେପରେ

### ତୁରୁଖାରେ କାଠି ଲଉଡି ଉତ୍ସବ

ତିର୍ତ୍ତୋଲ,୬।୪(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ଗରାମ ପଞ୍ଚାୟତ ତୁରୁଖା ବଟଗୋସାଇଁ କାଠି ଲଉଡି ପରିଷଦ ଆନୁକୂଲ୍ୟରେ ୫ମ ବାର୍ଷିକ କାଠି ଲଉଡି ଉତ୍ସବ ଅନୁଷ୍ଠିତ ହୋଇଛି। ଝଙ୍କଡ଼ ସାହିତ୍ୟ ସଂସଦ ସମ୍ପାଦକ ଗୋଲୋକ ବିହାରୀ ପଲାଇଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷାବିତ ଭୋଳାନାଥ ଦାସ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ଯଦୁନାଥ ଦାସ ମୁଖ୍ୟବକ୍ତା, ଶ୍ରୀରାମଚନ୍ଦ୍ର ଲେଙ୍କା, ପ୍ରାକ୍ତନ ଶିକ୍ଷକ ପର୍ଶୁରାମ ମହାରଣା ଓ ଗ୍ରାମ୍ୟକମିଟି ସଭାପତି ନିରଞ୍ଜନ ଲେଙ୍କା, ସାମାଜିକ କର୍ମୀ ଲକ୍ଷ୍ମୀଧର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିମିଳି ଗୋସ୍ୱାମୀ କାଠି ଲଉଡି ସଂସଦ ମଠ ସାହି, ସପନେଶ୍ୱର କାଠି ଲଉଡି ହରସିଂପୁର, ବାସୁଦେବ କାଠି ଲଉଡି ବାଘୁଆବାରୀର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ପ୍ରତ୍ୟେକ କାଠି ଲଉଡି ଦଳଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଗଣଲଉଡିରେ ପ୍ରତିଷ୍ଠା ଲାଭ କରିଥିବା ସଂଗଠକ ବାବାଜୀ ଚରଣ ଦାସ, ଓଗାଳ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅର୍ଜୁନ ଚରଣ ପଲାଇ ଓ ଲଉଡ଼ି ଗୀତରେ ସୁଦାମ ଚରଣ ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶିର କୁମାର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶୁଭନାରାୟଣ ଦାସ ଧନ୍ୟବାଦ ଦେଇଥିଲେ।

### ତିର୍ତ୍ତୋଲ କଲେଜ ପରିସରରେ ବୃକ୍ଷରୋପଣ

ତିର୍ତ୍ତୋଲ,୬।୪(ଡି.ଏନ.ଏ.): ବିଶ୍ୱ ତାପାୟନ ପରିପ୍ରେକ୍ଷୀରେ ତିର୍ତ୍ତୋଲସ୍ଥିତ ଆଦିକବି ସାରଳାଦାସ ମହାବିଦ୍ୟାଳୟ ପରିସରରେ ଟ୍ରୀ ଫର ଲାଇଫ ଅନୁଷ୍ଠାନ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ମଦନ ମୋହନ ମହାନ୍ତ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରାଧାପକ ଡ. ଅଶୋକ କୁମାର ରାଉତ, ଅଧାପକ ସୁମନ୍ତ କୁମାର ଭୋଇ, ଗୁଡପଦ ମହାନ୍ତି, ଛାତ୍ରୀ ସସ୍ମିତା ସ୍ୱାଇଁ, ଛାତ୍ର ରଜତ ସାହୁ, ଗୌରହରି ପରିଡା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଅନୀଲ ମହାନ୍ତ ପରିଚାଳନା କରିଥିଲେ।

### ଶ୍ରୀସତ୍ୟସାଇ ଜ୍ଞାନ ବିକାଶ ସ୍କୁଲର ବାର୍ଷିକ ଉତ୍ସବ



କୁଜଙ୍ଗ,୬।୪(ସ୍ୱ.ପ୍ର.): ପଙ୍କପାଳସ୍ଥିତ ଶ୍ରୀ ସତ୍ୟସାଇ ଜ୍ଞାନବିକାଶ ସ୍କୁଲର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଡ. ଅଭୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଇଫ୍‌କୋର ମାନବ ସମ୍ବଳ ବିଭାଗ ଡିଜିଏମ୍ ଜ୍ଞାନଚାନ୍ଦ ଆଚାର୍ଯ୍ୟ ଯୋଗଦେଇ ସତ୍ୟସାଇ ବାବାଙ୍କ ଦିବ୍ୟ ସନ୍ଦେଶ ସମ୍ପର୍କରେ କହିଥିଲେ। ଏନ୍‌ଆଇସିର ନିର୍ଦ୍ଦେଶକ ଡ. ଅଶୋକ କୁମାର ହୋତା ମୁଖ୍ୟବକ୍ତା, ସତ୍ୟାସାଇ ଟ୍ରଷ୍ଟର ରାଜ୍ୟ ଆବାହକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, କ୍ୟାଟ୍‌ର ସେବା ନିବୃତ୍ତ ସଭ୍ୟ ଜଷ୍ଟିସ ସୁଶାନ୍ତ କୁମାର ପଟ୍ଟନାୟକ ଓ ସତ୍ୟସାଇ ସଙ୍ଗଠନର ଜିଲା ସଭାପତି ବିପିନ ବିହାରୀ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପରିଚାଳନା ସମିତି ସଭାପତି ଗଗନ ବିହାରୀ ପୃଷ୍ଟି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଲିଲିମା ମହାପାତ୍ର, ପଙ୍କଜ ଦାଶ, ସବିତା ମହାପାତ୍ର, ଧରିତ୍ରୀ ମହାପାତ୍ର, ଅଜ୍ଜନା ସାମଲ, କୃଷ୍ଣଚନ୍ଦ୍ର ଦାସ, ବିକାଶ ସେନାପତି, ଅଶୋକ ସିଂହ, ବିଶ୍ୱଜିତ ସ୍ୱାଇଁ, ନିହାର ରଞ୍ଜନ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

### ଗୋବିନ୍ଦପୁରରେ ଶ୍ରୀରାମ ଚରିତ ମାନସ

ତିର୍ତ୍ତୋଲ,୬।୪(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ଗୋବିନ୍ଦପୁରସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ଶୁକ୍ରବାର ଠାରୁ ଶ୍ରୀରାମଚରିତ ମାନସ ଶୁଭାରମ୍ଭ ହୋଇଛି। ସାରଳା ସଂସ୍କୃତି ପ୍ରଚାରକ ରମାକାନ୍ତ ରାଉଳ ଯୋଗଦେଇ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ରାମାୟଣୀ ବିଶାରଦ ସୁରେନ୍ଦ୍ରନାଥ ଦାଶ ଶ୍ରୀରାମ ଚରିତ ମାନସ ଉପରେ ତଥ୍ୟ ସମ୍ବଳିତ ଦିବ୍ୟ ପ୍ରବଚନ ପ୍ରଦାନ କରି ସମବେତ ଶ୍ରଦ୍ଧାଳୁଙ୍କୁ ଅଭିଭୂତ କରିଥିଲେ। ଆସନ୍ତା ୧୩ ତାରିଖରେ ଏହା ଉଦ୍‌ଯାପିତ ହେବ ବୋଲି ଶ୍ରୀରାମ ସେବା ସଂଘ ସଭାପତି ଭାସ୍କର ଚନ୍ଦ୍ର ନାୟକ କହିଛନ୍ତି।

## କାର୍ଯ୍ୟ କରି ଦରମା ପାଉଛନ୍ତି ଶିକ୍ଷକ

# ଛୁଟି ଦରଖାସ୍ତ ଦେବାକୁ ଆସିଛି ନିର୍ଦ୍ଦେଶ

ନାଉଗାଁ,୬।୪(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଏରେଡ଼ା ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଅଶୋକ କୁମାର ଲେଙ୍କା ଜଣେ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର କରିଥିବା ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିଲେ। ଜେଲରୁ ଆସିବା ପରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନଂ.୧୩୩୪/ତା-୧୮।୧୨।୧୫ରେ ତାଙ୍କୁ ନିଲମ୍ବନ କରାଯାଇ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ଅନୁଯାୟୀ, ୬ ଜାନୁୟାରୀ ୨୦୧୬ରେ ସେ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ। ଯୋଗଦେବା ପରେ ପ୍ରତ୍ୟେହ ଉପସ୍ଥାନ ଖାତାରେ ଦସ୍ତଖତ କରିବା ସହ କାର୍ଯ୍ୟ ମଧ୍ୟ କରୁଥିଲେ। ନିଲମ୍ବନ ସମୟରେ କାର୍ଯ୍ୟ କରୁଥିବା ଯୋଗୁ ଚିଠି ନଂ. ୭୫୯/୬।୫।୧୭ ରେ ତାଙ୍କୁ ୭୫% ଦରମା ପ୍ରଦାନ କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନଂ.୫୯୮୪/୧୩।୬।୧୭ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନଂ ୯୯୪/୫।୭।୧୭ ରେ ତାଙ୍କୁ ପୋକାମୂଳ ପ୍ରାଥମିକ ବିଦ୍ୟାଳୟରେ ପୁନଃ ନିଯୁକ୍ତି କରିବା ପାଇଁ ନିର୍ଦ୍ଦେଶ ଆସିଥିଲା। ଏହି ନିର୍ଦ୍ଦେଶ ବଳରେ ତା-୭।୭।୧୭ ରୁ ସେ ପୋକାମୂଳରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ ତୁଲାଉଛନ୍ତି। ନିଲମ୍ବିତ ହୋଇଥିବା ସମୟରେ ସେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାମ କରୁଥିଲେ ମଧ୍ୟ ଚିଠି ନଂ.୫୯୭/୪।୪।୧୯ରେ ତାଙ୍କୁ ନିଲମ୍ବନ ସମୟର ଛୁଟି ଦରଖାସ୍ତ ଦେବାକୁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିଛି। ଫଳରେ ସେ ଶୁକ୍ରବାର ଏକ ଲିଖିତ ଅଭିଯୋଗ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରଦାନ କରିବା ସହ ଜିଲା ଶିକ୍ଷା ଅଧିକାରୀ, ଗଣଶିକ୍ଷା ବିଭାଗ, ଜିଲାପାଳ ଜଗତ୍‌ସିଂହପୁର, ନିଖିଳ ପ୍ରାଥମିକ ଶିକ୍ଷକ ସଂଘକୁ ପ୍ରଦାନ କରିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ନିର୍ଦ୍ଦେଶ ଅନୁସାରେ ସେ କାର୍ଯ୍ୟ କରିଥିବାବେଳେ ତାଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରିବା ପାଇଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ଆକାଉଣ୍ଟାଣ୍ଟ ଗିରିଜା ଶଙ୍କର ମହାପାତ୍ର ୫ ହଜାର ଟଙ୍କା ଉତ୍କୋଚ ନେଇଥିଲେ। ଅଧିକ ଟଙ୍କା ମାଗିବାରୁ ସେ ଦେଇପାରି ନ ଥିଲେ। ତେଣୁ ତାଙ୍କୁ ହଇରାଣ କରାଯାଉଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଗଣେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ମୁଁ ଏ ବିଷୟରେ କିଛି ଜାଣିନାହିଁ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କର ବୋଲି କହିଥିଲେ। ଆକାଉଣ୍ଟାଣ୍ଟ ଗିରିଜା ଶଙ୍କର ମହାପାତ୍ରଙ୍କୁ ପଚାରିବାରେ ସେ କାହାଠାରୁ ଟଙ୍କା ନେଇ ନାହାନ୍ତି। ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ ଚିଠି କରାଯାଇଥିବା ପ୍ରକାଶ କରିଛନ୍ତି।

## ବିରିଡ଼ିରେ ବିଷ୍ଣୁଙ୍କୁ କର୍ମୀଙ୍କ ସମ୍ବର୍ଦ୍ଧନା

ବିରିଡି/ବାଲିଆ,୬।୪(ଡି.ଏନ.ଏ.)



ବିରିଡ଼ିରେ ବିଧାୟକ ପ୍ରାର୍ଥୀ ବିଷ୍ଣୁ ଦାସ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

ବିଜେଡିର ବିଧାୟକ ପ୍ରାର୍ଥୀ ବିଷ୍ଣୁ ଚରଣ ଦାସଙ୍କୁ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଅଧୀନ ବିରିଡ଼ି ବ୍ଲକରେ କର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି। ଦାସ ପ୍ରଥମେ ବ୍ଲକ ବିଜେଡି କାର୍ଯ୍ୟାଳୟରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ବାଇକ୍ ଶୋଭାଯାତ୍ରାରେ ବାଲିଆଷ୍ଟୋର ନିକଟକୁ ଆସିଥିଲେ। ସେଠାରେ ଜିଲା ବିଜେଡି ଉପସଭାପତି ରବିନାରାୟଣ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସେ କର୍ମୀମାନଙ୍କୁ ନିଜ ନିଜ ଭିତରେ ମତଭେଦକୁ ଭୁଲି ସଂଗଠିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ବିଜେଡି ସମ୍ପାଦକ ପ୍ରଦୀପ୍ତ ଚୌଧୁରୀ, ପୂର୍ବତନ ଆତ୍ମା ଅଧ୍ୟକ୍ଷ ନୃସିଂହ ଦାଶ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ଜିଲା ଛାତ୍ର ବିଜେଡି ସଭାପତି ପ୍ରଦୀପ୍ତ ଭୂୟାଁ, କୁଳକଇଜଙ୍ଗା ବିଜେଡି ସଭାପତି ଭାସ୍କର ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ନେତ୍ରାନନ୍ଦ ପାତ୍ର, ଦାମୋଦର ପାତ୍ର, ଯୁବନେତା କଲ୍ୟାଣ ବାରିକ, ରବୀନ୍ଦ୍ର ନାଥ ସାହୁ, ସରପଞ୍ଚ ଲକ୍ଷ୍ମୀଧର ଭୋଇ, ଜିଲା ପରିଷଦ ସଭ୍ୟା ଲତାମଣୀ ଦାସ, ସଭ୍ୟ ପ୍ରତାପ ବେହେରା, ନାରୀନେତ୍ରୀ ସରୋଜିନୀ ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ସବିତା ଭୋଇ, ତୃପ୍ତିରଞ୍ଜନ ରାୟ, ଅଜୟ ଭୋଇ, ଜିଲ୍ଲା ସଂଖ୍ୟାଲଘୁ ସେଲ ସଭାପତି ମୀର ଆଜମୀର ଅଲ୍ଲୀଙ୍କ ସମେତ ୫ ଶହରୁ ଉର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ।

## ନିରବଚ୍ଛିନ୍ନ ଜଳ ଯୋଗାଣ ପାଇଁ ବୈଠକ

ବିରିଡ଼ି,୬।୪(ଡି.ଏନ.ଏ)

ବିରିଡ଼ି ବ୍ଲକ ଅଞ୍ଚଳରେ ଗ୍ରୀଷ୍ମପ୍ରବାହ ଦିନକୁ ଦିନ ବଢିବାରେ ଲାଗିଛି। ଅନ୍ୟପକ୍ଷରେ ଆସନ୍ତା ୨୯ ତାରିଖରେ ସାଧାରଣ ନିର୍ବାଚନ ହେବାକୁଯାଉଛି। ଏହାକୁ ଦୃଷ୍ଟିରେ ରଖି ବ୍ଲକର ୨୧ ପଞ୍ଚାୟତରେ ଥିବା ୨୬ ପାନୀୟଜଳ ପ୍ରକଳ୍ପ ଓ ୧୫,୦୩୯ ନଳକୂପ ଯେପରି ଠିକ ଭାବେ କାର୍ଯ୍ୟକରିବ ସେଥିପାଇଁ ଶନିବାର ଏକ ଜରୁରୀ ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଗିରିଜା ପ୍ରସାଦ ବାରିକ ଅଧ୍ୟକ୍ଷତା କରିଥିଲେ। ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ ସିଗ୍‌ମା ପ୍ରିୟଦର୍ଶିନୀଙ୍କ ସହ ବ୍ଲକର ୫୦ ଏସଇଏମ ଯୋଗ ଦେଇଥିଲେ। ଗ୍ରୀଷ୍ମ ପ୍ରବାହ ଯୋଗୁ ଜଳସ୍ତର କମିବା ସହ ଗଡିଆ, ପୋଖରୀ ଓ କେନାଲ ଶୁଖିଲା ପଡିଛି। ଲୋକମାନେ ପାଇପ ଲାଇନ ପାଣି ଓ ନଳକୂପ ଉପରେ ନିର୍ଭର କରୁଛନ୍ତି। ସେଗୁଡିକୁ ମରାମତି କରି ସର୍ବଦା ଠିକ ରଖିବା ପାଇଁ ବିଡିଓ ବାରିକ ସମସ୍ତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବ୍ଲକର ୭୭ ବୁଥରେ ପାନୀୟ ଜଳ ରଖିବା ପାଇଁ ସେ କହିଥିଲେ।



ବୈଠକରେ ଉପସ୍ଥିତ ବିଡିଓ ଓ ଅନ୍ୟ ଅଧିକାରୀ।

## କଂଗ୍ରେସ ୪ନଂ ଜୋନ୍ ସଭାପତିଙ୍କ ଇସ୍ତଫା

କୁଜଙ୍ଗ,୬।୪(ସ୍ୱ.ପ୍ର.)

ପାରାଦୀପ କଂଗ୍ରେସ ରାଜନୀତିରେ ଏବେ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇଛି। ଶୁକ୍ରବାର ରାଜ୍ୟ ସମ୍ପାଦକ ଇଂ.ପ୍ରମୋଦ କିଶୋର ଜେନା ଦଳରୁ ଇସ୍ତଫା ଦେଇଥିବାବେଳେ ଶନିବାର ୪ନଂ ଜୋନ୍ ସଭାପତି ସୁରେନ୍ଦ୍ର ତରାଇ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାରେ ଦର୍ଶାଇଛନ୍ତି ଯେ, ଦଳରେ ତାଙ୍କୁ ଅବହେଳା କରାଯାଉଛି। ତେଣୁ ବାଧହୋଇ ସେ ଏଭଳି ପଦକ୍ଷେପ ନେଇଛନ୍ତି। ଏବେ ସେ କେବଳ ସଭାପତି ପଦ ଛାଡିଥିବା ବେଳେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇନାହାନ୍ତି। କଂଗ୍ରେସକୁ ସେ ଆତ୍ମାଠାରୁ ଅଧିକ ଭଲ ପାଆନ୍ତି ବୋଲି କହିବା ସହ ଦଳ ତାଙ୍କର ସେବା ଚାହୁଁ ନ ଥିବା କହି କ୍ଷୋଭ ପ୍ରକାଶ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଛି ବିଭା ହେବ କୁଳର ନାରୀ,**
**ଜିଅନ୍ତେ ମରଣେ ଦେବ ସେ ପାଣି ।**

ଉଚ୍ଚକୁଳ, ଶିକ୍ଷିତ ଓ ଖାନଦାନ ଘରର ଝିଅକୁ ବାହାହେଲେ ଘରସଂସାର ଚଳାଇବା ସହଜ ହୋଇଯାଏ। ଏପରି ଗୁଣର ଝିଅ ଭଲରେ ମନ୍ଦରେ ସବୁବେଳେ ନିଜର ହୋଇ ରହିବା ସହ ଦୁଃଖକଷ୍ଟ ସବୁ ସହି ସୁରୁଖୁରୁରେ ତା'ର ପରିବାର ଚଳେଇ ନେଇଥାଏ। ଏଣୁ ବାହାହେବା ଆଗରୁ ଭଲ ଭାବରେ ସବୁ ବୁଝି ବିଚାରି କୁଳ, ଘର, ବନ୍ଧୁବାନ୍ଧବ, ଲତାଗୋତା ସମସ୍ତଙ୍କଠାରୁ ବିଭିନ୍ନ ଖବର ସଂଗ୍ରହ କରି ବିଭାହେବା ଉଚିତ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ବାର ଜାତି ତେର ଗୋଲା,**
**ବୈଷ୍ଣବ ହେଲେ ସବୁ ଗଲା ।**

ଯୋଗୀକୁ ବୈଷ୍ଣବ କୁହାଯାଏ। ସେମାନେ ଥାଳ ଧରି ଗାଁ ଦାଣ୍ଡରେ ଗୀତ ବୋଲି ଭିକ୍ଷା ମାଗି ଜୀବିକା ନିର୍ବାହ କରିଥାନ୍ତି। ତାଙ୍କ ଉପରେ ଜାତି ଗୋତ୍ର କୁଳର କୌଣସି ପ୍ରଭାବ ପଡ଼ି ନ ଥାଏ। ସେ ସମସ୍ତଙ୍କର ନମସ୍ୟ ତଥା ଆଦରଣୀୟ। ତାଙ୍କ ଥାଳରେ ଉଆ ଉଷୁନା ସବୁ ସମାନ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

କୁଜଙ୍ଗ,୬।୪(ସ୍ୱ.ପ୍ର.): କୁଜଙ୍ଗ ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ନିର୍ବାଚନ ଅଧିକାରୀ ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସବଜଜ ଅଭିଳାଷ ସେନାପତି ମୁଖ୍ୟଅତିଥି, ଜେଏମଏଫସି ସୁଶ୍ରୀ ମାମି ବେହେରା, ସିଭିଲଜଜ ଜୁନିୟର ଡିଭିଜନ ଶ୍ରୀମତୀ ବବିତା ପାତ୍ର, ଓକିଲ ସଂଘର ପୂର୍ବତନ ସଭାପତି ଏଏନଡି ଯାଦବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂତନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଉପଦେଷ୍ଟା କମିଟିର ଆଇନଜୀବୀ ସୁଶାନ୍ତ କୁମାର ପଟ୍ଟନାୟକ, ଅମୃତ ଦାସ, ଭାରତ ଭୂଷଣ ଦାସ, ସତ୍ୟାନନ୍ଦ ବିଶ୍ୱାଳ, ଏଏନଡି ଯାଦବ, କୈଳାସ ଚନ୍ଦ୍ର ମହାନ୍ତି ପ୍ରମୁଖ ଓକିଲ ସଂଘର ଉନ୍ନତି କାମନା କରିଥିଲେ। ସଭାପତି ଭାବେ ରମେଶ ଚନ୍ଦ୍ର ଦାସ, ଉପସଭାପତି ମାନସ କୁମାର ନାୟକ, ସମ୍ପାଦକ ସଞ୍ଜୟ କୁମାର ବେହେରା, ସହସମ୍ପାଦିକା ମମତା ମହାନ୍ତି, କୋଷାଧ୍ୟକ୍ଷ ଦୀପକ କୁମାର ମହାନ୍ତି ପ୍ରମୁଖ ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକାରୀ କମିଟି ସଭ୍ୟ ନୃସିଂହ ପ୍ରଧାନ, କୈଳାସ ଚନ୍ଦ୍ର ମହାପାତ୍ର, ଅଜୟ କୁମାର ପରିଡ଼ା, ପ୍ରମୋଦ କୁମାର ବେହେରା, ଅଭିମନ୍ୟୁ ରାଉତ, ମିତ୍ରଭାନୁ ମଲ୍ଲ, ସନ୍ଦୀପ୍ତ କୁମାର ମହାନ୍ତି, ଦୀପକ କୁମାର ନାୟକ ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION - B/W (Every Day)
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

VINAYAK FINANCE
VINAYAK ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ ଆଧାରକାର୍ଡ, ସମ୍ପତି, ବ୍ୟକ୍ତିଗତ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ । ୨% ସୁଧ ୫୦% ଛାଡ। ଘରେ ବସି ପାଆନ୍ତୁ (ବିଦ୍ୟାର୍ଥୀ / ମହିଳା ମାନଙ୍କ ପାଇଁ ବିଶେଷ ରିହାତି)
ଖର୍ଚ୍ଚ ଲୋନ ପାସ ହେଲା ପରେ
LEWIS ROAD, PATNA, BIHAR
RAJ KUMAR
7577028197

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

LOAN
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668
8395864708
SCO- 106, Second Floor, Vishal Tower, Cannaught Place, Delhi.

ASTROLOGY

BUSINESS

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ , ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
Helpline: 7302958798
A-6, GALI NO.6B, SWATANTRA NAGAR, NARELA, DELHI

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କନ୍ୟାଯାତ୍ରା କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୭ ଏପ୍ରିଲ, ୨୦୧୯



## ସଂକ୍ଷେପରେ

### ତିର୍ତ୍ତୋଲ ବ୍ଲକରେ ୧,୩୦,୫୬୦ ମତଦାତା

**ତିର୍ତ୍ତୋଲ,୬।୪(ଡି.ଏନ.ଏ.):** ତିର୍ତ୍ତୋଲ ଓ ପାରାଦୀପ ନିର୍ବାଚନମଣ୍ଡଳୀରେ ଥିବା ତିର୍ତ୍ତୋଲ ବ୍ଲକର ୨୯ ପଞ୍ଚାୟତରେ ୧ ଲକ୍ଷ ୩୦ ହଜାର ୫୬୦ ମତଦାତା ଚଳିତ ନିର୍ବାଚନରେ ମତଦାନ କରିବେ। ଏହି ବ୍ଲକର ସମୁଦାୟ ୧୪୯ ବୁଥ ମଧ୍ୟରୁ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ୧୧୩ ଓ ପାରାଦୀପ ନିର୍ବାଚନମଣ୍ଡଳୀରେ ୩୬ ମତଦାନ କେନ୍ଦ୍ର ରହିଛି। ଏହି ସମସ୍ତ ମତଦାନ କେନ୍ଦ୍ର ମଧ୍ୟରୁ ସମୁଦାୟ ୪୬ଟି ଉତ୍ତେଜନା ପ୍ରବଣ ଚିହ୍ନଟ କରାଯାଇଛି। ସେଥିମଧ୍ୟରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ୩୯ଟି ଓ ପାରାଦୀପ ନିର୍ବାଚନମଣ୍ଡଳୀର ୭ଟି ରହିଛି। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ୧୦ ବୁଥ ଅତି ଉତ୍ତେଜନା ପ୍ରବଣ ଚିହ୍ନଟ କରାଯାଇଛି। ଏହି ସମସ୍ତ ୧୪୯ ମତଦାନ କେନ୍ଦ୍ରରେ ମୋଟ ୧ ଲକ୍ଷ ୩୦ ହଜାର ୫୬୦ ଜଣ ମତଦାତାଙ୍କ ମଧ୍ୟରୁ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ୯୯ ହଜାର ୯୯୪ ଜଣ ଓ ପାରାଦୀପ ନିର୍ବାଚନମଣ୍ଡଳୀର ୩୦ ହଜାର ୫୬୬ ଜଣ ମତଦାତା ମତଦାନ କରିବେ ବୋଲି ବ୍ଲକ ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି। ନିର୍ବାଚନକୁ ନିରପେକ୍ଷ ଓ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ବ୍ୟବସ୍ଥା କରାଯାଇଥିବା କୁହାଯାଇଛି।

# ବିଜେଡିର ୨ ଗୋଷ୍ଠୀ ମୁହାଁମୁହିଁ

**ଜଗତ୍‌ସିଂହପୁର ଅଫିସ,୬।୪**

ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଏବେ ବିଜେଡିର ଦୁଇ ଗୋଷ୍ଠୀ ମୁହାଁମୁହିଁ ସ୍ଥିତିକୁ ଆସିଛନ୍ତି। ଶନିବାର ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲିଙ୍କ ଶୋଭାଯାତ୍ରା ସମୟରେ ଏହା ଦେଖିବାକୁ ମିଳିଛି। ପ୍ରଶାନ୍ତ ଶୋଭାଯାତ୍ରାରେ ଯାଉଥିବାବେଳେ ତାଙ୍କୁ ନାଉଗାଁ ବ୍ଲକ ମୁଣ୍ଡାଳ ଛକରେ ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଅମରେନ୍ଦ୍ର ଦାସଙ୍କ ସମର୍ଥକମାନେ କଳା ପତାକା ଦେଖାଇ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ଏହାକୁ ନେଇ ସେଠାରେ ହଠାତ୍ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରଶାନ୍ତଙ୍କ ସମର୍ଥକମାନେ ସେମାନଙ୍କୁ ବାଉଁଶରେ ଆକ୍ରମଣ କରିବା ସହ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ଫଳରେ ସେମାନେ ଛତ୍ରଭଙ୍ଗ ଦେଇଥିଲେ। ଏଥିରେ ଅମରେନ୍ଦ୍ରଙ୍କ କେତେଜଣ ସମର୍ଥକ ଆହତ ହୋଇଥିବା କୁହାଯାଇଥିଲେ ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଘଟଣାସ୍ଥଳରେ ପୋଲିସ ଉପସ୍ଥିତ ଥିବାରୁ ପରିସ୍ଥିତି ନିୟନ୍ତ୍ରିତ ହୋଇଯାଇଥିଲା। ପରେ ଶୋଭାଯାତ୍ରା ସ୍ୱାଭାବିକ ଭାବେ ନାଉଗାଁ ଅଭିମୁଖେ ଯାଇଥିଲା। ଏହି ଘଟଣାକୁ ନେଇ ନିର୍ବାଚନମଣ୍ଡଳୀରେ ବିଜେଡିର ୨ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଆଗକୁ ଏହା ବିସ୍ଫୋରକ ରୂପ ନେଇପାରେ ବୋଲି ଚର୍ଚ୍ଚା ହେଉଛି। ପ୍ରଶାନ୍ତଙ୍କୁ ଜଗତ୍‌ସିଂହପୁରରୁ ବିଜେଡି ପ୍ରାର୍ଥୀ ଘୋଷଣା କରିଥିଲେ ମଧ୍ୟ ସେ ନିର୍ବାଚନମଣ୍ଡଳୀରେ ପ୍ରବେଶ କରିବା କଷ୍ଟକର ହେଉଥିଲା। କାରଣ ପ୍ରତ୍ୟହ ଅମରେନ୍ଦ୍ରଙ୍କ ଗୋଷ୍ଠୀ ପ୍ରତିବାଦ ଓ ଶୋଭାଯାତ୍ରା କରି ତାଙ୍କ ଚିନ୍ତା ବଢାଇ ଦେଇଥିଲେ। ତେବେ ବିଳମ୍ବରେ ହେଲେ ମଧ୍ୟ ଶନିବାର ମୁଦୁଲି ଶୋଭାଯାତ୍ରା କରିଥିଲେ। ବାଲିକୁଦା ଥାନା ଅନ୍ତର୍ଗତ ବାଲିଭଉଁରୀ ନିକଟରୁ ବାହାରି ନାଉଗାଁ ଅଭିମୁଖେ ଯାଉଥିବାବେଳେ ରାଉବରାଇ ଓ ସିଙ୍ଗପୁର ନିକଟରେ ଅମରେନ୍ଦ୍ରଙ୍କ ସମର୍ଥକମାନେ କଳାପତାକା ଦେଖାଇଥିଲେ ସୁଦ୍ଧା ପରିସ୍ଥିତି ବିଗିଡି ନ ଥିଲା। କିନ୍ତୁ ମୁଣ୍ଡାଳ ନିକଟରେ କଳାପତାକା ଦେଖାଇବାବେଳେ ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଶୋଭାଯାତ୍ରାରେ ଜଗତ୍‌ସିଂହପୁର ସମେତ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ବିଜେଡି କର୍ମୀଙ୍କୁ ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଅମରେନ୍ଦ୍ର କହିଛନ୍ତି ଯେ, କର୍ମୀମାନେ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ଏହାକୁ ନେଇ ଠେଲାପେଲା ହୋଇଥିଲା। ତେବେ ଆଗକୁ ମଧ୍ୟ ଏଭଳି ବିରୋଧ ଜାରି ରହିବ। ଏ ସମ୍ପର୍କରେ ପ୍ରଶାନ୍ତ କହିଛନ୍ତି ଯେ, ଏସବୁ କଂଗ୍ରେସର ପ୍ରାୟୋଜିତ କାର୍ଯ୍ୟ। ଦଳରେ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ଯୋଜନାବଦ୍ଧ ଭାବେ ଏଭଳି କରାଯାଉଛି।



ପ୍ରଶାନ୍ତଙ୍କ ଶୋଭାଯାତ୍ରା ବେଳେ ୨ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ।

**ପ୍ରଶାନ୍ତଙ୍କୁ କଳା ପତାକା ଦେଖାଇବାରୁ ମାଡ଼**
- ଅମରେନ୍ଦ୍ର ସମର୍ଥକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା
- ଜାରି ରହିବ ଶାନ୍ତିପୂର୍ଣ୍ଣ ପ୍ରତିବାଦ : ଅମରେନ୍ଦ୍ର
- କଂଗ୍ରେସକୁ ଦୋଷାରୋପ କଲେ ପ୍ରଶାନ୍ତ

## ବିଜେଡିରେ ଯୋଗଦେଲେ କଂଗ୍ରେସ କର୍ମୀ

**ନାଉଗାଁ,୬।୪(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଗଳଦାରି ପଞ୍ଚାୟତର ବହୁ କଂଗ୍ରେସ କର୍ମୀ ଜିଲାପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ସ୍ୱାଇଁ ଓ ଯୁବନେତା ପ୍ରଦୀପ୍ତ ସ୍ୱାଇଁଙ୍କ ନେତୃତ୍ୱରେ ପ୍ରଶାନ୍ତ ମୁଦୁଲିଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଥିବା ଦଳ ପକ୍ଷରୁ କୁହାଯାଇଛି। ଦିଲୀପ ନାୟକ, ପ୍ରତାପ ନାୟକ, ସନ୍ତୋଷ ନାୟକ, ଅମ୍ବିତ ନାୟକ, ପ୍ରବୀର ନାୟକ, ମନୋଜ ମଲିକ, ରତ୍ନାକର ରାଉତ, ରଞ୍ଜିତ ନାୟକ, ବିନ୍ଦୁ ପ୍ରସାଦ ନାୟକ, କୁଞ୍ଜ ବିହାରୀ ଦାସ, ରାଜକିଶୋର ଦାସ, ହୃଦାନନ୍ଦ ନାୟକ, ମହେଶ୍ୱର ମଲିକ, ପ୍ରକାଶ ରାଉତ, ସୋମନାଥ ନାୟକ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲିଙ୍କ ଉପରେ ଆସ୍ଥା ପ୍ରକଟ କରି ଦଳରେ ମିଶିଥିବା ପ୍ରକାଶ କରିଛନ୍ତି।

# ସମସ୍ତଙ୍କୁ ଏକତ୍ରିତ କଲେ ପ୍ରଶାନ୍ତ

**ଜଗତ୍‌ସିଂହପୁର ଅଫିସ/ନାଉଗାଁ, ୬।୪,(ସ୍ୱ.ପ୍ର.)**

ଶନିବାର ବିଜେଡି ପ୍ରାର୍ଥୀ ପ୍ରଶାନ୍ତ କୁମାର ମୁଦୁଲି ପ୍ରଥମଥର ପାଇଁ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଶୋଭାଯାତ୍ରା ଓ କର୍ମୀ ସମ୍ମିଳନୀ କରିଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନାଉଗାଁ କୋକିଡିହ ଛକ ନିକଟ ଚଗଲା ଦାସ ମଠରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ସେ ଦଳର ବହୁ ସଂଖ୍ୟକ ଅସନ୍ତୁଷ୍ଟ ଓ ସନ୍ତୁଷ୍ଟଙ୍କୁ ଏକାଠି କରିବାରେ ସଫଳ ହୋଇଛନ୍ତି। ଏହି ଅବସରରେ ସେ କହିଲେ ଯେ, ୫ ବର୍ଷ ହେଲା ନିର୍ବାଚନମଣ୍ଡଳୀର ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। କାରଣ ଏଠାରେ କଂଗ୍ରେସ ବିଧାୟକ ଅଛନ୍ତି। କଂଗ୍ରେସ ବିଧାୟକ ଥିବା କାରଣରୁ ନାଉଗାଁ ଅଞ୍ଚଳରେ ଗମନାଗମନ, ଶିକ୍ଷା ଓ ସ୍ୱାସ୍ଥ୍ୟସେବାରେ ସୁଧାର ଆସିପାରୁନାହିଁ। ଲୋକେ ଅବହେଳିତ ଅବସ୍ଥାରେ ଅଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ବାଲିକୁଦା-ଏରସମା ପରିବର୍ତ୍ତେ ଜଗତ୍‌ସିଂହପୁରରେ ଲଢିବା ପାଇଁ ସୁଯୋଗ ଦେଇଛନ୍ତି। ତେଣୁ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଚଳିତ ନିର୍ବାଚନରେ ତାଙ୍କୁ ବିଜୟୀ କରାଇବାକୁ ପ୍ରଶାନ୍ତ ଅନୁରୋଧ କରିଥିଲେ। ଶୋଭାଯାତ୍ରା ସମୟରେ କଳା ପତାକା ପ୍ରଦର୍ଶନକୁ ସେ ନକରାତ୍ମକ ଢଙ୍ଗରେ ନେଇ ନାହାନ୍ତି। ବରଂ କଂଗ୍ରେସ ପକ୍ଷରୁ ଏହା ଏକ ଷଡ଼ଯନ୍ତ୍ର ଥିଲା ବୋଲି ଚତୁରତାର ସହ କହିଛନ୍ତି। ବ୍ଲକ ବିଜେଡି ସଭାପତି ସୁଜିତ ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ସୁବଳ ବେହେରା, ଜିଲା କୃଷକ ଜନତା ଦଳ ସଭାପତି ପ୍ରକାଶ ବଡ୍ଡିଆ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଦେବିଦତ୍ତ ମହାନ୍ତି, ଯୁବ ନେତା ବିବେକାନନ୍ଦ ବେହେରା, ନିଲମ ସ୍ୱାଇଁ, ପ୍ରଦୀପ୍ତ ସ୍ୱାଇଁ, ଅଜୟ ମହାନ୍ତି, ନାଉଗାଁ ପଞ୍ଚାୟତର ପୂର୍ବତନ ସଭ୍ୟ ବିପିନ ବିହାରୀ ବେହେରା, ନାଉଗାଁ ବ୍ଲକ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଭୁ ଚରଣ ଦାସ ଓ ସମ୍ବିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଶନିବାର ପ୍ରଶାନ୍ତ ଶୋଭାଯାତ୍ରାରେ ନାଉଗାଁ ବ୍ଲକର ନୂଆପାଟଣା ଛକଠାରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଶୋଭାଯାତ୍ରା ଅଲଣାହାଟ, ମୁଣ୍ଡାଳୋ, ଘୋଡ଼ାଂଶ, ନାଉଗାଁ ବ୍ଲକ ଛକ, ନାଉଗାଁ ବଜାର ଦେଇ କୋକିଡିହସ୍ଥିତ ଚଗଲା ଦାସ ମଠରେ ପହଞ୍ଚିଥିଲା। ସମ୍ମିଳନୀରେ ଦୀର୍ଘ ବର୍ଷ ଧରି ଦଳୀୟ କାର୍ଯ୍ୟକ୍ରମର ବଞ୍ଚିତ କେତେଜଣ ନେତା ଓ କର୍ମୀଙ୍କୁ ଦେଖିବାକୁ ମିଳିଥିଲା।



ବୈଠକରେ ଉପସ୍ଥିତ ପ୍ରଶାନ୍ତ ମୁଦୁଲି ଓ ଅନ୍ୟମାନେ।

- ନାଉଗାଁରେ କର୍ମୀ ସମ୍ମିଳନୀ
- କଂଗ୍ରେସ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ

## ଉତ୍ତେଜନା ପ୍ରବଣ ବୁଥ ପରିଦର୍ଶନ କଲେ ଏସପି

**ଏରସମା,୬।୪(ସ୍ୱ.ପ୍ର.)**

ଚଳିତ ନିର୍ବାଚନ ପରିପ୍ରେକ୍ଷୀରେ ଏରସମା ବ୍ଲକରେ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ଶନିବାର ଜଗତ୍‌ସିଂହପୁର ଏସ୍‌ପି ସୁଧା ସିଂ ଏହି ବ୍ଲକର ବିଭିନ୍ନ ଉତ୍ତେଜନାପୂର୍ଣ୍ଣ ବୁଥ ପରିଦର୍ଶନ କରିଛନ୍ତି। ତାଙ୍କ ସହିତ ଏସଡିପିଓ ଦୀପକ ରଞ୍ଜନ ଜେନା, ଆଇଆଇସି ପ୍ରଶାନ୍ତ କୁମାର ମାଝି ପ୍ରମୁଖ ପରିଦର୍ଶନରେ ଆସିଥିଲେ। ପଏଦା ୩୦, କୃଷ୍ଣଚନ୍ଦ୍ରପୁର ୩୬, ମଲ୍ଲିପୁର ୪୬, କନାଗୁଳି ୯୩, କୁଞ୍ଜକୋଠି ୯୫, ଖୁରାଣ୍ଟ ୯୪, ଜାନକାଦେଇପୁର ୧୯୧, ଗଡ଼ବିଶୁନିପୁର ୧୯୬, ଆମ୍ବିକି ୨୦୦, ୨୦୧, ଓଲରା ୨୧୨, ପଦ୍ମପୁର ୨୧୧, ଗୋଡ଼ା ୨୨୩, ଗଡ଼ହରିଶପୁର ୨୭୮, ଏରସମା ୧୦୯, କୋଠି ନିମୋଳ ୩୯, ସୁନାଡିଆ (କନ୍ଧା) ୧୦୩, ନୂଆଡିହି ୪୯, ଦଶିପୁର ୪୮, କଅଁରବେଦୀ ୨୨୬ ନମ୍ବର ବୁଥକୁ ଉତେଜନା ପ୍ରବଣ ଚିହ୍ନଟ କରାଯାଇଛି। ସୂଚନାଯୋଗ୍ୟ, ଏରସମା ଥାନା ପକ୍ଷରୁ ୧୫ ଜଣ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରାଯିବା ସହିତ ୧୪୦ ଲିଟର ଚୋରା ମଦ ଜବତ କରାଯାଇଛି। ଏଥିସହ ଗିରଫ ପରୱାନା ଜାରି କରାଯାଇଥିବା ୩୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

**ପୂର୍ବ ତଟ ରେଳପଥ**

**ସିଗ୍‌ନାଲିଙ୍ଗ୍ କାର୍ଯ୍ୟ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIGZONAL-KDJR-143, ତା.03.04.2019ରିଖ

କାର୍ଯ୍ୟର ନାମ : ଏକ ବର୍ଷ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ସିଗ୍‌ନାଲ / କେନ୍ଦୁଝରଗଡ଼ ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍‌ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ।

ଟେଣ୍ଡର ମୂଲ୍ୟ (ଟଙ୍କାରେ): 63,95,980.36, EMD (ଟଙ୍କାରେ) : 1,27,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/- (18% GST ସହିତ)।

ବିଡ୍ ଆରମ୍ଭ ହେବା ତାରିଖ : ତା.11.04.2019ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 25.04.2019 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼

PR-11/K/19-20

**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଯାନ**

ଫାଇଲ୍ ସଂ. DRM/Engg/KUR/19-20/E-Tender/02 ତା.03.04.2019ରିଖ

ଟେଣ୍ଡର ବିଜ୍ଞପ୍ତି ସଂ. e-Tender-CEN-KUR-398-2018, ତା.01.04.2019ରିଖ

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ, ଭୁବନେଶ୍ୱରଙ୍କ ନିମନ୍ତେ ପ୍ରସ୍ତାବିତ ଏକ ଗୋଟି ହାଲୁକା ମୋଟର ଗାଡ଼ି (ଟାଟା ସୁମୋ/ବୋଲେରୋ କିମ୍ବା ଅନୁରୂପ) ଭଡ଼ା ସୂତ୍ରରେ ନେବା।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 11.97 ଲକ୍ଷ, EMD (ଟଙ୍କାରେ): 24,000/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 2,360/-, ଶେଷ ହେବା ଅବଧି : 31 (ଏକତିରିଶି) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 24.04.2019ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-10/K/19-20

**ପୂର୍ବ ତଟ ରେଳପଥ**

କେସ୍ ଟୁ କେସ୍ (Case to Case) ଭିତ୍ତିରେ ପେଶାଗତ (Professional)ସେବା ପ୍ରଦାନ ନିମନ୍ତେ ପୂର୍ବ ତଟ ରେଳପଥ କେନ୍ଦ୍ରୀୟ ଚିକିତ୍ସାଳୟ, ମଞ୍ଚେଶ୍ୱରରେ ପରାମର୍ଶଦାତା ନିଯୁକ୍ତି

ବିଜ୍ଞାପନ ସଂଖ୍ୟା. ECoR/BBS/MD/CH/BBS/Case To Case Consultants Engagement- 2018-19, ତା.11.03.2019ରିଖ

ଏହି ସନ୍ଦର୍ଭରେ ନିମ୍ନବର୍ଣ୍ଣିତ ବିଷୟ (Discipline)ରେ ପରାମର୍ଶଦାତା ନିଯୁକ୍ତି କରାଯିବ।

| କ୍ର.ସଂ. | ବିଶେଷଜ୍ଞ / ବିଶିଷ୍ଟ ବିଶେଷଜ୍ଞ | ଯୋଗ୍ୟତା |
|---|---|---|
| 01. | ଏମ୍‌ଡ଼ି (ଶିଶୁ ବିଶେଷଜ୍ଞ) ନବଜାତ ଶିଶୁ ଯତ୍ନର ଅଭିଜ୍ଞତା ସହିତ (ବିଶେଷଜ୍ଞ) | ଏମ୍‌ଡ଼ି (ଶିଶୁ ବିଶେଷଜ୍ଞ) ନବଜାତ ଶିଶୁ ଯତ୍ନର ଅଭିଜ୍ଞତା ସହିତ |
| 02. | ଅର୍ଥୋପେଡିକ୍ ସର୍ଜରୀ (ବିଶେଷଜ୍ଞ) | MS (ଅର୍ଥୋପେଡିକ୍) (Orthopaedic) |
| 03. | ଅନ୍‌କୋ ସର୍ଜରୀ (Onco Surgery) (ବିଶିଷ୍ଟ ବିଶେଷଜ୍ଞ) | ସର୍ଜିକାଲ ଅନ୍‌କୋଲୋଜିରେ MCH କିମ୍ବା ଅନୁରୂପ |
| 04. | ପ୍ଲାଷ୍ଟିକ୍ ସର୍ଜରୀ (ବିଶିଷ୍ଟ ବିଶେଷଜ୍ଞ) | MCH (ପ୍ଲାଷ୍ଟିକ୍ ସର୍ଜରୀ) (Plastic Surgery) |
| 05. | GI ସର୍ଜରୀ (ବିଶିଷ୍ଟ ବିଶେଷଜ୍ଞ) | ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିରେ MCH କିମ୍ବା ଅନୁରୂପ |
| 06. | ମୂତ୍ର ବିଜ୍ଞାନ (Urology)(ବିଶିଷ୍ଟ ବିଶେଷଜ୍ଞ) | MCH (ମୂତ୍ର ବିଜ୍ଞାନ) (Urology) |
| 07. | ସ୍ନାୟୁ ବିଜ୍ଞାନ (ବିଶିଷ୍ଟ ବିଶେଷଜ୍ଞ) | DM (ସ୍ନାୟୁ ବିଜ୍ଞାନ) (Neurology) |
| 08. | ହୃଦ୍‌ରୋଗ ବିଜ୍ଞାନ (Cardiology)(ବିଶିଷ୍ଟ ବିଶେଷଜ୍ଞ) | DM (ହୃଦ୍‌ରୋଗ ବିଜ୍ଞାନ) (Cardiology) |
| 09. | ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି (ବିଶିଷ୍ଟ ବିଶେଷଜ୍ଞ) | DM (ଗ୍ୟାଷ୍ଟ୍ରୋଲୋଜି) (Gastrology) |
| 10. | ନେଫ୍ରୋଲୋଜି (Nephrology)(ବିଶିଷ୍ଟ ବିଶେଷଜ୍ଞ) | DM (ନେଫ୍ରୋଲୋଜି) (Nephrology) |
| 11. | ସର୍ଜିକାଲ ଏଣ୍ଡୋସ୍କୋପିକ୍ ଅଭିଜ୍ଞତା ସହିତ MD(Obst & Gynec) (ବିଶେଷଜ୍ଞ) | MD (Obst & Gynec) ସର୍ଜିକାଲ ଏଣ୍ଡୋସ୍କୋପିକ୍ ଅଭିଜ୍ଞତା ସହିତ |
| 12. | ଚକ୍ଷୁରୋଗ ବିଜ୍ଞାନ(Opthalmology)(ବିଶେଷଜ୍ଞ) | MS (ଚକ୍ଷୁରୋଗ ବିଜ୍ଞାନ)(Opthalomology) |
| 13. | ନିଶ୍ଚେତକ ବିଜ୍ଞାନ (ବିଶେଷଜ୍ଞ) | MD (ନିଶ୍ଚେତକ ବିଜ୍ଞାନ) |

ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆବଶ୍ୟକତା ଅନୁଯାୟୀ ରୋଗୀ ଦେଖାଶୁଣା କିମ୍ବା ଅସ୍ତ୍ରୋପଚାର ନିମନ୍ତେ ସେମାନଙ୍କୁ ଡ଼କାଯିବ। ପ୍ରଦାନଯୋଗ୍ୟ ପାରିଶ୍ରମିକ ଅନୁସୂଚୀ ନିମ୍ନପ୍ରକାର ଅଟେ :

| କ୍ର.ସଂ. | ସେବା | ପାରିଶ୍ରମିକ ରାଶି (ଟଙ୍କାରେ) |
|---|---|---|
| 01. | ବିଶିଷ୍ଟ ବିଶେଷଜ୍ଞ ପରାମର୍ଶ | ପ୍ରଥମ ପରାମର୍ଶ-ଟ. 1,000/-(ସେହି ପରିଦର୍ଶନ (Visit) କ୍ଷେତ୍ରରେ ପରବର୍ତ୍ତୀ ପରାମର୍ଶ ପାଇଁ ଟ. 200/-ପ୍ରତି ମାମଲା ନିମନ୍ତେ) |
| 02. | ବିଶେଷଜ୍ଞ ପରାମର୍ଶ | ପ୍ରଥମ ପରାମର୍ଶ-ଟ. 1,000/-(ସେହି ପରିଦର୍ଶନ (Visit) କ୍ଷେତ୍ରରେ ପରବର୍ତ୍ତୀ ପରାମର୍ଶ ପାଇଁ ଟ. 200/-ପ୍ରତି ମାମଲା ନିମନ୍ତେ) |
| 03. | ସ୍ୱତନ୍ତ୍ର ଶଲ୍ୟ ଚିକିତ୍ସା | ପ୍ରତି ମାମଲା ନିମନ୍ତେ-ଟ. 16,000/-,ପ୍ରିଅପରେଟିଭ୍, ଅପରେଟିଭ୍ ଏବଂ ପୋଷ୍ଟ ଅପରେଟିଭ୍ ପରିଦର୍ଶନ (Visit) ସହିତ। |
| 04. | ବଡ଼ଧରଣର ଶଲ୍ୟ ଚିକିତ୍ସା | ପ୍ରତି ମାମଲା ନିମନ୍ତେ-ଟ. 8,000/-ରୁ ଟ. 12,000/-,ପ୍ରିଅପରେଟିଭ୍, ଅପରେଟିଭ୍ ଏବଂ ପୋଷ୍ଟ ଅପରେଟିଭ୍ ପରିଦର୍ଶନ (Visit) ସହିତ। |
| 05. | ଛୋଟ ଧରଣର ଶଲ୍ୟ ଚିକିତ୍ସା | ପ୍ରତି ମାମଲା ନିମନ୍ତେ-ଟ. 2,000/-ରୁ ଟ. 4,000/-,ପ୍ରିଅପରେଟିଭ୍, ଅପରେଟିଭ୍ ଏବଂ ପୋଷ୍ଟ ଅପରେଟିଭ୍ ପରିଦର୍ଶନ (Visit) ସହିତ। |
| 06. | ନିଶ୍ଚେତକ ଦେୟ | ବଡ଼ ଧରଣର ମାମଲା-ଟ.2700/-, ପ୍ରିଅପରେଟିଭ୍, ଅପରେଟିଭ୍ ଏବଂ ପୋଷ୍ଟ ଅପରେଟିଭ୍ ପରିଦର୍ଶନ (Visit) ସହିତ। ଛୋଟ ଧରଣର ମାମଲା-ଟ. 1800/-, ପ୍ରିଅପରେଟିଭ୍, ଅପରେଟିଭ୍ ଏବଂ ପୋଷ୍ଟ ଅପରେଟିଭ୍ ପରିଦର୍ଶନ (Visit) ସହିତ। |

ଉପରୋକ୍ତ ମାମଲାଗୁଡ଼ିକରେ ଯୋଗ ଦେବା ନିମନ୍ତେ କୌଣସି ପ୍ରକାର ଯାତାୟାତ ଖର୍ଚ୍ଚ ଦିଆଯିବ ନାହିଁ। ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି https://www.eastcoastrail.indianrailways.gov.in/uploads/files/1552647595581-case%20to%20case.pdf ଅବଲୋକନ କରନ୍ତୁ।

ଇଚ୍ଛୁକ ଡାକ୍ତରମାନେ ସେମାନଙ୍କର ପେଶାଗତ କାର୍ଯ୍ୟ ଅଭିଜ୍ଞତା ଏବଂ ଯୋଗାଯୋଗ ସମ୍ପର୍କିତ ସବିଶେଷ ବିବରଣୀ ସହିତ ଏହି ବିଜ୍ଞାପନ ପ୍ରକାଶ ପାଇବାର 30 ଦିନ ଭିତରେ ଚିକିତ୍ସା ନିର୍ଦ୍ଦେଶକ, କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ମଞ୍ଚେଶ୍ୱର, ଭୁବନେଶ୍ୱର-751017କୁ ସମ୍ବୋଧନ କରି ନିଜର ବାୟୋଡାଟା ଦାଖଲ କରିପାରିବେ।

ଚିକିତ୍ସା ନିର୍ଦ୍ଦେଶକ / କେନ୍ଦ୍ରୀୟ ଚିକିତ୍ସାଳୟ / ଭୁବନେଶ୍ୱର

PR - 08/K/19-20

## ନାମାଙ୍କନପତ୍ର ଦାଖଲ କଲେ ରାଜଶ୍ରୀ

**ରଘୁନାଥପୁର/ବାଲିଆ, ୬।୪(ଡି.ଏନ.ଏ.)**

ବିଜେଡିର ଜଗତ୍‌ସିଂହପୁର ଏମ୍‌ପି ପ୍ରାର୍ଥୀ ଡା. ରାଜଶ୍ରୀ ମଲ୍ଲିକ ଶନିବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ରଘୁନାଥପୁର ବ୍ଲକ ଜଇପୁର ଛକରୁ ରାଜଶ୍ରୀ ଶୋଭାଯାତ୍ରାରେ ଯାଇ ରିଟର୍ନିଂ ଅଫିସର ତଥା ଜଗତ୍‌ସିଂହପୁର ଜିଲାପାଳ ଗୁହା ପୁନମ୍ ତାପସ କୁମାରଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀଙ୍କ ନେତୃତ୍ୱରେ ପୂର୍ବାହ୍ନ ୯ଟାରେ ଶତାଧିକ କର୍ମୀ ଆସି ଏକଜୁଟ ହୋଇଥିଲେ। ବ୍ଲକ ଯୁବ ଉପସଭାପତି ମାନସ ଦାସ ଓ ଅନ୍ତର୍ଯ୍ୟାମୀ ସାମଲ ପ୍ରମୁଖ ପୋଲିସକୁ ସହଯୋଗ କରିବା ସହ ଶୋଭାଯାତ୍ରାକୁ ଆଗେଇ ନେଇଥିଲେ। ଜିଲା ପରିଷଦ ସଭ୍ୟା ଡେଜାଲିନ୍ ମହାପାତ୍ର, ଯୁବ ସଭାପତି ସ୍ୱଦେଶ ଦାସ, ଛାତ୍ର ସଭାପତି ଯୋସେଫ ସ୍ୱାଇଁ, ମହିଳା ସଭାନେତ୍ରୀ ଶାନ୍ତିଲତା ଦ୍ୱିବେଦୀ, ତିର୍ତ୍ତୋଲ ଓ ପାରାଦୀପ ନିର୍ବାଚନମଣ୍ଡଳୀରୁ ଆସିଥିବା ଦଳୀୟ କର୍ମକର୍ତ୍ତା ଓ କର୍ମୀମାନ ସାମିଲ ହୋଇଥିଲେ। ସେହିପରି ବିରିଡି ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ରାଉଳ, ରାଶ ବିହାରୀ ଦାସ, ଯୁବ ସଭାପତି ପୁଷ୍ପ ପ୍ରକାଶ ପ୍ରଧାନ, ମହିଳା ସଭାନେତ୍ରୀ ମାହେଶ୍ୱତା ଜେନା, ସବିତା ଦାସଙ୍କ ନେତୃତ୍ୱରେ କୃଷକ ମୋର୍ଚ୍ଚା ସଭାପତି ବିଧାନ ଚନ୍ଦ୍ର ଜେନା, ଜିଲା ସମ୍ପାଦକ ପବିତ୍ର ପଶାୟତ, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ କୃଷକ ସାମୁଖ୍ୟ ସଭାପତି ନିହାର ରଞ୍ଜନ ସ୍ୱାଇଁ, ଶିବ ପ୍ରସାଦ ଜେନା, କାଳନ୍ଦୀ ବଡ୍ଡିଆ, ସରପଞ୍ଚ ଅମିତ ରାଉଳ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।



ବିଜେଡି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

# ଚର୍ଚ୍ଚାରେ ପାରାଦୀପର ୩ ବାପି

**ପାରାଦୀପ,୬।୪(ସ୍ୱ.ପ୍ର.)**

- ୨ଜଣ ନିର୍ବାଚନ ମଇଦାନରେ, ଜଣେ ନିରାଶ
- ୩ ଦଳରେ ଅନ୍ତର୍ଦ୍ୱନ୍ଦ୍ୱ, ପ୍ରାର୍ଥୀଙ୍କୁ ଅଡୁଆ
- ଦାମ କହିଲେଣି ମୋ' ପୁଅ ଆପଣଙ୍କୁ ଲାଗିଲା

ପାରାଦୀପ ନିର୍ବାଚନମଣ୍ଡଳୀ ରାଜନୀତିରେ ଏବେ ୩ ଜଣ ବାପିଙ୍କୁ ନେଇ ଚର୍ଚ୍ଚା ଚାଲିଛି। ସେମାନଙ୍କ ମଧ୍ୟରୁ ୨ଜଣ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିବାବେଳେ ଅନ୍ୟ ଜଣେ ଦଳୀୟ ଟିକେଟ୍ ନ ପାଇ ଅନ୍ୟ ଦଳରେ ଯୋଗଦେଇଛନ୍ତି। ସେମାନେ ହେଲେ ବିଜେଡି ପ୍ରାର୍ଥୀ ସମ୍ବିତ ରାଉତରାୟ(ବାପି), କଂଗ୍ରେସ ପ୍ରାର୍ଥୀ ଅରିନ୍ଦମ ସର୍ଖେଲ(ବାପି) ଓ ନିକଟରେ ଭାଜପା ଛାଡ଼ି ବିଜେଡିରେ ମିଶିଥିବା ଗତିକୃଷ୍ଣ ଶତପଥୀ (ବାପି)। ତେବେ ଏହି ବାପି ନାମକୁ ନେଇ ସାଧାରଣ ଭୋଟର ଦ୍ୱନ୍ଦ୍ୱରେ ପଡୁଛନ୍ତି। ସୋସିଆଲ ମିଡିଆଠାରୁ ଆରମ୍ଭ କରି ବିଭିନ୍ନ ଖଟିରେ ଏହି ନେତାମାନଙ୍କୁ ନେଇ ଚର୍ଚ୍ଚା ହେଉଥିବାବେଳେ ଲୋକେ କର୍ମୀ ତଥା ଆଲୋଚକଙ୍କୁ ଦେଖି ନେତାଙ୍କୁ ଚିହ୍ନୁଛନ୍ତି। ଯେତେବେଳେ ପକ୍ଷ-ପ୍ରତିପକ୍ଷ ସାମ୍ନାସାମ୍ନି ହେଉଛନ୍ତି, ସେତେବେଳେ ପରସ୍ପରଙ୍କୁ ରାଗରେ ହେଉ ବା ମଜାରେ ବାପିଭାଇ ଜିନ୍ଦାବାଦ କହି ସମ୍ବୋଧନ କରୁଛନ୍ତି। ଯଦିଓ ଏଠାରେ ଦୁଇ ବାପି ( ଅରିନ୍ଦମ ଓ ସମ୍ବିତ)ଙ୍କ ମଧ୍ୟରେ ମୁକାବିଲା ହେବ ବୋଲି ଚର୍ଚ୍ଚା ହେଉଛି ତେବେ ଭାଜପା ମଧ୍ୟ ଯୁବନେତା ସମ୍ପଦ ସ୍ୱାଇଁଙ୍କୁ ପ୍ରାର୍ଥୀ କରି ଭଲ ସ୍ଥିତିରେ ଅଛି। ତେଣୁ ଚଳିତ ନିର୍ବାଚନରେ ତ୍ରିମୁଖି ଲଢ଼େଇ ହେବ। ଦୁଇ ବାପି ଓ ସମ୍ପଦ ଆସନ୍ତା ସୋମବାର ନାମାଙ୍କନପତ୍ର ଦାଖଲ କରିବେ ବୋଲି ଜଣାଯାଇଛି। ଏବେ ୩ ପ୍ରାର୍ଥୀ ତୀବ୍ର ଅନ୍ତର୍ଦ୍ୱନ୍ଦ୍ୱର ସମ୍ମୁଖୀନ ହେଉଛନ୍ତି। ସମ୍ବିତଙ୍କ ପ୍ରତି କର୍ମୀଙ୍କ ସମର୍ଥନ ରହୁଥିଲେ ହେଁ ଭିତରେ ଅସନ୍ତୋଷ ଦାନା ବାନ୍ଧୁଛି। ଅନ୍ୟତମ ଆଶାୟୀ ସନ୍ତୋଷ ପଟ୍ଟନାୟକ ନିକଟରେ ଖୋଲାଖୋଲି ବିଦ୍ରୋହ ପ୍ରଦର୍ଶନ କରିସାରିଛନ୍ତି। ଅନ୍ୟପକ୍ଷରେ ତାଙ୍କ ପିତା ଦାମୋଦର ରାଉତଙ୍କ ଉପରେ କ୍ଷୁବ୍ଧ ଥିବା କର୍ମୀମାନେ ମଧ୍ୟ ସହଜରେ ସମ୍ବିତଙ୍କ ସହ ମିଶି ପାରୁନାହାନ୍ତି। ବସନ୍ତ ବିଶ୍ୱାଳ ଯଦିଓ କର୍ମୀ ସମ୍ମିଳନୀରେ ସମ୍ବିତଙ୍କ ସହ ବସୁଛନ୍ତି, ତେବେ ତାଙ୍କ ମନରେ ଉତ୍ସାହ ନ ଥିବା ମନେ ହେଉଛି। ସେହିପରି ଦେବାଶିଷ ସାମନ୍ତରାୟ କଟକରେ ପ୍ରାର୍ଥୀ ହୋଇଥିବାରୁ ତାଙ୍କ ସମର୍ଥକ କୁଆଡେ ଯିବେ ନିଷ୍ପତ୍ତି ନେଇ ପାରୁନାହାନ୍ତି।

କଂଗ୍ରେସର ବିଳମ୍ବିତ ପ୍ରାର୍ଥୀ ଘୋଷଣା ପରେ ଏବେ ବିଦ୍ରୋହ ମୁଣ୍ଡ ଟେକୁଛି। ସର୍ଖେଲଙ୍କୁ ବିରୋଧକରି ଅନ୍ୟତମ ଦାବିଦାର ପ୍ରମୋଦ କିଶୋର ଜେନା ଓ ତାଙ୍କ ସମର୍ଥକ ଦଳରୁ ଇସ୍ତଫା ଦେଇଛନ୍ତି। ପ୍ରମୋଦ ସ୍ୱାଧୀନ ପ୍ରାର୍ଥୀ ହେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ମାତ୍ର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କ ସହ ମିଶି କଂଗ୍ରେସ ପ୍ରାର୍ଥୀଙ୍କୁ ହରାଇବେ ବୋଲି ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଭାଜପାରେ ମଧ୍ୟ ସଙ୍କଟ ସ୍ଥିତି ଉପୁଜିଛି। ଦଳ ସମ୍ପଦଙ୍କୁ ପ୍ରାର୍ଥୀ କରିବା ଓ ଦାମଙ୍କୁ ମିଶାଇବା ପ୍ରତିବାଦରେ ଗତିକୃଷ୍ଣ ଭାଜପା ଛାଡି ବିଜେଡିରେ ମିଶିଛନ୍ତି। ସେହିପରି ଦାମ ପଡ଼ୋଶୀ ଏରସମା-ବାଲିକୁଦା ଆସନରେ ପ୍ରାର୍ଥୀ ହେବା ସମ୍ପଦଙ୍କୁ ସୁହାଉଥିବା କୁହାଯାଉଛି। ଦାମଙ୍କ ମିଶ୍ରଣ ବେଳେ ସମ୍ପଦ କହିଥିଲେ ଯେ ଏହା ପାରାଦୀପ ପାଇଁ ପାୱାର ପ୍ଲସ୍ ଭଳି କାମ କରିବ। କିନ୍ତୁ ବିଜେଡି ସମ୍ବିତଙ୍କୁ ପ୍ରାର୍ଥୀ କରିବା ପରେ ଭାଜପାର ସବୁ ଅଙ୍କ ଭୁଲ୍ ହୋଇଯାଇଛି। ଦାମ ଏବେ ଭିତିରିଆ ତାଙ୍କ ବିଶ୍ୱସ୍ତଙ୍କୁ ଫୋନ୍ ଯୋଗେ ଓ ଭିନ୍ନ ଉପାୟରେ ମୋ' ପୁଅ ଆପଣଙ୍କୁ ଲାଗିଲା ବୋଲି କହୁଛନ୍ତି। ଅର୍ଥାତ୍ ବିଜେଡି ପାଇଁ ଲବି କଲେଣି। ଅପରପକ୍ଷେ ଯେଉଁମାନେ ବିଜେଡିରେ ଥିବାବେଳେ ଦାମଙ୍କ ବିରୋଧୀ ଥିଲେ ସେମାନେ ୨ ବର୍ଷ ହେଲା ଭାଜପା ଶିବିରରେ ଥିଲେ। କିନ୍ତୁ ଦାମ ଭାଜପାରେ ମିଶିବାରୁ ସେମାନେ ଅଶ୍ୱସ୍ତି ଅନୁଭବ କରୁଛନ୍ତି। ଏହା ସତ୍ତ୍ୱେ ଭାଜପା ଓ କଂଗ୍ରେସ ପ୍ରାର୍ଥୀ ପ୍ରଚାର ମୈଦାନକୁ ଓହ୍ଲାଇଥିବାବେଳେ ବିଜେଡି ପ୍ରାର୍ଥୀ ଅସନ୍ତୁଷ୍ଟଙ୍କୁ ମନାଇବାରେ ଲାଗିଛନ୍ତି।

Amul
Tanzania Origin Dark Chocolate 125g | ₹150*
Camel Milk Chocolate 150g | ₹125*
Venezuela Origin Dark Chocolate 125g | ₹150*
Almondo 200g | ₹200*
Chocominis 250g | ₹120*
Hazelnut Chocolate 150g | ₹200*
Wafer Bar with Chocolayer 15g | ₹5*
Wafer Bar with Dark Chocolate 15g | ₹10*
*MRP (incl. of all taxes). Conditions apply.



ଗୃହରେ ରହି ସତ୍‌ଚିନ୍ତା କଲେ ସାଧୁସଙ୍ଗର ଫଳ ଲାଭ ହୁଏ, କିନ୍ତୁ ସାଧୁମାନଙ୍କ ସଙ୍ଗରେ ରହି ବିଷୟାଳାପ କଲେ, ତାହା ସତ୍‌ସଙ୍ଗ ମଧ୍ୟରେ ଗଣ୍ୟ ନୁହେଁ।

- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଉତ୍କଳ ବାଳାଶ୍ରମରେ ମାଗଣା କୋଚିଂ ବ୍ୟବସ୍ଥା

**ଯାଜପୁର ଅଫିସ,୬।୪:** ସ୍ୱେଚ୍ଛାସେବୀ ସଂସ୍ଥା କେୟାର୍ ଫର୍ ୟୁ ପକ୍ଷରୁ ଗତ ୪ତାରିଖ ଠାରୁ ଉତ୍କଳ ବାଳାଶ୍ରମରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କ ପାଇଁ ମାଗଣା ଶିକ୍ଷାଦାନ ସାଙ୍ଗକୁ କୋଚିଂ ବ୍ୟବସ୍ଥା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସଂସ୍ଥା ପକ୍ଷରୁ ଅସହାୟ ପିଲାମାନଙ୍କ ପାଇଁ ଏହା ଏକ ମିଶନ୍ ବୋଲି ସୂଚନା ଦିଆଯାଇଛି। ପ୍ରତିଦିନ ଉତ୍କଳ ବାଳାଶ୍ରମରେ ଅଧ୍ୟୟନରତ ଛାତୀଛାତ୍ରଙ୍କ ପାଇଁ ଅଭିଜ୍ଞ ଶିକ୍ଷକମଙ୍କୁ ନିୟୋଜିତ କରାଯାଇ ନିୟମିତ ଶିକ୍ଷା ପଦ୍ଧତିକୁ ସୁଦୃଢ଼ କରାଯିବାର ଲକ୍ଷ୍ୟ ରଖାଯାଇଛି। ନିୟମିତ ଭାବେ ଏହି ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରୀକ୍ଷା କରାଯିବାର ବ୍ୟବସ୍ଥା ରହିଥିବାବେଳେ ସ୍ୱତନ୍ତ୍ର ଭାବେ ନବୋଦୟ ବିଦ୍ୟାଳୟର ସିଲାବସ୍ ଅନୁଯାୟୀ ଗଣିତ ଓ ବିଜ୍ଞାନ ଉପରେ ଗୁରୁତ୍ୱ ଦିଆଯିବ। ଯାଜପୁରରୋଡର ଅନ୍ନପୂର୍ଣ୍ଣା ସିସିଆଇ ଦ୍ୱାରା ନିୟୋଜିତ ଅଭିଜ୍ଞ ଶିକ୍ଷକମାନେ ଏହି ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବେ ବୋଲି ଜଣାପଡ଼ିଛି। ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠାନର ସଭାପତି ସୁନୀତା କର୍ଣ୍ଣଙ୍କ ସଂଯୋଜନାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ମିହିର ଜେନା, ଅମୀୟବାଳା ତ୍ରିପାଠୀ, ସେକ୍ ଅସଲମ୍, ରାକ୍ଷୀ ଠାକୁର, ଅନୀତା ରଏ, ରଶ୍ମୀ ଅଗ୍ରୱାଲ୍, ସଞ୍ଜୀବ ମିଶ୍ର ଉପସ୍ଥିତ ଥିଲେ।

### ନବୋଦୟ ନିମନ୍ତେ ପ୍ରବେଶିକା ପରୀକ୍ଷା

**କୋରେଇ,୬।୪(ସ୍ୱ.ପ୍ର.):** ଚଳିତ ବର୍ଷ ନିମନ୍ତେ ଜବାହର ନବୋଦୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖା ପାଇଁ ଜିଲାସ୍ତରୀୟ ପ୍ରବେଶିକା ପରୀକ୍ଷା ଶନିବାର ଅନୁଷ୍ଠିତ ହୋଇଛି। ପାଣିକୋଇଲିଠାରେ ଅବସ୍ଥିତ ଉକ୍ତ ବିଦ୍ୟାଳୟରେ ଜିଲାର ୫,୮୦୨ଜଣ ଆବେଦନ କରିଥିଲେ ମଧ ୪,୫୧୯ଜଣ ପିଲା ପରୀକ୍ଷା ଦେଇଥିଲେ। ଜିଲାର ୧୦ଟି ବ୍ଲକରେ ୧୯ ଟି ପରୀକ୍ଷା ସେଣ୍ଟର ହୋଇଛି। ପାଣିକୋଇଲି ନୋଡାଲ ହାଇସ୍କୁଲ ସେଣ୍ଟରରେ କୋରେଇ ବ୍ଲକର ୪୦୦ପରୀକ୍ଷାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ଚୟନ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୩୬୭ଜଣ ପରୀକ୍ଷା ଦେଇଥିଲେ ଓ ୩୩ଜଣ ଅନୁପସ୍ଥିତ ଥିଲେ ବୋଲି ଜିଲା ପର୍ଯ୍ୟବେକ୍ଷକ ତଥା ନବୋଦୟ ବିଦ୍ୟାଳୟର ଅଧକ୍ଷ ସରୋଜ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

### ଭାଜପାରୁ ନାମାଙ୍କନ ଦାଖଲ କଲେ ବବିତା
### ବିଞ୍ଝାରପୁରର ହକ୍ ପାଇଁ ଲଢ଼ିବି

ବିଞ୍ଝାରପୁର,୬।୪(ଡି.ଏନ୍.ଏ.)- ବିଞ୍ଝାରପୁର ବିଧାନସଭା ଆସନ ପାଇଁ ଶନିବାର ଭାଜପା ପ୍ରାର୍ଥିନୀ ବବିତା ମଲ୍ଲିକ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶୁକ୍ରବାର କଂଗ୍ରେସ ପ୍ରାର୍ଥୀ ମନୋରଞ୍ଜନ ଦାସ ନାମାଙ୍କନ ଦାଖଲ କରିଥିଲେ। ଭାଜପା ପ୍ରାର୍ଥିନୀ ବବିତା ନାମାଙ୍କନ ଦାଖଲ କରି ବିଞ୍ଝାରପୁର ମାଟିର ସ୍ୱାଭିମାନ ପାଇଁ ଲଢ଼ିବାକୁ ପ୍ରସ୍ତୁତ ରହିଛନ୍ତି ବୋଲି ପ୍ରକାଶ କରିଛନ୍ତି। ବବିତା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ପଞ୍ଚାୟତଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଅରେଇସ୍ଥିତ ବରୁଣେଶ୍ୱରପୀଠରେ ପହଞ୍ଚି ବାବାଙ୍କ ଆର୍ଶୀବାଦ ଭିକ୍ଷା କରି ନାମାଙ୍କନ ପାଇଁ ଯାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ଭାଜପା ଯାଜପୁର ଲୋକ ସଭା ପ୍ରାର୍ଥୀ ଅମୀୟ ମଲ୍ଲିକ, ନିରଞ୍ଜନ ବେଉରିଆ ସାମିଲ ହୋଇଥିବାବେଳେ ବିଭିନ୍ନ ପଞ୍ଚାୟତରୁ ଛାମୁଆଁ ଭାଜପା କର୍ମୀ ଓ ନେତାମାନେ ଯୋଗ ଦେଇଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ପୁରୁଷୋତ୍ତମ ବେହେରା, ଶ୍ୟାମ ସୁନ୍ଦର ନାୟକ, ବାଇଧର ସାହୁ, ଶିବ ପ୍ରସାଦ ଧଳ ପ୍ରମୁଖ ବବିତାଙ୍କ ପ୍ରସ୍ତାବକ ରହିଥିଲେ। ବିଞ୍ଝାରପୁରରେ ଏଥର ୩ପ୍ରମୁଖ ଦଳ ବିଜେଡି,ଭାଜପା ଓ କଂଗ୍ରେସ ମଧରେ କଡ଼ା ମୁକାବିଲାର ଆଭାଷ ବାରି ହୋଇ ପଡୁଥିବାବେଳେ ନାମାଙ୍କନ ଦାଖଲ ସମୟରେ ଶକ୍ତି ପ୍ରଦର୍ଶନକୁ ନେଇ ବିଭିନ୍ନ ଦଳର ପ୍ରାର୍ଥୀଙ୍କ ମଧରେ କସରତ ଦେଖିବାକୁ ମିଳୁଛି।

# କଚ୍ଛପ ଗତିରେ ଜଙ୍ଗଲ ଜମି ଅଧିକାର ଆଇନ

**ଯାଜପୁର ଅଫିସ,୬।୪**

- ଖାରଜ ହୋଇଛି ୪,୩୩୦ ଜଣ ଦାବିଦାରଙ୍କ ଆବେଦନ
- ଖାରଜ ସମ୍ପର୍କିତ କାରଣ ଲିଖିତଭାବେ ମିଳୁନାହିଁ
- ନିର୍ଦ୍ଦେଶକୁ ପାଳନ କରିବାକୁ ଗୁରୁତ୍ୱ
- ମେ ସୁଦ୍ଧା କାର୍ଯ୍ୟକାରୀ କରିବାକୁ ଓଏସ୍ଏଫ୍‌ସି ଅଧକ୍ଷଙ୍କ ନିର୍ଦ୍ଦେଶ

ପୁରୁଷାନୁକ୍ରମେ ଶହଶହ ବର୍ଷ ଧରି ଜଙ୍ଗଲ ଜମିରେ ଆଜି ବି ଆଦିବାସୀମାନେ ବସତି ସ୍ଥାପନ କରି ଆସୁଛନ୍ତି। ହେଲେ ସେମାନଙ୍କୁ ଆଜିଯାଏ ସତ୍ତ୍ୱାଧିକାର ମିଳିପାରି ନାହିଁ। ୨୦୦୬ରେ ସରକାର ଐତିହାସିକ ଜଙ୍ଗଲ ଜମି ଅଧିକାର ଆଇନକୁ ଦେଶସାରା କାର୍ଯ୍ୟକାରୀ କରିଛନ୍ତି। ଏଥିରେ ଆଦିମ ଆଦିବାସୀଙ୍କ ସହ ୭୫ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବସତି ସ୍ଥାପନ କରି ଆସୁଥିବା ଅଣ ଆଦିବାସୀଙ୍କୁ ଅଧିକାର ଦେବାର ବ୍ୟବସ୍ଥା କରାଯାଇଛି। ଏହି ଆଇନ କାର୍ଯ୍ୟକାରୀ କରାଯିବାର ୧୩ବର୍ଷ ବିତିଗଲାଣି ହେଲେ ଯାଜପୁର ଜିଲାରେ ଏହା କଛପ ଗତିରେ ଚାଲିଛି। ଏହି ମର୍ମରେ ସୁପ୍ରିମକୋର୍ଟରେ ଗତ ୧୩।୨।୨୦୧୯ ଓ ୨୮।୨।୨୦୧୯ ତାରିଖରେ ମାମଲା ନମ୍ବର ୧୦୯/୨୦୦୮ ଉପରେ ବିଚାର କରି ଜଙ୍ଗଲ ଜମି ଅଧିକାର ଆଇନରେ ଆବେଦନ କରିଥିବା ସଂକ୍ରାନ୍ତରେ ତତ୍ପରତାର ସହ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ହୋଇଛି। ଏହାକୁ ନେଇ ଓଡ଼ିଶା ରାଜ୍ୟ ଖାଦ୍ୟ କମିଶନ(ଓଏସ୍ଏଫ୍‌ସି)ର ଅଧକ୍ଷ ରଙ୍ଗଲାଲ ଜାମୁଡା ଜିଲାପାଳଙ୍କୁ ଆସନ୍ତା ମେ ମାସ ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ତେବେ ଯାଜପୁର ଜିଲାରେ ଏପର୍ଯ୍ୟନ୍ତ ୪,୩୩୦ ଜଣ ଦାବିଦାରଙ୍କ ଆବେଦନ ଖାରଜ ହୋଇଛି। ସେଥିରୁ ଗ୍ରାମସଭାରେ ୪,୩୨୦ ଜଣ ଓ ସବଡିଭିଜନ ଲେଭଲ କମିଟି(ଏସଡିଏଲସି)ରେ ୧୦ ଜଣ ଦାବିଦାରଙ୍କ ଖାରଜ ହୋଇଛି। ଏପରି କି ୯୬୯ଜଣ ଦାବିଦାରଙ୍କ ଆବେଦନ ବିଚରାଧୀନ ରହିଛି। ଅପରପକ୍ଷରେ ରାଜ୍ୟରେ ୧,୪୫,୫୨୪ଜଣ ଦାବିଦାରଙ୍କ ଆବେଦନ ଖାରଜ ହୋଇଥିବାବେଳେ ୪,୦୮୦ ଜଣ ଦାବିଦାରଙ୍କ ଆବେଦନ ଉପରେ ମାମଲା ବିଚାରାଧୀନ ରହିଛି।

ଯାଜପୁର ଜିଲାରେ ଜଙ୍ଗଲ ଅଧିକାର ଆଇନ ବଳରେ ୭୫ବର୍ଷ ଧରି ଅନୁସୂଚିତ ଜନଜାତି ଓ ପାରମ୍ପରିକ ଜଙ୍ଗଲ ଅଧିବାସୀଙ୍କୁ ଜମି ପ୍ରଦାନ କ୍ଷେତ୍ରରେ ୧୦,୪୬୪ ଗୋଟି ଆବେଦନ ମିଳିଛି। ସେଥିମଧ୍ୟରୁ ୫,୧୮୯ ଗୋଟି ଗ୍ରାମ ସଭା ମଞ୍ଜୁର କରି ସବଡିଭିଜନାଲ କମିଟିକୁ ପ୍ରେରଣ କରିଛି। ତନ୍ମଧ୍ୟରୁ ୫,୧୭୯ ଗୋଟି ଆବେଦନକୁ ସବ୍‌ଡିଭିଜନ ଲେଭଲ କମିଟି ମଞ୍ଜୁର କରି ଜିଲା କମିଟିକୁ ପ୍ରେରଣ କରିଥିବାବେଳେ ଜିଲା କମିଟି ୫,୧୬୫ ଟି ମଞ୍ଜୁର କରି ସେମାନଙ୍କୁ ୧୭୨୭.୧୭ ଏକର ଜମି ପଟ୍ଟା ପ୍ରଦାନ କରିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ତଥ୍ୟରୁ ଜଣାପଡିଛି। ଅଧିକାଂଶ ଆବେଦନ ଗ୍ରାମସଭାରେ ଖାରଜ ହୋଇଛି। ତେବେ ଜଙ୍ଗଲ ଜମି ଅଧିକାର ଆଇନର ଧାରା ୨୦୧୨ର ଆଇନ ୧୨(କ)(୩) କିମ୍ବା ୧୨(କ)(୧୦) ଅନୁସାରେ ଖାରଜ ହୋଇଥିବା ସମ୍ପର୍କରେ ଆବେଦନକାରୀଙ୍କୁ ସମ୍ପୃକ୍ତ ଗ୍ରାମ ପଞ୍ଚାୟତରୁ କୌଣସି ଲିଖିତ ଭାବେ ସୂଚନା ଦିଆଯାଇ ନାହିଁ। ଯାହା ଫଳରେ ଆବେଦନକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆବେଦନ ଖାରଜ ସଂକ୍ରାନ୍ତରେ କୌଣସି ଲିଖିତ ନିର୍ଦ୍ଦେଶ ପାଇ ନ ଥିବାରୁ ଦାବିଦାରମାନେ ଏହା ବିରୋଧରେ ସବଡିଭିଜନ ଲେଭଲ କମିଟି କିମ୍ବା ଜିଲା କମିଟି ପାଖରେ ମାମଲା ଦାୟର କରିପାରୁ ନାହାନ୍ତି। ତେଣୁ ସାଧାରଣ ନିର୍ବାଚନ ପରେପରେ ଜିଲାପାଳଙ୍କୁ ଏହା ଉପରେ ଅଧିକ ଗୁରୁତ୍ୱ ଦେବାକୁ ଅଧକ୍ଷ ଜାମୁଡ଼ା ଗୁରୁତ୍ୱାରୋପ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜଙ୍ଗଲ ଜମି ଅଧିକାର ଆଇନ ଗଠନ ହେବାପରେ ହିତାଧିକାରୀ, ଅଧିବାସୀମାନେ ଏହି କମିଟିରେ ଦରଖାସ୍ତ ଦେବା କଥା। ତାକୁ କମିଟି ବିଚାରକୁ ନେଇ ଗ୍ରାମସଭାରେ ମଞ୍ଜୁର କରି ଏସ୍‌ଡିଏଲସିକୁ ପ୍ରେରଣ କରିବା କଥା। ତାହା ପୁଣି ଜିଲା କମିଟି(ଡିଏଲସି)କୁ ପ୍ରେରଣ କରିବା ଉଚିତ। ହେଲେ ଆଇନ କାର୍ଯ୍ୟକାରୀ ହେବାର ୧୩ ବର୍ଷ ଭିତରେ ମାତ୍ର ୫,୧୬୫ ଟି ମଞ୍ଜୁର ହୋଇ ସେମାନଙ୍କୁ ୧୭୨୭.୧୭ ଏକର ଜମି ପଟ୍ଟା ପ୍ରଦାନ ହୋଇଛି।

### ଭାଜପାରେ ଯୋଗଦେଲେ ବିଜେଡି ନେତା

**ଚଣ୍ଡିଖୋଲ,୬।୪(ଡି.ଏନ.ଏ.)**

ବିଜେଡି ପକ୍ଷରୁ ପୁନର୍ବାର ଅମର ପ୍ରସାଦ ଶତପଥୀଙ୍କୁ ଟିକେଟ ମିଳିବା ପରେ ତାଙ୍କୁ ଦୀର୍ଘଦିନ ଧରି ବିରୋଧ କରି ଆସୁଥିବା ବିଜେଡିର ବହୁ ତୁଙ୍ଗ ନେତା ଭାଜପାରେ ଯୋଗ ଦେଇଛନ୍ତି। ଭୁବନେଶ୍ୱରସ୍ଥିତ ଭାଜପା କାର୍ଯ୍ୟାଳୟରେ ଶନିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ଯାଜପୁର ପୂର୍ବତନ ଏମ୍‌ପି ମୋହନ ଜେନା ଓ ବଡ଼ଚଣାର ଭାଜପା ପ୍ରାର୍ଥୀ ଅମର ନାୟକ ଉପସ୍ଥିତ ଥିଲେ। ବଡ଼ଚଣା ପଞ୍ଚାୟତର ସରପଞ୍ଚ ଭାଗ୍ୟଧର ପ୍ରଧାନ, ସମିତିସଭ୍ୟ ରବୀନ୍ଦ୍ର ଦାସ, ପୂର୍ବତନ ଜିଲାପରିଷଦ ସଭ୍ୟ ରମାକାନ୍ତ ରାଉତ, ରବୀନ୍ଦ୍ର ଶାନ୍ତି, ଉର୍ମିଳା ଶାନ୍ତି, ଲଲାଟେନ୍ଦୁ ମହାପାତ୍ର, ଜାନକୀ ବଲ୍ଲଭ ପ୍ରଧାନ, ସେବତୀ ଜେନା, ଭରତ ବିଶ୍ୱାଳ, ବିଷ୍ଣୁଚରଣ ମଲିକ, ଛବିନ୍ଦ୍ର ଦାସ, ମଧୁସୂଦନ ଖୁଣ୍ଟିଆ, ପ୍ରଦୀପ ଧଳ, ଦେବେନ୍ଦ୍ର ସାହୁ, ଧୀରେନ୍ଦ୍ର ରାଉତ, କେଶବ ଦାସ, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଭାଜପାରେ ଯୋଗ ଦେଇଛନ୍ତି।



କୋରେଇ ବ୍ଲକ ଧନେଶ୍ୱର ଛକ ନିକଟକସ୍ଥ ମା' ତାରିଣୀ ମନ୍ଦିର ପରିସରରେ ଶନିବାର ବିଜେଡି ପକ୍ଷରୁ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଦଳୀୟ ବିଧାନସଭା ପ୍ରାର୍ଥୀ ଅଶୋକ ବଳ ଉଦ୍‌ବୋଧନ ଦେଉଛନ୍ତି।

### ଦୁର୍ଘଟଣାରେ ଯୁବକ ମୃତ

**ଚଣ୍ଡିଖୋଲ,୬।୪(ଡି.ଏନ.ଏ.)**

ଚଣ୍ଡିଖୋଲ-ପାରାଦୀପ ୫ ନଂ.(କ) ଜାତୀୟ ରାଜପଥର କଉଡୁକୋଲ ଛକ ନିକଟରେ ଶନିବାର ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କେନ୍ଦୁଝର ଜିଲା ଜହ୍ନେଇପଶି ଗ୍ରାମର ବିଶେଶ୍ୱର ନାୟକ (୨୦)। ସ୍ଥାନୀୟ ଲୋକେ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥଲେ। ଏ ନେଇ ବଡ଼ଚଣା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଶ୍ରୀ ରାମ ଚରିତ ମାନସ ପାରାୟଣ ଆରମ୍ଭ




ହନୁମାନ ମନ୍ଦିରରେ ରାମଚରିତ ମାନସ ନବାହ୍ନ ପାରାୟଣ ଆରମ୍ଭ ହୋଇଛି।

**କୋରେଇ,୬।୪(ସ୍ୱ.ପ୍ର.)**

ପାଣିକୋଇଲିସ୍ଥିତ ଶର୍ମା ପେଟ୍ରୋଲ ପମ୍ପ ପରିସରରେ ଥିବା ହନୁମାନଙ୍କ ମନ୍ଦିର ପ୍ରାଙ୍ଗଣରେ ୩୦ତମ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଆରମ୍ଭ ହୋଇଛି। ଶନିବାର ଶୁଭାଧିବାସରେ ମୋତିଲାଲ ଶର୍ମା ସଙ୍କଳ୍ପ କରିଥିବାବେଳେ ବ୍ୟାସ ଭାବେ କୁଳମଣୀ ପାଣିଗ୍ରାହୀ ଓ ଦାମୋଦର ପଣ୍ଡା ଯୋଗ ଦେଇଥିଲେ। ଧାରକ ଭାବେ ପବିତ୍ର ମୋହନ ଶତପଥି ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟରେ ପୂଜକ ସୂର୍ଯ୍ୟମଣୀ ପଣ୍ଡା, ଅଲେଖ ଚନ୍ଦ୍ର ଦାସ, ମଧୁସୂଦନ ପାଢ଼ୀ, ଓ କମିଟି ସଦସ୍ୟ ମୁଖ୍ୟଉପଦେଷ୍ଟା ନିର୍ମଳ ଚନ୍ଦ୍ର ମଲ୍ଲିକ, ଭକ୍ତ ରାଜକିଶୋର ସାହୁ, ଅରୁପାନନ୍ଦ ମଲ୍ଲିକ, ବିଦ୍ୟାଧର ସାହୁ, ଅନନ୍ତ ସାହୁ, ନିମାଇଁ ମଲ୍ଲିକ ସହଯୋଗ କରିଥିଲେ।

# ବଢ଼ୁଛି ବରୀ ବିଧାନସଭା ପ୍ରାର୍ଥୀ ସଂଖ୍ୟା

**ବରୀ,୬।୪(ସ୍ୱ.ପ୍ର.)**

ସାଧାରଣ ନିର୍ବାଚନ ପାଖେଇ ଆସୁଥିଲାବେଳେ ବରୀରେ ରାଜନୈତିକ ଉଷ୍ମତା ଦିନକୁ ଦିନ ବଢିବାରେ ଲାଗିଛି। ପ୍ରମୁଖ ରାଜନୈତିକ ଦଳଗୁଡିକ ପ୍ରାର୍ଥୀ ଦେଇଥିଲାବେଳେ ଅନ୍ୟାନ୍ୟ ଦଳ ଓ ସ୍ୱାଧୀନ ଭାବେ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରୁଥିବା ଜଣାପଡିଛି। ତେବେ ପ୍ରାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ରାଜନୀତି ସରଗରମ ହୋଇଛି। ଭାଜପା ପ୍ରାର୍ଥୀଭାବେ ବିଶ୍ୱରଞ୍ଜନ ମଲ୍ଲିକ, କଂଗ୍ରେସରୁ ଉମେଶ ଜେନା, କୃପା ଦଳରୁ ଅକ୍ଷୟ କୁମାର କର, ସ୍ୱାଧୀନଭାବେ ମନୋରଞ୍ଜନ ପତି ଶୁକ୍ରବାର ସୁଦ୍ଧା ପ୍ରାର୍ଥିପତ୍ର ଦାଖଲ କରିଥିବା ଜିଲାପାଳଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ବିଜେଡି ପ୍ରାର୍ଥିନୀ ସୁନନ୍ଦା ଦାସ ସୋମବାର ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ପ୍ରସ୍ତୁତି ହେଉଛନ୍ତି। ସେହିପରି ହିନ୍ଦୁସ୍ଥାନ ନିର୍ମାଣ ଦଳ ପକ୍ଷରୁ ଅସିତ୍ କୁମାର ରାୟ ଓ ବିଏସପିରୁ ରୋହିତ କୁମାର ମଲ୍ଲିକ ସୋମବାର ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ଶନିବାର ଅପରାହ୍ନରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆସନ୍ତା ୯ ତାରିଖ ପ୍ରାର୍ଥିପତ୍ର ଦାଖଲର ଶେଷ ଦିବସ ଥିଲାବେଳେ ସମ୍ପୂର୍ଣ୍ଣ ପ୍ରାର୍ଥୀଙ୍କ ସଂଖ୍ୟା ସ୍ପଷ୍ଟ ହୋଇଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ବରୀ ବ୍ଲକର ୨୯, ରସୁଲପୁର ବ୍ଲକର ୧୦, ଯାଜପୁର ବ୍ଲକର ୮ ପଞ୍ଚାୟତକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ ହୋଇଥିଲାବେଳେ ଭୋଟର ସଂଖ୍ୟା ୨ଲକ୍ଷ ୭ ହଜାରରୁ ଊର୍ଦ୍ଧ୍ୱ ଅଟେ। ନୂତନ ଭୋଟରଙ୍କ ମଧ୍ୟରେ ମତ ସାବ୍ୟସ୍ତ କରିବା ପାଇଁ ଉତ୍କଣ୍ଠା ପ୍ରକାଶ ପାଇଛି। ଭୋଟ ଗ୍ରହଣ ପାଇଁ ପ୍ରଶାସନ ପକ୍ଷରୁ ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କୁ ତାଲିମ ପ୍ରଦାନ କରାଯାଇଛି। ଜିଲାପାଳ ରଞ୍ଜନ କୁମାର ଦାସ ଓ ଏସ୍‌ପି ଚରଣ ସିଂ ମୀନା ବାରମ୍ବାର ବରୀ ଗସ୍ତରେ ଆସି ଭୋଟ ଗ୍ରହଣ କେନ୍ଦ୍ରଗୁଡିକ ତଦାରଖ କରି ଫେରିଯାଇଥିବା ସୂଚନା ମିଳିଛି। ଉତ୍ତେଜନା ପ୍ରବଣ ଚିହ୍ନଟ ହୋଇଥିବା ବୁଥ୍‌ଗୁଡ଼ିକରେ ସିସି କ୍ୟାମେରା ଲାଗିବ ବୋଲି କୁହାଯାଇଛି। ଚଳିତ ନିର୍ବାଚନ ଅବାଧ, ମୁକ୍ତ ଓ ଶୃଙ୍ଖଳାର ସହ ସମାପନ ହେବ ବୋଲି ପ୍ରଶାସନ ଉଦ୍ୟମ ଜାରି ରଖିଛି।

### ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ଜେନାପୁର,୬।୪(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ପଞ୍ଚାୟତ ଅଧୀନ ମେଡିକାଲ ଛକଠାରେ ଶନିବାର ଅପରାହ୍ନରେ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସମ୍ପାଦକ ଦିଲୀପ କୁମାର ବରାଳ ସଭାପତିତ୍ୱ କରିଥିଲେ। ପଞ୍ଚାୟତ ସଭାପତି ଅଶୋକ କୁମାର ସାହୁ, ବିଚିତ୍ର ନନ୍ଦ ସାହୁ, ବିଜେଡି ଯୁବ ସଭାପତି ପ୍ରହଲ୍ଲାଦ ପାତ୍ର, ବ୍ଲକ ଛାତ୍ର ସଭାପତି ସୌମ୍ୟ ପ୍ରକାଶ ବିଶ୍ୱାଳ, ସଞ୍ଜୟ ନାୟକ, ସନ୍ତୋଷ କବି ପ୍ରମୁଖ ଯୋଗଦେଇ ଓଡ଼ିଶା ପ୍ରତି କେନ୍ଦ୍ରର ଅବହେଳାକୁ କଡା ସମାଲୋଚନା କରିଥିଲେ। ସେହିପରି ବୃନ୍ଦାଦେଇପୁର ପଞ୍ଚୟତଠାରେ ବିଜୁ ଯୁବ ବାହିନୀ ସଭାପତି ଦୀପକ କୁମାର ଦାସଙ୍କ ସଭାପତିତ୍ୱର ପଞ୍ଚାୟତ ସଭାପତି ରାଜକିଶୋର ମହାନ୍ତି, ସୁକଦେବ ପଡ଼ିଆରୀ, ପ୍ରଦୀପ କୁମାର ଶତପଥୀ ପ୍ରମୁଖ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

- ବନ୍ଦିତାଙ୍କୁ ବିଜୟୀ କରିବାକୁ ଆହ୍ୱାନ

# ଗଠିତ ହେଲା ପ୍ରଚାର କମିଟି



ଏଆଇସିସି ସମ୍ପାଦକ ରାମଚନ୍ଦ୍ର ଖୁଣ୍ଟିଆଙ୍କ ସହ ବିଧାନସଭା ପ୍ରାର୍ଥିନୀ ବନ୍ଦିତା ପରିଡା ଓ ଅନ୍ୟମାନେ।

**କୋରେଇ,୬।୪(ସ୍ୱ.ପ୍ର.)**

ଏଆଇସିସି ସମ୍ପାଦକ ରାମଚନ୍ଦ୍ର ଖୁଣ୍ଟିଆଙ୍କ ଧନେଶ୍ୱର ପଞ୍ଚାୟତ ବେଗନାସ୍ଥିତ ବାସଭବନରେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଚଳିତ ନିର୍ବାଚନରେ ଦଳର ସମସ୍ତ ତୁଙ୍ଗ ନେତାମାନେ ଏକତ୍ରିତ ହୋଇ କୋରେଇ ବିଧାନସଭା ପ୍ରାର୍ଥିନୀ ବନ୍ଦିତା ପରିଡ଼ାଙ୍କୁ କିପରି ବିଜୟୀ କରିବେ ସେନେଇ ଉକ୍ତ ବୈଠକରେ ଖୁଣ୍ଟିଆ ଉପସ୍ଥିତ ସମସ୍ତ ନେତା ଓ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ନିର୍ବାଚନ ପୂର୍ବରୁ ଯାଜପୁର ଜିଲା ସମେତ ରାଜ୍ୟର ସମସ୍ତ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ପାଇଁ ପ୍ରୀୟଙ୍କା ଗାନ୍ଧୀଙ୍କୁ ନେଇ ଏକ ସଭାର ଆୟୋଜନ କରାଯିବ ବୋଲି ଖୁଣ୍ଟିଆ ସୂଚନା ଦେଇଥିଲେ। ଯାହାକି କୋରାଇ ନିର୍ବାଚନମଣ୍ଡଳୀରେ ହିଁ ହେବ ବୋଲି ଖୁଂଟିଆ କହିଥିଲେ। ଏହି ବୈଠକରେ କୋରେଇ ବ୍ଲକ ସମେତ ବ୍ୟାସନଗର ପୌରପରିଷଦର ସମସ୍ତ ବରିଷ୍ଠ, ଯୁବ ଓ ମହିଳା କର୍ମୀମାନେ ଏକତ୍ରିତ ହୋଇଥିଲେ। ଏହି ଅବସରରେ ଆଗାମୀ ନିର୍ବାଚନ ପାଇଁ ପ୍ରାର୍ଥିନୀ ପରିଡ଼ାଙ୍କ ନେତୃତ୍ୱରେ ଏକ ନିର୍ବାଚନୀ ପ୍ରଚାର କମିଟି ଗଠନ କରାଯାଇଥିଲା। ପ୍ରଚାର କମିଟିର ଅଧକ୍ଷ ସେନିଜେ ରହିଥିବାବେଳେ ସଭ୍ୟଭାବେ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ରସାନନ୍ଦ ମହାନ୍ତି, ହୃଦାନନ୍ଦ ସାମଲ, ସୁଧାନିଧି ମହାପାତ୍ର, ସୁଧାରାଣୀ ମହାପାତ୍ର, ପ୍ରମୋଦ କୁମାର ପରିଡା, ତପନ କୁମାର ନାୟକ, ନୃସିଂହ ପହି, ପ୍ରଫୁଲ୍ଲ ନାୟକ, ରିତାଶ୍ରୀ ମହାନ୍ତି, ପଦ୍ମନାଭ ସ୍ୱାଇଁ, ହରେକୃଷ୍ଣ ସାହୁ, ଘନଶ୍ୟାମ ପରିଡ଼ା, ମଧୁସୂଦନ ସାହୁ, ଚନ୍ଦ୍ରଶେଖର ସାହୁ, ମଦନ ମଲିକ, ମିର୍ଜା ଲୋକମାନ ବେଗ, ମିହିର ମିଶ୍ର, ରବି ମଲିକ, କୁମାର ଗୌରବ, ଆବୁଶେଖ ଖାନ, ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ, ଦୀଲିପ କୁମାର ମଲିକ, ବିଜୟ ବୋଇତାଇ, ଅଜୟ କୁମାର ସାହୁ, ମନୋଜ ଜେନା, ଚନ୍ଦ୍ରକାନ୍ତ ଖଣ୍ଡାଇ, ନୀଳମଣି ଜେନା, ଅକ୍ଷୟ ଜେନା, ନାରାୟଣ ନାୟକ, ହିମାଂଶୁ ମହାପାତ୍ର ପ୍ରମୁଖଙ୍କୁ ଚୟନ କରାଯାଇଛି।

# ୫ମ ଦିବସରେ ୯ଜଣଙ୍କ ପ୍ରାର୍ଥିପତ୍ର ଦାଖଲ

**ଯାଜପୁର ଅଫିସ,୬।୪**

- ଲୋକ ସଭା ପାଇଁ କଂଗ୍ରେସରୁ ମାନସ
- ବିଞ୍ଝାରପୁର ବିଧାନସଭା ପାଇଁ ଭାଜପାରୁ ବବିତା
- ଧର୍ମଶାଳାରୁ କଂଗ୍ରେସର ସ୍ମୃତିରେଖା

ଯାଜପୁର ଜିଲାରେ ୪ର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ଶନିବାର ୫ମ ଦିବସରେ ଲୋକ ସଭା ଓ ବିଧାନସଭା ପାଇଁ ସମୁଦାୟ ୯ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଯାଜପୁର ଲୋକସଭା ଆସନ ନିମନ୍ତେ କଂଗ୍ରେସ ପ୍ରାର୍ଥୀ ମାନସ ଜେନା ସମର୍ଥକଙ୍କ ସହ ଆସି ଜିଲାପାଳ ରଞ୍ଜନ କୁମାର ଦାସଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଫ୍ରିଥଟ୍ ପାର୍ଟି ତରଫରୁ ଭୀମସେନ ବେହେରା ଲୋକ ସଭା ଆସନ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। କୋରେଇ ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଇଂ ବିଶ୍ୱଜିତ ମହାନ୍ତି ଓ ବିଞ୍ଝାରପୁର ବିଧାନସଭା ଆସନ ନିମନ୍ତେ ଭାଜପା ତରଫରୁ ବବିତା ମଲ୍ଲିକ ଏକ ବିରାଟ ପଟୁଆରରେ ଆସି ତାଙ୍କର ନାମାଙ୍କନ ପତ୍ର ଉପଜିଲାପାଳ ନାରାୟଣଚନ୍ଦ୍ର ଧଳଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ଯାଜପୁର ବିଧାନସଭା ଆସନ ନିମନ୍ତେ ସ୍ୱାଧୀନ ପ୍ରାର୍ଥୀ ପ୍ରଦୀପ କୁମାର ବେହୁରିଆ ତାଙ୍କର ସମର୍ଥକଙ୍କ ସହ ଆସି ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ବଡଚଣା ବିଧାନସଭା ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ମୃତ୍ୟୁଞ୍ଜୟ ପ୍ରସାଦ ପରିଡ଼ା ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ କଳିଙ୍ଗସେନା ତରଫରୁ ଦୀପକ ସାହୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଧର୍ମଶାଳା ବିଧାନସଭା ଆସନ ନିମନ୍ତେ କଂଗ୍ରେସରୁ ସ୍ମୃତିରେଖା ପହି ଏକ ବିରାଟ ପଟୁଆରରେ ଆସି ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ସ୍ୱାଧୀନପ୍ରାର୍ଥୀ ଭାବେ ରାମଚନ୍ଦ୍ର ସିଂ ତାଙ୍କର ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏପର୍ଯ୍ୟନ୍ତ ସମୁଦାୟ ୨୫ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

### ଅଧକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଚଣ୍ଡିଖୋଲ, ୬।୪(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ସାହାସପୁର ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଚିତ୍ତରଞ୍ଜନ ମହାନ୍ତିଙ୍କୁ ମହାବିଦ୍ୟାଳୟ ପରିସରରେ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଗତ ୩୧ରେ ସେ ଚାକିରିରୁ ଅବସର ନେଇଥିଲେ। ଏଥିରେ ପୂର୍ବତନ ପରିଚାଳନା କମିଟି ସଭାପତି ବୈକୁଣ୍ଠନାଥ ପଣ୍ଡା, ଶରତ କୁମାର ସାମଲ, ଶାରଦା ପ୍ରସନ୍ନ ମହାନ୍ତି, ମହାବିଦ୍ୟାଳୟର ଅଧ୍ୟାପକ ସଂଗ୍ରାମ କେଶୋରୀ ବଳ, ସନ୍ତୋଷ କୁମାର ରାଉତ, ପ୍ରଭାସ ଚନ୍ଦ୍ର ପାଢ଼ୀ ପ୍ରମୁଖ ବହୁ ବ୍ୟକ୍ତି ଯୋଗ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ।

## ବିଭିନ୍ନ ଦଳର ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ



ବିଞ୍ଝାରପୁର ବିଧାନସଭା ଆସନ ପାଇଁ ଭାଜପା ତରଫରୁ ବବିତା ମଲ୍ଲିକ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।



ଯାଜପୁର ଲୋକସଭା ଆସନ ପାଇଁ ଫ୍ରିଥଟ୍ ପାର୍ଟି ତରଫରୁ ଭୀମସେନ ବେହେରା ଜିଲାପାଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।





ଧର୍ମଶାଳା ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥିନୀ ସ୍ମୃତିରେଖା ପହି ଓ ବଡ଼ଚଣା ନିର୍ବାଚନମଣ୍ଡଳୀ ପାଇଁ କଳିଙ୍ଗ ସେନା ପକ୍ଷରୁ ଦୀପକ ସାହୁ ଉପଜିଲାପାଳ ନାରାୟଣଚନ୍ଦ୍ର ଧଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।



ଅନ୍ୟଠାରୁ ଯାହା ଉପକାର ପାଇଲ, ତାକୁ ଭୁଲିଯିବା ଉଚିତ ନୁହେଁ କି ଅନ୍ୟ ପ୍ରତି କରିଥିବା ଉପକାର କଥା ଆଦୌ ମନେ ପକାଇବା ଉଚିତ ନୁହେଁ।
- ମହାତ୍ମା ଗାନ୍ଧୀ



# ସରକାରୀ ଜମିରେ ଚାଲିଛି ଘରୋଇ ବ୍ଲିଚିଂ ପ୍ଲାଣ୍ଟ

- ସରକାରୀ ନୀତିନିୟମକୁ ଉଲ୍ଲଂଘନ
- ପ୍ରଦୂଷଣ ନିୟନ୍ତ୍ରଣ ବିଭାଗଠାରୁ ନିଆଯାଇନି ଅନୁମତି
- ଲୋକଙ୍କ ପାଇଁ ପାଲଟିଛି ବିପଦର କାରଣ

ଡୁବୁରୀ,୬।୪(ଡିଏନଏ)

ସମସ୍ତ ସରକାରୀ ନୀତି ନିୟମକୁ ଭୃକ୍ଷେପ ନ କରି ବେଆଇନ ଭାବେ ସରକାରୀ ଜମିରେ ଏକ ବ୍ଲିଚିଂ ପ୍ଲାଣ୍ଟ ଚାଲିଛି। ଦାନଗଦୀ ରାଜସ୍ୱ ସର୍କଲ ଜାମୁପଶି ମୌଜା ଡୁବୁରୀ-ନରଣପୁର ରାଜପଥ କଡ଼ରେ ଏହି କାରଖାନା ଦୀର୍ଘଦିନ ଧରି ଚାଲିଥିଲେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ନ ପଡିବା ପରିତାପର ବିଷୟ। ଡୁବୁରୀ -ନରଣପୁର ପୂର୍ତ୍ତ ବିଭାଗ ରାସ୍ତାର ଜନଗହଳିପୂର୍ଣ୍ଣ ବିଆରପିଏଲ ଛକ ନିକଟରେ ଏହି ବ୍ଲିଚିଂ ପ୍ଲାଣ୍ଟ ସ୍ଥାପିତ ହୋଇଥିବାରୁ ବିଭିନ୍ନ ସମସ୍ୟା ଲାଗିରହୁଛି। ଫଳରେ ଲୋକଙ୍କ ପାଇଁ ତାହା ବିପଦର କାରଣ ପାଲଟିଛି। ଏହାକୁ ବନ୍ଦ କରିବା ପାଇଁ ନଡ଼ିଆଭଙ୍ଗା ପଞ୍ଚାୟତବାସୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ପ୍ରଶାସନକୁ ଭକୁଆ ବନେଇ ଜାମୁପଶି ନିକଟରେ ଡୁବୁରୀ-ନରଣପୁର ପୂର୍ତ୍ତ ବିଭାଗ ରାସ୍ତା କଡ଼ରେ ଟେକ୍ସମୋ ନାମକ



ଏକ ଅଣଓଡିଆ ଘରୋଇ କମ୍ପାନୀ ଏହି ସିମେଣ୍ଟ କଂକ୍ରିଟ ମିକ୍ସ କାରଖାନା ସ୍ଥାପନ କରିଛି।

ସୁକିନ୍ଦା-ଡୁବୁରୀ-ଅନୁଗୋଳ ରେଳ ପ୍ରକଳ୍ପ ପାଇଁ ନବନିର୍ମିତ ରେଲୱେ ରାସ୍ତା ଏବଂ ଫ୍ଲାଏ ଓଭରବ୍ରିଜ କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା କଂକ୍ରିଟ ଯୋଗାଇବାକୁ ଠିକା ନେଇଥିବା ଟେକ୍ସମୋ କମ୍ପାନୀ ସବୁ ନୀତି ନିୟମ ଏବଂ ସରକାରୀ କଟକଣାକୁ ଆଖିବୁଜି ଦେଇଛି। ଦାନଗଦୀ ରାଜସ୍ୱ ସର୍କଲର ଜାମୁପଶି ମୌଜାରେ ଦୀର୍ଘଦିନ ହେଲା ଟେକ୍ସମୋ କମ୍ପାନୀ ବ୍ଲିଚିଂ ପ୍ଲାଣ୍ଟ ସ୍ଥାପନ କରିଛି। ସରକାରୀ ଜମିରେ ମାଟି ପକାଯାଇ ସେଠାରେ କାରଖାନା ସ୍ଥାପନ କରାଯାଇଛି। ଏହି ପ୍ଲାଣ୍ଟରେ ଫ୍ଲାଏଆସ, ସିଲିକା, ସ୍ଲାଗ ଏବଂ କଳାପଥର ମିଶ୍ରଣ କରାଯିବାର ବ୍ୟବସ୍ଥା ରହିଛି। ରାସ୍ତା କଡରେ ଏହି ପ୍ଲାଣ୍ଟ ରହିଥିବାରୁ ମେଶିନରେ ମିଶ୍ରଣ ଗୋଳାଇବା ସମୟରେ ଗୁଣ୍ଡ ଉଡ଼ି ପଥଚାରୀଙ୍କୁ ବିପଦରେ ପକାଉଥିବା ଅଭିଯୋଗ ହୋଇଛି। ମାତ୍ର ପ୍ଲାଣ୍ଟ କର୍ତ୍ତୃପକ୍ଷ ଏହି ଅଭିଯୋଗକୁ ଆଦୌ ଗୁରୁତ୍ୱ ଦେଉ ନ ଥିବା କୁହାଯାଉଛି। ଅନ୍ୟପକ୍ଷରେ କାରଖାନା ସ୍ଥାପନ ପୂର୍ବରୁ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗଠାରୁ କୌଣସି ଅନୁମତି ମଗାଯାଇ ନ ଥିବା କଳିଙ୍ଗନଗର ଆଞ୍ଚଳିକ ପ୍ରଦୂଷଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜଣାପଡିଛି। ସମ୍ପୃକ୍ତ ସ୍ଥାନରେ ଏକ ଇଂଲିଶ ମିଡିୟମ ସ୍କୁଲ ଓ ବିଆରପିଏଲ କଲୋନୀ ଥିବାରୁ ବ୍ଲିଚିଂରୁ କଂକ୍ରିଟ ବୋଝେଇ କରି ହାଇୱା ଗାଡିଗୁଡିକ ବିପଜ୍ଜନକ ଭାବେ ରାସ୍ତାକୁ ବାହାରୁଥିବାରୁ ଅନେକ ସମୟରେ ଦୁର୍ଘଟଣାର ଆଶଙ୍କା ଲାଗିରହୁଛି। ରାସ୍ତା କଡ଼ରେ ଏକ ସରକାରୀ ଜମିରେ ଅଣଓଡ଼ିଆ ଠିକାସଂସ୍ଥାର ଏହି ମନମୁଖି କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯାଇଛି। ଏ ସମ୍ପର୍କରେ ଟେକ୍ସମୋ କମ୍ପାନୀ ଇଂଜିନିୟର ଦିଲୀପ ମେଟେୟା କହିଛନ୍ତି, କିଛିଦିନ ଚାଲିବା ପରେ ଯାନ୍ତ୍ରିକ ତ୍ରୁଟି ଯୋଗୁ କାରଖାନା ବନ୍ଦ ରହିଛି। ଅନ୍ୟ କୌଣସି ସମ୍ପର୍କରେ ତାଙ୍କ ପାଖରେ କିଛି ସୂଚନା ନ ଥିବା ମେଟେୟା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ସଂକ୍ଷେପରେ

### କୁସୁନପୁର ଗ୍ରାମରେ ସପ୍ତଶତୀ ଚଣ୍ଡୀ ମହାଯଜ୍ଞ

ଜେନାପୁର,୬।୪(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚକ୍ରଧରପୁର ପଞ୍ଚାୟତ ଅଧୀନ କୁସୁନପୁର ଗ୍ରାମରେ ଅଷ୍ଟମ ବାର୍ଷିକ ମା' ସପ୍ତଶତୀ ଚଣ୍ଡୀ ମହାଯଜ୍ଞ ଉତ୍ସବ ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବ। ୩ ଦିନ ବ୍ୟାପୀ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ସହଯୋଗରେ ପ୍ରତିଦିନ ମା' ସପ୍ତସତୀ ଚଣ୍ଡୀଙ୍କ ବିଧି ଅନୁସାରେ ପୂଜାର୍ଚ୍ଚନା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନଷ୍ଠିତ ହେବ। ଏଥିସହ ଆନନ୍ଦ ବଜାରରେ ଭକ୍ତଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ମଣ୍ଡପସ୍ଥଳରେ ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା, ଅଗ୍ନିଶମବାହିନୀ ଓ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ବ୍ୟାପକ ବ୍ୟବସ୍ଥା କରାଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ନରେନ୍ଦ୍ର ନାୟକ, କୀର୍ତ୍ତନ ନାୟକ, ପ୍ରଦୀପ ନାୟକ, କୈଳାସ ସାହୁ, ବଳରାମ ଅମାନ୍ତ, ପ୍ରସାନ୍ତ ନାୟକ, ମେଘନାଦ ମଳିକ, ନନ୍ଦ କିଶୋର ସାମଲଙ୍କ ସମେତ ସମସ୍ତ ଗ୍ରାମବାସୀ ଯଜ୍ଞକାର୍ଯ୍ୟ ସୁରୁଖୁରୁରେ ସମାପନ ନେଇ ମା'ଙ୍କ ନିକଟରେ କାମନା କରିଛନ୍ତି।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଯାଜପୁର ଅଫିସ,୬।୪-କପିଳେଶ୍ୱର ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅନସୂୟା ଜେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ସିଆରସିସି ଗିରିଜା ପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ ଶଙ୍କର୍ଷଣ ସାହୁ ମୁଖ୍ୟଅତିଥି, ଜାଲପୁର ସିଆରସିସି ନରେଶ ଚନ୍ଦ୍ର ନାଥ ମୁଖ୍ୟବକ୍ତା ଏବଂ ସରପଞ୍ଚ ସୁଧାଂସୁ ଭୁଷଣ ଆଚାର୍ଯ୍ୟ, ପ୍ରଶାନ୍ତ କୁମାର ମହାନ୍ତି ଇଂ.ରବିନ୍ଦ୍ର ମହାନ୍ତି, କ୍ଷିରୋଦଚନ୍ଦ୍ର ପାଠୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଅବସର ଗ୍ରହଣ କରୁଥିବା ପ୍ରଧାନ ଶିକ୍ଷୟତ୍ରୀ ଜେନାଙ୍କ କାର୍ଯ୍ୟ ଦକ୍ଷତା ଓ ସମୟାନୁବର୍ତିତା ଶିକ୍ଷାଦାନ କୌଶଳ, ଛାତ୍ର ବତ୍ସଳତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ବରିଷ୍ଠ ଶିକ୍ଷୟତ୍ରୀ ମାତୁଲୀ ତ୍ରିପାଠୀ ପ୍ରାରମ୍ଭିକ ସୂଚନା, ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଶିକ୍ଷୟତ୍ରୀ କେତେକ ଛାତ୍ରୀଛାତ୍ର ଜେନାଙ୍କ ଉଦ୍ଦେଶ୍ୟରେ ଭାଷଣ ଦେଇଥିଲେ। ସଭା ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶେଷରେ ଶିକ୍ଷୟତ୍ରୀ ସଂଜିତା ମହାନ୍ତି ଧନ୍ୟବାଦ ଦେଇଥିଲେ।

### ବିଜେଡିର ମିଶ୍ରଣ ପର୍ବ

କଳିଙ୍ଗନଗର,୬।୪(ଡି.ଏନ୍.ଏ.)- ସୁକିନ୍ଦା ନିର୍ବାଚନମଣ୍ଡଳୀ ଦାନଗଦୀ ବ୍ଲକ ଅନ୍ତର୍ଗତ ଯଖପୁରା ଗ୍ରାମ ପଞ୍ଚାୟତର ବାଲୁଙ୍ଗାବନ୍ଧି ଅଁଳପାଳ ଗ୍ରାମର ବହୁ ଭାଜପା ଓ କଂଗ୍ରେସ କର୍ମୀ ଶୁକ୍ରବାର ବିଜେଡିରେ ସାମିଲ ହୋଇଛନ୍ତି। ବିଧାୟକ ପ୍ରୀତିରଞ୍ଜନ ଘଡାଇଙ୍କ ଉପସ୍ଥିତିରେ ଦଳରେ ଯୋଗଦେଇଥିଲେ।

### କାର୍ତ୍ତିକ ଚନ୍ଦ୍ର ରଥଙ୍କ ବିୟୋଗରେ ସ୍ମୃତି ସଭା

ଧର୍ମଶାଳା,୬।୪ (ଡି.ଏନ୍.ଏ.)- ଜାରକାସ୍ଥିତ ଗୋକର୍ଣ୍ଣିକା ସାହିତ୍ୟ ସମାଜ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବିଶିଷ୍ଟ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ କାର୍ତ୍ତିକ ଚନ୍ଦ୍ର ରଥଙ୍କ ବିୟୋଗରେ ଏକ ସ୍ମୃତି ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ପଣ୍ଡିତ ଡ.ସୂର୍ଯ୍ୟମଣି ଖୁଣ୍ଟିଆ, ବରିଷ୍ଠ ଶିଶୁ ସାହିତ୍ୟସ୍ରଷ୍ଟା ବଟକୃଷ୍ଣ ଓଝା, ଜିଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି, ଧର୍ମଶାଳା ମହିଳା ଡିଗ୍ରୀ କଲେଜ ଅଧକ୍ଷା ଡ. ଇନ୍ଦୁପ୍ରଭା ସାମଲ ଯୋଗଦେଇଥିଲେ। ନିଜ ଜୀବନକାଳ ଭିତରେ ଶହେରୁ ଉର୍ଦ୍ଧ୍ୱ ଓଡ଼ିଆ ଓ ହିନ୍ଦୀ ନାଟକର ସଫଳ ନିର୍ଦ୍ଦେଶନା ଦେଇ ସ୍ୱର୍ଗତ କାର୍ତ୍ତିକ ଚନ୍ଦ୍ର ବହୁବାର ଜାତୀୟସ୍ତରରେ ପୁରସ୍କାର ଓ ସମ୍ବର୍ଦ୍ଧିତ ହୋଇ ରାଜ୍ୟ ପାଇଁ ଗୌରବ ଆଣିଥିଲେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ସଂଗ୍ରାମ ଜେନା, ଦୁର୍ଗା ପ୍ରସନ୍ନ ଦାଶ, ନିର୍ମଳ ସାମଲ, ଆଇନଜୀବୀ ନୀଳମାଧବ ସାମଲ, ସମ୍ଭବ ସମ୍ପାଦକ ଅଖିଳ କୁମାର ସ୍ୱାଇଁ, ଚାହାଣୀ ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି, ସହ ସମ୍ପାଦକ ପ୍ରତାପରୁଦ୍ର ପଣ୍ଡା, କବୟିତ୍ରୀ ଗାୟତ୍ରୀ ନାୟକ, କିଶୋର କଳିକା ସମ୍ପାଦକ ଅଜୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରଥଙ୍କ ଗୁଣଗାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ବେଆଇନଭାବେ ଚାଲିଛି ପଥର ଚାଲାଣ

କାଳିଆପାଣି,୬।୪(ଡି.ଏନ୍.ଏ.)

ସୁକିନ୍ଦା ତହସିଲ ଅଧୀନରେ ଦୈନନ୍ଦିନ ବେଆଇନଭାବେ ପଥର ଖାଦାନରୁ ପଥର ଚାଲାଣ କରାଯାଉଛି। ସୁକିନ୍ଦା ତହସିଲ, ପୋଲିସ ଏବଂ ବନବିଭାଗ ଅଧିକାରୀ ନୀରବଦ୍ରଷ୍ଟା ସାଜିଥିବାରୁ ଲୁଟେରାମାନେ ଦିନ ଦ୍ୱିପ୍ରହରରେ ଲୁଟ୍ କରିବାରେ ସକ୍ଷମ ହେଉଛନ୍ତି। ଫଳରେ ବହୁ ରାଜସ୍ୱହାନି ହେଉଛି। ଉକ୍ତ ବେଆଇନ ପ୍ରଥର ଖଣିକୁ ବନ୍ଦକରିବା ନେଇ ଅନେକ ଥର ସୁକିନ୍ଦାରେ ଆନ୍ଦୋଳନ ହୋଇଛି। ହେଲେ କୌଣସି ସୁଫଳ ମିଳିପାରି ନାହିଁ। ଦୁଧୁଯୋଡୀ ଗ୍ରାମପଞ୍ଚାୟତର ପୂବଳ ଗ୍ରାମରେ ୨ଟି ଏବଂ ଖରଡି ଗ୍ରାମପଞ୍ଚାୟତର ଆମ୍ବସାର ଅଞ୍ଚଳରେ ୫ରୁ ଉର୍ଦ୍ଧ୍ୱ ବେଆଇନ ପଥର ଖଣି ଚାଲିଛି। ବନ୍ଦଗାଁ ଗ୍ରାମପଞ୍ଚାୟତରେ ୪ଟି ଓ ପିଙ୍ଗୁଡିଆ ଗ୍ରାମ ପଞ୍ଚାୟତର ନୂଆଡିହ ଅଞ୍ଚଳର ଖଣ୍ଡୁରିଙ୍କ ପୀଠ ନିକଟରେ ୩ଟି ଖଣିରୁ ପଥର ବେଆଇନଭାବେ ଚାଲାଣ କରାଯାଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ନ ଦେବାରୁ ସ୍ଥାନୀୟ ଅଞ୍ଚଳର ସରକାରୀ ଅଧିକାରୀ ନୀରବ ଦ୍ରଷ୍ଟା ସାଜିଥିବା ଅଞ୍ଚଳବାସୀ କହିଛନ୍ତି। ଅପରପକ୍ଷେ ସୁକିନ୍ଦା ବ୍ଲକ ସ୍ତରୀୟ ଜଣେ ନେତାଙ୍କ ସହଯୋଗରେ ୨୦୧୯ ନିର୍ବାଚନରେ ଅର୍ଥଖର୍ଚ୍ଚ ପାଇଁ ଚାନ୍ଦାଆଦାୟ ଉଦ୍ଦେଶ୍ୟରେ ପଥର ଖଣି ଲୁଟ୍ କରାଯାଉଥିବା ଚର୍ଚ୍ଚା ଜୋର ଧରିଛି। ଏ ଦିଗରେ ଜିଲାପାଳ ତୁରନ୍ତ ପଦକ୍ଷେପ ନେବା ପାଇଁ ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏ ନେଇ ବିଡିଓ ତଥା ସୁକିନ୍ଦା ତହସିଲ ଦାୟିତ୍ୱରେ ଥିବା ବିଶ୍ୱଜିତ୍ ଦାସଙ୍କୁ ପଚାରିବାରୁ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

# କାଳିଆପାଣି ପୋଲିସ ପକ୍ଷରୁ ଜଳଛତ୍ର



ପାଣିକୋଇଲି ପୋଲିସ ଅଧିକାରୀ ଲୋକଙ୍କୁ ଜଳବଣ୍ଟନ କରୁଛନ୍ତି ।

କାଳିଆପାଣି,୬।୪(ଡିଏନଏ)

କାଳିଆପାଣି ଖଣି ଅଞ୍ଚଳରେ ଗତ କିଛିଦିନ ହେବ ତାପମାତ୍ରା ବଢିବାରେ ଲାଗିଛି । ପ୍ରତିବର୍ଷ ଗାଁ କଲ୍ୟାଣ ସମିତି ପକ୍ଷରୁ ପ୍ରତି ପଞ୍ଚାୟତରେ ସରକାରୀ ଅନୁଦାନରେ ଜଳଛତ୍ର କେନ୍ଦ୍ର ଖୋଲୁଥିବା ବେଳେ ଚଳିତ ବର୍ଷ ଅଦ୍ୟାବଧି ତାହା ଖୋଲା ହୋଇନାହିଁ। ଅପରପକ୍ଷେ କାଳିଆପାଣି ପୋଲିସ ପକ୍ଷରୁ ଶନିବାର ଜଳଛତ୍ର କେନ୍ଦ୍ର ଖୋଲା ଯାଇଛି। କାଳିଆପାଣି ଥାନାଧିକାରୀ ରମାକାନ୍ତ ମୁଦୁଲିଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଟାଟା ବଜାର, ଏଟିଏମ୍ ଛକରେ ଜଳଛତ୍ର କେନ୍ଦ୍ର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ କାଳିଆପାଣି ପୋଲିସ ପକ୍ଷରୁ ଏସଆଇ ବିଭୁତି ମହାପାତ୍ର, ଏଏସ୍ଆଇ ବିଜୟ କୁମାର ସାହୁଙ୍କ ସମେତ ଥାନା କର୍ମଚାରୀ ଉପସ୍ଥିତ ଥିଲେ।

# ଆମ ପୋଲିସ ପକ୍ଷରୁ ଜଳଛତ୍ର ଉଦ୍‌ଘାଟନ

ଧର୍ମଶାଳା,୬।୪(ଡି.ଏନ୍.ଏ.)

ଧର୍ମଶାଳା ଥାନା ଆମ ପୋଲିସ ପକ୍ଷରୁ ଜାରକା ବସ୍‌ଷ୍ଟପଠାରେ ଏକ ଜଳଛତ୍ର ଗୁରୁବାର ଶୁଭାରମ୍ଭ ହୋଇଯାଇଛି। ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ ଯୋଗଦେଇ ଜଳଛତ୍ରର ଉଦ୍‌ଘାଟନ କରିଥିଲେ। ଏହି ଜଳଛତ୍ର ପୂର୍ବାହ୍ନ ୯ ଘଟିକାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଖୋଲିବ। ଏଥିରେ ଦୁଇ ଜଣ ମହିଳା ହୋମ୍‌ଗାର୍ଡଙ୍କୁ ନିୟୋଜିତ କରାଯାଇଛି। ଏହି ଜଳଛତ୍ରରେ ଦହି ଲୁଣ ମିଶା ସର୍ବତ ପ୍ରଦାନ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ଏସ୍ଆଇ ଜହର ଆବେଦିନ୍, ଏଏସ୍ଆଇ ନିରଞ୍ଜନ ବେହୁରା, ଉପେନ୍ଦ୍ର ନାଥ ଦାସ, ପ୍ରଦୀପ କୁମାର ସେଠୀ, ରାଜ କିଶୋର ନାୟକ ପ୍ରମୁଖ କାର୍ଯ୍ୟାକ୍ରମକୁ ପରିଚାଳନା କରିଥିଲେ। ରୋଟାରୀ କ୍ଲବର ସଭାପତି ପ୍ରଦୀପ୍ତ କୁମାର ବରାଳ, ତ୍ରିଲୋଚନ ବିଶ୍ୱାଳ, ଶେଷଦେବ ନାୟକ, ମିନତୀ ସାହୁ, ଇନ୍ଦୁପ୍ରଭା ସାମଲ, ବିନୋଦ ବିହାରୀ ପରିଡା ପ୍ରମୁଖ ଜଳଛତ୍ର କାର୍ଯ୍ୟରେ ସହାୟତା କରିଥିଲେ। ଜୁନ୍ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଜଳଛତ୍ର ଚାଲିବ ବୋଲି ଆମ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ ଆଖିବୁଜିଲେ ଆଦିବାସୀ ଯୁବକ

ସୁକିନ୍ଦା,୬।୪(ଡିଏନଏ)

ଯାଜପୁର ଜିଲା ସୁକିନ୍ଦାଗଡ଼ ପଞ୍ଚାୟତର ଦଲକି ଗ୍ରାମର ଜଣେ ଆଦିବାସୀ ଯୁବକ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ରାମିଆ ମୁଣ୍ଡା। ସେ ଦୀର୍ଘଦିନ ଧରି ଯକ୍ଷ୍ମାରେ ପୀଡ଼ିତ ଥିବା ସହ ତାଙ୍କ ଗୋଡ଼ରେ ଏକ କ୍ଷତ ସୃଷ୍ଟି ହୋଇଥିଲା। ତାଙ୍କୁ ଅବିଳମ୍ବେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ ରାମ୍‌କୀକୁ ନିର୍ଦ୍ଦେଶ ଦେଇଥିଲେ ହେଁ ରାମକୀ ଶୁଣି ନ ଥିଲା। ଫଳରେ ଉପଯୁକ୍ତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ ଶେଷରେ ଶନିବାର ଆଖି ବୁଜି ଦେଇଛନ୍ତି ରାମିଆ।

ପ୍ରକାଶ ଯେ, ରାମିୟା ଦୀର୍ଘଦିନ ଧରି ଯକ୍ଷ୍ମାରେ ଆକ୍ରାନ୍ତ ହୋଇ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଫଳରେ ଶିଶୁ ସୁରକ୍ଷା ଅଭିଯାନର ଜଗବନ୍ଧୁ ବେଜ, ସାମାଜିକ କର୍ମୀ ସୁଶାନ୍ତ କୁମାର ମଲ୍ଲିକ, ସୁଶାନ୍ତ କୁମାର ମହାନ୍ତ ପ୍ରମୁଖ ସ୍ଥାନୀୟ ବିଧାୟକଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ତାଙ୍କୁ ଚିକିତ୍ସା ଯୋଗାଇ ଦେବାକୁ ବିଧାୟକ ସୁକିନ୍ଦା କଞ୍ଚିତୁଆ ଅଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ରାମକୀ ଏନ୍‌ଭାଇରନ୍‌ମେଣ୍ଟ ଇଞ୍ଜିନିୟର ନାମକ କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ। ରାମକୀ ପ୍ରାରମ୍ଭିକ ସ୍ଥିତିରେ ଏକ ଘରୋଇ ହସ୍ପିଟାଲକୁ ନେଇ ଚିକିତ୍ସା କରାଇଥିଲା। ମାତ୍ର ସମ୍ପୂର୍ଣ୍ଣ ଚିକିତ୍ସା ନ କରି ତାଙ୍କ ଘରେ ଛାଡି ଦେଇଥିଲା। ଫଳରେ ରାମିଆ ଦୀର୍ଘ ବର୍ଷେ କାଳ ବିଛଣାରେ ପଡି ଶେଷରେ ଶନିବାର ଆଖି ବୁଜି ଦେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ, ଟିବି ପାଇଁ ମାଗଣା ଔଷଧ ବଣ୍ଟନ କରିବାର ବ୍ୟବସ୍ଥା ରହିଛି। କେଉଁ ପରିସ୍ଥିତିରେ ଏହି ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି ତାର ତର୍ଜମା କରାଯାଇ ସିଡିଏମ୍‌ଓ ଓ ପ୍ରଶାସନ ଏକ କ୍ୟାମ୍ପ କରି ଯକ୍ଷ୍ମା ନିୟନ୍ତ୍ରଣ କରାଯିବାକୁ ଖୁବଶୀଘ୍ର ଗ୍ରହଣ କରାଯିବ ବୋଲି କହିଛନ୍ତି। ରାମକୀ ପରିଚାଳକଙ୍କୁ ଏ ସମ୍ପର୍କରେ ପଚାରିବା ପାଇଁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ନ ଉଠାଇବାରୁ ତାଙ୍କ ମତାମତ ମିଳିପାରି ନାହିଁ।

# ପ୍ରାଧ୍ୟାପକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଧର୍ମଶାଳା,୬।୪(ଡି.ଏନ୍.ଏ.)

ଧର୍ମଶାଳା ମହାବିଦ୍ୟାଳୟର ପ୍ରାଧ୍ୟାପକ ସର୍ବେଶ୍ୱର ମିଶ୍ରଙ୍କୁ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅଧ୍ୟାପକ ଦେବପ୍ରସାଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ଭୀମ ପୃଷ୍ଟି ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି, ଅଧ୍ୟାପକ ଜୟନ୍ତ କୁମାର ସାହୁ ଓ ଅବସରପ୍ରାପ୍ତ ଗ୍ରନ୍ଥାଗାରିକ ପବିତ୍ର ମୋହନ ଜେନା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିମାଇଁ ଚରଣ କର, ତ୍ରିଲୋଚନ ରାଉତ, ସସ୍ମିତା ରାଉଳ ଓ ପ୍ରାକ୍ତନ ଛାତ୍ର ଦୀପକ କୁମାର ଶତପଥୀ ଯୋଗଦେଇଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ମିଶ୍ରଙ୍କୁ ମାନପତ୍ର, ଉପଢୌକନ ଓ ବିଭିନ୍ନ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି।

# ଚାଷୀ ସଂଗଠନ ଉପରେ ରହିଛି ନଜର

## ବିଦ୍ରୋହୀ ସ୍ୱାଧୀନ ପ୍ରାର୍ଥୀଙ୍କ ରହିପାରେ ନିର୍ଣ୍ଣାୟକ ଭୂମିକା

ଯାଜପୁର ଅଫିସ,୬।୪

ଯାଜପୁର ଲୋକ ସଭା ଆସନ ସମେତ ଜିଲାର ୭ଟି ବିଧାନସଭା ନିର୍ବାଚନକୁ ଆଉ ମାତ୍ର ୩ସପ୍ତାହ ରହିଛି। ୯ତାରିଖରେ ନାମାଙ୍କନ ପତ୍ର ଦାଖଲର ଶେଷ ଦିବସ। ଜିଲାର ସବୁଠି ମୋଟାମୋଟି ଭାବେ କଡ଼ା ମୁକାବିଲା ଦେବାର ସମ୍ଭାବନା ସୃଷ୍ଟି କରିଛି। ଦଳୀୟ ଟିକେଟ ପାଇଥିବା ପ୍ରାର୍ଥୀମାନେ ଦଳର ଭାବମୂର୍ତ୍ତିକୁ ଭରସା କରୁଥିବାବେଳେ ବିଦ୍ରୋହୀ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରଭାବଶାଳୀ ଉପସ୍ଥିତି ପ୍ରତିଦ୍ୱନ୍ଦ୍ୱିତାର ଚିତ୍ରକୁ ପ୍ରଭାବିତ କରୁଛି। ଏଭଳିସ୍ଥିତିରେ ଦଳୀୟ ପ୍ରାର୍ଥୀମାନେ କିଭଳି ଭୋଟରଙ୍କ ନିକଟତର ହୋଇ ପାରିବେ, କ'ଣ ରହିବ ପ୍ରଚାରର ମାଧ୍ୟମ, କେଉଁ ହାଇପ୍ରୋଫାଇଲ ନେତାଙ୍କୁ ସାଥିରେ ନେଲେ ଭୋଟରଙ୍କ ମନ କିଣି ହେବ ସେହି ସବୁ ଦିଗକୁ ଗୁରୁତର ସହ ଚିନ୍ତା କରୁଛନ୍ତି। ଜିଲାରେ ବିଶେଷକରି ସକ୍ରିୟ ହୋଇଥିବା ଚାଷୀ ସଂଗଠନ ଏବଂ ବିଦ୍ରୋହୀ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ଫଳାଫଳକୁ ଓଲଟପାଲଟ କରି ଦେଇପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି।

ଯାଜପୁର ଲୋକ ସଭା ଆସନରେ

### ଯାଜପୁର ଜିଲା ରାଜନୀତି



କଂଗ୍ରେସର ମାନସ ଜେନା, ଭାଜପାର ଅମୀୟକାନ୍ତ ମଲ୍ଲିକ ଓ ବିଜେଡିର ଶର୍ମିଷ୍ଠା ସେଠୀ ନିର୍ବାଚନ ମଇଦାନରେ ଓହ୍ଲାଇଛନ୍ତି। ଭାଜପାର ଅମୀୟଙ୍କୁ ଛାଡିଦେଲେ କଂଗ୍ରେସ ଓ ବିଜେଡିରେ ଏଥର ନୂଆ ମୁହଁ ରହିଛନ୍ତି। ବିଜେଡିର ସେଠୀ ଓ ଭାଜପାର ମଲ୍ଲିକ ବେଶ୍ ସଫଳତାର ସହ ଲୋକଙ୍କ ପାଖରେ ନିଜକୁ ଓ ଚିହ୍ନକୁ ପହଞ୍ଚାଇ ପାରିବା ସହ ବିଧାନସଭାର ଦଳୀୟ ପ୍ରାର୍ଥୀଙ୍କ ପୂର୍ଣ୍ଣ ସହଯୋଗ ପାଇପାରୁଛନ୍ତି। ଅପରପକ୍ଷରେ ଚାଷୀ ସଂଗଠନ କାହାକୁ ସମର୍ଥନ କରିବ ସେ ନେଇ ଏଯାଏ କୌଣସି ସୂଚନା ମିଳିପାରି ନାହିଁ। ନବନିର୍ମାଣ କୃଷକ ସଂଗଠନର ଚାଷୀମାନଙ୍କ ଉପରେ ବିଜେଡି ସରକାର ଯେଭଳି ଅନ୍ୟାୟ ଅତ୍ୟାଚାର କରିଛନ୍ତି ତାକୁ କେବେ ଭୁଲିହେବ ନାହିଁ ବୋଲି କୃଷକ ନେତାମାନେ କହୁଛନ୍ତି। କାଳିଆ ଯୋଜନା ଏହି ସଂଗଠନକୁ ସନ୍ତୁଷ୍ଟ କରିପାରି ନାହିଁ। କୃଷକଙ୍କଠାରୁ ଗଣତାନ୍ତ୍ରିକ ଅଧିକାର ସରକାର ଛଡ଼େଇ ନେଇଛନ୍ତି। ପୋଲିସ ପ୍ରଶାସନକୁ ଲଗାଇ କୃଷକମାନଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଇଛନ୍ତି। ଚାଷୀଙ୍କୁ ନିଜର ଦାବି ଜଣାଇବାକୁ ସରକାର ରାଜଧାନୀରେ ପହଞ୍ଚିବାକୁ ସୁଯୋଗ ଦେଲେ ନାହିଁ। ଅମାନବୀୟ ଭାବେ ଚାଷୀଙ୍କୁ ଏକାଧିକ ଥର ରାସ୍ତାରୁ ପୋଲିସ ଉଠାଇ ନେଇଛି। ଏଥିରେ କଂଗ୍ରେସ ଓ ଭାଜପା ସିଧାସଳଖ ସମର୍ଥନ ଜଣାଇ ନ ଥିଲେ ହେଁ ମାନସିକ ଭାବେ ସହଯୋଗ କରିଛି। ଜିଲାର କୋରେଇ ନିର୍ବାଚନମଣ୍ଡଳୀର ପ୍ରାୟ ଅଧା ଅଞ୍ଚଳ ସମେତ ଧର୍ମଶାଳା, ବରୀ, ବଡ଼ଚଣା ଓ ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଚାଷୀ ସଂଗଠନ ତାର ପ୍ରୟୋଗଶାଳାରେ ପରିଣତ କରିଛି । ଓଡିଶୋ ପଞ୍ଚାୟତର ମାନପୁର ଗାଁରେ ବିଶାଳ କୃଷକ ସମାବେଶରୁ ଏହା ପ୍ରମାଣିତ ହୋଇସାରିଛି । ତେଣୁ ଚଳିତ ସାଧାରଣ ନିର୍ବାଚନରେ ଚାଷୀ ସଂଗଠନ ବିଜେଡି ପାଇଁ ଘାତକ ସାଜିପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ବିଶେଷକରି ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଚାଷୀ ସଂଗଠନ ଜନ୍ମ ନେଇଛି। ଏହି ସଂଗଠନ ଜାତୀୟ ରାଜପଥ ଅବରୋଧ କରି ପ୍ରଶାସନକୁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହି ନିର୍ବାଚନମଣ୍ଡଳୀରେ ବିଜେଡିର ପ୍ରଣବକୁମାର ବଳବନ୍ତରାୟ(ଜିତୁ), ଭାଜପାରୁ ରମେଶ ପରିଡା ଓ କଂଗ୍ରେସର ସ୍ମୃତିରେଖା ପହି ନିର୍ବାଚନ ଲଢୁଛନ୍ତି। ତେବେ ଗତ ନିର୍ବାଚନର ଫଳାଫଳକୁ ଅବଲୋକନ କଲେ ଏଠାରେ ବିଜେଡି ୧,୦୯,୨୪୧ ଭୋଟ ପାଇଁ ଉଭୟ ଭାଜପା ଓ କଂଗ୍ରେସକୁ ଅମାନତ ହରାଇଥିଲା। ତେବେ ଚଳିତ ନିର୍ବାଚନରେ ସେଭଳି ପରିସ୍ଥିତି ନ ଥିବାରୁ ଟକ୍କର ଜୋରଦାର ହେବ ବୋଲି କୁହାଯାଉଛି । କୋରେଇ ନିର୍ବାଚନମଣ୍ଡଳୀ ପାଇଁ କେତେକ ବିଜେଡି ବିଦ୍ରୋହୀ ପ୍ରାର୍ଥୀ ସ୍ୱାଧୀନ ଭାବେ ନାମାଙ୍କନ ପତ୍ର ଦାଖଲ କରିବାକୁ ଯୋଜନା କରିଛନ୍ତି। ଯାହାକି ଏମାନେ ବିଜେଡିର ପ୍ରାୟ ଭୋଟ କାଟି ଦେବାର କ୍ଷମତା ରଖୁଥିବା ଚର୍ଚ୍ଚା ହେଉଛି। ତେବେ ନିର୍ବାଚନରେ ଚାଷୀ ଓ ବିଦ୍ରୋହୀ ସ୍ୱାଧୀନ ପ୍ରାର୍ଥୀ କେତେଦୂର ତାଙ୍କ ଲକ୍ଷ୍ୟରେ ସଫଳ ହେଉଛନ୍ତି ତାହା ଆଗାମୀ ଦିନର ଫଳାଫଳରୁ ସ୍ପଷ୍ଟ ଜଣାପଡିବ ବୋଲି ମତପ୍ରକାଶ ପାଇଛି ।







# ଲକ୍ଷ୍ମୀପୁର ଆସନରେ ଚତୁର୍ମୁଖୀ ଲଢ଼େଇ

## କଂଗ୍ରେସକୁ ଟକ୍କର ଦେବ ବିଏସ୍‌ପି, ବିଜେଡି ରାସ୍ତାରେ ଭାଜପା କଣ୍ଟା

**ଅମିତାଭ ବେହେରା**
**କୋରାପୁଟ,୬।୪**

୨୦୧୯ ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଆସନ୍ତା ୧୧ ତାରିଖରେ ହେବାକୁ ଥିବାବେଳେ ବିଭିନ୍ନ ଦଳର ପ୍ରାର୍ଥୀ ପ୍ରଚାର ଜୋରଦାର କରିଛନ୍ତି। କୋରାପୁଟ ଜିଲାର ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ମଇଦାନରେ ରହିଛନ୍ତି ୫ ଜଣ ପ୍ରାର୍ଥୀ। ସେମାନଙ୍କ ମଧ୍ୟରେ କୋରାପୁଟ ଜିଲା ପରିଷଦ ଅଧ୍ୟକ୍ଷ ଥିବା ପ୍ରଭୁ ଜାନିଙ୍କୁ ବିଜେଡି ଏଠାରୁ ପ୍ରାର୍ଥୀ କରିଛି। କଂଗ୍ରେସରୁ ପୁଣିଥରେ ପ୍ରାର୍ଥୀ ହୋଇଛନ୍ତି କୈଳାସ ଚନ୍ଦ୍ର କୁଲେସିକା। ଭାଜପା ଏଠାରେ ନୂଆମୁହଁ ଭାବେ କୁମୁଦ ଚନ୍ଦ୍ର ସାଉଁତାଙ୍କୁ ସୁଯୋଗ ଦେଇଛି। ଅନ୍ୟପକ୍ଷରେ ପୂର୍ବତନ କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆଙ୍କ ସ୍ତ୍ରୀ ଅନୀତା ସଗରିଆ ବିଏସ୍‌ପିରୁ ପ୍ରାର୍ଥୀ ହୋଇଥିବା ବେଳେ ସିପିଆଇ (ଏମ୍‌ଏଲ୍) ପୂର୍ଣ୍ଣ ମାଣ୍ଡିଙ୍ଗିଙ୍କୁ ପ୍ରାର୍ଥୀ କରିଛି। ଏଥର ବିଜେଡି, କଂଗ୍ରେସ, ଭାଜପା ଓ ବିଏସ୍‌ପି ମଧ୍ୟରେ ଚତୁଃମୁଖୀ ଲଢ଼େଇ ହେବ।

୧୯୮୫ ପରଠାରୁ ପ୍ରତି ନିର୍ବାଚନ ଫଳ ଭିନ୍ନ ଭିନ୍ନ ରହିଆସିଛି। କେଉଁ ଦଳ ଲଗାତର ଭାବେ ଦୁଇଟି ନିର୍ବାଚନରେ ବିଜୟୀ ହୋଇପାରିନାହିଁ। ୨୦୦୦ରୁ ହୋଇଥିବା ୪ଟି ନିର୍ବାଚନରେ ଭୋଟର ବିଜେଡିକୁ ଦୁଇଥର ଓ କଂଗ୍ରେସକୁ ଦୁଇଥର କ୍ଷମତାକୁ ଆଣିଛନ୍ତି। ୨୦୦୯ରେ ଏହି ଆସନ ପାଇଁ ୧୦ ଜଣ ପ୍ରାର୍ଥୀ ଥିଲେ। ବିଜେଡିର ଝିନ୍ନ ହିକ୍କା ଓ କଂଗ୍ରେସର ହେମା ଗମାଙ୍ଗଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା। ଝିନ୍ନ ୨୫,୦୯୫ ଭୋଟ (୩୨.୪୭ ପ୍ରତିଶତ) ପାଇ ବିଧାୟକ ହୋଇଥିବା ବେଳେ ହେମାଙ୍କୁ ୨୧,୬୮୯ ଭୋଟ (୨୮.୦୬ ପ୍ରତିଶତ) ମିଳିଥିଲା। ସେହି ନିର୍ବାଚନରେ କୈଳାସ କୁଲେସିକାଙ୍କୁ କଂଗ୍ରେସ ଟିକେଟ ନ ମିଳିବାରୁ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ୭,୫୭୭ ଭୋଟ ପାଇଥିଲେ। ବିଏସ୍‌ପିର ଗୁପ୍ତେଶ୍ୱର ଜାନି ୫,୨୬୭ ଓ ଭାଜପାର ଗୋପୀନାଥ କଦାସିଆଙ୍କୁ ୫,୦୭୮ ଭୋଟ ମିଳିଥିଲା। ୨୦୧୪ରେ କଂଗ୍ରେସରୁ ପ୍ରାର୍ଥୀ ହୋଇ କୈଳାସ କୁଲେସିକା ୫୩,୪୨୯ ଭୋଟ ପାଇ ବିଧାୟକ ହୋଇଥିଲେ। ହେମା ଗମାଙ୍ଗ ବିଜେଡିରୁ ଲଢ଼ି ୩୦,୯୫୬ ଖଣ୍ଡ ଭୋଟ ପାଇଥିବା ବେଳେ ଭାଜପାର ଶିବ ମୁଦୁଲିଙ୍କୁ ୯,୫୨୭ ଖଣ୍ଡ ଭୋଟ ମିଳିଥିଲା।

୨୦୧୭ ପଞ୍ଚାୟତ ନିର୍ବାଚନ ପରେ ବିଜେଡିର ତୁଙ୍ଗନେତା ଜୟରାମ ପାଙ୍ଗିଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ଦଳରୁ ବହିଷ୍କାର କରାଯାଇଥିଲା। ଏହାପରେ ସେ ଭାଜପାରେ ମିଶି ଅଞ୍ଚଳରେ ଦଳକୁ ପୂର୍ବଠାରୁ ସ୍ଥିତ ଅଧିକ ମଜଭୁତ କରିଥିଲେ। ଚଳିତଥର ଭାଜପା ଜୟରାମଙ୍କୁ କୋରାପୁଟ ଲୋକ ସଭା ପାଇଁ ପ୍ରାର୍ଥୀ କରିଛି। ଜିଲାର ବନ୍ଧୁଗାଁ, ନାରାୟଣପାଟଣାରେ ତାଙ୍କର ପତିଆରା ରହିଥିବାବେଳେ ତାହାର ଫାଇଦା ତାଙ୍କ ସମେତ ଲକ୍ଷ୍ମୀପୁର ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ଥିବା କୁମୁଦ ସାଉଁତାଙ୍କୁ ମିଳିବ ବୋଲି କୁହାଯାଉଛି। ନିକଟରେ ଲକ୍ଷ୍ମୀପୁରରେ ଆୟୋଜିତ ଭାଜପାର ବିଜୟ ସଙ୍କଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ୍ ଦେବା ପାଇଁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ବିଜେଡି ପ୍ରାର୍ଥୀ ପ୍ରଭୁ ଜାନିଙ୍କ ଘର ଦଶମନ୍ତପୁର ବ୍ଲକ ହୋଇଥିବା ବେଳେ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନାକୁ ଆୟୁଧ କରି ସେ ନିର୍ବାଚନ ବୈତରଣୀ ପାର ହେବାକୁ ଆଶା ବାନ୍ଧିଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ଏହି ଅଞ୍ଚଳର ସମସ୍ତ ୭ଟି ଜିଲା ପରିଷଦ ଜୋନ କବ୍‌ଜା କରି ନିଜ ସ୍ଥିତି ଦୃଢ଼ କରିଛି। କିନ୍ତୁ ଦଳରେ ଥିବା ଅନ୍ତର୍ଦ୍ୱନ୍ଦ୍ୱ ମହଙ୍ଗା ପଡ଼ିପାରେ ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷରେ ଏହି ବିଧାନସଭା ଆସନରେ କିଛି ମାସ ତଳେ କଂଗ୍ରେସର ସ୍ଥିତି ଭଲ ଥିବାବେଳେ ନିକଟରେ କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ଦଳ ଛାଡ଼ିବା ଓ ବିଏସ୍‌ପିରେ ଯୋଗଦେବା ପରଠାରୁ ଲକ୍ଷ୍ମୀପୁର ବିଧାୟକ କୈଳାସ କୁଲେସିକାଙ୍କ ସହ ତାଙ୍କର ଶୀତଳ ଯୁଦ୍ଧ ଚାଲିଛି। ଚଳିତ ନିର୍ବାଚନରେ ସଗରିଆଙ୍କ ସ୍ତ୍ରୀ ଅନୀତା ସଗରିଆଙ୍କୁ ବିଏସ୍‌ପିରୁ ପ୍ରାର୍ଥୀ କରିବା ପରେ କୁଲେସିକା ଓ ସଗରିଆଙ୍କ ଭିତରେ ତିକ୍ତତା ବଢ଼ିଛି, ଯାହାର ନମୁନା ମଧ୍ୟ ଗତ ବୁଧବାର ପୋଡ଼ାଗଡ଼ ହାଟରେ ଦେଖିବାକୁ ମିଳିଛି। କଂଗ୍ରେସ ଓ ବିଏସ୍‌ପି ସେଠାରେ ନିର୍ବାଚନ ପ୍ରଚାର କରୁଥିବା ବେଳେ କୃଷ୍ଣଚନ୍ଦ୍ର ସଗରିଆ ପହଞ୍ଚିବା କ୍ଷଣି କଂଗ୍ରେସର କେତେଜଣ କର୍ମୀ ବିଏସ୍‌ପିରେ ଯୋଗ ଦେଇଥିଲେ। ଏହାକୁ ନେଇ କୈଳାସ କୁଲେସିକା ଓ ସଗରିଆଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା।

### ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀ ରୂପରେଖ

**ବନ୍ଧୁଗାଁ, ନାରାୟଣପାଟଣା, ଲକ୍ଷ୍ମୀପୁର ଓ ଦଶମନ୍ତପୁର ବ୍ଲକକୁ ନେଇ ଗଠିତ ହୋଇଛି ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀ। ଏହା ଅନୁସୂଚିତ ଜନଜାତି ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରହିଛି। ନିର୍ବାଚନମଣ୍ଡଳୀରେ ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୬୮ ହଜାର ୭୩୪। ସେଥିରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୭୯ ହଜାର ୭୭୬ ଜଣ ଓ ମହିଳା ଭୋଟରଙ୍କ ସଂଖ୍ୟା ୮୮ ହଜାର ୯୪୪ ଜଣ ଥିବାବେଳେ ଅନ୍ୟାନ୍ୟ ୧୪ ଜଣ ଭୋଟର ରହିଛନ୍ତି। ଏଠାରେ ମୋଟ ୨୨୩ଟି ବୁଥ୍ ରହିଛି।**


ପ୍ରଭୁ ଜାନି


କୁମୁଦ ଚନ୍ଦ୍ର ସାଉଁତା


ଅନୀତା ସଗରିଆ


କୈଳାସ ଚନ୍ଦ୍ର କୁଲେସିକା

# ଅଭିଜ୍ଞ ପାଙ୍ଗୀ ବନାମ ୨ ନୂଆ ମୁହଁ

**କୋରାପୁଟ ଲୋକ ସଭା ଆସନ**

**ଅମିତାଭ ବେହେରା**
**କୋରାପୁଟ,୬।୪**

କୋରାପୁଟ ଲୋକ ସଭା ଆସନରେ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ଭିତରେ ଲଢ଼େଇ କେନ୍ଦ୍ରୀଭୂତ ହେବ। ଭାଜପାର ପୁରୁଖା ନେତା ଜୟରାମ ପାଙ୍ଗୀଙ୍କୁ ଚେକ୍ ଦେବେ କଂଗ୍ରେସର ସପ୍ତଗିରି ଉଲାକା ଓ ବିଜେଡିର କୌଶଲ୍ୟା ହିକ୍‌କା। ବିଜେଡି ଓ ଭାଜପା ନିର୍ବାଚନୀ ପ୍ରଚାର ଜୋରଦାର କରିଥିବା ବେଳେ କଂଗ୍ରେସ ଧିମେଇଯାଇଛି। କଂଗ୍ରେସ ଏଠାରେ ନିଜ ଦୁର୍ଗ ଫେରି ପାଇବା ପାଇଁ ଉଦ୍ୟମ କରିବ। ସେହିପରି ବିଜେଡି ଗତ ଦୁଇଟି ନିର୍ବାଚନ ଜିତିଥିବା ବେଳେ ବିଜୟ ଧାରା ବଜାୟ ରଖିବା ଆଶାରେ ରହିବ। ଭାଜପା ଏଠାରେ କଂଗ୍ରେସ ଓ ବିଜେଡିର ପଥ ରୋକି ଖାତା ଖୋଲିବା ଲକ୍ଷ୍ୟରେ ରହିଛି। ୧୯୭୨ରୁ ୨୦୧୪ ମଧ୍ୟରେ କୋରାପୁଟ ସଂସଦୀୟ କ୍ଷେତ୍ରରେ ୧୩ଥର ନିର୍ବାଚନ ହୋଇଛି। ଏଥିରୁ କଂଗ୍ରେସ ୧୧ ଥର ଓ ବିଜେଡି ୨ ଥର ବାଜି ମାରିଛି। ଚଳିତ ନିର୍ବାଚନରେ ଏହି ଆସନରେ ୭ ଜଣ ପ୍ରାର୍ଥୀ ରହିଛନ୍ତି। ବିଜେଡିରୁ ପ୍ରାର୍ଥୀ ହୋଇଛନ୍ତି କୋରାପୁଟ ଏମ୍‌ପି ଝିନ୍ନ ହିକ୍‌କାଙ୍କ ସ୍ତ୍ରୀ କୌଶଲ୍ୟା ହିକ୍‌କା। ଶିକ୍ଷକତା ଛାଡ଼ି ପ୍ରଥମଥର ସେ ରାଜନୀତିକୁ ଓହ୍ଲାଇଛନ୍ତି। ସେହିପରି କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି ସ୍ୱର୍ଗତ ରାମଚନ୍ଦ୍ର ଉଲ୍ଲାକାଙ୍କ ସୁପୁତ୍ର ସପ୍ତଗିରି ଉଲ୍ଲାକା। ସେ ଜଣେ ଇଞ୍ଜିନିୟର ଭାବେ ଦିଲ୍ଲୀରେ ରହୁଥିବାବେଳେ ଚଳିତବର୍ଷ କଂଗ୍ରେସ ତାଙ୍କୁ ଏଠାରୁ ପ୍ରାର୍ଥୀ କରିଛି। ଅନ୍ୟପକ୍ଷରେ ପୂର୍ବରୁ ମନ୍ତ୍ରୀ ଓ ଏମ୍‌ପି ରହିଥିବା ଜୟରାମ ପାଙ୍ଗି ଭାଜପାର ପ୍ରାର୍ଥୀ। ରାଜନୀତିରେ ତାଙ୍କର ୪ ଦଶନ୍ଧିର ଅଭିଜ୍ଞତା ରହିଛି। ଅନ୍ୟମାନଙ୍କ ମଧ୍ୟରେ ବିଏସ୍‌ପିରୁ ଭାସ୍କର ମୁଦୁଲି, ସିପିଆଇ ଲିବେରେସନରୁ ଦାମୋଦର ଶବର, ସିପିଆଇ ଏମ୍‌ଏଲ୍ ରେଡଷ୍ଟାରରୁ ରାଜେନ୍ଦ୍ର କେନ୍ଦୁକା ଓ ଆମ୍ବେଦକର ପାର୍ଟି ଅଫ୍ ଇଣ୍ଡିଆରୁ ବନମାଳି ମାଝି ନିର୍ବାଚନ ମଇଦାନରେ ରହିଛନ୍ତି।

୨୦୦୯ ନିର୍ବାଚନରେ ଏହି ଆସନରୁ ବିଜେଡିର ପ୍ରାର୍ଥୀ ଭାବେ ଜୟରାମ ପାଙ୍ଗୀ କଂଗ୍ରେସର ଗିରିଧର ଗମାଙ୍ଗଙ୍କୁ ୯୬ ହଜାର ୩୬୦ ଭୋଟ ବ୍ୟବଧାନରେ ପରାସ୍ତ କରି କଂଗ୍ରେସର ଦୁର୍ଗକୁ ଭାଙ୍ଗିଥିଲେ। ପାଙ୍ଗିଙ୍କୁ ୩,୧୨,୭୭୬ ଭୋଟ ମିଳିଥିବାବେଳେ ଗମାଙ୍ଗଙ୍କୁ ୨,୧୬,୪୧୬ ଭୋଟ ମିଳିଥିଲା। ୨୦୧୪ରେ ବିଜେଡି ପ୍ରାର୍ଥୀ ବଦଳାଇ ଲକ୍ଷ୍ମୀପୁର ବିଧାୟକ ଥିବା ଝିନ୍ନ ହିକ୍‌କାଙ୍କୁ ଏଠାରୁ ପ୍ରାର୍ଥୀ କରିଥିଲା। ସେ ୩,୯୫,୧୦୯ ଖଣ୍ଡ ଭୋଟ ପାଇଥିବାବେଳେ କଂଗ୍ରେସର ଗିରିଧର ଗମାଙ୍ଗଙ୍କୁ ମିଳିଥିଲା ୩,୭୫,୬୮୧ ଖଣ୍ଡ ଭୋଟ୍। ବିଜେଡି ୧୯ ହଜାର ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲା। ଏହି ନିର୍ବାଚନରେ ଭାଜପାର ଶିବ ଶଙ୍କର ଉଲ୍ଲାକା ୮୯,୬୮୮ ଖଣ୍ଡ ଭୋଟ ପାଇ ତୃତୀୟ ରହିଥିଲେ। ଚଳିତ ଥର ଏଠାରେ ତ୍ରିମୁଖୀ ଲଢ଼େଇ ହେବ। ବିଜେଡିର କୌଶଲ୍ୟା ହିକ୍‌କା ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ ସ୍ୱାମୀଙ୍କ ଝିନ୍ନ ହିକ୍‌କାଙ୍କ ପ୍ରତି ରହିଥିବା ଲୋକଙ୍କ ସମର୍ଥନକୁ ପାଥେୟ କରି ଲଢୁଛନ୍ତି। କଂଗ୍ରେସର ସପ୍ତଗିରି ଉଲ୍ଲାକା ବାପା ତଥା ପୂର୍ବତନ ମନ୍ତ୍ରୀ ରାମଚନ୍ଦ୍ର ଉଲ୍ଲାକାଙ୍କ ଲୋକପ୍ରିୟତା ଓ କଂଗ୍ରେସର ପକେଟ ଭୋଟକୁ ନେଇ ନିର୍ବାଚନ ଜିତିବା ଲକ୍ଷ୍ୟ ରଖିଛନ୍ତି। ଭାଜପାର ଜୟରାମ ପାଙ୍ଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ସାଙ୍ଗକୁ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ଆୟୁଧ କରି ଭୋଟରଙ୍କ ସମର୍ଥନ ପାଇବା ପାଇଁ ଆଶା ରଖିଛନ୍ତି। ସପ୍ତଗିରି ଉଲ୍ଲାକା କହିଛନ୍ତି, ସେ ନିର୍ବାଚନରେ ବିଜୟୀ ହେଲେ ଅଞ୍ଚଳର ଯୁବତୀ ଯୁବକଙ୍କୁ ନିଯୁକ୍ତି, ମହିଳାଙ୍କ ସୁରକ୍ଷା ଓ ଶିକ୍ଷା ଉପରେ ଗୁରୁତ୍ୱ ଦେବେ। ଜୟରାମ ପାଙ୍ଗୀ କହିଛନ୍ତି, କେନ୍ଦ୍ର ସରକାରଙ୍କ ଯୋଜନା ଗ୍ରାମାଞ୍ଚଳରେ ପହଞ୍ଚିବା ସହ ଲୋକେ ଏହାର ସୁଫଳ ପାଇବା ପ୍ରତି ସେ ଦୃଷ୍ଟି ଦେବେ। କୌଶଲ୍ୟା ହିକ୍‌କା କହିଛନ୍ତି, ଅଞ୍ଚଳରେ ନାରୀଙ୍କ ଶିକ୍ଷାରେ ଅଗ୍ରଗତି, ସୁରକ୍ଷା, ସଶକ୍ତୀକରଣ କାର୍ଯ୍ୟକୁ ସେ ତ୍ୱରାନ୍ୱିତ କରିବେ। ସବୁ ଦଳ ପକ୍ଷରୁ ପ୍ରଚାର ସାଙ୍ଗକୁ ହେଭିୱେଟ୍ ନେତାଙ୍କ ଗସ୍ତ ଜାରି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ଦଳର ପ୍ରାର୍ଥୀଙ୍କ ପାଇଁ ଭୋଟ୍ ନିବେଦନ କରି ଫେରିଛନ୍ତି।


କୌଶଲ୍ୟା ହିକ୍‌କା


ଜୟରାମ ପାଙ୍ଗୀ


ସପ୍ତଗିରି ଉଲାକା

### କୋରାପୁଟ ସଂସଦୀୟ କ୍ଷେତ୍ର ରୂପରେଖ

**କୋରାପୁଟ ଜିଲାର ଲକ୍ଷ୍ମୀପୁର, କୋରାପୁଟ, ଜୟପୁର, ପଟ୍ଟାଙ୍ଗି ବିଧାନସଭା ଆସନ ଓ ରାୟଗଡ଼ା ଜିଲାର ଗୁଣୁପୁର, ବିଷମକଟକ ଓ ରାୟଗଡ଼ା ବିଧାନସଭା ଆସନକୁ ନେଇ ଏହି ସଂସଦୀୟ କ୍ଷେତ୍ର ଗଠିତ ହୋଇଛି। ଏହା ଅନୁସୂଚିତ ଜନଜାତି ବର୍ଗ ପାଇଁ ସଂରକ୍ଷିତ ରହିଛି।**

# ଫୁଲବାଣୀରେ ତାତି, ଗ୍ରାମାଞ୍ଚଳରେ ରାତି

**ଫୁଲବାଣୀ ଅଫିସ, ୬।୪**

ସବୁ ନିର୍ବାଚନ ଭଳି ଚଳିତଥର ମଧ୍ୟ ପ୍ରାର୍ଥୀଙ୍କ ଖର୍ଚ୍ଚ ହିସାବ ପାଇଁ ମୁଖ୍ୟ ନିର୍ବାଚନ କମିଶନର ବ୍ୟାପକ ପଦକ୍ଷେପ ନେଇଛନ୍ତି। ପ୍ରାର୍ଥୀମାନେ ସମର୍ଥକଙ୍କୁ ନେଇ କୁଆଡ଼େ ଯାଉଛନ୍ତି, କେତେ ଗାଡ଼ି ବ୍ୟବହାର କରୁଛନ୍ତି ଓ ସେମାନଙ୍କର ଖାଦ୍ୟପେୟ ଖର୍ଚ୍ଚର ହିସାବ ରଖାଯାଉଛି। ଏହି କ୍ରମରେ କନ୍ଧମାଳ ଜିଲାକୁ ଆସିଥିବା ପର୍ଯ୍ୟବେକ୍ଷକ ବିଭିନ୍ନ ସ୍ଥାନରେ ବୁଲୁଛନ୍ତି। ହେଲେ ସେମାନେ ଦୁର୍ଗମ ଅଞ୍ଚଳ ଓ ଅନ୍ୟ କେତେକ କାରଣରୁ ସବୁଠି ପହଞ୍ଚି ପାରୁନାହାନ୍ତି। ପର୍ଯ୍ୟବେକ୍ଷକ ଦିନର କିଛି ଖବର ରଖୁଥିବା ବେଳେ ରାତିରେ କ’ଣ ହେଉଛି ଅନ୍ଧାରରେ ରହୁଛନ୍ତି। ଫୁଲବାଣୀ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀଙ୍କୁ ଏହା ସୁହାଉଥିବା କୁହାଯାଉଛି। କାରଣ ନିର୍ବାଚନୀ ଖର୍ଚ୍ଚ ହିସାବକୁ ଏଡ଼ାଇବା ପାଇଁ ରାତିରେ ଆରମ୍ଭ ହେଉଛି କାର୍ଯ୍ୟକ୍ରମ। ରାତିରେ ଗାଁ ଗହଳିରେ ପ୍ରଚାର କରାଯାଉଥିବାରୁ ଏହାର ହିସାବ ରଖିବାରେ ପ୍ରଶାସନ ଓ ପର୍ଯ୍ୟବେକ୍ଷକ ବିଫଳ ହେଉଛନ୍ତି। ଜିଲା ମୁଖ୍ୟାଳୟ ଫୁଲବାଣୀରେ ନିର୍ବାଚନୀ ତାତି ଜୋର ଧରିଥିବା ବେଳେ ଗ୍ରାମାଞ୍ଚଳରେ ନେତାଙ୍କ ରାତି ବିତୁଛି।

ଫୁଲବାଣୀ, ଫିରିଙ୍ଗିଆ, ଖଜୁରିପଡା, ଚକାପାଦ ବ୍ଲକକୁ ନେଇ ଗଠିତ ଫୁଲବାଣୀ ନିର୍ବାଚନମଣ୍ଡଳୀ। ପ୍ରମୁଖ ଦଳର ପ୍ରାର୍ଥୀ ଫୁଲବାଣୀ ଛାଡ଼ି ଫିରିଙ୍ଗିଆ, ଚକାପାଦ ଏବଂ ଖଜୁରିପଡାରେ ଡେରା ପକାଉଛନ୍ତି। ଭୋଟ କିପରି ହାତେଇ ହେବ ବିଳମ୍ବିତ ରାତିରେ ତର୍ଜମା ହେଉଛି। ଦଳୀୟ କର୍ମୀ ରାତିରେ ଗ୍ରାମକୁ ଗ୍ରାମ ବୁଲି ଟଙ୍କା ବାଣ୍ଟୁଛନ୍ତି। ଏପରିକି ଜଣେ ଏମ୍‌ପି ପ୍ରାର୍ଥୀ ଗୋଟିଏ ଲେଖାଏ ନିର୍ବାଚନମଣ୍ଡଳୀକୁ ଦେଢ଼ କୋଟି ଟଙ୍କା ଦେଇଛନ୍ତି ବୋଲି ଜୋରସୋରରେ ଚର୍ଚ୍ଚା ହେଉଛି। ସ୍ଥଳ ବିଶେଷରେ ଯୁବକମାନଙ୍କୁ ଅଧିକ ଟଙ୍କା ଦିଆଯାଇ ପରିବାରର ସମସ୍ତ ଭୋଟ ହାତେଇବାକୁ ଚେଷ୍ଟା କରାଯାଉଛି। ରାତିରେ ଏସବୁ କାର୍ଯ୍ୟ ହେଉଥିବାରୁ ପ୍ରଶାସନିକ ଅଧିକାରୀ ଏବଂ ପର୍ଯ୍ୟବେକ୍ଷକ କିଛି ଟେର ପାଉନାହାନ୍ତି। ପ୍ରାର୍ଥୀ ଏବଂ ନେତାମାନେ ଭୋର ସୁଦ୍ଧା ଫୁଲବାଣୀ ଫେରି ଆସୁଛନ୍ତି ବୋଲି ଆଲୋଚନା ହେଉଛି।

# ଏକାଧିକ ବ୍ୟକ୍ତିଙ୍କୁ ବିଜେଡିର ସାଙ୍ଗଠନିକ ଦାୟିତ୍ୱ

**ଭୁବନେଶ୍ୱର,୬।୪(ବ୍ୟୁରୋ)**

ବିଜେଡି ସଙ୍ଗଠନ ଓ ପ୍ରଚାରକୁ ଅଧିକ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏହିକ୍ରମରେ ଶନିବାର ଦଳ ପକ୍ଷରୁ ବିଭିନ୍ନ ନେତା ଏବଂ କର୍ମକର୍ତ୍ତାଙ୍କୁ ନୂତନ ଦାୟିତ୍ୱ ବଣ୍ଟାଚାଲିଛି। ଏହି କ୍ରମରେ ସରୋଜ ସାହୁଙ୍କୁ ରାଜ୍ୟ ସମ୍ପାଦକ, ସରୋଜ ନାୟକଙ୍କୁ ବିଜେଡି ଶ୍ରମିକ ସେଲ୍ ଉପସଭାପତି, ଧୀରେନ କୁମାର ଜେନା ଓ ଚିତ୍ତରଞ୍ଜନ ଚୌଧୁରୀଙ୍କୁ ବିଜୁ କୃଷକ ଜନତା ଦଳ ରାଜ୍ୟ ସମ୍ପାଦକ ଏବଂ ଦୀପ୍ତିକାନ୍ତ ପରିଜାଙ୍କୁ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି।

ଅପରପକ୍ଷରେ ଅଜୟ ନାୟକଙ୍କୁ ରାଜ୍ୟ ସମ୍ପାଦକ କରାଯିବା ସହ ବାଲେଶ୍ୱର ଜିଲା ସହପର୍ଯ୍ୟବେକ୍ଷକଭାବେ ନିଯୁକ୍ତି ଦିଆଯାଇଛି। ଶ୍ୟାମପ୍ରସାଦ ବେହେରା ମଧ୍ୟ ରାଜ୍ୟ ସମ୍ପାଦକ ପଦରେ ରହି ବସ୍ତା ଓ ଜଳେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସହପର୍ଯ୍ୟବେକ୍ଷକଭାବେ କାର୍ଯ୍ୟ କରିବେ। ଯାଦବ ମିଶ୍ରଙ୍କୁ ବାଲେଶ୍ୱର ଜିଲା ସମ୍ପାଦକ ସହ ବସ୍ତା ପର୍ଯ୍ୟବେକ୍ଷକଭାବେ ନିଯୁକ୍ତି ଦିଆଯାଇଛି। ଅଜୟ କୁମାର ସାହୁଙ୍କୁ ବାଲେଶ୍ୱର ଜିଲା ସମ୍ପାଦକ ସହ ଭୋଗରାଇ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ରାଇରଙ୍ଗପୁର ବିଧାୟକ ସାଇବା ସୁଶୀଲ କୁମାର ହାଁସଦାଙ୍କୁ ଦଳର ସାଧାରଣ ସମ୍ପାଦକ , ପାଲଲହଡା ମୋନଜ କୁମାର ସାହୁଙ୍କୁ ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସୁଶୀଲ କୁମାରଙ୍କୁ ବାଙ୍ଗିରୀପୋଷୀ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକ ଭାବେ ମଧ୍ୟ ଦାୟିତ୍ୱ ଦିଆଯାଇଛି। ସାରସକଣା ବିଧାୟକ ଭାଦବ ଚନ୍ଦ୍ର ହାଁସଦାଙ୍କୁ ସାଧାରଣ ସମ୍ପାଦକ, ଅଜେନ ମୁର୍ମୁ, ହାଲୁ ମୁଣ୍ଡାରୀ ଏବଂ କୃଷ୍ଣଚନ୍ଦ୍ର ଦାସଙ୍କୁ ରାଜ୍ୟ ସମ୍ପାଦକଭାବେ ଦାୟିତ୍ୱ ମିଳିଛି। ସେହିପରି ରତିକାନ୍ତ ପରୀକ୍ଷାଙ୍କୁ ଧାମନଗର ପର୍ଯ୍ୟବେକ୍ଷକ, ଦେବାଶିଷ ମହାନ୍ତିଙ୍କୁ ମୟୂରଭଞ୍ଜ ଜିଲା ବିଜେଡି ସଭାପତି, କ୍ଷୀରୋଦ ନନ୍ଦଙ୍କୁ ବିଜୁ ଯୁବ ଜନତା ଧଳ ରାଜ୍ୟ ଉପସଭାପତି ଏବଂ ଜୋଲେନ୍ ନାଏକଙ୍କୁ ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ମିଳିଛି।

# ଟିକେଟ କଳି, ଚର୍ଚ୍ଚାରେ ପୁରୀ

## ପ୍ରତ୍ୟାଖ୍ୟାନ କଲେ ୨, ଜଣେ ପାଇ ବି ଅସହାୟ

**ହେମନ୍ତ ନାୟକ**
**ପୁରୀ ଅଫିସ, ୬।୪**

କଥାରେ ଅଛି ରାଜନୀତି ପାଣି ଭାରି ଗୋଳିଆ। ରାଜନେତା ହୁଅନ୍ତୁ କି ସେମାନଙ୍କ ନୀତି, ସବୁ ଘଡ଼ିକେ ପରିବର୍ତ୍ତନଶୀଳ। କ୍ଷଣିକେ ବଦଳାଇ ଦିଅନ୍ତି ସେମାନଙ୍କ କଥା। ଏହି ରାଜନେତାଙ୍କ ନିଷ୍ପତ୍ତି ବିବେଳେ ବେଳେ ସମସ୍ତଙ୍କୁ ଚକିତ କରେ। ପୁରୀ ଜିଲାରେ ଘଟିଥିବା କେତେକ ଘଟଣାରୁ ଏହା ସ୍ପଷ୍ଟ ହେଉଛି। ବିଶେଷକରି ଟିକେଟ କଳିକୁ ନେଇ ସମଗ୍ର ରାଜ୍ୟରେ ଚର୍ଚ୍ଚାକୁ ଆସିଛି ଏହି ଜିଲା। ନିର୍ବାଚନ ଲଢିବା ପାଇଁ ଦଳୀୟ ନେତୃତ୍ୱଙ୍କ ଠାରୁ ୨ଜଣ ଟିକେଟ ପାଇ ପରବର୍ତ୍ତୀ ସମୟରେ ପ୍ରତ୍ୟାଖ୍ୟାନ କରିଥିବାବେଳେ ଆଉ ଜଣେ ଟିକେଟ ପାଇ ବି ଅସହାୟ ହୋଇପଡ଼ିଛନ୍ତି। ଏମିତି ରୋଚକ ରାଜନୀତି ଏବେ ସାଧାରଣରେ ଆଲୋଚନାର ପ୍ରସଙ୍ଗ ପାଲଟିଛି।

ପୁରୀ ଜିଲାରେ ରହିଛି ୬ଟି ନିର୍ବାଚନମଣ୍ଡଳୀ (ପୁରୀ, ପିପିଲି, ସତ୍ୟବାଦୀ, ବ୍ରହ୍ମଗିରି, ନିମାପଡ଼ା ଓ କାକଟପୁର)। ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ବିଭିନ୍ନ ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଥିଲା। ତେବେ ନାମାଙ୍କନପତ୍ର ଦାଖଲ ଶେଷ ହେବାକୁ ଆଉ ମାତ୍ର ୨ଦିନ ଥିବାବେଳେ ରାତିଅଧିଆ କଂଗ୍ରେସ ପିପିଲି ନିର୍ବାଚନମଣ୍ଡଳୀ ଲାଗି ଯୁଧିଷ୍ଠିର ସାମନ୍ତରାୟଙ୍କ ନାଁ ଘୋଷଣା କରିଥିଲା। ହେଲେ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ ପୁରୁଖା ନେତା ଯୁଧିଷ୍ଠିର। କଂଗ୍ରେସ ଟିକେଟରୁ ଲଢିବେ ନାହିଁ ବୋଲି ମନା କରି ତାହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଫଳରେ କଂଗ୍ରେସ ପୁଣି ପିପିଲି ପାଇଁ ଅଜିତ୍ ମଙ୍ଗରାଜଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରିଥିଲା। ନାମାଙ୍କନପତ୍ର ଦାଖଲ ଦିନ ହିଁ ଅଜିତ୍ ତାଙ୍କର ସତ୍ୟପାଠ ଏବଂ ପ୍ରାର୍ଥିପତ୍ର ପ୍ରସ୍ତୁତ କରି ଦାଖଲ କରିଥିଲେ। ସେହିପରି କାକଟପୁର ନିର୍ବାଚନମଣ୍ଡଳୀରେ ଟିକେଟ କଳି ଏବେ ବି ଚର୍ଚ୍ଚାରେ ରହିଛି। ବିଜେଡି ଏବଂ ଭାଜପା ପ୍ରାର୍ଥୀଙ୍କୁ ନେଇ ଭୋଟରଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଥିବାବେଳେ ଶନିବାର ଭାଜପା ପ୍ରାର୍ଥୀ ଘୋଷଣା ହୋଇଛି। ପୁରୀ ଜିଲାରେ ପ୍ରାର୍ଥୀ ଘୋଷଣାରେ ଭାଜପା ଆଗରେ ରହିଥିଲା। ଏହି ଦଳ ଜିଲାର ୬ଟି ନିର୍ବାଚନମଣ୍ଡଳୀରୁ ପ୍ରଥମେ ୫ଟିରେ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିଲା। କାକଟପୁର ନିର୍ବାଚନମଣ୍ଡଳୀ ପାଇଁ ତୁଷାରକାନ୍ତି ବେହେରାଙ୍କ ନାମ ଘୋଷଣା କରାଯାଇଥିଲା। ଚତୁର୍ଥ ପର୍ଯ୍ୟାୟରେ ଜିଲାର କାକଟପୁର ଓ ନିମାପଡ଼ା ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚନ ଥିବାରୁ ପ୍ରାର୍ଥିପତ୍ର ଦାଖଲ ଆରମ୍ଭ ହୋଇ ନ ଥିଲା। ହେଲେ ତା’ ମଧ୍ୟରେ କାକଟପୁର ବିଜେଡି ପ୍ରାର୍ଥୀ ଭାବେ ଗତଥରର ବିଧାୟକ ସୁରେନ୍ଦ୍ର ସେଠୀ (ସୁର)ଙ୍କ ନାଁ ଘୋଷଣା କରାଯାଇଥିଲା। କିନ୍ତୁ ସୁରଙ୍କୁ ନେଇ କାକଟପୁର ବିଜେଡିରେ ଥିବା ଅସନ୍ତୋଷ ଆହୁରି ତୀବ୍ର ହୋଇଥିଲା। ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ ଗତ ୨ତାରିଖରେ ଘୋଷିତ ଭାଜପା ପ୍ରାର୍ଥୀ ତୁଷାରକାନ୍ତିଙ୍କୁ ସାଥିରେ ଧରି ନବୀନ ନିବାସରେ ପହଞ୍ଚି ଯାଇଥିଲେ। ତୁଷାରକାନ୍ତି ବିଜେଡିରେ ମିଶିବା ପରେ କାକଟପୁର ନିର୍ବାଚନମଣ୍ଡଳୀରେ ଆରମ୍ଭ ହୋଇଥିଲା ହାଇଡ୍ରାମା। ସୁରେନ୍ଦ୍ର ସେଠୀଙ୍କ ଟିକେଟ ପରିବର୍ତ୍ତନ ହେବ ଏବଂ ତୁଷାରକାନ୍ତି ବିଜେଡି ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ଆରମ୍ଭ ହେଲା, ଯାହା ଏବେ ବି ବଳବତ୍ତର ରହିଛି। ଗତ ୨ତାରିଖରୁ କାକଟପୁର ଓ ନିମାପଡ଼ା ନିର୍ବାଚନମଣ୍ଡଳୀର ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏପର୍ଯ୍ୟନ୍ତ ସୁରେନ୍ଦ୍ର ସେଠୀ ନାମାଙ୍କନପତ୍ର ଦାଖଲ କରିପାରିନାହାନ୍ତି। ଗତ ୫ତାରିଖରେ ସେ ପ୍ରାର୍ଥିପତ୍ର ଦାଖଲ କରିବା ଲାଗି ପ୍ରସ୍ତୁତ ହେଉଥିବାବେଳେ ଦଳୀୟ ନେତୃତ୍ୱ ମନା କରିବାରୁ ସେ ଏଥିରୁ ନିବୃତ୍ତ ରହିଥିବା ଶୁଣିବାକୁ ମିଳୁଛି। ଏଭଳି ସ୍ଥିତିରେ ସୁରେନ୍ଦ୍ର ସେଠୀଙ୍କ ସମର୍ଥକମାନେ ଶୁକ୍ରବାର ନବୀନ ନିବାସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ସେପଟେ ତୁଷାରକାନ୍ତି ଭାଜପା ଟିକେଟ ପ୍ରତ୍ୟାଖ୍ୟାନ କରି ବିଜେଡିରେ ମିଶିଛନ୍ତି। ବିଜେଡିରୁ ସେ ପ୍ରାର୍ଥୀ ହେଉଥିବା ଚର୍ଚ୍ଚା ହେବା ପରେ ଦଳର ପୁରୁଖା ନେତା ରବି ମଲ୍ଲିକ ଦଳ ଛାଡ଼ିଛନ୍ତି। ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ବିଧାୟକ ରହିଥିବା ରବି ଶୁକ୍ରବାର ବିଜେଡି ଛାଡ଼ିବା ସହ ରାଜ୍ୟ ଯୋଜନା ବୋର୍ଡ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏହାର କିଛିଘଣ୍ଟା ପରେ ରବି ଭୁବନେଶ୍ୱରସ୍ଥିତ ଭାଜପା କାର୍ଯ୍ୟାଳୟକୁ ଯାଇ ପଦ୍ମ ଧରିଛନ୍ତି। ପଦ୍ମ ଧରିବାର ୨୪ ଘଣ୍ଟା ପୂରିନି ତାଙ୍କୁ କାକଟପୁର ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରିଛି ଦଳ। ତେବେ କଂଗ୍ରେସର ଯୁଧିଷ୍ଠିର ଏବଂ ଭାଜପାର ତୁଷାରକାନ୍ତି ଟିକେଟ ପାଇ ପ୍ରତ୍ୟାଖ୍ୟାନ କରିଥିବାବେଳେ ବିଜେଡିର ସୁରେନ୍ଦ୍ର ସେଠୀ ଟିକେଟ ପାଇ ବି ପ୍ରାର୍ଥିପତ୍ର ଦାଖଲ କରିପାରୁନାହାନ୍ତି। ଏଭଳି ଘଟଣା ରାଜନୀତିର ପାଣିପାଗକୁ ବେଶ୍ ରୋଚକ କରିଛି।


ଯୁଧିଷ୍ଠିର ସାମନ୍ତରାୟ


ତୁଷାରକାନ୍ତି ବେହେରା


ସୁରେନ୍ଦ୍ର ସେଠୀ


ରବି ମଲ୍ଲିକ

## ସଂକ୍ଷେପରେ

■ ଭାଜପା ପ୍ରତିଷ୍ଠା ଦିବସ ପାଳିତ

### ତୃଣମୂଳସ୍ତରରେ ସଙ୍ଗଠନ ସୁଦୃଢ଼ ପାଇଁ ଆହ୍ୱାନ

**କେନ୍ଦ୍ରାପଡା ଅଫିସ, ୬।୪:** ଭାଜପାର ୩୯ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଶନିବାର ସହରର ଗୋପସ୍ଥିତ ଭାଜପା କାର୍ଯ୍ୟାଳୟରେ ଏକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ଼ କରିବା ସହ ଦୁର୍ନୀତିଗ୍ରସ୍ତ ସରକାରଙ୍କୁ ରାଜ୍ୟରୁ ହଟାଇବା ପାଇଁ ଆହ୍ୱାନ ଦିଆଯାଇଛି। ୧୯୮୦ ଏପ୍ରିଲ ୬ରେ ଜନ୍ମ ନେଇଥିବା ଭାରତୀୟ ଜନତା ପାର୍ଟି ସାଧାରଣ ଲୋକଙ୍କ ବିଶ୍ୱାସଭାଜନ ହୋଇପାରିଛି ବୋଲି ଅତିଥି ଓ ଜିଲାର ବରିଷ୍ଠ ନେତାମାନେ ମତବ୍ୟକ୍ତ କରିଥିଲେ। ଜିଲା ଭାଜପା ସଭାପତି ଦୁର୍ଯ୍ୟୋଧନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବରିଷ୍ଠ ନେତା ଭୂବନମୋହନ ଜେନା, ବୈଦ୍ୟନାଥ ଚାଟାର୍ଜୀ, ଗୀତାଞ୍ଜଳୀ ସେଠୀ, ଗଗନ ବିହାରୀ ସାହୁ, କାନନବାଳା ଦାସ ଓ ଦିଲୀପ ଦାଶ ପ୍ରମୁଖ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ମନୋଜ କୁମାର ଦାଶ, ଜୟୀରାମ ବେହେରା, ନେହେରୁ କୁମାର ସାହୁ ଓ ନୃସିଂହ ପତ୍ରୀ ପ୍ରମୁଖ ସହଯୋଗ କରିଥିଲେ ।

### ଜ୍ଞାନଦେବ ହେଲେ ରାଜ୍ୟ କଂଗ୍ରେସ ସାଧାରଣ ସଂପାଦକ

ରାଜନଗର, ୬। ୪(ଡିଏନଏ)- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଖୋଲା ସମାଲୋଚନା କରି ଗତମାସ ୮ ତାରିଖରେ ଭାଜପା ଛାଡି କଂଗ୍ରେସରେ ଯୋଗ ଦେଇଥିଲେ ରାଜନଗର ନିର୍ବାଚନମଣ୍ଡଳୀ ଭାଜପା ନେତା ତଥା ରାଜ୍ୟ ଭାଜପା ମୁଖପାତ୍ର ଥିବା ଜ୍ଞାନଦେବ ବେଉରା। ଜ୍ଞାନଦେବ ଭାଜପା ଛାଡିବା ପରଠାରୁ ରାଜନଗର ଭାଜପାରେ କନ୍ଦଳ ଲାଗି ରହିଛି। ତେବେ ସେ କଂଗ୍ରେସରେ ମିଶିବା ପରେ ତାଙ୍କୁ ରାଜ୍ୟ କଂଗ୍ରେସର ମୁଖପାତ୍ର ଭାବେ ଦାୟିତ୍ୱ ମିଳିଥିଲା। ଶନିବାର ଜ୍ଞାନଦେବଙ୍କୁ ରାଜ୍ୟ କଂଗ୍ରେସର ସାଧାରଣ ସଂପାଦକ ଭାବେ ନିଯୁକ୍ତି ଦିଆଯାଇଛି। ଅଖିଳ ଭାରତ କଂଗ୍ରେସ କମିଟିର ଅନୁମୋଦନ କ୍ରମେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ନିରଞ୍ଜନ ପଟ୍ଟନାୟକ ଜ୍ଞାନଦେବଙ୍କୁ ସାଧରଣ ସଂପାଦକ ଭାବେ ନିଯୁକ୍ତି ଦେଇଛନ୍ତି। ଜ୍ଞାନଦେବଙ୍କୁ ରାଜ୍ୟ କଂଗ୍ରେସର ସାଧାରଣ ସଂପାଦକ ପଦ ମିଳିବା ପରେ ରାଜନଗର କଂଗ୍ରେସରେ ଖୁସିର ଲହରୀ ଖେଳିଯାଇଛି।

### ଧରପଗଡ, ୨୦ ଗିରଫ

**ରାଜନଗର, ୬।୪(ଡିଏନଏ):** ନିର୍ବାଚନକୁ ଆଖି ଆଗରେ ରଖି ରାଜନଗର ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଧରପଗଡ ଚାଲିଛି । ଗତ ୨୦ଦିନ ମଧ୍ୟରେ ସ୍ଥାନୀୟ ପୋଲିସ ରାଜନଗର ଥାନା ଅଞ୍ଚଳରେ ଚଢ଼ାଉ କରି ୨୦ଜଣ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ନିର୍ବାଚନ ପୂର୍ବରୁ ସମସ୍ତ ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ତପନ କୁମାର ନାୟକ ସୂଚନା ଦେଇଛନ୍ତି। ଆଇଆଇସି ନାୟକଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର ବିଭୁ ପ୍ରସାଦ ରାଉତ, ଅଜୟ କୁମାର ସାହୁ ପ୍ରମୁଖ ସଦଳବଳେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ ।

### ପଟ୍ଟାମୁଣ୍ଡାଇ କଲେଜ ଆଲୁମିନି ଆସୋସିଏଶନ ବୈଠକ

ପଟ୍ଟାମୁଣ୍ଡାଇ, ୬।୪ (ସ୍ୱ.ପ୍ର) - ପଟ୍ଟାମୁଣ୍ଡାଇ କଲେଜରେ ଗଠିତ ଆଲୁମିନି ଆସୋସିଏସନ ବୈଠକ ଶୁକ୍ରବାର କଲେଜ ପରିସରରେ ଅନୁଷ୍ଠିତ ହୋଇଥିଲା। ଆଲୁମିନି କମିଟିର ସଭାପତି ପ୍ରଫେସର ଭରତ ଚନ୍ଦ୍ର ପାତ୍ର ବୈଠକରେ ଅଧକ୍ଷତା କରିଥିଲେ। ସମ୍ପାଦକ ଗୋପୀନାଥ ତ୍ରିପାଠୀ ପୂର୍ବ ଅଧିବେଶନର ବିବରଣୀ ପାଠ କରିବା ସହିତ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କଲେଜ ଅଧକ୍ଷ ଲକ୍ଷ୍ମୀନାରାୟଣ ଦାଶ ନାକ୍ ଆକ୍ରିଡ଼ିଏସନ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ସମ୍ପର୍କରେ ଆଲୋଚନା କରିଥିଲେ। ଆଲୁମିନି କମିଟିର ଉପଦେଷ୍ଟା ପ୍ରଫେସର ଦେବବ୍ରତ ପ୍ରଧାନ, ଶିକ୍ଷାବିତ୍ କସ୍ତୁରୀ ଚରଣ ସ୍ୱାଇଁ ଏକ ପୂର୍ଣ୍ଣାଙ୍ଗ ବୈଠକ ଡକାଯିବା ପାଇଁ ପ୍ରସ୍ତାବ ରଖିଥିଲେ। ୨୦୨୦ ମସିହାରେ ପଟ୍ଟାମୁଣ୍ଡାଇ କଲେଜ ପ୍ରତିଷ୍ଠାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିବାକୁ ବିଧିବଦ୍ଧ ନିଷ୍ପତ୍ତି ନିଆଯାଇଥିଲା। ୨୦୦୬ ମସିହାରେ ନାକ୍ ଟିମ୍ ପଟ୍ଟାମୁଣ୍ଡାଇ କଲେଜ ପରିଦର୍ଶନ କରି ବି ପ୍ଲସ୍ ମାନ୍ୟତା ଦେଇଥିଲେ। ଏବେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ କଲେଜର ଭିତ୍ତିଭୂମି ଓ ଶୈକ୍ଷିକ ବାତାବରଣ ଉନ୍ନତି କରିବା ପାଇଁ ଯାହା ଆବଶ୍ୟକ ଅଧକ୍ଷ ସେଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଖବରଦାତା ପତିତପାବନ ଭଦ୍ର ଓ ଚିରଞ୍ଜନ ମଲ୍ଲିକ, ଆଲୁମିନି କମିଟିର ଉପସଭାପତି ରାଜେନ୍ଦ୍ର ଦାସ ପ୍ରମୁଖ ଦାବି କରିଥିଲେ। ସଦସ୍ୟମାନେ ଆଲୁମିନି କମିଟିକୁ ସକ୍ରିୟ କରିବା ପାଇଁ ମତ ରଖିଥିଲେ।

# ବାର୍‌ହା ଆକ୍ରମଣରେ ୭ ଆହତ

**ମହାକାଳପଡା, ୬।୪ (ଡି.ଏନ.ଏ.)**

**ରାଗରେ ସ୍ଥାନୀୟ ଲୋକେ ପିଟିପିଟି ମାରିଦେଲେ**



ବାର୍‌ହା ଆକ୍ରମଣରେ ଆହତ ବ୍ୟକ୍ତି।

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ତେରଗାଁ ପଞ୍ଚାୟତ ଅନ୍ତର୍ଗତ ବଡତେରଗାଁ ଗ୍ରାମରେ ଏକ ଜଙ୍ଗଲୀ ବାର୍‌ହା ଆକ୍ରମଣରେ ୭ ଜଣ ଆହତ ହୋଇଛନ୍ତି। ପରେ ସ୍ଥାନୀୟ ଲୋକେ ଉକ୍ତ ବାର୍‌ହାକୁ ବାଡେଇ ବାଡେଇ ମାରିଦେଇଛନ୍ତି।

ଅପରପକ୍ଷେ ତଦନ୍ତ ପରେ ମୃତ ବାର୍‌ହାକୁ ବନ ବିଭାଗ ପକ୍ଷରୁ ଘୁଷୁରି ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଗ୍ରାମ ନିକଟରେ ଥିବା ଲୁଣା ନଦୀକୁ ସ୍ଥାନୀୟ ଲୋକେ ସକାଳେ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ନିକଟରେ ଥିବା ବୁଦାମୂଳରୁ ଏକ ବାର୍‌ହା ଆସି ସେମାନଙ୍କୁ ଆକ୍ରମଣ କରିଥିଲା। ଆକ୍ରମଣରେ ଗ୍ରାମର କଲ୍ୟାଣୀ ସାହାଣୀ (୪୦), ଧୂଳ ସ୍ୱାଇଁ (୫୦),ଗୌରାଙ୍ଗ ସାହାଣୀ(୫୫), ବିଶ୍ୱନାଥ ସାହାଣୀ (୬୨), ବଳରାମ ପରିଡା (୭୫), ପ୍ରମୋଦ ସାହାଣୀ (୨୮) ଓ ନୀଳମଣି ପରିଡା (୪୨) ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କଲ୍ୟାଣୀ, ଧୂଳ ଓ ଗୌରାଙ୍ଗଙ୍କୁ ଚିକିତ୍ସା ନିମନ୍ତେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଲୋକେ ଏଥିରେ ଉତ୍‌କ୍ଷିପ୍ତ ହୋଇ ଉକ୍ତ ବାର୍‌ହାକୁ ପିଟିପିଟି ମାରିଦେଇଛନ୍ତି। ଖବରପାଇ ମହାକାଳପଡା ବନାଞ୍ଚଳ ଅଧିକାରୀ ତଥା ଏସିଏଫ୍ ବିଜୟ କୁମାର ପରିଡାଙ୍କ ନିର୍ଦ୍ଦେଶକ୍ରମେ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବୁଦାମୂଳରୁ ବାର୍‌ହା ମୃତଦେହ ଉଦ୍ଧାର କରିଥିଲେ।

## ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା



ଅଗ୍ନିକାଣ୍ଡରେ ପୋଡିଯାଇଥିବା ଘର।

**ମହାକାଳପଡା, ୬।୪ (ଡି.ଏନ.ଏ.)**

ମହାକାଳପଡା ବ୍ଲକ ଅଧୀନ ସୁନିତି ପଞ୍ଚାୟତ ଅନ୍ତର୍ଗତ ସୁନିତି ଗ୍ରାମରେ ଅଗ୍ନିକାଣ୍ଡ ଘଟି ୨ ବଖରା ଜଳିଯାଇଛି। ଏଥିରେ ରେଖା ମାଇତି(୬୦)ଙ୍କ ପରିବାର ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। ନିଆଁରେ ତାଙ୍କର ସମସ୍ତ ଆସବାବପତ୍ର ଜଳିଯାଇଛି। ଖବରପାଇ ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ସବୁ ଜଳିଯାଇଥିଲା। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଥିବା ବେଳେ ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ଲାଗି ସାଧାରଣରେ ଦାବି ହୋଇଛି।

## ଭାଜପା ନିର୍ବାଚନୀ ସଭାରେ ଅନୁଭବଙ୍କ ପ୍ରଚାର

**ଡେରାବିଶ,୬।୪(ସ୍ୱ.ପ୍ର.)**

ଡେରାବିଶର ଛତାଠାରେ ଭାଜପା ପକ୍ଷରୁ ଶନିବାର ଅନୁଷ୍ଠିତ ନିର୍ବାଚନୀ ସଭାରେ କେନ୍ଦ୍ରାପଡା ଲୋକସଭା ଆସନ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ପାଟକୁରା ବିଧାନସଭା ଆସନ ପ୍ରାର୍ଥୀ ବିଜୟ ମହାପାତ୍ର ଓ ଚଳଚ୍ଚିତ୍ର ତାରକା ବାବୁସାନ୍ ଓ ଅନ୍ୟ ନେତାମାନେ ଯୋଗ ଦେଇଥିଲେ । ତେବେ ଷ୍ଟାର ପ୍ରଚାରକ ବାବୁସାନ୍‌ଙ୍କୁ ସଭାମଞ୍ଚରେ ଭାଷଣ ଦେବାକୁ ଆମନ୍ତ୍ରିତ କରୁଥିବା ଜଣେ ଦଳୀୟ କର୍ମକର୍ତ୍ତା ବାବୁସାନ୍ ପରିବର୍ତ୍ତେ କେନ୍ଦ୍ରାପଡା ଲୋକସଭା ଆସନର ବିଜେଡି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କ ନାଁ ବାରମ୍ବାର ମାଇକ୍‌ରେ ଘୋଷଣା କରିଥିଲେ । ଏହା ଶୁଣିବା ପରେ ସଭାରେ ଯୋଗ ଦେଇଥିବା ଦଳୀୟ କର୍ମୀଙ୍କ ମଧ୍ୟରେ ମୃଦୁ ଗୁଞ୍ଜରଣ ସୃଷ୍ଟି ହୋଇଥିଲା ।

# ପଞ୍ଚମ ଦିବସରେ ୪ ପ୍ରାର୍ଥିପତ୍ର ଦାଖଲ

**କେନ୍ଦ୍ରାପଡା ଅଫିସ, ୬।୪**



କେନ୍ଦ୍ରାପଡା ବିଧାନସଭା ଆସନ ପାଇଁ ପଦ୍ମଚରଣ ମଲ୍ଲିକ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

କେନ୍ଦ୍ରାପଡା ଜିଲାରେ ଆସନ୍ତା ୨୯ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ଶନିବାର ନାମାଙ୍କନ ପତ୍ର ଦାଖଲର ପଞ୍ଚମ ଦିବସରେ ୪ ପ୍ରାର୍ଥିପତ୍ର ଦାଖଲ ହୋଇଛି । କେନ୍ଦ୍ରାପଡା ବିଧାନସଭା ଆସନ ପାଇଁ ରିଟର୍ଣ୍ଣିଂ ଅଫିସର ତଥା ଉପଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କ ନିକଟରେ ମଜଦୁର ବିକାଶ ଦଳର ପଦ୍ମଚରଣ ମଲ୍ଲିକ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ରିଟର୍ଣ୍ଣିଂ ଅଫିସର ତଥା ଏଡିଏମ୍ ବସନ୍ତ କୁମାର ରାଉତଙ୍କ କାର୍ଯ୍ୟାଳୟରେ ଆଳି ବିଧାନ ସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀଭାବେ ପ୍ରଭାତ କୁମାର ମଲ୍ଲିକ, ସତ୍ୟଜିତ ସ୍ୱାଇଁ ଓ ରାଧାନାଥ ରାୟ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ପଞ୍ଚମ ଦିବସ ସୁଦ୍ଧା ମୋଟ ୧୨ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ପ୍ରଥମ ଦିବସରେ କୌଣସି ପ୍ରାର୍ଥିପତ୍ର ଦାଖଲ ହୋଇ ନ ଥିବା ବେଳେ ୨ୟ ଦିବସରେ ୪, ୩ୟ ଦିବସରେ ୨, ୪ର୍ଥ ଦିବସରେ ୨ଟି ପ୍ରାର୍ଥିପତ୍ର ଦାଖଲ ହୋଇଥିବା ବେଳେ ଶନିବାର ୪ ନାମାଙ୍କନ ପତ୍ର ଦାଖଲ ହୋଇଛି । ଆସନ୍ତା ୯ ତାରିଖରେ ପାର୍ଥିପତ୍ର ଦାଖଲର ଶେଷ ଦିନ ରହିଛି। ଏନେଇ ୮ ରେ କଂଗ୍ରେସ, ଭାଜପା ଓ ବିଜେଡି ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିବା ପାଇଁ ଜିଲା ନିର୍ବାଚନ ବିଭାଗ ପକ୍ଷରୁ ଶୋଭାଯାତ୍ରାର ଅନୁମତି ନେଇଛନ୍ତି।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୭।୪।୨୦୧୯ (ରବିବାର)**

■ ରଜତ ଜୟନ୍ତୀ ଉତ୍ସବ।
**ସ୍ଥାନ–** ବଳଦେବ ହାଇସ୍କୁଲ, ଇଚ୍ଛାପୁର, କେନ୍ଦ୍ରାପଡ଼ା, **ସମୟ–** ଅପରାହ୍ନ ୫ଟା।

**୮।୪।୨୦୧୯ (ସୋମବାର)**

■ ରଜତ ଜୟନ୍ତୀ ଉତ୍ସବ।
**ସ୍ଥାନ–**ବଳଦେବ ହାଇସ୍କୁଲ, ଇଚ୍ଛାପୁର, କେନ୍ଦ୍ରାପଡ଼ା, **ସମୟ–** ଅପରାହ୍ନ ୫ଟା।

■ ଆନ୍ତର୍ଜାତୀୟ ଅଶୋଭନୀୟ ନିରୋଧ ଦିବସ ପାଳନ।
**ସ୍ଥାନ–**ଗରାପୁର, କେନ୍ଦ୍ରାପଡ଼ା, **ସମୟ–**ପୂର୍ବାହ୍ନ ୧୦ଟା।

**୯।୪।୨୦୧୯ (ମଙ୍ଗଳବାର)**

■ ନିଶା ମୁକ୍ତ ଯୁବ ସଙ୍କଳ୍ପ ଦିବସ ପାଳନ।
**ସ୍ଥାନ–**ପ୍ରେସ କ୍ଲବ, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୦ଟା।

**୧୦।୪।୨୦୧୯ (ବୁଧବାର)**

■ ବିଶ୍ୱଶାନ୍ତି ମହାଯଜ୍ଞ।
**ସ୍ଥାନ–**ମା'ଧାନେଶ୍ୱରୀ ପୀଠ, ଅଳପୁଆ, ପଟ୍ଟାମୁଣ୍ଡାଇ, **ସମୟ–** ଅପରାହ୍ନ ୫ଟା।

**୧୧।୪।୨୦୧୯ (ଗୁରୁବାର)**

■ ବିଶ୍ୱଶାନ୍ତି ମହାଯଜ୍ଞର ଦ୍ୱିତୀୟ ଦିନ।
**ସ୍ଥାନ–** ମା' ଧାନେଶ୍ୱରୀ ପୀଠ, ଅଳପୁଆ, ପଟ୍ଟାମୁଣ୍ଡାଇ, **ସମୟ–**ଅପରାହ୍ନ ୫ଟା।

■ ଅନନ୍ତ ମହାବୀର ବିଶ୍ୱଶାନ୍ତି ମହାଯଜ୍ଞ।
**ସ୍ଥାନ–**ମାର୍ଶାଘାଇ, କେନ୍ଦ୍ରାପଡା, **ସମୟ–**ଅପରାହ୍ନ ୫ଟା।

**୧୨।୪।୨୦୧୯ (ଶୁକ୍ରବାର)**

■ ବିଶ୍ୱଶାନ୍ତି ମହାଯଜ୍ଞର ତୃତୀୟ ଦିନ।
**ସ୍ଥାନ–**ମା' ଧାନେଶ୍ୱରୀ ପୀଠ,ଅଳପୁଆ,ପଟ୍ଟାମୁଣ୍ଡାଇ, **ସମୟ–**ଅପରାହ୍ନ ୫ଟା

**୧୩।୪।୨୦୧୯ (ଶନିବାର)**

■ ବିଶ୍ୱଶାନ୍ତି ମହାଯଜ୍ଞର ଚତୁର୍ଥ ଦିନ ।
**ସ୍ଥାନ–**ମା'ଧାନେଶ୍ୱରୀ ପୀଠ, ଅଳପୁଆ, ପଟ୍ଟାମୁଣ୍ଡାଇ,**ସମୟ–**ଅପରାହ୍ନ ୫ଟା

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
|---|---|---|
| କେନ୍ଦ୍ରାପଡା ଅଫିସ | ଜଗନ୍ନାଥ ଧଳ | ୭୩୭୭୩୧୩୧୮୦ |
| ରାଜନଗର | ଭାସ୍କର ରାଉତରାୟ | ୯୪୩୭୫୦୬୪୮୪ |
| ଆଳି | ବନମାଳି ସେନାପତି | ୯୧୭୮୮୯୯୬୨୬ |
| ପଟ୍ଟାମୁଣ୍ଡାଇ | ଅକ୍ଷୟ ବିଶ୍ୱାଳ | ୯୦୯୦୮୨୪୨୦୦ |
| ପାଟକୁରା | ରବୀନ୍ଦ୍ର ବାରିକ | ୯୯୩୭୫୧୯୯୭୩ |
| ମାର୍ଶାଘାଇ | ଅକ୍ଷୟ ଜେନା | ୯୯୩୮୭୪୪୮୪୨ |
| ରାଜକନିକା | ରବୀନ୍ଦ୍ର ଦାସ | ୮୯୦୮୬୦୬୪୬୦ |
| ଡେରାବିଶ | ବେବର୍ତ୍ତା ଅଜୟ ଦାସ | ୯୬୬୮୫୩୭୬୬୦ |
| ମହାକାଳପଡା | ପ୍ରତାପ ଚନ୍ଦ୍ର ସ୍ୱାଇଁ | ୯୪୩୯୯୬୮୮୦୦ |

ଏଇ ସପ୍ତାହର କାର୍ଯ୍ୟକ୍ରମ ସ୍ତମ୍ଭରେ ଯଦି କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ଧରିତ୍ରୀ ପ୍ରତିନିଧିଙ୍କ ସହ ଉପରୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

## ମାର୍ଶାଘାଇ: ୨ଟି କେନ୍ଦ୍ରରେ ୪୭୯ ଛାତ୍ରୀଛାତ୍ର ପରୀକ୍ଷା ଦେଲେ

**ମାର୍ଶାଘାଇ,୬।୪(ଡିଏନଏ)**

ନବୋଦୟ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ମାର୍ଶାଘାଇ ବ୍ଲକର ୨ଟି ପରୀକ୍ଷା କେନ୍ଦ୍ରରେ ଶନିବାର ୪୭୯ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨୮୩ ଜଣ ଓ ମାର୍ଶାଘାଇ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୯୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ଦଳାଇ ପରୀକ୍ଷା ପରିଚାଳକ ଏବଂ ଦୋହଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ.ବିଜୟ କୁମାର ଦାସ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଧିକାରୀ ରବିନାରାୟଣ ଦାଶ ପରୀକ୍ଷା ପରିଚାଳକ ଏବଂ ଶିଳିପୁର ମଣିନାଗେଶ୍ୱର ହାଇସ୍କୁଲର ପ୍ରଧାନ ଶିକ୍ଷକ ନାରାୟଣ ପ୍ରସାଦ ମନ୍ତ୍ରୀ ପର୍ଯ୍ୟବେକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ। ନବୋଦୟ ବିଦ୍ୟାଳୟ ତରଫରୁ ଶୁଭାଶୀଷ ରଥ ୨ଟି କେନ୍ଦ୍ରର ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ମାର୍ଶାଘାଇ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ମାଗୁଣିଚରଣ ମହାନ୍ତିପରୀକ୍ଷା କେନ୍ଦ୍ର ତଦାରଖ କରିଥିଲେ। ଉଭୟ କେନ୍ଦ୍ରରେ ୧୭ ଜଣ ଲେଖାଏଁ ମୋଟ ୩୪ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ।

■ ମୂଳ ସମସ୍ୟାକୁ ଭୁଲିଲେ ରାଜନେତା

# କେନ୍ଦ୍ରାପଡ଼ାରେ ଜୋର ଧରିଲା ଷ୍ଟାର ଲଢ଼େଇ

**କେନ୍ଦ୍ରାପଡା ଅଫିସ, ୬।୪**

କେନ୍ଦ୍ରାପଡା ଜିଲାର ଆଞ୍ଚଳିକ ସମସ୍ୟା ଉପରେ ଧ୍ୟାନ ଦିଆ ନ ଯାଇ ସାଧାରଣ ନିର୍ବାଚନରେ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ନେତାମାନେ ସିନେଷ୍ଟାରମାନଙ୍କ ସାହାରା ନେବାରେ ଲାଗିପଡିଛନ୍ତି। ଅପରପକ୍ଷେ ସ୍ଥାନୀୟ ସମସ୍ୟାର ସମାଧାନ ହେଉ ନ ଥିବାରୁ ଭୋଟ ବର୍ଜନ ଲାଗି ଲୋକେ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ,ବିଜେଡି ପକ୍ଷରୁ କେନ୍ଦ୍ରାପଡା ଲୋକସଭା ଆସନ ପାଇଁ ଏଥର ଓଡିଆ ସିନେମା ଷ୍ଟାର ତଥା ରାଜ୍ୟସଭା ସଦସ୍ୟ ଅନୁଭବ ମହାନ୍ତିଙ୍କୁ ପ୍ରାର୍ଥୀ କରାଯାଇଛି । ଏଥିସହ ଡେରାବିଶ ବ୍ଲକର ଛତାଠାରେ ଶନିବାର ହୋଇଥିବା ଭାଜପାର ନିର୍ବାଚନୀ ସଭାରେ ଓଲିଉଡ୍ ଷ୍ଟାର ବାବୁସାନ ଯୋଗଦେଇଛନ୍ତି। ଏହି ସମାବେଶରେ ବୈଜୟନ୍ତ ଓ ପାଟକୁରା ବିଧାନସଭା ଆସନ ପ୍ରାର୍ଥୀ ବିଜୟ ମହାପାତ୍ର ମଧ୍ୟ ଯୋଗଦେଇଥିଲେ। ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଏବେ ସରି ନ ଥିବା ବେଳେ ଆଗାମୀ ଦିନରେ କେନ୍ଦ୍ରାପଡାବାସୀ ଆହୁରି ଅଧିକ ସିନେମା ଷ୍ଟାରଙ୍କୁ ଦେଖିବାକୁ ପାଇବେ ବୋଲି ଚର୍ଚ୍ଚା ହେଉଛି। ବିଜେଡିର ବିଧାୟକ ପ୍ରାର୍ଥୀମାନେ ଅନୁଭବଙ୍କୁ ଧରି ଭୋଟରଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ କରୁଥିବା ବେଳେ ଭାଜପା ପକ୍ଷରୁ ମଧ୍ୟ ଏହି ପ୍ରୟାସ ଆରମ୍ଭ ହୋଇଥିବା ନେଇ ଆଲୋଚନା ହେଉଛି। ମାତ୍ର ଆଞ୍ଚଳିକ ସମସ୍ୟାର ପ୍ରସଙ୍ଗ ଉଠାଯାଉ ନ ଥିବାରୁ ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ସୂଚନା ଅଧିକାର କର୍ମୀ ରଞ୍ଜନ କୁମାର ଦାସ କୁହନ୍ତି ଯେ, ଜିଲାରେ ଅନୁପ୍ରବେଶ ଏକ ମୁଖ୍ୟ ସମସ୍ୟା ହୋଇଥିବା ବେଳେ କୌଣସି ରାଜନେତା ଏନେଇ ମୁହଁ ଖୋଲୁନାହାନ୍ତି । ଜିଲାରେ ବହୁ ବାଂଲାଦେଶୀ ଚିଙ୍ଗୁଡି ଘେରି କରିବା ସହ ଭିତରକନିକାର ଜାତୀୟ ଉଦ୍ୟାନର କ୍ଷତି ଘଟାଉଛନ୍ତି। ଏହା ଉପରେ ରୋକେ ଲଗାଇବା ଲାଗି ଉଚ୍ଚ ନ୍ୟାୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଭୋଟ ବ୍ୟାଙ୍କ ହରାଇବା ଭୟରେ ରାଜନେତାଙ୍କ ପକ୍ଷରୁ ଏଥିଲାଗି କୌଣସି ପଦକ୍ଷେପ ନିଆଯାଉ ନାହିଁ।

ସାମାଜିକ କର୍ମୀ ଅମରବର ବିଶ୍ୱାଳ କୁହନ୍ତି ଯେ, ସେତୁ ନ ଥିବାରୁ ପଦନୀପାଳ, ଏକମାଣିଆ, ଜମ୍ବୁ, ସିଂହଗାଁ ଆଦି ଅଞ୍ଚଳରେ ଦୀର୍ଘ ଦିନ ହେବ ସମସ୍ୟା ଲାଗି ରହିଛି। ଏହାକୁ ବିରୋଧ କରି ଭୋଟ ବର୍ଜନ କରିବାପାଇଁ ଅଞ୍ଚଳବାସୀ ପ୍ରସ୍ତୁତ ହେଉଛନ୍ତି । ସେହିପରି ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ମୌଳିକ ସମସ୍ୟାର ଅଦ୍ୟାବଧି ସମାଧାନ ହୋଇନାହିଁ।

ଏହା ଏକ କୃଷିଭିତ୍ତିକ ଜିଲା ହୋଇଥିଲେ ମଧ୍ୟ ଜଳ ପରିଚାଳନା ଅଭାବରୁ ଚାଷୀ ଦାଦନ ଶ୍ରମିକ ପାଲଟିଯାଇଛନ୍ତି । ଏସବୁ ସମସ୍ୟାର ସମାଧାନ ଉପରେ ଦୃଷ୍ଟି ଦିଆ ନ ଯାଇ ସିନେମା ଷ୍ଟାରଙ୍କୁ ଆଣି ଭୋଟରଙ୍କୁ ମନାଇବା ପ୍ରୟାସ ଏଥର ରାଜନେତାଙ୍କୁ ଭାରି ପଡିବ ବୋଲି ସେ ମତ ଦେଇଛନ୍ତି । ଏ ସମ୍ପର୍କରେ ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି, ନୟନମଣି ସାମଲ, ଜ୍ଞାନରଞ୍ଜନ ଦାସ, ଆଶିଷ ସେନାପତି ପ୍ରମୁଖ ଦର୍ଶାଇଛନ୍ତି ଯେ, କେନ୍ଦ୍ରାପଡା ଜିଲା ଗଠନକୁ ଇତିମଧ୍ୟରେ ୨୬ ବର୍ଷ ପୂରିଛି । ସେହିପରି ରାଜ୍ୟର ସର୍ବ ପ୍ରଥମ ମୁନିସିପାଲିଟି ଘୋଷଣାକୁ ୧୫୦ ବର୍ଷ ପୂର୍ତ୍ତି ହୋଇଛି । ଏହା ସତ୍ତ୍ୱେ ଏଠାରେ ଗମନାଗମନ ପାଇଁ ଭଲ ରାସ୍ତା ଠାରୁ ଆରମ୍ଭ କରି ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସମସ୍ୟା ପ୍ରତି ରାଜନେତାଙ୍କ ଧ୍ୟାନ ନାହିଁ । ଏଠାରେ ଜାତୀୟ ଉଦ୍ୟାନ ଥିଲେ ମଧ୍ୟ ପ୍ରଚାର ପ୍ରସାର, ଆଞ୍ଚଳିକ ଭିତ୍ତିଭୂମିରେ ଉନ୍ନତି ଘଟୁ ନ ଥିବାରୁ ପର୍ଯ୍ୟଟକମାନେ ଏଠାକୁ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି।

ସେହିପରି କାମ ଅନ୍ୱେଷଣରେ ଦେଶ ବିଦେଶରେ ଦାଦନ ଖଟୁଥିବା ସ୍ଥାନୀୟ ଅଞ୍ଚଳର ବହୁ ଶ୍ରମିକଙ୍କ ଅକାଳ ମୃତ୍ୟୁ ଅବା ନିର୍ଯ୍ୟାତନା ଘଟଣା ବାରମ୍ବାର ଘଟୁଥିବା ନେଇ ଖବର ପ୍ରକାଶ ପାଉଛି।

ଜିଲାରେ ଆବଶ୍ୟକୀୟ ଭିତ୍ତିଭୂମି ଥିଲେ ମଧ୍ୟ ଯୁବ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରି ସାମାନ୍ୟ ପ୍ଲାଷ୍ଟିକ ସାମଗ୍ରୀ କାରଖାନାଟିଏ ଅଦ୍ୟାବଧି ପ୍ରତିଷ୍ଠା ହୋଇପାରିନାହିଁ। ଏଠାରେ ଥିବା ଶ୍ରୀ ବଳଦେବଜୀଉ ପାୱାର ଲୁମ ଏବେ ବନ୍ଦ ହୋଇଯାଇଥିବା ବେଳେ କୁଟୀର ଶିଳ୍ପ ମଧ୍ୟ ବନ୍ଦ ରହିଛି। ଏପରିସ୍ଥିତିରେ ସିନେମା ଷ୍ଟାରଙ୍କୁ ଆଣି ଭୋଟରଙ୍କୁ ଆକୃଷ୍ଟ କରିବା ଉଦ୍ୟମ ଫେଲ ମାରିବ ବୋଲି ସେମାନେ ମତ ଦେଇଛନ୍ତି।

## ଭିତରକନିକାରୁ ୨ ବୋଟ ଜବତ, ୫ ମତ୍ସ୍ୟଜୀବୀ ଗିରଫ

**ରାଜନଗର, ୬।୪ (ଡିଏନଏ)**

ରାଜନଗର ବ୍ଲକରେ ଥିବା ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ପ୍ରବାହିତ ବୈତରଣୀ ନଦୀରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନବିଭାଗ ପାଟ୍ରୋଲିଂ ଟିମ୍ ଦୁଇଟି ବୋଟ ଜବତ କରିବା ସହିତ ସେଥିରେ ଥିବା ୫ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି । ଗୋଟିଏ ବୋଟରୁ ୨ଜଣ ମତ୍ସ୍ୟଜୀବୀ କୂଳକୁ ଡେଇଁ ଫେରାର ହୋଇ ଯାଇଛନ୍ତି । କନିକା ରେଞ୍ଜର ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ସୁନୀଲ ରଞ୍ଜନ ରାଉତରାୟ, ବନ କର୍ମଚାରୀ ଯଶୋବନ୍ତ ବେହେରା, ହେମନ୍ତ ପାଣିଗ୍ରାହୀ, ସୁବୋଧ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ମହାରଣା ଶୁକ୍ରବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ବେଆଇନ ଭାବେ ମାଛ ମାରୁଥିବା ରାଜକନିକା ଜୟନଗର ଅଞ୍ଚଳର ଗୋଟିଏ ଓ କନକନଗର ଅଞ୍ଚଳର ଅନ୍ୟ ଏକ ବୋଟକୁ ଜବତ କରିଥିଲେ। ରାଜକନିକା ଅଞ୍ଚଳର ବୋଟରେ ଥିବା ମହେଶ୍ୱର ମଲ୍ଲିକ, ଗୟାଧର ମଲ୍ଲିକ, ରତ୍ନାକର ମଲ୍ଲିକ, ଗଣେଶ ମଲ୍ଲିକ ଓ କନକନଗର ଅଞ୍ଚଳର ବୋଟରେ ଥିବା ୩ ଜଣଙ୍କ ମଧ୍ୟରୁ ଶଶଧର ଗିରିଙ୍କୁ ଗିରଫ କରାଯାଇ ଶନିବାର କୋର୍ଟ ଚାଲାଣ କରାଯାଇଛି। ଡେଇଁ ପଳାଇ ଯାଇଥିବା ଦୁଇଜଣ ମତ୍ସ୍ୟଜୀବୀଙ୍କ ପତ୍ତା ମିଳିପାରିନାହିଁ।






## BRIDE WANTED

ଇଞ୍ଜିନିୟର ଯୁବକ, ବୟସ୪୧, ଦ୍ୱିତୀୟ ବିବାହ ପାଇଁ କୁମାରୀ, ବିଧବା, ଛାଡ଼ପତ୍ର ପାଇଥିବା, ପାଞ୍ଚଥର ନମାଜ ପଢୁଥିବା, ନିଜ ଧର୍ମରେ ବିଶ୍ୱାସ, ତନୁପାତଳୀ କନ୍ୟାଙ୍କର ବିବାହ ପ୍ରସ୍ତାବ ଆବଶ୍ୟକ । 9740505573. D-12025

## GROOM WANTED

୨୫ବର୍ଷର ଭଦ୍ରକ ବାସିନ୍ଦା ଭୁବନେଶ୍ୱରରେ ନର୍ସ ଚାକିରି କରିଥିବା ଖଣ୍ଡାୟତ ଝିଅ ପାଇଁ ପୁଅ ଦରକାର: 7008080967. D-60828

Divorcee bride CA 40, Doctor 43, Business 36 (caste-no-bar)- 7873374269. D- 66424




## SALE

Bullet 350 CC, B2 Engine, Customised, one piece in India. 06370180060. D-66209

Hondacity 2010, 1.5 Ext model, red 55,000 km. running good condition for sale. Contact: ManuMohan- 8968228275. D- 59292




## SALE

3 storied building for sale near Dhauli, Bhubaneswar, all are 3BHK, flat new building Contact: 9337730923. D-58068

**Bhubaneswar AIIMS Hospital ଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65397

3BHK 1612 sqft. flat 3rd floor, Bijayavihar, Nuagaon Chhak, Bhubaneswar. Contact: 8917296260, 9861102937. D-58067

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC College ଠାରେ 1200କୁ 3,00,000/- (outright). 9776934361, 8144706560. D-66317

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-12006

Gharabari individual plots at Pahal, Balianta, ITER Jagamara commercial plots Satya vihar (72 lac) Hanspal, duplex Hanspal, Palasuni, Patia for immdediate sale with Bank finance. Details: 9040605900 (ବିଷ୍ଣୁ). ଧ-୧୧୯୦୩

ସୁନ୍ଦରପଦା Xavier University ପଛପଟେ ବେଣାବିଲ ମୌଜାରେ sqft.- 275/-ରେ investment ଉପଯୋଗୀ ସ୍ଥିତିବାନ ପ୍ଲଟ ମିଳୁଅଛି । Immediate possession and registration. 8249292535. D-66305

ଭୁବନେଶ୍ୱର ପାହାଳରେ Bank finance ଥାଇ plot sqft.- 780/-ରେ ଘର କରନ୍ତୁ। 8280032048. D-66316

Book 4BHK flat near AIIMS square, 150 meter Aiginia over bridge NH-5, 1622sqft @ 65lac. including parking. 7978584549. D-66072

Tomando market ପାଖରେ Janla NH-5, ପାଖରେ ଘରବାରି plot ନେଇ ଘର କରନ୍ତୁ। 9438859527. D-66325

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 9439206202. D-66308

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-12005

Booking 2BHK simplex 1200 sqft. land 12,80,000/-, 5km. from BJEM-II, monthly Installment 10,000/- 7735738102. D-11944

ଭୁବନେଶ୍ୱର ଗଙ୍ଗପଡ଼ାରେ ଲେଆଉଟ୍ ଆପ୍ରୋଭାଲ ଥାଇ ଘରବାରି ପ୍ଲଟ ମିଳୁଅଛି। Contact: 9556124345, 9437287595. D-11901

ସ୍ଥିତିବାନ ଘରବାରି ପ୍ଲଟ ରେତଙ୍ଗ ଷ୍ଟେସନ ପାଖରେ କିଣି ଘର କରନ୍ତୁ। 9938066403. D-66329

2BHK simplex 15,00,000/- finishing Hanspal, ready to move 30,00,000/- available. 9668194157. D-66328

ଭୁବନେଶ୍ୱର Patrapada HDFC Bank ରୁ 500 mtr କଲୋନୀରେ plot କିଣନ୍ତୁ। 9348767829. D-66330

ଭୁବନେଶ୍ୱର ପିତାପଲ୍ଲୀ ଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Bhubaneswar ପିତାପଲ୍ଲି ଛକରେ BDA plot electric, 30'road available. 9090963952. D-65389

ଭୁବନେଶ୍ୱର Tamando Kendriya Vihar Colony ନିକଟରେ yellowzone 30' road plot. 9348767829. D-66310

Ready 4BHK duplex with gated community at Balianta through cash/cheque (land-1400 construction-2200 @ 55 lakh. contact: 9938219397, 9861022055. D- 11951

ଫୁଲନଖରାରେ ନିର୍ମିତ ବୃହତମ ମାର୍କେଟ (Grand Bazar) NH-5ରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ **plot କିଣନ୍ତୁ। 9777342153.** D-66322

ସୁନ୍ଦରପଦା Hitech plaza frontରେ Govt. Roadକୁ ଲାଗି ଘରବାରି ପ୍ଲଟ ବିକ୍ରିହେବ sqft. 800/-, 1,000/-. 9777236619. D-66324

ନଖରା ଛକଠାରୁ ମାତ୍ର ୧କି.ମି. ଦୂରତାରେ ବାଲିକୁଦା ଛକପଛ ୫୦୦ ମିଟର ଦୂରତାରେ ଏବଂ ଗୋପାଳପୁର ନୂଆ ବସଷ୍ଟାଣ୍ଡ ନିକଟରେ ଘରବାରି, ବାଉଣ୍ଡାରୀ ରାସ୍ତା ଥାଇ ପ୍ଲଟ ବିକ୍ରିଅଛି। 9439621231, 7682056722. D-11593

Land 1000 sqft. at Sisupal 1km. from Lingaraj Temple, sale price 12 lakhs. Contact: Hindustan Jewellers, Bhubaneswar. D-65628

Tomando ପାଖରେ ଏବଂ ଜଟଣୀଗେଟ NHକୁ ଲାଗି ଘରବାରି plot ମିଳୁଅଛି 9439864322. D-66326

Ready to move apartment Jaydev Vihar, duplex Rangabazar, plot Pandara, Bhubaneswar. 6371040313, 7978321918. D-59854

ନଖରା ତ୍ରିନାଥ ବଜାରଠାରେ SC ଘରବାରି ପ୍ଲଟ 1200 କୁ 3,80,000/- ପ୍ରତାପ ନଗରୀ ଧାକୁଲେଇପୀଠ ଠାରେ 1200କୁ 3,00,000/- (outright). 9776934361, 8144706560. D-66318

ଭୁବନେଶ୍ୱର Infosys-II ପଛପଟେ ପାଚେରି ସହ sqft. 600/-ରେ plot ବିକ୍ରିହେବ। 8658962508, 8480864171. D-66321

Sale- 2800 Sqft. building on 2400 sqft. land, Acharya Vihar, Bhubaneswar. 9348986710, 9437056848. D-65903

ମୌଜା ହରପୁର ଘରବାରି ୧୮୦୦ରୁ୨୪୦୦ ଏସ୍.ସି. ପ୍ଲଟ ୩୦X୪୦= ୧୨୦୦ ଜେନେରାଲ ୧୫୦ଫୁଟ ଇନ୍‌ଫୋଭ୍ୟାଲି ରାସ୍ତାରୁ ୩୦ ଫୁଟିଆ ରାସ୍ତା 9776116771. D-60947

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66063

Farmhouse and plot for sale 12km from SUM Hospital. Contact: 7978456831. D-66210

Demarcated plots ପିପିଲି Puri by-pass sqft.330/- ଏବଂ ଗୁଡ଼ିଆ ପୋଖରୀ, ବାଲିଅନ୍ତା, ହଂସପାଳରେ (finance)ରେ ବିକ୍ରିହେବ। 9439471272, 8055618789. D-11952

Bhubaneswar ପାଖାପାଖି ହଂସପାଳ, ବାଲିଅନ୍ତା area କମ୍ ମୂଲ୍ୟରେ gharabari plot କିଣନ୍ତୁ: 9439487505. D-11986

Plot for sale Patrapada, Bhubaneswar near Inox Mall, gharabari yellowzone, price 849/-: 9437335686,, 7008487006. D-66421

Gharabari boundary plot sale infront of Harvajan Singh Royal Habitat mega apartment adjacent to NISER. Very nominal cost: 9438262073. D-66212

30 guntha gharabari land sale at Bhubaneswar close to 100ft. Sum hospital, Nuagaon Road (10 lakhs per guntha) Direct owner- 9777063609 D-66331

2400 sft GA plot sale at SUM Hospital (Bharatpur), Bhubaneswar. Contact Deepak- 9937329999 (Brokers excuse). D-66211

Resale of 3BHK full-furnished flat (1450 sqft.) at Budheswari Colony, CTC road, Bhubaneswar. Cost- 78 lakhs. Contact: Rohit Agrawal. Mob: 9861444119. D-58073

Corner plot (5,200 Sq.ft App., sthitiban status) with newly constructed double storied building (total roof area 3,500 sq.ft App.) + outhouse (roof area 540 sq.ft App.) with compound wall having two separate entry for vehicles on both sides. Address: Puri Town (Odisha), near Railway level crossing Puri Konark road. Suitable for: Residence guest house, holiday home, office, nursing home, bank etc. Contact details: 9835532641, rajeshkrsarangi@gmail.com. D-63765

**Residential plot sale at Bhubaneswar Dadhichi College @ 4,50,000/- Nakhara DPS- 15,00,000/- Satyabhamapur (Rangabazar) 12,50,000/-, Jharapada- 31,00,000/-, Balianta- 9,00,000/-, Pahala- 19,50,000/- Contact Sujata: 06371082405.** D-66314

Book 4BHK duplex land area 1750 sqft. and construction area 2400sqft. at Jagamara, Khandagiri, Bhubaneswar. Price- 93 lakhs. 7326084916. D-66074




**Built your Resudential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12004

## GENERAL
## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65388

Xerox machine Samsung SCX- 4100, Rs.- 23000/-, projector Braun Paxilux- 285, Rs.- 20,000/-. 07381773870. D-66208

Your Classified Advertisement published in Dharitri will be listed free in Dharitri Online Edition: www.dharitri.com




For commercial 800 sqft. Kharvel Nagar 1500 Master canteen 2000 Cuttack Road. Contact: Hindustan Jewellers, Bhubaneswar. D-65629

Main road side modern building immediate occupation near Jharapada flyover Indian oil petrol pump cuttack road, Bhubaneswar. Suitable for office guest house etc. contact: 9438081042, 9438668573. D-11997

New ladies hostel, 60 bed available. Marble room attached latrin bathrooms, Baramunda Bus stand. Student, employees contact: 9438423524. D-11999

1800 sqft. office space for rent at Goutam Nagar. Contact: 9337117523. D- 62175

Store/ godown/ office space available at Satyavihar, Pandara. 9437355156, 6372476583. D-65902

2BHK flat for rent in Reeta Valley near Krupajal College, Gudiapokhari, BBSR. Contact: 7978097047. D-52891

2000 sqft. house with all modern facilities in 1st floor available for office at Bomikhal near Durgamandap with 2000 sqft. garage space. Rent is negotiable, Bhubaneswar: 9437179626. D-58070

Single bedroom with separate drawing, dinning, kitchen, verandah at CRP square available for govt./corporate employee. Contact: 7978333287. D-66064

Three bedroom flat on rent at krishna tower opposite Iscon temple Nayapalli 09619615404, 91-9556406079. D-64954

2BHK ground floor for rent at Tankapani Road, front of Jagannath Ashram 9937313707. D-52892

2 bedroom, 2 toilet, long hall, 1 kitchen at N 16-359, IRC Village. 9938499889. D-12002

Newly constructed G+3 modern building at Sector 9 arrounding 2000 sqft. suitable for residence, business center, office hostel for rent. 9938499889. D-12001

1BHK, 2BHK, 3BHK with garage, Soubhagya Nagar, Unit-8, Bhubaneswar for family, office. Contact: 9337435646, 7377471310. D-66073

Independent House 3 Bedroom, 3 Bathroom, Study, Garage at L3/130, Acharya Vihar. Rent Rs.18000/-. Contact 9437366848. D-12023

Now Matrimonial ads. only on Wednesday & Sunday Book 1 Get 1 FREE

3BHK beautifully designed semi furnished marbeled flat at unit-8, Soubhagya Nagar. 9000001508. D- 64955




ଶିରିଡ଼ି ସାଇ ଶନିମନ୍ଦିର, ନାସିକ May, June ମାସ ପାଇଁ ଯୋଗାଯୋଗ: ଶ୍ରୀସାଇ ସେବାଟ୍ରଷ୍ଟ, ଭୁବନେଶ୍ୱର। 7978044197. D-65627




Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Summer special mesmerizing offer expert therapeutic refreshing massage appointment. 9668374480. D-66069

Herbal full body massage by smart/expert therapist. Contact: 8338067247. D-66067

Experience fullbody massage with us by experts. Enquiry- 0674-2597822, 7377048581. D-66066

Herbal full body massage with refreshment by well trained therapist. 7381239385, 0674-2540855. D-66065

Sampark ayurvedic massage club fully relaxed by smart lady, home service available. 8280102993. D-65868

Physiotherapy full body massage by trained ladies/ gents therapist: 7008773793. D-66422

Ayurvedic full body massage ladies/ gents smart experts therapist. 9114697517. D-65870

Newly opening ayurvedic body massage smart therapist Shree herbal. 7750020754. D-66068

Ayurvedic full body massage ladies/ gents experts therapist. 8338097451 . D-65871




ଶ୍ରୀ ଗଣେଶ ଜ୍ୟୋତିଷ ତୁରନ୍ତ ସମାଧାନ 101% ଗୃହକ୍ଲେଶ, ଶତ୍ରୁପୀଡ଼ା, ବ୍ୟବସାୟ, ସ୍ୱାମୀ–ସ୍ତ୍ରୀ, ବିବାହ, କଳାଯାଦୁ, ପ୍ରେମ ସମସ୍ୟା, ବଶୀକରଣ, ସ୍ପେଶାଲିଷ୍ଟ, ପଣ୍ଡିତ ସାଗରଜୀ: 9928051901. D-11986

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## CLASSIFIED BOOKING STATIONS

**CUTTACK**

**DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**WELCOME**
Buxi Bazar, Cuttack, Pratap Kumar Sahoo, Mob : 986134039

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**BERHAMPUR**

**DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**PADMINI LADIES CORNER**
Bhagban Sasmal, Sanjibani Market, Angul, Mob : 9668600631, 7788997720

**JAGADAMBA GIFT MALL**
Manoj Ku. Sahoo, Convent Road, Rayagada, Mob : 9439530999

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**JOGESWAR DAS**
Rayagada Contact: Mr. Jogeswar Das, Mob: 9437234611, 06856 222611.

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, 9337124748 (What's app) 9439963384

**MAA SARALA ENTERPRISERS**
N-5/37, Nayapalli, BBSR, Tushar Pattnaik, 8018202611, 9937071279.

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera, Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674- 2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674- 2590575, 9937064680

**MAHALAXMI VARIETY STORE**
Badagada Brit Colony, J. K. Panigrahy, Mob : 9437941222

**KANAN COMPUTERS**
Samantrapur, Ramakanta Sasmal, Mob : 9437439164




### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତାଏନ୍ ସତ୍ୟଭାମା ଚଉଧୁରୀ**

ଆବିର୍ଭାବ: ୧୭।୧୨।୧୯୩୫
ତିରୋଧାନ: ୨୭।୦୩।୨୦୧୯
ବଡ଼ଦାଣ୍ଡ ସାହି, ସୋରଡ଼ା, ଗଞ୍ଜାମ
ସ୍ୱାମୀ ସ୍ୱର୍ଗତ ଏନ୍ ଶାମବାବୁ ଚଉଧୁରୀ
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା,ପରୋପକାରିତା ଓ ଧାର୍ମିକ ଜୀବନଯାପନ ଆମର ପାଥେୟ ହେଉ । ଆଜିର ଦିନରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଶ୍ରୀ ଶ୍ରୀ ଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ପୁତୁରା, ଝିଆରୀ, ଭଣଜା, ଭାଣିଜୀ, ନାତି, ନାତୁଣୀ, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ ଏବଂ ପରିବାରବର୍ଗ ।

D-58069



**Shri Babulal Agarwal**
IAS, Retd.
02.07.1932 - 03.04.2019
At our residence
N/2138, IRC Village,
Bhubaneswar- 751015
Deeply loved and missed by Rajendra-Rena, Manju-Arun, Priti-Vijay, Rohit, Khushbu, Rahul, Bulbul, Ritesh, Surabhi, Khush, Sachit, Anshula, family and friends.
Baithak upto- 12.04.2019, 04-06 p.m daily
Pagadi Rasham- Sunday 14.04.2019, 04 p.m

D-12024

# ସାର୍ବଜନୀନ ସ୍ୱାସ୍ଥ୍ୟ

ଡା. ନିତ୍ୟାନନ୍ଦ ସ୍ୱାଇଁ



## ଏବର୍ଷର ବାର୍ତ୍ତା

‘ସାର୍ବଜନୀନ ସ୍ୱାସ୍ଥ୍ୟ ରକ୍ଷା: ପ୍ରତ୍ୟେକ ବ୍ୟକ୍ତି, ପ୍ରତ୍ୟେକ ସ୍ଥାନରେ’। ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ନିମନ୍ତେ ସବୁପ୍ରକାରର ଉଦ୍ୟମ ଜାରି ରଖିବା ହିଁ ଏହି ବାର୍ତ୍ତାର ଆହ୍ୱାନ। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ଆମେ ଆମ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ସମ୍ବନ୍ଧରେ ଅବଗତ ହୋଇ ଏହି ଆହ୍ୱାନର ସଫଳ ମୁକାବିଲା କରିବା ପାଇଁ ଅନୁପ୍ରେରିତ ହେବା ବାଞ୍ଛନୀୟ...

**କୁ**ହାଯାଇଥାଏ ଯେ ‘ଦେହ ଗୋଟିଏକୁ ରୋଗ କୋଟିଏ’। ତେଣୁ ଅଧିକାଂଶ ବ୍ୟକ୍ତି ବହୁ ସମୟରେ ଅସୁସ୍ଥ। ସୁତରାଂ ସୁସ୍ଥ ରହିବା ନିମନ୍ତେ ପ୍ରତ୍ୟେକଙ୍କର ସ୍ୱାସ୍ଥ୍ୟ ସମ୍ପର୍କିତ ମୌଳିକ ଜ୍ଞାନ ରହିବା ଅପରିହାର୍ଯ୍ୟ। କାରଣ ଅଜ୍ଞତା ହିଁ ଅସୁସ୍ଥତା ପ୍ରସାରର ପ୍ରଧାନ ନାୟକ। ପ୍ରତ୍ୟେକ ବ୍ୟକ୍ତି ସୁସ୍ଥ ରହିଥିଲେ ହିଁ ସେ ସର୍ବାଧିକ କାର୍ଯ୍ୟକ୍ଷମ ରହିପାରିବ। ନିଜର ଏବଂ ଅନ୍ୟମାନଙ୍କର ମଙ୍ଗଳ କରିପାରିବ। ଏପରି କି ଅନ୍ୟମାନଙ୍କୁ ସୁସ୍ଥ ରଖିବାରେ ସହାୟକ ହୋଇପାରିବ।

ଚଳିତ ବର୍ଷ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ବାର୍ତ୍ତା ରହିଛି– ‘ସାର୍ବଜନୀନ ସ୍ୱାସ୍ଥ୍ୟର ବିସ୍ତାର: ପ୍ରତ୍ୟେକ ବ୍ୟକ୍ତି, ପ୍ରତ୍ୟେକ ସ୍ଥାନରେ’। ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ନିମନ୍ତେ ସବୁପ୍ରକାରର ଉଦ୍ୟମ ଜାରି ରଖିବା ହିଁ ଏହି ବାର୍ତ୍ତାର ଆହ୍ୱାନ।

ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ଆମେ ଆମ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ସମ୍ବନ୍ଧରେ ଅବଗତ ହୋଇ ଏହି ଆହ୍ୱାନର ସଫଳ ମୁକାବିଲା କରିବା ପାଇଁ ଅନୁପ୍ରେରିତ ହେବା ବାଞ୍ଛନୀୟ।

ବିଶୁଦ୍ଧ ଜଳ, ପେଟପୂରା ଖାଦ୍ୟ, ନିରାପଦ ବାସଗୃହ, ପରିମଳ ପରିବେଶ, ଶିକ୍ଷା ଏବଂ କର୍ମନିଯୁକ୍ତି ଆମର ମୌଳିକ ମାନବିକ ଅଧିକାର। ଶାରୀରିକ, ମାନସିକ ଓ ସାମାଜିକ ସୁସ୍ଥତା ଉପଭୋଗ କରିବା ମଧ୍ୟ ଜନସାଧାରଣଙ୍କ ମୌଳିକ ଅଧିକାର ପର୍ଯ୍ୟାୟଭୁକ୍ତ। ଦେଶର ଅଧିକାଂଶ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ଭଳି ଏକ ମୌଳିକ ଆବଶ୍ୟକତାରୁ ବଞ୍ଚିତ କରିବା ଜାତୀୟ ସ୍ୱାର୍ଥର ପରିପନ୍ଥୀ। କାରଣ ଅଧିକାଂଶ ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଉପଭୋଗ କରିବା ଭଳି ମୌଳିକ ଅଧିକାରରୁ ଦୀର୍ଘଦିନ ଧରି ଦୂରେଇ ରଖିବାର ପରିଣତି ଆଦୌ ଶୁଭଙ୍କର ନୁହେଁ। ସେଥିପାଇଁ କୃଷିକ୍ଷେତ୍ରର କୃଷକ, କଳକାରଖାନାର ଶ୍ରମିକ ଏବଂ ପ୍ରତ୍ୟେକ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ନିକଟରେ ଉତ୍ତମ ସ୍ୱାସ୍ଥ୍ୟରକ୍ଷାର ବାର୍ତ୍ତାମାନ ପହଞ୍ଚେଇବା, ସେମାନଙ୍କୁ ସର୍ବୋତ୍ତମ ଚିକିତ୍ସାସେବା ଯୋଗାଇଦେବା, ସ୍ୱାସ୍ଥ୍ୟସେବାର ପ୍ରତ୍ୟେକ ଉପଭୋକ୍ତା ସୁସ୍ଥ ରହିବାରେ ପରସ୍ପରକୁ ସାହାଯ୍ୟ କରିବା ଓ ଜନସାଧାରଣଙ୍କ ସ୍ୱାସ୍ଥ୍ୟର ଉନ୍ନତି ବିଧାନ ପାଇଁ ରାଜନୈତିକ ସ୍ତରରେ ଆନ୍ତରିକ ପ୍ରୟାସ କରିବା ଦ୍ୱାରା ସାର୍ବଜନୀନ ସ୍ୱାସ୍ଥ୍ୟ ସାକାର ରୂପ ନେଇପାରିବ। ଏ ସମ୍ପର୍କରେ ଜାଣିରଖିବା ଉଚିତ ଯେ, ‘ଜଣକୁ ପଡ଼ିଲେ ବିପଦ, କେହି ନୋହିବେ ନିରାପଦ।’

ତେବେ ଆମର ସାଧାରଣ ଧାରଣା ଯେ, ରୋଗ ନ ଥିବାଟା ହେଉଛି ସ୍ୱାସ୍ଥ୍ୟ। କିନ୍ତୁ ଏହା କେବଳ ଆଂଶିକ ସତ୍ୟ। କାରଣ କେବଳ ଶରୀରଟି ସୁସ୍ଥ ଥିଲେ ଆମେ ତାହାକୁ ପ୍ରକୃତ ସୁସ୍ଥାବସ୍ଥା ବୋଲି କହିପାରିବାନି। ଶାରୀରିକ ସୁସ୍ଥତା ସାଙ୍ଗକୁ ମାନସିକ, ସାମାଜିକ ଓ ଆଧାତ୍ମିକ ସୁସ୍ଥତାର ଅଧିକାରୀ ହୋଇଥିଲେ ହିଁ ସୁସ୍ଥ ବୋଲି କୁହାଯିବାଟା ଠିକ୍। ଅବଶ୍ୟ ସମ୍ପୂର୍ଣ୍ଣ ସୁସ୍ଥତା ଉପଭୋଗ କରିବା ଆଦୌ ସହଜ ନୁହେଁ। କିନ୍ତୁ ଏହା ଅସମ୍ଭବ ନୁହେଁ ମଧ୍ୟ। ଏହି କାରଣରୁ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବାରେ ବ୍ୟକ୍ତିଗତ ପ୍ରଚେଷ୍ଟା ଯେତିକି ଗୁରୁତ୍ୱପୂର୍ଣ୍ଣ, ଅନ୍ୟମାନଙ୍କର ସାହାଯ୍ୟ ମଧ୍ୟ ତତୋଽଧିକ ଗୁରୁତ୍ୱପୂର୍ଣ୍ଣ। ଜାତୀୟ ଓ ଅନ୍ତର୍ଜାତୀୟ ସହାୟତା ବି ଜନସାଧାରଣଙ୍କୁ ସୁସ୍ଥ ରଖିବାରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ଦେଇଥାଏ।

ସୁସ୍ଥ ରହିବା ନିମନ୍ତେ ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷା, ପୁଷ୍ଟିକର ଖାଦ୍ୟ, ନିୟମିତ ବ୍ୟାୟାମ, ପ୍ରତିଷେଧକ ଟିକା ଇତ୍ୟାଦିର ଯେପରି ଆବଶ୍ୟକତା ରହିଛି, ସେହିପରି ଆବଶ୍ୟକତା ରହିଛି ଉତ୍ତମ ପରିମଳ ବ୍ୟବସ୍ଥା, ବିଶୁଦ୍ଧ ପାନୀୟ ଜଳ, ଶିକ୍ଷା ଓ କୃଷି ଇତ୍ୟାଦି କ୍ଷେତ୍ରର ବିକାଶ। ଦାରିଦ୍ର୍ୟ ଓ ବେକାରି ଦୂରୀକରଣ ଏବଂ ଜନସଂଖ୍ୟା ନିୟନ୍ତ୍ରଣ ବିନା ଜନସାଧାରଣ ଉତ୍ତମ ସ୍ୱାସ୍ଥ୍ୟ ଉପଭୋଗ କରିପାରିବେନି। ଜନସାଧାରଣଙ୍କ ସାମୂହିକ ସ୍ୱାସ୍ଥ୍ୟ ପାଇଁ ଗୋଷ୍ଠୀ ସହଯୋଗ ଅପରିହାର୍ଯ୍ୟ। ଅପରିହାର୍ଯ୍ୟ ରାଜନୈତିକ ଇଚ୍ଛାଶକ୍ତି। ରାଷ୍ଟ୍ରର ପ୍ରତ୍ୟେକ ନାଗରିକ ସୁସ୍ଥ ରହିପାରିଲେ ପ୍ରତ୍ୟେକଙ୍କର ସାମାଜିକ ଜୀବନ ଉନ୍ନତ ହୋଇପାରିବ, ପ୍ରତ୍ୟେକେ କାର୍ଯ୍ୟକ୍ଷମ ତଥା ଉତ୍ପାଦନକ୍ଷମ ହେବା ସମ୍ଭବ ହୋଇପାରିବେ ଏବଂ ଏହା ଫଳରେ ତ୍ୱରାନ୍ୱିତ ହୋଇପାରିବ ରାଷ୍ଟ୍ରର ପ୍ରଗତି।

ଏଥିପାଇଁ ବ୍ୟକ୍ତି ନିଜେ ସ୍ୱାସ୍ଥ୍ୟସେବାର ଦ୍ୱାରସ୍ଥ ନ ହୋଇ ସ୍ୱାସ୍ଥ୍ୟସେବା ପ୍ରତ୍ୟେକ ବ୍ୟକ୍ତିଙ୍କ ଦ୍ୱାର ନିକଟରେ ପହଞ୍ଚେଇବା ହିଁ ସାର୍ବଜନୀନ ସ୍ୱାସ୍ଥ୍ୟସେବାର ବାସ୍ତବ ଲକ୍ଷ୍ୟ।

*‘ଅଭୀପ୍ସା’, ସେକ୍ଟର–୬, ପ୍ଲଟ୍ ନଂ. ୧୧୩୧, କଟକ–୭୫୩୦୧୪*

## ଖରାଦିନେ ଆଖିର ଯତ୍ନ



- ❖ଖରାରେ ବାହାରକୁ ବାହାରିଲେ ଟୋପି ପିନ୍ଧନ୍ତୁ।
- ❖ସବୁବେଳେ ସନ୍‌ଗ୍ଲାସ୍ ବ୍ୟବହାର କରନ୍ତୁ।
- ❖ସୁଇମିଂ ପୁଲ୍‌ରେ ଗାଧୋଇବା ବେଳେ ଚଷମା ପରିଧାନ କରନ୍ତୁ।
- ❖ମଇଳା ହାତ କେବେ ବି ଆଖିରେ ଲଗାନ୍ତୁ ନାହିଁ। ହାତକୁ ସର୍ବଦା ସ୍ୱଚ୍ଛ ରଖନ୍ତୁ।
- ❖କେମିକାଲ ପ୍ରତି ସତର୍କ ରୁହନ୍ତୁ।
- ❖ଅଧିକ ପାଣି ପିଅନ୍ତୁ। ନିୟମିତ ଅନ୍ତରାଳରେ ଫଳ ରସ ପିଇବାକୁ ଭୁଲନ୍ତୁ ନାହିଁ।
- ❖କୌଣସି ସମସ୍ୟା ଦେଖାଦେଲେ ତୁରନ୍ତ ଚକ୍ଷୁରୋଗ ଚିକିତ୍ସକଙ୍କ ସହାୟତା ନିଅନ୍ତୁ ।

**–ଡା. ତପନ କୁମାର ପଣ୍ଡା**
*ଆସିଷ୍ଟାଣ୍ଟ ପ୍ରଫେସର (ଚକ୍ଷୁ)*
*ଏସ୍‌ସିବି ମେଡିକାଲ, କଟକ*

## ସକାଳେ ପିଇଲେ ଉଷୁମ ପାଣି...

**ସ**କାଳୁ ଖାଲି ପେଟରେ ଉଷୁମ ପାଣି ପିଇଲେ ଅନେକ ସୁଫଳ ମିଳିଥାଏ। ଏହା ମ୍ୟୁକୋଲାଇଟିସ୍ ଭାବେ କାର୍ଯ୍ୟ କରିଥାଏ। ଏହାଦ୍ୱାରା ଫୁସ୍‌ଫୁସ୍‌ରେ ଜମିଥିବା କଫ ତରଳି ବାହାରି ଯାଇଥାଏ। ଫଳରେ କାଶରୁ ମୁକ୍ତି ମିଳେ। ଆଜ୍‌ମା ରୋଗୀ ସକାଳୁ ଏପରି ନିୟମିତ ଅଭ୍ୟାସ କରିବା ଭଲ ବୋଲି ଚିକିତ୍ସକମାନେ ମତପୋଷଣ କରିଥାନ୍ତି। ଉଷୁମ ପାଣି ସକାଳୁ ପିଇଲେ ରକ୍ତ ସଞ୍ଚାଳନ ଭଲ ଭାବେ ହୋଇଥାଏ। ଏହା ଯୋଗୁ ଶରୀର ଆରାମ ଲାଗେ। ପୁଣି ପାଚନ କ୍ରିୟା ସ୍ୱାଭାବିକ ହୋଇଥାଏ। ଫଳରେ ଖାଦ୍ୟ ସହଜରେ ହଜମ ହୋଇ କୋଷ୍ଠକାଠିନ୍ୟରୁ ମୁକ୍ତି ମିଳେ। ଏହା ଯୋଗୁ ଶରୀରର ରୋଗ ପ୍ରତିଷେଧକ କ୍ଷମତା ବୃଦ୍ଧି ପାଇଥାଏ। ଏହା କୋଲଷ୍ଟରଲସ୍ତରକୁ ନିୟନ୍ତ୍ରିତ କରେ। ଆମେରିକା ଓହିଓ ବିଶ୍ୱବିଦ୍ୟାଳୟରେ ହୋଇଥିବା ଗବେଷଣାରୁ ଜଣାପଡ଼ିଛି ଯେ, ଉଷୁମ ପାଣି ଶରୀର ପାଇଁ ମହୋଷଧି ଭଳି କାର୍ଯ୍ୟ କରେ। ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ଏହା ବାହାର କରିବା ସହିତ ମେଦବହୁଳତାରୁ ଦୂରେଇ ରଖେ। ଏହା ଆଣ୍ଟି–ଏଜିଂ ଭାବେ ମଧ୍ୟ କାର୍ଯ୍ୟ କରିଥାଏ।

World Health Organization
CARE HOSPITALS
Free
health check & consultation*
for 50 years and above
Because HEALTH is WEALTH!
Date: Sunday, April 7 • Time: 9 am - 2 pm
CHECKS • Height, Weight & BMI • Blood Pressure • Fasting/Random Blood Sugar • HbA1C (For Chronic & High Blood Sugar) • Bone Mineral Densitometry (BMD) • Pulmonary Function Test (PFT) • Dietary Advice • Neuropathy
CONSULTATION • General Medicine & Diabetic • Orthopedics • Neurology • Pulmonary Medicine • Dental
UNIVERSAL HEALTH COVERAGE: EVERYONE, EVERYWHERE
*For first 200 Registrations.
For details, call: 1800 3000 1010
CARE HOSPITALS
Plot No. 324 (P), Prachi Enclave, Chandrasekharpur
Bhubaneswar - 751016, Tel: 91-674-3021999

## ଆୟୁର୍ବେଦର ମହତ୍ତ୍ୱ

**ଆ**ୟୁର୍ବେଦ ଚିକିତ୍ସା ପ୍ରଣାଳୀ ବିଗତ ହଜାର ହଜାର ବର୍ଷ ପୂର୍ବରୁ ପ୍ରଚଳିତ ହୋଇ ଆସୁଅଛି। ଯେତେବେଳେ ସମଗ୍ର ଭାରତ ବର୍ଷରେ କୌଣସି ଚିକିତ୍ସା ପଦ୍ଧତି ନ ଥିଲା, ସେତେବେଳେ ଆୟୁର୍ବେଦ ଚିକିତ୍ସା ଦ୍ୱାରା ରୋଗୀଙ୍କୁ ଚିକିତ୍ସା କରାଯାଉଥିଲା। ବିଭିନ୍ନ ପ୍ରକାର ଚେରମୂଳି, ଛାଲି, ପତ୍ର ଓ ସ୍ୱରସ ଖଣିଜ ଦ୍ରବ୍ୟ ଆଦିରୁ ଏହି ଚିକିତ୍ସା ପଦ୍ଧତି ଆରମ୍ଭ ହୋଇଥିଲା। ମହର୍ଷି ଚରକ, ବାଣଭଟ୍ଟ, ସୁଶ୍ରୁତ ଆଦି ମହର୍ଷିମାନଙ୍କ ଦ୍ୱାରା ଆୟୁର୍ବେଦ ଚିକିତ୍ସାର ସୃଷ୍ଟି ବା ଆରମ୍ଭ ହୋଇଥିଲା। ସ୍ୱାସ୍ଥ୍ୟରକ୍ଷାର ସରଳ ଉପାୟ ଘର ବା ବାଡ଼ିବଗିଚାରେ ହେଉଥିବା ବୃକ୍ଷ, ଲତା, ପୁଷ୍ପ, ଫଳ, ଛାଲି, ମୂଳ, ପତ୍ର ଦ୍ୱାରା ସାଧାରଣ ଓ ଅସାଧାରଣ ରୋଗର ସରଳ ଚିକିତ୍ସା କରାଯାଉଥିଲା। ଏହି ଚିକିତ୍ସା ପାର୍ଶ୍ୱ ପ୍ରତିକ୍ରିୟା ବିହୀନ ଅଟେ। ମାନବ ଶରୀର ଅଷ୍ଟଧାତୁରେ ଗଠନ ହୋଇଛି। ଆମେ ଖାଉଥିବା ଖାଦ୍ୟରୁ ରସ, ରକ୍ତ, ମାଂସ, ଅସ୍ଥି, ମଜ୍ଜା, ଶୁକ୍ର ଓ ଓଜ ଧାତୁ କ୍ରମ ଅନୁସାରେ ପୋଷଣ ହୋଇଥାଏ। ଆୟୁର୍ବେଦ ଚିକିତ୍ସା ବିଜ୍ଞାନକୁ ୮ ଭାଗରେ ବିଭକ୍ତ କରାଯାଇଅଛି ଓ ଏହାକୁ ଅଷ୍ଟାଙ୍ଗ ଆୟୁର୍ବେଦ କୁହାଯାଏ। ସ୍ୱାସ୍ଥ୍ୟ–ରକ୍ଷା ଓ ରୋଗ ପ୍ରତିଷେଧକ ଶକ୍ତି ଓ ନିରାକରଣ ଆୟୁର୍ବେଦ ଚିକିତ୍ସା ଅତୁଳନୀୟ ଅଟେ। ଏବେ ପୃଥିବୀର ପ୍ରାୟ ଦେଶ ଆୟୁର୍ବେଦ ଚିକିତ୍ସା ପଦ୍ଧତି ଉପରେ ଆସ୍ଥା ପ୍ରକଟ କରିଛନ୍ତି ଓ ଏହାର ଗବେଷଣା ମଧ୍ୟ କରୁଛନ୍ତି। **–ଡା. ରଙ୍ଗନାଥ ଦାଶ**

hcgoncology.com
HCG PANDA CANCER HOSPITAL
adding life to years
1ST AND THE MOST ADVANCED COMPREHENSIVE CANCER CARE CENTRE IN ODISHA.
HCG Panda Cancer Hospital
NH – 5, Telengapentha, Cuttack – 754001
0671 7116 999

Modern Ortho Clinic
MINIMALLY INVASIVE ORTHOPAEDICS & ENT SUGERY CENTER
➡ IST Center of Endoscopic Spine Surgery in Odisha
- Endoscopic Lumber Discectomy
- Endoscopic Lumber Canal Decompression
➡ IST Sports Injury and Arthroscopy Surgery Center in Odisha
KNEE - Ligament Reconstruction
- Meniscus Surgery
- Medical Ligament Reconstruction for Recurrent Dislocation of Petella
Shoulder - Rotator Cuff Repair
- Recurrent Dislocation Bankarts Repair
Wrist & Ankle Arthoscopy
- Tarsal & Carpal Tunnel Syndrome Synovectomy & Loose Bodies Removal
ENT - Endoscopic ENT Surgery
Arthroscopy & Endospine Clinic
● Dr. P.C. Dey, Orthopaedic, Joint Replacement, Sports Injury and Endospine Surgeon will not be available at AMRI Hospital for Consultation.
● He will be available at CARE Hospital, Bhubaneswar on Monday afternoon, Tuesday and Saturday and other days on prior appointment.
● Also will be available at his own Modern Ortho Clinic at Jaydev Vihar, Besides Kalinga Stadium daily on appointment basis.
For Appointment: 0674-2421122, 9438800020, 9437928686
MODERN ORTHO CLINIC
751, BEHERASAHI, NAYAPALLI, BESDE KALINGA STADIUM
BHUBANESWAR - 12, ODISHA, INDIA, Ph.: 0674-2421122, M.: 9437069966
drpcdey@yahoo.co.in, drrajlaxmient@gmail.com
Website: www.arthroscopy-endospine.com

## ଓଡ଼ିଶାରେ ଡେଣ୍ଟାଲ୍ ଟୁରିଜିମ୍

**ଦ**ନ୍ତ ଚିକିତ୍ସା ବିଶ୍ୱବ୍ୟାପି ବ୍ୟୟବହୁଳ ହେବାରେ ଲାଗିଛି। ଏପରିସ୍ଥଳେ ଏହାର ବିକଳ୍ପ ପାଇଁ ଉଦ୍ୟମ ଅବ୍ୟାହତ ରହିଛି। ଡେଣ୍ଟାଲ୍ ଟୁରିଜିମ୍(ଦନ୍ତ ପର୍ଯ୍ୟଟନ) ଏ କ୍ଷେତ୍ରରେ ଏକ ନୂତନ ସମ୍ଭାବନା ଭାବେ ଉଭା ହୋଇଛି। ସମ୍ପ୍ରତି ବିଦେଶୀ ରାଷ୍ଟ୍ରର ଅନେକ ଲୋକ ଭାରତକୁ ଡେଣ୍ଟାଲ ଟୁରିଜିମ୍‌ର ଉତ୍ତମ କ୍ଷେତ୍ର ଭାବେ ବିବେଚନା କରୁଥିବା ବେଳେ ଓଡ଼ିଶାରେ ଏଥିପାଇଁ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ରହିଛି। ଭୁବନେଶ୍ୱର ତଥା ଏହାର ଆଖପାଖ ଅଞ୍ଚଳ ଏଥିଲାଗି ବେଶ୍ ଉପଯୋଗୀ କ୍ଷେତ୍ର ପାଲଟିଛି। ଭୁବନେଶ୍ୱର ସହିତ ମାଲେସିଆ, ବ୍ୟାଙ୍କକ୍, ଦୁବାଇ ଆଦି ବିଭିନ୍ନ ସ୍ଥାନ ସହ ସିଧାସଳଖ ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ ହୋଇଛି। ଫଳରେ ଏହା ଡେଣ୍ଟାଲ ଟୁରିଜିମ୍ ପାଇଁ ନୂତନ ସମ୍ଭାବନା ସୃଷ୍ଟି କରିଛି। ଅନେକ ପ୍ରବାସୀ ଭାରତୀୟ ଓଡ଼ିଶାରେ ଚିକିତ୍ସା କରାଇବାକୁ ପସନ୍ଦ କରୁଛନ୍ତି। ଭୁବନେଶ୍ୱରରେ କେତେକ ଅତ୍ୟାଧୁନିକ ଡେଣ୍ଟାଲ କ୍ଲିନିକ୍ ରହିଛି। ଏଠାରେ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଥାଏ। ସ୍ମାଇଲ୍ ଜୋନ୍ ଡେଣ୍ଟାଲ ହସ୍ପିଟାଲ ପକ୍ଷରୁ ଓଡ଼ିଶାରେ ୧୨ରୁ ଅଧିକ କ୍ଲିନିକ୍ ସ୍ଥାପନ ପାଇଁ ଯୋଜନା କରିଛି। ସେହିପରି ଚିକିତ୍ସାକୁ ଆର୍ଥିକ ଦୃଷ୍ଟିକୋଣରୁ ସହଜ କରିବା ପାଇଁ ଇଏମ୍‌ଆଇ ସୁବିଧା ମଧ୍ୟ ଯୋଗାଇ ଦିଆଯାଉଛି। ଭଙ୍ଗାଦାନ୍ତ ସ୍ଥାନରେ ନୂଆ ଦାନ୍ତ ଲଗାଇବା ବା ଦନ୍ତ ପ୍ରତିରୋପଣ ଏବେ ଲୋକପ୍ରିୟ ହୋଇପାରିଛି। କିଛି ବର୍ଷ ପୂର୍ବରୁ ଏହି କ୍ଷେତ୍ରରେ କାମ କରୁଥିବା ବିଶ୍ୱସ୍ତରୀୟ ବୃହତ୍ କମ୍ପାନୀ ଭାରତରେ କାହିଁକି ଡେଣ୍ଟାଲ ଟୁରିଜିମ୍ କରାଯିବ ସେ ନେଇ ପ୍ରଶ୍ନ କରୁଥିବାବେଳେ ଏବେ ଏଠାରେ କାରବାର କରିବାକୁ ପସନ୍ଦ କରୁଛନ୍ତି।

www.amrihospitals.in
AMRI HOSPITALS
BHUBANESWAR
VOTE FOR GOOD HEALTH
This World Health Day, AMRI Hospitals takes the pledge to ensure good health coverage and services for one and all.
Save 15%* on the following Health Check-up Packages
Senior Citizen (P2) Health Check-up Package starts at ₹ 1000*
General Health Check-up Package ₹ 3200*
Executive Health Check-up Package ₹ 4500*
Whole Body Check-up Package ₹ 5800*
Child Health Check-up Package ₹ 850*
Well Women Check-up Package ₹ 2000*
For Appointment: 77520 18672
Offer valid from 7th to 30th April, 2019
AMRI Hospitals Bhubaneswar
Plot No. 1, Beside Satyasai Enclave Khandagiri, Bhubaneswar - 751 030 | 0674 6666600
Bhubaneswar | Dhakuria | Mukundapur | Salt Lake | Southern Avenue
STUDIOBED/APR19/AMRI/002
T&C Apply

# ବାର୍ଦ୍ଧକ୍ୟଜନିତ ଆଣ୍ଠୁଗଣ୍ଠି ବାତ



**ବା**ର୍ଦ୍ଧକ୍ୟ ଜନିତ ଆଣ୍ଠୁଗଣ୍ଠି ବାତ ଆଜିକାଲି ୪୦ରୁ ୫୦ବର୍ଷ ବୟସ୍କ ବ୍ୟକ୍ତିଙ୍କ ପାଖରେ ଅଧିକ ଦେଖାଯାଉଛି। ଏହି ବାତ ହେଲେ ପ୍ରଥମେ ରୋଗୀର ଆଣ୍ଠୁଗଣ୍ଠିରେ କୌଣସି ପ୍ରକାର ଚାପ ପଡ଼ିଲେ ଯନ୍ତ୍ରଣା ଆରମ୍ଭ ହୁଏ। ପୁଣି ବିଶ୍ରାମ ନେଲେ କମିଯାଏ। କିନ୍ତୁ ଧୀରେ ଧୀରେ ସମୟ ବଢ଼ିବା ସହିତ ଯନ୍ତ୍ରଣା ବଢ଼ିବା ସହ ଗଣ୍ଠି ଫୁଲିବାକୁ ଲାଗେ। କିଛି ବର୍ଷ ପରେ ଅର୍ଥାତ୍ ପାଖାପାଖି ଚାରିପାଞ୍ଚ ବର୍ଷ ପରେ ଏହା ବଢ଼ିଯାଏ । ଫଳରେ ଆଣ୍ଠୁଗଣ୍ଠି ବଙ୍କା ହୋଇଯାଏ। ରୋଗୀଟି ଚାଲିପାରେ ନାହିଁ । ତେବେ ବାର୍ଦ୍ଧକ୍ୟ ଜନିତ ଗଣ୍ଠିବାତ ରୋଗୀଙ୍କ ମଧ୍ୟରୁ ତେତେକଙ୍କର ସିଭିୟର ଗଣ୍ଠିବାତ ହୁଏ, ଯେଉଁଥିରେ ଫିଜିଓଥେରାପି ଏବଂ ଔଷଧ କାମ କରେ ନାହିଁ। ଏହି ବ୍ୟକ୍ତିମାନେ ଗଣ୍ଠି ପ୍ରତିରୋପଣ ଶଲ୍ୟ ଚିକିତ୍ସା ଦ୍ୱାରା ଉପଶମ ପାଇଥାନ୍ତି। ବର୍ତ୍ତମାନ ସମୟରେ ଆଣ୍ଠୁଗଣ୍ଠି ପ୍ରତିରୋପଣ, ଓଷ୍ଟିଓଆର୍ଥ୍ରାଇଟିସ୍‌ର ଗୋଲ୍ଡ ଷ୍ଟାଣ୍ଡାର୍ଡ ଚିକିତ୍ସା । ଏ ବିଷୟରେ କେତୋଟି ଜାଣିବା କଥା...

–ଅତ୍ୟାଧୁନିକ ଚିକିତ୍ସା ଦ୍ୱାରା ରୋଗୀ ଅପରେଶନର ୮ଘଣ୍ଟା ପରେ ଚାଲିପାରୁଛି ଓ ପାଞ୍ଚଦିନ ପରେ ଘରକୁ ଯାଇପାରୁଛି। ଏହାପରେ ହୋମ୍ ଫିଜିଓଥେରାପି ଦ୍ୱାରା ରୋଗୀର ଚିକିତ୍ସା କରାଯାଏ।

– ଏହି ଅପରେଶନ ସାଧାରଣତଃ ଅତ୍ୟାଧୁନିକ ମଡ୍ୟୁଲାର ଓଟିରେ ଅଭିଜ୍ଞ ଶଲ୍ୟ ଚିକିତ୍ସକଙ୍କ ଦ୍ୱାରା କରାଯାଏ। ଏହାଦ୍ୱାରା ଇନ୍‌ଫେକ୍ସନ୍‌ର ଆଶଙ୍କା କମ୍ ଥାଏ। ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଦ୍ୱାରା ରକ୍ତକ୍ଷରଣ ବହୁତ କମ୍ ହୋଇଥାଏ। ତେଣୁ ଅପରେଶନ ପରେ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ ଦରକାର ପଡ଼ି ନ ଥାଏ।

– ଅପରେଶନର ଦୁଇମାସ ପରେ ରୋଗୀ ୨ରୁ ୩ କିଲୋମିଟର ଚାଲିପାରିବେ। ଦୁଇମାସ ପରେ କାର୍ ଡ୍ରାଇଭ କରିପାରିବେ। ମାତ୍ର ଦୌଡ଼ିବା ଓ ଡେଇଁବା ମନା।

– ସମ୍ପୂର୍ଣ୍ଣ ଆଣ୍ଠୁଗଣ୍ଠି ପ୍ରତିରୋପଣ ଚିକିତ୍ସାରେ ନଷ୍ଟ ହୋଇଥିବା କାର୍ଟିଲେଜ୍ ଓ ୯ ଏମ୍‌ଏମ୍‌ର ଅସ୍ଥି କଟାଯାଏ ଏବଂ ତା' ସ୍ଥାନରେ କୃତ୍ରିମ ଖଞ୍ଜାକୁ ପ୍ରତିରୋପଣ କରାଯାଏ।

– ଏହି କୃତ୍ରିମ ଗଣ୍ଠି ୨୦ରୁ ୩୦ ବର୍ଷ ପର୍ଯ୍ୟନ୍ତ କାମ କରିଥାଏ। ଦୈନନ୍ଦିନ କାମ, ଶିଡ଼ି ଚଢ଼ିବା ଓ ଓହ୍ଲେଇବା, ଗାଡ଼ି ଚଲେଇବା ଆଦିରେ କିଛି ଅସୁବିଧା ହୋଇ ନ ଥାଏ।

**–ଡା. ବସନ୍ତ କୁମାର ବେହେରା**
*ଅସ୍ଥିଶଲ୍ୟ ବିଶେଷଜ୍ଞ, କେୟାର ହସ୍ପିଟାଲ, ଭୁବନେଶ୍ୱର*




# ସନ୍ତୁଳିତ ଆହାର ସୁସ୍ଥ ଜୀବନର ଆଧାର

'**ସୁ**ସ୍ଥ ଶରୀର ହିଁ ସଫଳ ଜୀବନର ମୂଳ ଆଧାର'। ସୁସ୍ଥ ରହିଲେ ମଣିଷ ଅଧିକ କାର୍ଯ୍ୟକ୍ଷମ ହୋଇପାରେ ଏବଂ ଏକ ବିକାଶଶୀଳ ବିଶ୍ୱ ଗଠନରେ ଯୋଗଦାନ କରିପାରିବେ।

ସୁସ୍ଥ ରହିବା ପାଇଁ ଶାରୀରିକ ବ୍ୟାୟାମ, ମାନସିକ ସୁସ୍ଥତା ସହିତ ଖାଦ୍ୟପେୟ ଠିକ୍ ରହିବା ନିତାନ୍ତ ଆବଶ୍ୟକ। ତେବେ ଆଜିକାଲି ଦ୍ରୁତଗାମୀ ଜୀବନଶୈଳୀ ଯୋଗୁ ଲୋକଙ୍କର ଖାଦ୍ୟପେୟ ମଧ୍ୟ ଦ୍ରୁତଗ୍ରାମୀ ହୋଇଗଲାଣି। ଲୋକ ପାରମ୍ପରିକ, ସନ୍ତୁଳିତ ଆହାର ଛାଡ଼ି ଫାଷ୍ଟଫୁଡ୍ ଉପରେ ବେଶି ନିର୍ଭରଶୀଳ। ଖାଦ୍ୟପେୟରେ ଏସବୁ ଅନିୟମିତତା ଯୋଗୁ ସମସ୍ତେ ନନ୍‌କମ୍ୟୁନିକେବଲ ଡିଜିଜ୍ ଅଥବା ଜୀବନଚର୍ଯ୍ୟା ଜନିତ ରୋଗରେ ପୀଡ଼ିତ ହେଉଛନ୍ତି। ଜୀବନଚର୍ଯ୍ୟା ଜନିତ ରୋଗ ମୁଖ୍ୟତଃ ମେଦବହୁଳତା, ମଧୁମେହ, ହୃଦ୍‌ରୋଗ, ବୃକ୍କ ଜନିତ ସମସ୍ୟା, ଉଚ୍ଚ ରକ୍ତଚାପ, ଉଦରଜନିତ ସମସ୍ୟା, ବ୍ରେନ୍ ଷ୍ଟ୍ରୋକ୍, ଲିଭର ସମସ୍ୟା, ମାନସିକ ଅବସାଦ ଭଳି ରୋଗକୁ ବୁଝାଏ। ତେବେ ରୋଗ ହେବା ପରେ ତତ୍‌ଜନିତ ଚିକିତ୍ସା, ଖାଦ୍ୟପେୟ ଠିକ୍ କରିବା ପୂର୍ବରୁ ଯଦି ପ୍ରଥମରୁ ସନ୍ତୁଳିତ ଆହାର ନିଆଯାଏ ଏବଂ ନିୟମିତ ଶାରୀରିକ ବ୍ୟାୟାମ କରିବା ଏ ସମସ୍ତ ସମସ୍ୟାକୁ ଦୂର କରିହେବ ଏବଂ ସୁସ୍ଥ ଜୀବନଯାପନ ପାଇଁ ନିଜକୁ ପ୍ରସ୍ତୁତ କରିପାରିବା।



**ଦିନକର ଖାଦ୍ୟ :** ଦିନସାରା ଜଣେ ଲୋକ କେତେ ଖାଦ୍ୟ ଖାଇବେ ତାହା କିଲୋ କ୍ୟାଲୋରିରେ ମପାଯାଇଥାଏ। ତେବେ ଜଣେ ସୁସ୍ଥ ମଣିଷର ଉଚ୍ଚତା, ଓଜନ, ବୟସ, ଶାରୀରିକ କାର୍ଯ୍ୟ କରିବାର କ୍ଷମତା ଦେଖି କିଲୋ କ୍ୟାଲୋରି ହିସାବ କରାଯାଏ।

**ଶ୍ୱେତସାର :** ଶ୍ୱେତସାର ଖାଦ୍ୟ ଶରୀରକୁ ଶକ୍ତି ଯୋଗାଇଥାଏ। ଦିନସାରା କାର୍ଯ୍ୟ କରିବା ତଥା ଫିଟ୍ ରହିବା ପାଇଁ ସନ୍ତୁଳିତ ଆହାରରେ ଜଣେ ଲୋକଙ୍କୁ ଠିକ୍ ପରିମାଣରେ ନାଲି ଚାଉଳ, ଅଟା, ଗହମ ଦଲିଆ, ଚୁଡ଼ା, ମାଣ୍ଡିଆ, ଯଅ, ବାଜରା, ମକା, ଛତୁଆ ଇତ୍ୟାଦି ପ୍ରତିଦିନ ଖାଇବା ଉଚିତ।

– ନିଜ ଖାଦ୍ୟରେ ଶର୍କରାଯୁକ୍ତ ଖାଦ୍ୟ ଚିନି, ମିଠା, ମୃଦୁପାନୀୟ, କୋକ୍ ବିସ୍କୁଟ ଇତ୍ୟାଦିକୁ କମ୍ କରିବା ଉଚିତ ଅଥବା ବନ୍ଦ କରିବା ଉଚିତ।

– ଚିନି ବଦଳରେ ଗୁଡ଼, ମହୁ ବ୍ୟବହାର କରିପାରିବେ। କାରଣ ଏହା କିଛି ମାତ୍ରାରେ ଲୌହସାର ଏବଂ ଜରୁରୀ ଭିଟାମିନ୍ ଶରୀରକୁ ଯୋଗାଇଥାନ୍ତି।

**ତେଲ ଏବଂ ତେଲ ଜାତୀୟ ଜିନିଷ :** ଏହିସବୁ ଖାଦ୍ୟ ଶରୀରକୁ ଅଧିକ ଶକ୍ତି ପ୍ରଦାନ କରିଥାନ୍ତି। କିନ୍ତୁ ଆବଶ୍ୟକତାଠାରୁ ଅଧିକ ତେଲ ଖାଇଲେ ମେଦମହୁଳତା, ହୃଦ୍‌ରୋଗ, ଲିଭର ଜନିତ ସମସ୍ୟା ହେବା ଆଶଙ୍କା ରହିଥାଏ। ଠିକ୍ ତେଲ ଠିକ୍ ପରିମାଣରେ ଖାଇଲେ ଶରୀର ସୁସ୍ଥ ରହିବା ସହ ତତ୍‌ଜନିତ ସ୍ୱାସ୍ଥ୍ୟ ସମସ୍ୟାକୁ ମଧ୍ୟ ଦୂର କରିହେବ।

**ଲୁଣ:** ଲୁଣ ଏବଂ ଅନ୍ୟାନ୍ୟ ଲୁଣଯୁକ୍ତ ଖାଦ୍ୟ ଅନେକ ରୋଗର କାରଣ। ଖାଦ୍ୟରେ ଲୁଣ କମ୍ ଖାଇବା ଉଚିତ।

**ପୁଷ୍ଟିକର ଖାଦ୍ୟ :** ପୁଷ୍ଟିକର ଖାଦ୍ୟ ଶରୀର ପାଇଁ ନିହାତି ଆବଶ୍ୟକ। ଏହା ମାଂସପେଶୀକୁ ସୁଦୃଢ଼ ରଖିବା ସହ ରୋଗ ପ୍ରତିଷେଧକ ଶକ୍ତି, କ୍ଷତ ପୂରଣରେ ସାହାଯ୍ୟ କରିଥାଏ। କ୍ଷୀର, କ୍ଷୀର ଜାତୀୟ ଖାଦ୍ୟ ଯଥା ଦହି, ଛେନା, ପନିର, ଡାଲିଜାତୀୟ ଖାଦ୍ୟ, ମାଛ, ମାଂସ, ଅଣ୍ଡା ଆଦି ପୁଷ୍ଟିକର ଖାଦ୍ୟ।

**ଫଳ ପନିପରିବା** – ସମସ୍ତ ଫଳ, ପନିପରିବା, ଶୁଖିଲା ଫଳ, ଗଜାମୁଗ, ସାଲାଡ୍, ଜରୁରୀ ଭିଟାମିନ୍, ଖଣିଜ ଲବଣ ଦେଇଥାଏ। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଅନେକ ରୋଗରୁ ଶରୀରକୁ ରକ୍ଷା କରିଥାଏ।

–ପ୍ରତିଦିନ ୩ଟି ଫଳ, ୫ଟି ପରିବା ଖାଇବା ଉଚିତ।

–ମୁଠାଏ ଶୁଖିଲା ଫଳ ସକାଳୁ ଖାଇବା ଉଚିତ।

–ଗଜାମୁଗ ସହିତ ସାଲାଡ୍ ଦିନକୁ ୨ ଥର ଖାଇବା ଜରୁରୀ।

**–ଡା. ସୁନୀତା ସାହୁ**
*ଚିଫ୍ ଡାଏଟିସିଆନ, ଆପୋଲୋ ହସ୍ପିଟାଲ, ଭୁବନେଶ୍ୱର*

# ବ୍ୟାୟାମ କରୁଥିଲେ...

**ନି**ଜକୁ ନୀରୋଗ ତଥା ସୁସ୍ଥ ରଖିବା ପଛରେ ବ୍ୟାୟାମର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା। ଆଜିକାଲି ଅନେକେ ଏହାକୁ ଦୈନନ୍ଦିନ ଜୀବନର ଏକ ଅଙ୍ଗ ଭାବରେ ଗ୍ରହଣ କରିନେଇଛନ୍ତ। ତେବେ ବ୍ୟାୟାମ ସମୟରେ ହେଉ ଅବା ପୂର୍ବରୁ କେତେକ ବିଷୟ ପ୍ରତି ନଜର ଦେବା ଆବଶ୍ୟକ। ଆପଣ ଯଦି ବ୍ୟାୟାମ କରିବାକୁ ଚାହୁଁଛନ୍ତି, ତେବେ ପ୍ରଥମେ ଜଣେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦ ଆଲୋଚନା କରନ୍ତୁ। ଖାଲିପେଟରେ ବ୍ୟାୟାମ କରନ୍ତୁ ନାହିଁ। କିଛି ହାଲୁକା ଖାଦ୍ୟ ଖାଅନ୍ତୁ। ବ୍ୟାୟାମ ଶେଷ ହେବା ପରେ ମଧ୍ୟ ହାଲୁକା ଖାଦ୍ୟ ଖାଆନ୍ତୁ। ବ୍ୟାୟାମ ଶେଷ ହେବା ଏବଂ ଖାଦ୍ୟ ଖାଇବା ମଧ୍ୟରେ ଅତି କମ୍‌ରେ ୧୦–୧୫ ମିନିଟ୍ ବ୍ୟବଧାନ ରହିବା ଦରକାର। ଖାଦ୍ୟ ତାଲିକାରେ ସୁଷମ ତଥା ଭିଟାମିନ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ଯଦି ନିୟମିତ ବ୍ୟାୟାମ କରୁଛନ୍ତି, ତେବେ ଆବଶ୍ୟକ ପାଣି ପିଅନ୍ତ। ଏହାଦ୍ୱାରା ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିଥାଏ। ଯଦି ଅସୁସ୍ଥ ଅନୁଭବ କରୁଛନ୍ତି, ତେବେ ବ୍ୟାୟାମରୁ ବିରତ ରୁହନ୍ତୁ। ନିର୍ମଳ ପରିବେଶରେ ସବୁବେଳେ ବ୍ୟାୟାମ କରନ୍ତୁ।

# ମାନସିକ ରୋଗକୁ ଡାକିଆଣେ ଡାଇବେଟିସ୍

**ଏ**କ ଗବେଷଣାରୁ ଜଣାପଡ଼ିଛି ଯେ, ଡାଇବେଟିସ୍ ଓ ମାନସିକ ରୋଗ ପରସ୍ପର ସହିତ ଜଡ଼ିତ। ଏକ ପ୍ରକାର ଜିନ୍ ଡାଇବେଟିସ୍ ଓ ମାନସିକ ରୋଗ ମଧ୍ୟରେ ସଂଯୋଗ ସ୍ଥାପନ କରିଥାଏ। ପୂର୍ବରୁ ଜଣାପଡ଼ିଥିଲା ଡାଇବେଟିସ୍ ରୋଗୀଙ୍କୁ ମାନସିକ ରୋଗ ହେବାର ଆଶଙ୍କା ଅଧିକ ରହିଥାଏ। ତେବେ ଏପରି କାହିଁକି ହୋଇଥାଏ ତାହା ଜଣା ନ ଥିଲା। କାର୍ଲିଫର୍ନିଆ ବିଶ୍ୱବିଦ୍ୟାଳୟର କେତେକ ଗବେଷକ ଦୀର୍ଘଦିନ ଧରି ଏହା ଉପରେ ଗବେଷଣା ଚଳାଇଥିଲେ। ତେବେ ଗବେଷଣା ସମୟରେ ଜଣାପଡ଼ିଲା ଯେ, ଡାଇବେଟିସ୍ ରୋଗୀ ଇନ୍ସୁଲିନ୍ ନେବା ସମୟରେ ମସ୍ତିଷ୍କର ଏକ ଜିନ୍ ଏହାଦ୍ୱାରା ପ୍ରଭାବିତ ହୋଇଥାଏ। ଫଳରେ ସମ୍ପୃକ୍ତ ବ୍ୟକ୍ତିର ଘଟିଥାଏ ଏକ ପ୍ରକାର ମସ୍ତିଷ୍କ ବିକୃତି। ପରବର୍ତ୍ତୀ ସମୟରେ ସେ ଅନେକ କଥା ମନେ ରଖିପାରନ୍ତି ନାହିଁ। ତେବେ ଏହାର ସମ୍ପୂର୍ଣ୍ଣ ଚିକିତ୍ସା ନେଇ ଗବେଷଣା ଜାରି ରହିଛି ବୋଲି ଗବେଷକ ସୂଚିତ କରିଛନ୍ତି।




# ଅନିଦ୍ରା ସମସ୍ୟାରୁ ଦୂରେଇ ରଖେ ଯୋଗନିଦ୍ରା

**ଅ**ନେକଙ୍କୁ ରାତିରେ ନିଦ ନ ହେବା ଅତି ସାଧାରଣ କଥା ହୋଇଯାଇଛି। ସେଥିପାଇଁ କେହି କେହି ରାତିରେ ନିଦ ବଟିକା ଖାଉଥିବାବେଳେ ଅନ୍ୟ କେହି ନିଦ ଆସିବାର ନାନା ଉପାୟ ଅବଲମ୍ବନ କରିଥାନ୍ତି। ତେବେ ଯୋଗାସନରେ ରହିଛି ଏହାର ସମାଧାନ। ପ୍ରତିଦିନ ସକାଳୁ ଯୋଗନିଦ୍ରା କଲେ ରାତିରେ ଭଲ ନିଦ ହୋଇଥାଏ ବୋଲି କାର୍ଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକ ସୂଚିତ କରିଛନ୍ତି। ଏନେଇ ଦୀର୍ଘଦିନ ଧରି ଗବେଷଣା କରିବା ପରେ ନିକଟରେ ଏହାର ରିପୋର୍ଟ ଉପସ୍ଥାପନ କରିଛନ୍ତି। ଯୋଗନିଦ୍ରାର ଅର୍ଥ ହେଉଛି ଆଧ୍ୟାତ୍ମିକ ନିଦ୍ରା। ଏଥି ଲାଗି ଢିଲା କପଡା ପିନ୍ଧି ତଳେ ଶୋଇ ଦୁଇ ପାଦକୁ ପରସ୍ପର ଠାରୁ ୨ ଫୁଟ ଓ ହାତକୁ ଅଣ୍ଟା ଠାରୁ ୬ ଇଞ୍ଚ ଦୂରରେ ରଖି ଆଖି ବନ୍ଦ କରବାକୁ ପଡ଼ିଥାଏ। ମନ ଭିତରେ ସ୍ଥିରତା ଆଣିବା ସହିତ ଭଲଭାବରେ ନିଶ୍ୱାସ ନେବାକୁ ହୁଏ। ଏଭଳି କିଛି ସମୟ ଶୋଇ ରହିଲେ ମନ ଶାନ୍ତ ହେବା ସହିତ ଶରୀରରେ ସମସ୍ତ କୋଷିକା ବିଶ୍ରାମ ପାଇଥାନ୍ତି। ପ୍ରତିଦିନ ୧୦ରୁ ୪୫ ମିନିଟ ପର୍ଯ୍ୟନ୍ତ ଯୋଗନିଦ୍ରା କଲେ ଅନେକ ରୋଗରୁ ମୁକ୍ତି ମିଳିଥାଏ ବୋଲି ଗବେଷକ କହିଛନ୍ତି।





















“ରେଲୱେରେ ଅଧିକ ପୁଞ୍ଜି ନିବେଶ ସହ ଟ୍ରାକ୍ ନବୀକରଣକୁ ପ୍ରାଥମିକତା ଦିଆଯିବା ଯୋଗୁ ଯାତ୍ରୀ ନିରାପତ୍ତାରେ ଉନ୍ନତି ଆସିଛି ।
– ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ



“ପବ୍ଲିକ ୱାଇଫାଇ ହଟ୍ ସ୍ପଟ୍ ସ୍ଥାପନାକୁ ଟେଲିକମ୍ କମ୍ପାନୀଗୁଡିକ ପ୍ରୋତ୍ସାହିତ କରିବା ଆବଶ୍ୟକ ।
– ଯଦୁଭେନ୍ଦ୍ର ମାଥୁର, ସ୍ୱତନ୍ତ୍ର ସଚିବ, ନୀତି ଆୟୋଗ



## ସଂକ୍ଷେପରେ

### ରାଜସ୍ୱ ଆଦାୟ ୬୦ ହଜାର କୋଟି କମିବ

**ନୂଆଦିଲ୍ଲୀ,୬-୪:** ଶେଷ ହୋଇଥିବା ଆର୍ଥିକ ବର୍ଷ ୨୦୧୮-୧୯ରେ କେନ୍ଦ୍ର ସରକାରଙ୍କ ରାଜସ୍ୱ ସଂଗ୍ରହ ପରିମାଣ ପ୍ରାୟ ୬୦ ହଜାର କୋଟି ଟଙ୍କା କମିବ ବୋଲି ଆକଳନ କରାଯାଉଛି। ଶୁକ୍ରବାର ସୁଦ୍ଧା ପ୍ରତ୍ୟକ୍ଷ ଟିକସ ବାବଦରେ ୧୧.୩୮ ଲକ୍ଷ କୋଟି ଟଙ୍କା ଆଦାୟ ହୋଇଛି। ସରକାର ବଜେଟରେ ଏ ବାବଦରେ ୧୨ ଲକ୍ଷ କୋଟି ଟଙ୍କା ଆଦାୟ କରିବେ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ସେଣ୍ଟ୍ରାଲ ଜିଏସ୍‌ଟି(ସିଜିଏସ୍‌ଟି) ଆଦାୟ କମିଥିବା ବେଳେ ସରକାର ବ୍ୟୟ ହ୍ରାସ କଲେ ନିଅଣ୍ଟ ପରିମାଣକୁ ଅନେକାଂଶରେ କମାଯାଇପାରିବ ବୋଲି ଜଣେ ବରିଷ୍ଠ ଟିକସ ଅଧିକାରୀ କହିଛନ୍ତି। ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ(ସିବିଡିଟି)ର ଜଣେ ଅଧିକାରୀ କହିଛନ୍ତି ଯେ, ଗତ ଆର୍ଥିକ ବର୍ଷରେ ଟିକସ ଆଦାୟ ପରିମାଣ ଆଉ ବଢ଼ିବା ଭଳି ଲାଗୁ ନାହିଁ। କାରଣ ଆଉ କେଇଟା ଦିନରେ ସ୍ୱଳ୍ପ ମାତ୍ରାରେ ଟିକସ ଦାଖଲ ହେବାର ସମ୍ଭାବନା ରହିଛି। ତେଣୁ ରାଜସ୍ୱ ସଂଗ୍ରହର ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ସମ୍ଭବ ହେବ ନାହିଁ। ତେବେ ଟିକସ ସଂଗ୍ରହ ପୂର୍ବ ବର୍ଷ ତୁଳନାରେ ୧୩.୫% ବୃଦ୍ଧି ପାଇବା ସରକାରଙ୍କୁ ଉତ୍ସାହିତ କରିଛି। କ୍ରମାଗତ ତୃତୀୟ ବର୍ଷ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ବୃଦ୍ଧି ପାଇବା ଖୁସିର ବିଷୟ ବୋଲି ସରକାର ମନେ କରୁଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ସିବିଡିଟି ଗତ ୩ ଦିନ ଭିତରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ଟିକସ ସଂଗ୍ରହ କରିଥିବା ବେଳେ ସେଣ୍ଟ୍ରାଲ ଟିଡିଏସ୍ ବାବଦରେ ଆହୁରି ୨୦ ହଜାର କୋଟି ଟଙ୍କା ଆଦାୟ ହେବ ବୋଲି ଆକଳନ କରାଯାଉଛି। ତେବେ ସେଣ୍ଟ୍ରାଲ ଜିଏସ୍‌ଟି ସଂଗ୍ରହ ୩୫ହଜାରରୁ ୪୦ ହଜାର କୋଟି ଟଙ୍କା ହେବ ବୋଲି କୁହାଯାଉଛି, ଯାହା କି ଧାର୍ଯ୍ୟ ଲକ୍ଷ୍ୟଠାରୁ ବହୁ ଦୂରରେ।

### ଜେଟ୍ ଲାଗି ତିଆରି ହୋଇଛି ପ୍ଲାନ-ବି

**ନୂଆଦିଲ୍ଲୀ,୬-୪:** ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଜେଟ୍ ଏୟାରୱେଜକୁ ବିକ୍ରି କରିଦେବା ଲାଗି ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ନେତୃତ୍ୱରେ ଋଣପ୍ରଦାନକାରୀମାନେ ଜୋରଦାର ଉଦ୍ୟମ ଚଳାଇଛନ୍ତି। ଏଥିପାଇଁ ନିଲାମ ଆହ୍ୱାନ କରାଯାଇଛି। ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ବିଡ୍ ଦାଖଲ କରିହେବ। ତେବେ ଜେଟ୍‌କୁ କିଣିବା ଲାଗି କେହି ଆଗ୍ରହ ନ ଦେଖାଇଲେ ଋଣପ୍ରଦାନକାରୀମାନେ ଏକ ପ୍ଲାନ-ବି ମଧ ପ୍ରସ୍ତୁତ ରଖିଛନ୍ତି। ଜେଟ୍‌ର ଅଂଶଧନ କିଣିବା ଲାଗି ବିଦେଶୀ ନିବେଶକଙ୍କୁ ପ୍ରବର୍ତ୍ତାଇବା ଉଦ୍ଦେଶ୍ୟରେ ଋଣପ୍ରଦାନକାରୀମାନେ ପ୍ରୟାସ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ଘରୋଇ ଇକ୍ୟୁଟି କମ୍ପାନୀ ଟିପିଜି, ଇଣ୍ଡିଗୋ ପାର୍ଟନର୍ସ ଏବଂ ରାଷ୍ଟ୍ରାୟତ୍ତ ନ୍ୟାଶନାଲ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକଚର ଫଣ୍ଡ (ଏନ୍‌ଆଇଆଇଏଫ୍) ଏକାଠି ହୋଇ ଜେଟ୍‌ର ଅଂଶଧନ କିଣିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଇତିମଧ୍ୟରେ ଜେଟ୍‌ରେ ନିବେଶ ପାଇଁ ଡେଲ୍‌ଟା ଏୟାରଲାଇନ୍ସ, ଏୟାର ଫ୍ରାନ୍ସ କେଏଲ୍‌ଏମ୍‌କୁ ପ୍ରସ୍ତାବ ଦିଆଯାଇଛି। ତେବେ ସେମାନେ ବିଡରେ ଅଂଶଗ୍ରହଣ କରିଛନ୍ତି କି ନା ଜଣାପଡିନାହିଁ। ତେବେ ନିଲାମରେ କେହି ଅଂଶଗ୍ରହଣ ନ କଲେ ସେ କ୍ଷେତ୍ରରେ ପ୍ଲାନ-ବି ଅନୁଯାୟୀ ଜେଟ୍ ଏୟାରୱେଜରେ ଏପରି ନିବେଶ କରାଯିବ ଯେ, ଯାହାଦ୍ୱାରା ଏହା ଆସନ୍ତା ୬ ମାସ ବିନା ବାଧାରେ ଚାଲିପାରିବ। ଏଥିସହିତ ଜେଟ୍ ବୋର୍ଡରେ ବିମାନ କ୍ଷେତ୍ରରେ ବିଶେଷଜ୍ଞମାନଙ୍କୁ ନିଯୁକ୍ତି ଦିଆଯିବ। ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଜେଟ୍‌ର ଆର୍ଥିକ ଅବସ୍ଥା ସୁଧାରିବା ପାଇଁ ବ୍ୟାଙ୍କଗୁଡ଼ିକ ଏକାଠି କାମ କରିବେ।

### ହାୟର ଇଣ୍ଡିଆ ପକ୍ଷରୁ ପ୍ୟୁରିକଲ ଏସି



**ଭୁବନେଶ୍ୱର,୬-୪:** ଗୃହ ଉପକରଣ ଏବଂ କଞ୍ଜ୍ୟୁମର ଇଲେକଟ୍ରୋନିକ୍ସର ଅଗ୍ରଣୀ ବ୍ରାଣ୍ଡ ହାୟର ଇଣ୍ଡିଆ ପକ୍ଷରୁ ନୂଆ ରେଞ୍ଜର ଏସି ଶୃଙ୍ଖଳା ବଜାରକୁ ଆସିଛି। ପ୍ୟୁରିକଲ ରେଞ୍ଜର ଏସି ଶୃଙ୍ଖଳା ମଧ୍ୟରେ ରହିଛି ୫ ଏବଂ ୩ ଷ୍ଟାର ବର୍ଗରେ ନୂଆ ଭାରିଆଣ୍ଟ। ଏଗୁଡିକ ୧ ଏବଂ ୧.୫ ଟନ୍ କୁଲିଂ କ୍ଷମତା ସହ ଆସୁଛି। ଏଥିରେ ପୂର୍ବସ୍ଥାପିତ ଏୟାର ପ୍ୟୁରିଫାୟର ମଧ ରହିଛି। ସେଲଫ୍ କ୍ଲିନିଂ ଇନଭର୍ଟର ଟେକ୍ନୋଲୋଜି ସୁବିଧା ଏଥିରେ ଦିଆଯାଇଛି। ଗ୍ରାହକଙ୍କୁ ସର୍ବଦା ନୂଆ ପ୍ରଡକ୍ଟ ଯୋଗାଣ ଦିଗରେ କାର୍ଯ୍ୟ କରୁଛୁ ବୋଲି ଏସିର ବଜାର ପ୍ରବେଶ ଅବସରରେ ହାୟର ଆପ୍ଲାଏନ୍ସ ଇଣ୍ଡିଆର ସଭାପତି ଏରିକ ବ୍ରେଗେଞ୍ଜା ସୂଚନା ଦେଇଛନ୍ତି। ଦିନକୁ ଦିନ ବୃଦ୍ଧି ହେଉଥିବା ପ୍ରଦୂଷଣକୁ ଧାନରେ ରଖି ଏଥିରେ ନୂଆ ସଲ୍ୟୁଶନ ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଛନ୍ତି।

# ଡେଭିଡ ମାଲପାସ ବିଶ୍ୱବ୍ୟାଙ୍କ ସଭାପତି

**ୱାଶିଂଟନ,୬-୪**



ଡେଭିଡ ମାଲପାସ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ବରିଷ୍ଠ ଅଧିକାରୀ ଡେଭିଡ ମାଲପାସ ବିଶ୍ୱବ୍ୟାଙ୍କର ନୂଆ ସଭାପତି ହୋଇଛନ୍ତି। ୨୫ ସଦସ୍ୟବିଶିଷ୍ଟ ବିଶ୍ୱବ୍ୟାଙ୍କର କାର୍ଯ୍ୟନିର୍ବାହୀ ବୋର୍ଡ ୬୩ ବର୍ଷୀୟ ମାଲ୍‌ପାସଙ୍କୁ ୧୩ତମ ସଭାପତି ଭାବେ ସର୍ବସମ୍ମତିକ୍ରମେ ମନୋନୀନ କରିଛନ୍ତି। ସେ ବର୍ତ୍ତମାନ ଆମେରିକା ପ୍ରଶାସନରେ ଅର୍ଥ ବିଭାଗର ଅନ୍ତଃରାଷ୍ଟ୍ରୀୟ ବ୍ୟାପାର ଉପ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଆସନ୍ତା ୯ରୁ ତାଙ୍କର ୫ ବର୍ଷର କାର୍ଯ୍ୟକାଳ ଆରମ୍ଭ ହେବ। ବିଶ୍ୱବ୍ୟାଙ୍କର ସଭାପତି ଅନ୍ତଃରାଷ୍ଟ୍ରୀୟ ପୁନଃନିର୍ମାଣ ଏବଂ ବିକାଶ ବ୍ୟାଙ୍କ (ଆଇବିଆର୍‌ଡି) ତଥା ଅନ୍ତଃରାଷ୍ଟ୍ରୀୟ ବିକାଶ ସଂଘ (ଆଇଡିଏ)ର ନିର୍ଦ୍ଦେଶକମଣ୍ଡଳ ଅଧ୍ୟକ୍ଷ ଭାବେ ମଧ ଦାୟିତ୍ୱ ତୁଲାଇବେ। ଏହାବ୍ୟତୀତ ସେ ବିଶ୍ୱ ବ୍ୟାଙ୍କର ଅଧ୍ୟକ୍ଷ ଭାବେ ଇଣ୍ଟରନ୍ୟାଶନାଲ ଫାଇନାନ୍ସ କର୍ପୋରେଶନ (ଆଇଏଫ୍‌ସି), ମଲ୍ଟିଲାଟେରାଲ ଇନଭେଷ୍ଟମେଣ୍ଟ ଗ୍ୟାରେଣ୍ଟି ଏଜେନ୍ସି (ଏମ୍‌ଆଇଜିଏ) ଏବଂ ଦ ଇଣ୍ଟରନ୍ୟାଶନାଲ ସେଣ୍ଟର ଫର୍ ସେଟେଲମେଣ୍ଟ ଅଫ୍ ଇନଭେଷ୍ଟମେଣ୍ଟ ଡିସପ୍ୟୁଟ୍ସ (ଆଇସିଏସ୍‌ଆଇଡି)ର ଆଡ୍‌ମିନିଷ୍ଟ୍ରେଟିଭ କାଉନସିଲ୍‌ରେ ଏକ୍ସ ଅଫିସିଓ ଭାବେ ଅଧ୍ୟକ୍ଷତା କରିବେ। ମାଲପାସ ଉପମନ୍ତ୍ରୀ ହେବା ପୂର୍ବରୁ ନ୍ୟୁୟର୍କସ୍ଥିତ ଏକ ମାକ୍ରୋଇକୋନୋମିକ୍ସ ରିସର୍ଚ୍ଚ ଫାର୍ମର ପ୍ରତିଷ୍ଠା କରିବା ସହିତ ଅନ୍ତଃରାଷ୍ଟ୍ରୀୟ ଅର୍ଥନୀତିଜ୍ଞ ଭାବେ କାର୍ଯ୍ୟ କରିଥିଲେ। ନିଜ କ୍ୟାରିୟର ଆରମ୍ଭରେ ସେ ଟ୍ରେଜେରି ଫର୍ ଡେଭଲପିଂ ନେଶନ୍ସରେ ୟୁଏସ୍ ଡେପୁଟି ଆସିଷ୍ଟାଣ୍ଟ ସେକ୍ରେଟାରୀ ଏବଂ ଲାଟିନ ଆମେରିକାନ ଇକୋନୋମିକ ଆଫେୟାର୍ସରେ ଡେପୁଟି ଆସିଷ୍ଟାଣ୍ଟ ସେକ୍ରେଟାରୀ ଭାବେ କାର୍ଯ୍ୟ କରିଛନ୍ତି। ନିଜର ଏହି କାର୍ଯ୍ୟକାଳ ଭିତରେ ସେ ବିଶ୍ୱବ୍ୟାଙ୍କ ଭଳି ମଲ୍ଟିଲାଟେରାଲ ଇନଷ୍ଟିଚ୍ୟୁଶନରେ ଆମେରିକାର ଅର୍ଥନୀତି, ବଜେଟ ଓ ବିଦେଶ ନୀତିକୁ ପ୍ରତିଫଳିତ କରିବା ଲାଗି ଉଦ୍ୟମ କରିଥିଲେ। ତାଙ୍କର ଏହି କାର୍ଯ୍ୟ ଯୋଗୁ ସେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଅତ୍ୟନ୍ତ ପ୍ରିୟପାତ୍ର ହୋଇଛନ୍ତି। ଏହି କାରଣରୁ ସେ ମାଲପାସଙ୍କୁ ଜଣେ ବିଶ୍ୱାସପାତ୍ର ଭାବେ ବିଶ୍ୱବ୍ୟାଙ୍କରେ ଅବସ୍ଥାପିତ କରିଛନ୍ତି।

## ହୋଣ୍ଡା ଟୁହ୍ୱିଲର୍ସ ପକ୍ଷରୁ ଆକ୍ଟିଭ ଇଣ୍ଡିଆ କ୍ୟାମ୍ପେନ

**ନୂଆଦିଲ୍ଲୀ,୬-୪**

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ଆକ୍ଟିଭ ଇଣ୍ଡିଆ ମୁଭମେଣ୍ଟ ଆରମ୍ଭ ହୋଇଛି। ଲୋକଙ୍କ ସହଭାଗିତା ଦ୍ୱାରା ସମାଜରେ ଏକ ପରିବର୍ତ୍ତନ ଆଣିବା ଦିଗରେ ଏହି କ୍ୟାମ୍ପେନରେ ଗୁରୁତ୍ୱାରୋପ କରାଯାଇଛି। ନିଜକୁ ପରିପ୍ରକାଶ କରିବା ପୂର୍ବକ ଭୋଟ ଦାନ ଅଧିକାରକୁ ଠିକ୍ ଭାବେ ସାବ୍ୟସ୍ତ କରିବା ପାଇଁ କମ୍ପାନୀ ଉକ୍ତ କ୍ୟାମ୍ପେନରେ ସଚେତନତା ସୃଷ୍ଟି କରୁଛି। ଭୋଟଦାନ ସମୟରେ କମ୍ପାନୀ ‘କୋଇ ସିଟ୍ ନଯାଏ ଖାଲି’ ନାମକ ପଦକ୍ଷେପ ଦ୍ୱାରା ପ୍ରତି ଦୁଇ ଚକିଆ ଚାଳକଙ୍କୁ ପରିବହନ ସଲ୍ୟୁଶନ ଲାଗି ନିବେଦନ କରିଛି। ଏହି ସମୟରେ ଭୋଟ ଦେବାକୁ ଯାଉଥିଲେ ନିଜର ବନ୍ଧୁ, ସମ୍ପର୍କୀୟ ଏବଂ ପଡୋଶୀଙ୍କୁ ନିଜ ବାଇକରେ ନେବା ଲାଗି ହୋଣ୍ଡା ଏହାର ଗ୍ରାହକଙ୍କୁ ନିବେଦନ ଜଣାଇଛି। ଦେଶ ମଧ୍ୟରେ ସଶକ୍ତୀକରଣକୁ ପ୍ରୋତ୍ସାହନ ପୂର୍ବରୁ ଏଭଳି ଏକ ଅଭିଯାନ ଆରମ୍ଭ ହୋଇଥିବା କମ୍ପାନୀର ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିୟା ସୂଚନା ଦେଇଛନ୍ତି।

## ‘୨୦୩୦ ସୁଦ୍ଧା ଭାରତ ହେବ ୩ୟ ବୃହତ୍ ଅର୍ଥନୀତି’

**ନୂଆଦିଲ୍ଲୀ,୬-୪**



ଅରୁଣ ଜେଟ୍‌ଲୀ

ଭାରତ ୧୦ ଲକ୍ଷ କୋଟି ଡଲାର ଜିଡିପି ସହିତ ୨୦୩୦ ସୁଦ୍ଧା ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥନୀତି ହୋଇଯିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଶନିବାର ପ୍ରକାଶ କରିଛନ୍ତି। ଏଠାରେ ଶ୍ରୀରାମ କଲେଜ ଅଫ୍ କମର୍ସର ଏକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ନିଜର ଉଦ୍‌ବୋଧନରେ ଜେଟ୍‌ଲୀ କହିଛନ୍ତି ଯେ, ବର୍ତ୍ତମାନ ଭାରତର ଜିଡିପି ୨.୯ ଲକ୍ଷ କୋଟି ଡଲାର ରହିଛି। ଡଲାର ମୂଲ୍ୟ ହିସାବରେ ଏବେ ଦେଶ ୫ମ ଓ ୬ଷ୍ଠ ଅର୍ଥନୀତି ମଧ୍ୟରେ ଏପଟସେପଟ ହେଉଛି। ତେବେ ଆଗାମୀ ଦିନରେ ୨୦୨୪ ସୁଦ୍ଧା ଭାରତ ୫ ଲକ୍ଷ କୋଟି ଡଲାର ଅର୍ଥନୀତି ହୋଇଯିବ ଏବଂ ୨୦୩୦ କିମ୍ବା ୨୦୩୧ରେ ଏହା ୧୦ ଲକ୍ଷ କୋଟି ଡଲାରରେ ପହଞ୍ଚିବ। ସେହି ସମୟରେ ଭାରତର ଅର୍ଥନୀତି ଆମେରିକା ଓ ଚାଇନା ପରେ ରହିବ। ଏହା ପରେ ଉପରକୁ ଉଠିବା ପାଇଁ ଏହି ୩ ଦେଶ ମଧ୍ୟରେ ‘ମୂଷା ଦୌଡ’ ଆରମ୍ଭ ହୋଇଯିବ ବୋଲି ସେ କହିଛନ୍ତି। ଆଗାମୀ ୨୦ ବର୍ଷ ମଧ୍ୟରେ ଅଧିକ ଭିତ୍ତିଭୂମି ସୃଷ୍ଟି, ଗ୍ରାମାଞ୍ଚଳ କ୍ଷେତ୍ର ବୃଦ୍ଧି ସହ ଲିଙ୍ଗଗତ ଅସମାନତା ଦୂର କରାଯିବା ଆବଶ୍ୟକ। ସେ କହିଛନ୍ତି ଯେ, ୨୦୧୧ ଜଣଗଣନାରୁ ଏହା ସ୍ପଷ୍ଟ ହୋଇଛି ଯେ, ଦେଶର ୨୧.୯ ପ୍ରତିଶତ ନାଗରିକ ଏବେ ସୁଦ୍ଧା ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ବର୍ତ୍ତମାନର ଆର୍ଥିକ ଅଭିବୃଦ୍ଧିକୁ ହିସାବକୁ ନେଲେ ଏହା ଏବେ ୧୭%କୁ ଖସି ଆସିଥିବ ବୋଲି ମନେ କରାଯାଉଛି। ୨୦୨୧ ସୁଦ୍ଧା ଏହା ୧୫% ଏବଂ ୨୦୨୪-୨୫ ବେଳକୁ ଗୋଟିଏ ସଂଖ୍ୟାରେ ପହଞ୍ଚିବ ବୋଲି ଆଶା କରାଯାଉଥିବା ଜେଟ୍‌ଲୀ କହିଛନ୍ତି।

## ଗ୍ଲେନିଆଗ୍ଲେସ ଗ୍ଲୋବାଲ ହସ୍ପିଟାଲର ଆଉଟରିଚ୍ କ୍ଲିନିକ୍

**ଭୁବନେଶ୍ୱର,୬-୪**

ଗ୍ଲେନିଆଗ୍ଲେସ ଗ୍ଲୋବାଲ ହସ୍ପିଟାଲ ପକ୍ଷରୁ ଭୁବନେଶ୍ୱରର ୟୁନିଟ୍-୬ ଠାରେ ଏକ ଆଉଟରିଚ କ୍ଲିନିକ୍ ଶୁଭାରମ୍ଭ ହୋଇଛି। ଏହି କ୍ଲିନିକରେ ପେଡିଆଟ୍ରିକ ଲିଭର ରୋଗ ଏବଂ ପ୍ରତ୍ୟାରୋପଣ ଉପରେ ପରାମର୍ଶ ଏବଂ ଓପିଡି ପରାମର୍ଶ ପ୍ରଦାନ କରାଯିବ। ଏହି ହସ୍ପିଟାଲ ପାର୍କୱେ ପ୍ୟାଣ୍ଟାଇ ଏଣ୍ଟରପ୍ରାଇଜେସ ପକ୍ଷରୁ ପରିଚାଳିତ ହେଉଛି। ଭୁବନେଶ୍ୱରର ସ୍ଥାପିତ କ୍ଲିନିକ ପେଡିଆଟ୍ରିକ ଗ୍ୟାଷ୍ଟ୍ରୋ ଏବଂ ଲିଭର ଟ୍ରାନ୍ସପ୍ଲାଣ୍ଟ ପରାମର୍ଶ ଏବଂ ଚିକିତ୍ସା ସୁବିଧା ଯୋଗାଣ ଦିଗରେ ଏକ ପ୍ରମୁଖ ପରାମର୍ଶ କେନ୍ଦ୍ର ଭାବେ କାର୍ଯ୍ୟ କରିବ ବୋଲି ହସ୍ପିଟାଲର ବିଭାଗୀୟ ବରିଷ୍ଠ କନ୍‌ସଲଟାଣ୍ଟ ପ୍ରଶାନ୍ତ ବଚିନା ଏଠାରେ ଏକ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି।

## ଏନ୍‌ଆଇଏନ୍‌ଏଲ୍‌ର ନେଟ୍ ବିକ୍ରି ୨୧୦୦ କୋଟି ଛୁଇଁଲା

**ଭୁବନେଶ୍ୱର,୬-୪**



ନୀଳାଚଳ ଇସ୍ପାତ ନିଗମ ଲିମିଟେଡ (ଏନ୍‌ଆଇଏନ୍‌ଏଲ୍)ର ୨୦୧୮-୧୯ରେ ନେଟ ବିକ୍ରି ରାଜସ୍ୱ ୨୧୦୦ କୋଟି ଟଙ୍କା ଛୁଇଁଛି। ୨୦୧୭-୧୮ ଆର୍ଥିକ ବର୍ଷ ଅପେକ୍ଷା କମ୍ପାନୀର ଏଥିରେ ୧୨୬% ଏବଂ ୨୦୧୬-୧୭ ତୁଳନାରେ ୬୫% ଅଭିବୃଦ୍ଧି ହାସଲ କରିଛି। ଚଳିତ ବର୍ଷ କମ୍ପାନୀ ଟିଏମ୍‌ଟି ଏବଂ ୱାୟାରଡ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛି। ଏହାର ରାଜସ୍ୱକୁ ୪୦୦୦ କୋଟି ଟଙ୍କାରେ ପହଞ୍ଚାଇବାକୁ କମ୍ପାନୀ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ସଫଳତା ଲାଗି ଏନ୍‌ଆଇଏନ୍‌ଏଲ୍ ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶଶୀ ଶେଖର ମହାନ୍ତି କର୍ମଚାରୀ ଏବଂ ଅଂଶୀଦାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ନୂଆ ରେକର୍ଡ ସହ ବାର୍ଷିକ ହଟ୍ ମେଟାଲ ଉତ୍ପାଦନ, ଲିକ୍ୟୁଡ ଷ୍ଟିଲ, ଷ୍ଟିଲ ବିଲେଟ ସିଣ୍ଟର ଉତ୍ପାଦନ କରୁଥିବା ଏହା ସୂଚନା ଦେଇଛି।

# ପୂର୍ବତଟ ରେଳପଥର ନୂଆ ଗ୍ରୀଷ୍ମକାଳୀନ ଟ୍ରେନ

**ଭୁବନେଶ୍ୱର,୬-୪**



ପୂର୍ବତଟ ରେଳପଥ ପକ୍ଷରୁ ପୁଣି ୪ ଯୋଡା ନୂଆ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ବାଦ ଯାତ୍ରୀ ଭିଡକୁ ଏଡାଇବା ଲାଗି କିଛି ଟ୍ରେନରେ ଅତିରିକ୍ତ ବର୍ଥ ସୁବିଧା କରାଯାଇଛି। ପୂର୍ବତଟ ରେଳପଥ ପୂର୍ବରୁ ୧୧ ଯୋଡା ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ସମ୍ପର୍କରେ ପୂର୍ବରୁ ଘୋଷଣା କରାଯାଇଥିଲା। ଏହି ବର୍ଗରେ ଆଉ ୪ ଯୋଡା ଟ୍ରେନ ଯୋଡି ହୋଇଛି। ଏହି ଟ୍ରେନଗୁଡ଼ିକ ମଧ୍ୟରେ ଭୁବନେଶ୍ୱର-ସିକନ୍ଦରାବାଦ-ଭୁବନେଶ୍ୱର ଏସି, ଶାଲିମାର-ପୁରୀ-ସାଲିମାର ଏସି, କାଚେଗୁଡା-ବିଶାଖାପାଟଣା-କାଚେଗୁଡା ଏସି, ହାଇଦ୍ରାବାଦ-ଶ୍ରୀକାକୁଲମ-ହାଇଦ୍ରାବାଦ ଏସି ଭଳି ସ୍ୱତନ୍ତ୍ର ଟ୍ରେନ ରହିଛି। ସେହଭଳି ପୂର୍ବରୁ ପୁରୀ-ସାନ୍ତ୍ରାଗାଛି-ପୁରୀ, ପୁରୀ-ହବିବଗଞ୍ଜ-ପୁରୀ ଏବଂ ଅନୁଗୋଳ, ଭଦ୍ରକ ମାର୍ଗ ଦେଇ ସ୍ୱତନ୍ତ୍ର ଟ୍ରେନ ବ୍ୟବସ୍ଥା କରାଯାଇଛି। ଟ୍ରେନଗୁଡ଼ିକ ମଧ୍ୟରେ ସମ୍ବଲପୁର-ସାଲିମାର-ସମ୍ବଲପୁର, ରାଇଗଡ-ସମ୍ବଲପୁର-ରାଇଗଡ, ସମ୍ବଲପୁର-ବନସବାଡି-ସମ୍ବଲପୁର ଭାୟା ରାୟଗଡା, ପୁଡୁଚେରୀ-ସାନ୍ତ୍ରାଗାଛି-ପୁଡୁଚେରୀ, ଚେନ୍ନାଇ-ସାନ୍ତ୍ରାଗାଛି-ଚେନ୍ନାଇ, କାଚେଗୁଡା-ଟାଟା-କାଚେଗୁଡା, ବିଶାଖାପାଟଣା-ସିକନ୍ଦରାବାଦ ଏବଂ ବିଶାଖାପାଟଣା-ତିରୁପତି ଭଳି ସ୍ୱତନ୍ତ୍ର ଟ୍ରେନ ରହିଛି।

### ୱାଇ-ଫାଇ ସହ ଯୋଡି ହେଲା ଆଉ ୫୦୦ ଷ୍ଟେଶନ

**ନୂଆଦିଲ୍ଲୀ,୬-୪:** ଷ୍ଟେଶନକୁ ୱାଇ-ଫାଇ ସହ ଯୋଡିବାରେ ଭାରତୀୟ ରେଲୱେ ରେକର୍ଡ ପରେ ରେକର୍ଡ କରିଚାଲିଛି। ମାତ୍ର ୭ ଦିନ ଭିତରେ ରେଲୱେ ପକ୍ଷରୁ ୫୦୦ ଷ୍ଟେଶନରେ ୱାଇ-ଫାଇ ବ୍ୟବସ୍ଥା କରାଯାଇଛି। ଏଥିସହିତ ସାହିବାବାଦ୍ ରେଲୱେ ଷ୍ଟେଶନ ରେଲୱାୟର ୱାଇ-ଫାଇ ସୁବିଧାଯୁକ୍ତ ୧୫୦୦ତମ ଷ୍ଟେଶନ ହୋଇଛି। ରେଳ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ମିନି ରତ୍ନ କମ୍ପାନୀ ରେଲଟେଲକୁ ଦେଶର ସମସ୍ତ ରେଳ ଷ୍ଟେଶନରେ ୱାଇ-ଫାଇ ବ୍ୟବସ୍ଥା କରିବାକୁ ଦାୟିତ୍ୱ ଦିଆଯାଇଛି। ୪,୭୯୧ ଷ୍ଟେଶନରେ ଏହି ସୁବିଧା ଉପଲବ୍ଧ କରାଇବା ଲାଗି ଟାଟା ଟ୍ରଷ୍ଟ ସହିତ ରେଲଟେଲ ଚୁକ୍ତି ସ୍ୱାକ୍ଷର କରିଛି।‘ଡିଜିଟାଲ ଇଣ୍ଡିଆ’ କାର୍ଯ୍ୟକ୍ରମ ଅଧୀନରେ ଏଭଳି ୱାଇ-ଫାଇ ସୁବିଧା ଯୋଗାଇ ଦେବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ।

## ଇଣ୍ଡିଆ ବୁଲ୍‌ସ ଫାଇନାନ୍ସରେ ବିଲୟ ହେବ ଲକ୍ଷ୍ମୀ ବିଳାସ ବ୍ୟାଙ୍କ

**ନୂଆଦିଲ୍ଲୀ,୬-୪**

ଲକ୍ଷ୍ମୀ ବିଳାସ ବ୍ୟାଙ୍କ ଲିମିଟେଡ ଇଣ୍ଡିଆ ବୁଲ୍‌ସ ଫାଇନାନ୍ସ ଲିମିଟେଡରେ ବିଲୟ ହେବ। ବ୍ୟାଙ୍କର ବୋର୍ଡ ଏହି ପ୍ରସ୍ତାବକୁ ଶୁକ୍ରବାର ମଞ୍ଜୁରୀ ପ୍ରଦାନ କରିଛି। ଉଭୟ ପ୍ରତିଷ୍ଠାନ ବମ୍ବେ ଷ୍ଟକ ଏକ୍ସଚେଞ୍ଜକୁ ଦୁଇଟି ଭିନ୍ନ ବିଜ୍ଞପ୍ତି ମାଧ୍ୟମରେ ଏହା ଜଣାଇଛନ୍ତି। ମିଶ୍ରଣ ପରେ ଏହି ଦୁଇ ସଂସ୍ଥାର ନେଟ୍ ସମ୍ପତ୍ତି ୧୯,୪୭୨ କୋଟି ଟଙ୍କାକୁ ବୃଦ୍ଧି ଘଟିବ। ଏଥିରେ ୧୪,୩୦୨ କର୍ମଚାରୀ ରହିବେ। ସଂସ୍ଥାର ଲୋନ ବୁକ୍ ୧.୨୩ ଲକ୍ଷ କୋଟି ଟଙ୍କା ରହିବ।

## ଭୋଟ ଦେଲେ ତେଲରେ ୫୦ ପଇସା ରିହାତି

**ନୂଆଦିଲ୍ଲୀ,୬-୪**

ଗଣତନ୍ତ୍ରର ମହାପର୍ବ କୁହାଯାଉଥିବା ସାଧାରଣ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଆଉ କେଇଟା ଦିନ ପରେ ଦେଶରେ ଭୋଟିଂ ପର୍ଯ୍ୟାୟ ଆରମ୍ଭ ହେବ। ଅଧିକ ମତଦାନ ପାଇଁ ନିର୍ବାଚନ କମିଶନ, କେନ୍ଦ୍ର ସରକାରଙ୍କ ସମେତ ସମସ୍ତ ପକ୍ଷ ଭୋଟରଙ୍କୁ ସଚେତନ କରୁଛନ୍ତି। ଏହି କ୍ରମରେ ଭୋଟରଙ୍କୁ ପ୍ରୋତ୍ସାହିତ କରିବାକୁ ଅଲ୍ ଇଣ୍ଡିଆ ପେଟ୍ରୋଲିୟମ ଡିଲର୍ସ ଆସୋସିଏଶନ ନିଷ୍ପତ୍ତି ନେଇଛି। ପ୍ରେସିଡେଣ୍ଟ ଅଜୟ ବଂଶଲ କହିଛନ୍ତି ଯେ, ଅଧିକ ମତଦାନ ପାଇଁ ଆସୋସିଏଶନ ଏକ ନୂଆ ପଦକ୍ଷେପ ନେବାକୁ ଯାଉଛି। ଭୋଟିଂ ଦିନ ପ୍ରତ୍ୟେକ ନାଗରିକଙ୍କୁ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୫୦ ପଇସା ଡିସ୍‌କାଉଣ୍ଟ ଦିଆଯିବ ବୋଲି ସେ ଘୋଷଣା କରିଛନ୍ତି। ତେବେ ସେମାନଙ୍କୁ ଏଥିପାଇଁ ଗୋଟିଏ କାମ କରିବାକୁ ହେବ। ଭୋଟ ଦେବା ପରେ ସମ୍ପୃକ୍ତ ଭୋଟର ନିଜ ଅଙ୍ଗୁଳିରେ କାଳି ଲାଗିଥିବା ଦେଖାଇଲେ ପେଟ୍ରୋଲ ପମ୍ପରେ ଏହି ଡିସ୍‌କାଉଣ୍ଟ ପାଇବେ। ଏହି ଅଫର ଅଂଶଗ୍ରହଣକାରୀ ପେଟ୍ରୋଲ ପମ୍ପରେ ସକାଳ ୮ଟାରୁ ରାତି ୮ଟା ଯାଏ ମିଳିବ। ଜଣେ ଗ୍ରାହକଙ୍କୁ ଭୋଟିଂ ଦିନ ସର୍ବାଧିକ ୨୦ଲିଟର ପର୍ଯ୍ୟନ୍ତ ଇନ୍ଧନ ଉପରେ ଡିସ୍‌କାଉଣ୍ଟ ଦିଆଯିବ ବୋଲି ବଂଶଲ କହିଛନ୍ତି। ଆସୋସିଏଶନର ୫୮ ହଜାର ଡିଲର ସଦସ୍ୟଙ୍କ ମଧ୍ୟରୁ ଅତିକମ୍‌ରେ ୯୦ ପ୍ରତିଶତ ଏହି ଅଭିଯାନରେ ସାମିଲ ହେବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ତେବେ ସେ କହିଛନ୍ତି ଯେ, ଏହି ସବ୍‌ସିଡି ବୋଝ ତୈଳ କମ୍ପାନୀ ଉଠାଇବେ ନାହିଁ। ଡିଲରମାନେ ଏହି ବୋଝ ବହନ କରିବେ। ପେଟ୍ରୋଲ ପମ୍ପରେ ଉପସ୍ଥିତ ଷ୍ଟାଫମାନେ ପ୍ରଚାରପତ୍ର ଓ ଅନ୍ୟ ସାମଗ୍ରୀ ଜରିଆରେ ଗ୍ରାହକଙ୍କୁ ଭୋଟ ଦେବା ପାଇଁ ସଚେତନ କରିବେ। ସୂଚନାଥାଉ କି ଚଳିତ ମାସ ୧୧ରୁ ମେ ୧୯ ଯାଏ ୭ ପର୍ଯ୍ୟାୟରେ ଭୋଟ ଗ୍ରହଣ ହେବାକୁ ଯାଉଛି। ଏହି ଭୋଟିଂରେ ପ୍ରାୟ ୯୦ କୋଟି ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିବେ।

## ଉଦ୍ୟୋଗ ଜଗତ ଛାଡୁଛନ୍ତି ବରିଷ୍ଠ ନିର୍ଦ୍ଦେଶକ

**ନୂଆଦିଲ୍ଲୀ,୬-୪**

ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି)ର ଏକ ବିବାଦୀୟ ନିଷ୍ପତ୍ତି କାରଣରୁ ଏବେ ଉଦ୍ୟୋଗ ଜଗତରେ ବରିଷ୍ଠ ନିର୍ଦ୍ଦେଶକମାନେ ଇସ୍ତଫା ଦେବା ଆରମ୍ଭ କରିଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଏପ୍ରିଲ ପହିଲାରୁ ୭୫ବର୍ଷ ଅଥବା ଏହାଠାରୁ ଊର୍ଦ୍ଧ୍ୱ ବୟସର ନିର୍ଦ୍ଦେଶକମାନଙ୍କୁ ବୋର୍ଡରୁ ଇସ୍ତଫା ଦେବାକୁ ସେବି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ତଦନୁଯାୟୀ ୨୨୮ କମ୍ପାନୀରୁ ବରିଷ୍ଠ ନିର୍ଦ୍ଦେଶକମାନେ ଇସ୍ତଫା ଦେବା ଆରମ୍ଭ କରିଛନ୍ତି। ସେମାନଙ୍କ ମଧ୍ୟରୁ ସେବି ନିର୍ଦ୍ଦେଶ ପାଳନ କରି ନିର୍ଦ୍ଦେଶକ ପଦରୁ ଇସ୍ତଫା ଦେଇଥିବା କହିଛନ୍ତି। କେତେକ ବ୍ୟକ୍ତିଗତ କାରଣ ଦର୍ଶାଇଥିବା ବେଳେ ଅନେକେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ କମ୍ପାନୀରୁ ବିଦାୟ ନେଇଛନ୍ତି। ତେବେ ଅନେକ କୌଣସି କାରଣ ନ ଦର୍ଶାଇ ଇସ୍ତଫା ଦେଇଛନ୍ତି। ବିଶେଷଜ୍ଞଙ୍କ କହିବାନୁଯାୟୀ, ସେବିପକ୍ଷରୁ ନୂଆ କମ୍ପାନୀ ପରିଚାଳନା ସଂହିତା ଲାଗୁ କରାଯିବା ଯୋଗୁ ୭୫ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନିର୍ଦ୍ଦେଶକମାନେ କମ୍ପାନୀ ଛାଡୁଛନ୍ତି। ନୂଆ ସଂହିତା ଅନୁଯାୟୀ, ନିର୍ଦ୍ଦେଶକମାନଙ୍କ ସର୍ବୋଚ୍ଚ ବୟସ ସୀମା ୭୦ ବର୍ଷ ଧାର୍ଯ୍ୟ କରାଯାଇଛି। ଆହୁରି ଅନେକ ନିର୍ଦ୍ଦେଶକ ନିଜର କାର୍ଯ୍ୟକାଳ ପୂର୍ଣ୍ଣ କରିବା ପରେ ହିଁ ଇସ୍ତଫା ଦେବେ। ନୂଆ ନିୟମ ଅନୁଯାୟୀ ଏପ୍ରିଲ ପହିଲାରୁ ୭୦ ବର୍ଷ ଅଥବା ତଦୂର୍ଦ୍ଧ୍ୱ ବୟସର କାର୍ଯ୍ୟନିର୍ବାହୀ ଏବଂ ୭୫ ବର୍ଷ ବୟସର ଅଣ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କୁ ସ୍ୱତନ୍ତ୍ର ବ୍ୟବସ୍ଥା ଅନୁଯାୟୀ ନିଯୁକ୍ତ ଅଥବା ପୁନର୍ନିଯୁକ୍ତ କରାଯାଇପାରିବ। ଏଥିଲାଗି ୭୫ ପ୍ରତିଶତ ବୋର୍ଡ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ ହେବ। ଏତିକି ନୁହେଁ ଏଭଳି ନିଯୁକ୍ତି ଅଥବା ପୁନର୍ନିଯୁକ୍ତି ପାଇଁ କମ୍ପାନୀକୁ ସ୍ପଷ୍ଟୀକରଣ ଦେବାକୁ ପଡିବ। କୋଟାକ କମିଟି ରିପୋର୍ଟ ଆଧାରରେ ସେବି ପକ୍ଷରୁ ନୂଆ ଗାଇଡଲାଇନ ଜାରି କରାଯାଇଛି। ସେବିର ଗାଇଡଲାଇନ ଜାରି ହେବା ପରେ ଏବେ ନିର୍ଦ୍ଦେଶକଙ୍କ କୌଣସି ବୟସସୀମା ହେବା ଉଚିତ କି ନା ସେ ନେଇ ବିବାଦ ଆରମ୍ଭ ହୋଇଗଲାଣି। ସେବିର ପଦକ୍ଷେପ ଦ୍ୱାରା ବୋର୍ଡରେ ନୂଆ ପିଢ଼ି ଆସିବେ ବୋଲି କିଛି ମତପ୍ରକାଶ କରୁଥିବାବେଳେ କାର୍ଯ୍ୟଶୈଳୀ ପ୍ରଭାବିତ ହେବ ବୋଲି ଅନ୍ୟ କିଛି ବିଶେଷଜ୍ଞ କହିଛନ୍ତି।

### ■ ନିବେଶରେ ଆମ ନେତା କେଉଁଠି

## ଶେୟାରରେ ଅମିତ ଶାହ, ରାହୁଲଙ୍କ ପସନ୍ଦ ମ୍ୟୁଚୁଆଲ ଫଣ୍ଡ

**ନୂଆଦିଲ୍ଲୀ,୬-୪**



ଖୁବ୍ କମ ଲୋକ ଜାଣିଥିବେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ସକ୍ରିୟ ରାଜନୀତିରେ ଆସିବା ପୂର୍ବରୁ ଜଣେ ଷ୍ଟକ୍ ବ୍ରୋକର ଥିଲେ। ଶେୟାର ମାର୍କେଟରେ ତାଲିକାଭୁକ୍ତ ଓ ଅଣତାଲିକାଭୁକ୍ତ ବହୁ ଶେୟାର କିଣିଛନ୍ତି ସେ। ଅନ୍ୟପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ନିବେଶ ମାମଲାରେ ଟିକେ ରକ୍ଷଣଶୀଳ। ସେ ଇକ୍ୟୁଟି ମାର୍କେଟ ବଦଳରେ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବାକୁ ଅଧିକ ପସନ୍ଦ କରନ୍ତି।

ଗାନ୍ଧୀନଗର ଲୋକ ସଭା ଆସନରେ ମନୋନୟନ ପତ୍ର ଦାଖଲ କରିଥିବା ଅମିତ ଅନିଲ ଚନ୍ଦ୍ର ଶାହ ଚଳିତ ବର୍ଷ ମାର୍ଚ୍ଚ ୨୨ ସୁଦ୍ଧା ୧୭.୫୬ କୋଟି ଟଙ୍କାର ତାଲିକାଭୁକ୍ତ ଶେୟାର କିଣିଛନ୍ତି ବୋଲି ସତ୍ୟପାଠରେ ଦର୍ଶାଇଛନ୍ତି। ତାଙ୍କ ନିକଟରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ(ଆର୍‌ଆଇଏଲ୍), ଟିସିଏସ୍, ବଜାଜ୍ ଅଟୋ, କୋଲଗେଟ ପାମୋଲିଭ, ଗ୍ରାସିମ ଇଣ୍ଡଷ୍ଟ୍ରିଜ, ଏଚ୍‌ୟୁଏଲ୍, ଏଲ୍‌ଆଣ୍ଡଟି ଫାଇନାନ୍ସ, ଅଲ୍‌ଟ୍ରାଟେକ ସିମେଣ୍ଟ ଭଳି ପ୍ରମୁଖ କମ୍ପାନୀର ଶେୟାର ରହିଛି। ଶାହଙ୍କ ପୋର୍ଟଫୋଲିଓ ଅତ୍ୟନ୍ତ ଡାଇଭର୍ସିଫାଏଡ କୁହାଯାଉଛି। ତାଙ୍କ ନିକଟରେ ୩.୦୮ ଲକ୍ଷ ଟଙ୍କାର ଅଣତାଲିକାଭୁକ୍ତ ଶେୟାର ରହିଛି। ତାଙ୍କ ସ୍ତ୍ରୀଙ୍କ ନିକଟରେ ୪.୩୫ କୋଟି ଟଙ୍କାର ତାଲିକାଭୁକ୍ତ ଏବଂ ୧.୫୮ ଲକ୍ଷ ଟଙ୍କାର ଅଣତାଲିକାଭୁକ୍ତ ଶେୟାର ରହିଛି। ମୋଟରେ ଶାହଙ୍କ ସମ୍ପତ୍ତି ପରିମାଣ ୩୦.୪୯ କୋଟି ଟଙ୍କା ଥିବା ବେଳେ ତାଙ୍କ ସ୍ତ୍ରୀଙ୍କ ନିକଟରେ ୮.୩୫ କୋଟି ଟଙ୍କାର ସମ୍ପତ୍ତି ରହିଛି। ତାଙ୍କର ଅଧିକାଂଶ ଶେୟାର ମିଡିକ୍ୟାପ୍ ହୋଇଥିବା ବେଳେ ଏସ୍‌ବିଆଇ,ଟାଟା ମୋଟର୍ସ, ନେସ୍‌ଲେ, ମାରୁତି ଇଣ୍ଡଷ୍ଟ୍ରିଜ, ହିଣ୍ଡାଲକୋ, ଆଇଟିସି ଭଳି ଲାର୍ଜକ୍ୟାପ୍ ଶେୟାର ରହିଛି। ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ନିକଟରେ ଗୋଟିଏ ପ୍ରକାର ଶେୟାର ରହିଛି। ମଜାର କଥା ହେଲା ଅମିତ ଶାହଙ୍କ ପୋର୍ଟଫୋଲିଓରେ ଆଦାନୀ ଗ୍ରୁପ୍‌ର ଗୋଟିଏ ହେଲେ ଶେୟାର ନାହିଁ। ତାଙ୍କ ନିକଟରେ ଅନିଲ ଅମ୍ବାନୀଙ୍କ ନେତୃତ୍ୱାଧୀନ କମ୍ପାନୀ ରିଲାଏନ୍ସ କମ୍ୟୁନିକେଶନ୍ସ, ରିଲାଏନ୍ସ କ୍ୟାପିଟାଲ, ରିଲାଏନ୍ସ ହୋମ୍ ଫାଇନାନ୍ସ ତଥା ରିଲାଏନ୍ସ ଇନଫ୍ରାଷ୍ଟ୍ରକ୍‌ଚରର ମାତ୍ର ୧ ଲକ୍ଷ ଟଙ୍କାର ଶେୟାର ରହିଛି।

ଅନ୍ୟପକ୍ଷରେ ୱାୟନାଡ ଲୋକ ସଭା ଆସନ ପାଇଁ ମନୋନୟନ ପତ୍ର ଦାଖଲ କରିଥିବା ରାହୁଲ ତାଙ୍କ ସତ୍ୟପାଠରେ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିଥିବା ଦର୍ଶାଇଛନ୍ତି। ସେ ୧୦ ମ୍ୟୁଚୁଆଲ ଫଣ୍ଡ ସ୍କିମ୍‌ରେ ମୋଟ ୫.୧୯ କୋଟି ଟଙ୍କା ନିବେଶ କରିଛନ୍ତି।



> ଆର୍ଜେଣ୍ଟିନା ଷ୍ଟାର ଖେଳାଳି ଲିଓନେଲ ମେସିଙ୍କୁ ତାଙ୍କୁ କ୍ୟାରିୟରର ଅବଶିଷ୍ଟ ଆମ କ୍ଲବ ସହିତ ରହିବାକୁ ଏକ ଅଫର ଦିଆଯିବ ।
>
> –ଯୋଶେପ୍ ବାର୍ଟୋମେଉ, ବାର୍ସିଲୋନା ସଭାପତି



> ଆମ ଦେଶରେ ଜଣେ ସକ୍ରିୟ ଆଥ୍ଲେଟଙ୍କ ପାଇଁ ପ୍ଲାନ ଏ'ର ସୁବିଧା ରହିଛି। ଅଗ୍ରଗତି କରିବାକୁ ହେଲେ ପ୍ଲାନ ଏ'ର ଆବଶ୍ୟକତା ରହିଛି ।
>
> –ଅଭିନବ ବିନ୍ଦ୍ରା, ଭାରତର ଅଲିମ୍ପିକ ସ୍ୱର୍ଣ୍ଣ ବିଜୟୀ

## ସଂକ୍ଷେପରେ

### ଅନୁପ କୁମାର ପୁଣେ ଫ୍ରାଞ୍ଚାଇଜ କୋଚ୍



**ପୁଣେ,୬।୪(ପି.ଟି.):** ପୁନେରୀ ପଲଟନ ପୂର୍ବତନ ଭାରତୀୟ ଅଧିନାୟକ ଅନୁପ କୁମାରଙ୍କୁ ଆଗାମୀ ପ୍ରୋ କବାଡି ଲିଗ୍ (ପିକେଏଲ) ଲାଗି ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରିଛି। ୨୦୧୦ ଓ ୨୦୧୪ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ କବାଡ଼ି ଦଳର ଅନୁପ ଅଧିନାୟକ ଥିଲେ। ସେ ପିକେଏଲର ୬ଷ୍ଠ ସଂସ୍କରଣରେ ଜଣେ ଖେଳାଳି ଭାବେ ଅବସର ନେଇଥିଲେ। ସେ ୨୦୦୬ରେ ଭାରତ ପାଇଁ ପଦାର୍ପଣ କରିଥିଲେ। ତାଙ୍କ ନେତୃତ୍ୱରେ ଦଳ ୨୦୧୬ରେ କବାଡ଼ି ବିଶ୍ୱକପ୍ ଜିତିଥିଲା। କବାଡ଼ି ମୋର ପ୍ରଥମ ପ୍ରେମ। ଏହି କ୍ରୀଡ଼ାକୁ ମୁଁ ସବୁକିଛି ଦେଇଛି। ଜଣେ କୋଚ୍ ଭାବେ ଏହା ମୋର ପ୍ରଥମ ଅଭିଜ୍ଞତା ହେବ। ଦଳର ଦକ୍ଷତା ବୃଦ୍ଧିକରିବା ମୋର ପ୍ରଥମ ଲକ୍ଷ୍ୟ ବୋଲି ନିଯୁକ୍ତି ପାଇବା ପରେ ଅନୁପ କହିଛନ୍ତି।

# ସେମିରେ ଏଫ୍‌ସି ଗୋଆ

ଭୁବନେଶ୍ୱର, ୬।୪(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପରକପ୍ ଫୁଟବଲ ଟୁର୍ନାମେଣ୍ଟରେ ଏଫ୍‌ସି ଗୋଆ ସେମିଫାଇନାଲରେ ପ୍ରବେଶ କରିଛି। ଶନିବାର ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ତୃତୀୟ କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ଗୋଆ ୪-୩ ଗୋଲରେ ଜାମସେଦପୁର ଏଫ୍‌ସିକୁ ହରାଇ ସେମିଫାଇନାଲ ଟିକେଟ ହାସଲ କରିଛି। ୯ ତାରିଖ ମଙ୍ଗଳବାର ଗୋଆ ସେମିଫାଇନାଲରେ ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟିକୁ ଭେଟିବ। ଅନ୍ୟଏକ କ୍ୱାର୍ଟର ଫାଇନାଲରେ ଚେନ୍ନାଇ ସିଟି ୪ ତାରିଖରେ ବେଙ୍ଗାଲୁରୁକୁ ୨-୧ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା।

ଏହି ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ପଛରେ ପଡିଥିବା ଜାମେସେଦପୁର ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ଥିଲେ ମଧ୍ୟ ବିଜୟୀ ହୋଇପାରି ନ ଥିଲା। ଗୋଆ ତରଫରୁ ଏଡୁ ବେଡିଆ ୨୩ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ଏହାପରେ ପ୍ରଥମାର୍ଦ୍ଧର ଅତିରିକ୍ତ ସମୟର ଦ୍ୱିତୀୟ ମିନିଟ୍ ଖେଳରେ ଜାମେସେଦପୁର ମିଡ୍ ଫିଲ୍ଡର ପାବ୍ଲୋ ମୋରଗାଡୋଙ୍କ ଆତ୍ମଘାତୀ ଗୋଲ ବଳରେ ଗୋଆ ୨-୦ରେ ଅଗ୍ରଣୀ ହାସଲ କରିଥିଲା। ଏହାପରେ ୬୪ତମ ମିନିଟ୍‌ରେ ଗୋଆ ପକ୍ଷରୁ ସେରିଟନ ଫର୍ନାଣ୍ଡିଜ୍ ତୃତୀୟ ଗୋଲ ସ୍କୋର କରିଥିଲେ। ତେବେ ମୋରଗାଡୋ ଜାମସେଦପୁର ତରଫରୁ ୬୯ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଏହାର ଠିକ୍ ୪ ମିନିଟ ପରେ ଗୋଆ ପକ୍ଷରୁ ଫେରାନ କୋରୋମିନାସ ୭୩ତମ ମିନିଟ୍‌ରେ ଚତୁର୍ଥ ଗୋଲ ସ୍କୋର କରିଥିଲେ। ୧-୪ ଗୋଲରେ ପଛରେ ଥିବା ବେଳେ ଜାମସେଦପୁର ପ୍ରତ୍ୟାବର୍ତ୍ତନ କରି ଦୁଇଟି ଗୋଲ ସ୍କୋର କରି ପରାଜୟ ବ୍ୟବଧାନକୁ କମାଇଥିଲା। ଜାମେସଦପୁର ତରଫରୁ ୭୭ ମିନିଟ୍‌ରେ ସର୍ଗିଓ କିଡୋଞ୍ଚା ଗୋଲ ଦେଇଥିଲେ। ଶେଷରେ ୮୩ତମ ମିନିଟରେ ଜାମସେଦପୁରର କାର୍ଲୋସ କାଲଭୋ ପେନାଲ୍ଟି ଜରିଆରେ ଗୋଲ ଦେଇଥିଲେ ମଧ୍ୟ ବିଜୟ ପାଇଁ ଏହା ଯଥେଷ୍ଟ ହୋଇ ନ ଥିଲା। ମ୍ୟାଚ୍‌ରେ ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ଗୋଲରେ ପରିଣତ କରିପାରି ନ ଥିଲେ। ଗୋଆ ଅପେକ୍ଷାକୃତ ଅଧିକ ସମୟ ବଲକୁ ନିଜ ପକ୍ଷରେ ରଖିବାରେ ସମର୍ଥ ହୋଇଥିଲା। ରବିବାର ଖେଳାଯିବାକୁ ଥିବା ଚେନ୍ନାଇନ୍ ଏଫ୍‌ସି-ନର୍ଥଇଷ୍ଟ ଏଫ୍‌ସି କ୍ୱାର୍ଟର ଫାଇନାଲର ବିଜେତା ସେମିଫାଇନାଲରେ ୧୦ ତାରିଖରେ ଆଟଲେଟିକୋ କୋଲକାତାକୁ ଭେଟିବ।

# ସାଥିୟାଁଙ୍କ ଚମକପ୍ରଦ ବିଜୟ



ଭାରତର ଶୀର୍ଷ ର୍ୟାଙ୍କିଙ୍ଗପ୍ରାପ୍ତ ଟେବୁଲ ଟେନିସ ଖେଳାଳି ବିଶ୍ୱକପ୍ ଯୋଗ୍ୟତା ହାସଲ ଲାଗି ଆଉ ଏକ ପାଦ ପଛରେ ରହିଛନ୍ତି। ୨୮ତମ ର୍ୟାଙ୍କିଙ୍ଗପ୍ରାପ୍ତ ସାଥିୟାଁ ଏକ ସଂଘର୍ଷପୂର୍ଣ୍ଣ

**ୟୋକୋହାମା, ୬।୪ (ପି.ଟି.):** ଭାରତର ଜି. ସାଥିୟାଁ ଏଠାରେ ଚାଲିଥିବା ଆଇଟିଟିଏଫ୍-ଏଟିଟିୟୁ ଏସିଆନ କପ୍‌ରେ ୫ରୁ ୮ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ବିଶ୍ୱର ୧୪ନମ୍ବର ଖେଳାଳି ତଥା ହଂକଂର ଚୁନ୍ ତିଙ୍ଗ୍ ଓଙ୍ଗ୍‌କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଏହାଦ୍ୱାରା ମ୍ୟାଚରେ ଓଙ୍ଗ୍‌କୁ ୧୨-୧୦, ୧୦-୧୨, ୧୧-୫, ୧୧-୬, ୧୧-୮ରେ ପରାସ୍ତ କରିଛନ୍ତି। ହଂକଂର ନମ୍ବର ୱାନ ଖେଳାଳିଙ୍କ ବିପକ୍ଷରେ ବିଜୟ ଦ୍ୱାରା ସେ ରବିବାର ୫ମ ସ୍ଥାନ ପାଇଁ ଖେଳାଯିବାକୁ ଥିବା ମ୍ୟାଚରେ ଚାଇନିଜ ତାଇପେର ଲିନ୍ ୟୁନ୍ ଜୁଙ୍କୁ ଭେଟିବେ।

# ଚେନ୍ନାଇନ୍-ନର୍ଥଇଷ୍ଟ କ୍ୱାର୍ଟର ମୁକାବିଲା ଆଜି

**ସୁପର କପ୍ ଫୁଟବଲ**

**ଭୁବନେଶ୍ୱର,୬।୪(ପି.ଟି.):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପରକପ୍ ଫୁଟବଲ ଟୁର୍ନାମେଣ୍ଟରେ ରବିବାର ଖେଳାଯିବାକୁ ଥିବା ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବେଶ୍ ଉତ୍ସାହିତ ଥିବା ଚେନ୍ନାଇନ୍ ଏଫ୍‌ସି ଓ ଆଘାତ ସମସ୍ୟା ଜର୍ଜରିତ ନର୍ଥଇଷ୍ଟ ୟୁନାଇଟେଡ ପରସ୍ପରକୁ ଭେଟିବେ। ପୂର୍ବରୁ ଚେନ୍ନାଇ ସିଟି ଏଫ୍‌ସି ଓ ଆଟଲେଟିକୋ କୋଲକାତା କ୍ୱାର୍ଟର ଫାଇନାଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିସାରିଛନ୍ତି। ଏହି ନିର୍ଣ୍ଣାୟକ ମ୍ୟାଚ୍ ଉଭୟ ଦଳ ସେମାନଙ୍କ ପ୍ରସ୍ତୁତି ଜୋରଦାର କରିଛନ୍ତି। ଚେନ୍ନାଇନ୍ କୋଚ୍ ଜନ ଗ୍ରେଗୋରୀ ଦଳ ପୂରା ପ୍ରସ୍ତୁତ ଅଛି ବୋଲି କହିଛନ୍ତି। ଖେଳାଳିମାନେ ମ୍ୟାଚ୍‌ରେ ଅବତୀର୍ଣ୍ଣ ହେବାକୁ ବ୍ୟଗ୍ର ଅଛନ୍ତି। ଅବଶ୍ୟ ଦଳ ଭ୍ରମଣଜନିତ କ୍ଳାନ୍ତ ଅନୁଭବ କରୁଛି। ତେବେ ଗୋଟିଏ ଦିନର ବିଶ୍ରାମ ଏହାକୁ ଦୂର କରିପାରିବ ବୋଲି ସେ କହିଛନ୍ତି। ତେବେ ନର୍ଥଇଷ୍ଟ ଦଳ ଉପରେ ଆମର ଏବେ ନଜର ରହିଛି। ଦଳର ସବୁ ଖେଳାଳି ଫିଟ୍ ଅଛନ୍ତି ଓ ଆମା ପାଇଁ ବେଶ୍ ଲାଭଦାୟକ ହେବ। ଯେକୌଣସି ଖେଳାଳିଙ୍କୁ ଆମେ ଦଳରେ ସାମିଲ କରିପାରିବୁ। ହିରୋ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ଖେଳି ନ ଥିବା ଧନପଲାଲ ଗଣେଶ ଏବେ ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି ଓ ଏହା ଆମପାଇଁ ସବୁଠାରୁ ବଡ଼ କଥା ଗ୍ରେଗୋରୀ କହିଛନ୍ତି। ଗତ ଆଇଏସ୍ଏଲରେ ଆମର ପ୍ରଦର୍ଶନ ସେତେଟା ଭଲ ନ ଥିଲା। ତେବେ ନର୍ଥଇଷ୍ଟ ବେଶ୍ ଭଲ ଖେଳିଥିଲା। ପ୍ରଥମଥର ପାଇଁ ନର୍ଥଇଷ୍ଟ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ତେଣୁ କୋଚ୍ ଓ ଖେଳାଳିଙ୍କୁ ସଫଳତା ପାଇଁ ଶ୍ରେୟ ମିଳିବା ଉଚିତ ବୋଲି ଗ୍ରେଗୋରୀ କହିଛନ୍ତି। ପ୍ରି- କ୍ୱାର୍ଟରରେ ମୁମ୍ବାଇ ସିଟିକୁ ୨-୦ରେ ହରାଇ ଆମେ ଆତ୍ମବିଶ୍ୱାସ ବଢାଇଛୁ। ସବୁ ସେସନରେ ଗୋଲ ସ୍କୋରିଂ ଘଟଣା ଆମ ପାଇଁ ଅବଶ୍ୟ ସମସ୍ୟା ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ଆଇଏସ୍ଏଲ୍ ସେମିଫାଇନାଲରେ ପ୍ରବେଶ କରିଥିବା ସବୁ ଦଳ ଅଧିକ ସଂଖ୍ୟାରେ ଗୋଲ ସ୍କୋର କରିଥିଲେ। ଗୋଲ ସ୍କୋରିଂ ଦୃଷ୍ଟିକୋଣରୁ ଆମେ ପଛରେ ରହିଛୁ। ଦୁଇଟି ମ୍ୟାଚ୍ ଖେଳି ଜେଜେ ଲାଲପେଖଲୁଆ ମାତ୍ର ଦୁଇଟି ଗୋଲ ସ୍କୋର କରିଛନ୍ତି। ସେହିପରି ସିକେ. ବିନୀତ ଦୁଇଟି ଗୋଲ ଦେଇଛନ୍ତି। ଏହି ଦୁଇ ଖେଳାଳି ଏବେ ଏକାଠି ଖେଳିବାର ଆବଶ୍ୟକତା ରହିଛି।

ଅପରପକ୍ଷରେ ନର୍ଥଇଷ୍ଟ କୋଚ୍ ଏଲକୋ ସାଟୋରୀ ଦଳର ପ୍ରସ୍ତୁତି ନେଇ ସେତେଟା ସନ୍ତୁଷ୍ଟ ନୁହଁନ୍ତି ବୋଲି କହିଛନ୍ତି। ଏହି ନିର୍ଣ୍ଣାୟକ ମ୍ୟାଚ୍ ପାଇଁ ଦଳର ପ୍ରସ୍ତୁତି ଆଶାନୁରୂପ ହୋଇପାରିନାହିଁ ବୋଲି ସେ କହିଛନ୍ତି। ବର୍ତ୍ତମାନ ମୋ ପାଖରେ ୨ ଗୋଲ କିପରଙ୍କ ସହ ମୋଟ ୧୫ ଖେଳାଳି ରହିଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ବାସନ୍ଦ ହୋଇଛନ୍ତି। ଜଣେ ଖେଳାଳି ୧୫-୨୦ ମିନିଟ ଖେଳିପାରିବ। ଏହାର ଅର୍ଥ ମୋ ପାଖରେ ଏବେ ମୋଟ ୧୩ ଜଣ ଖେଳାଳି ରହିଛନ୍ତି। ତେବେ ଏହାକୁ ଆମେ ଆଳ କରିପାରିବୁ ନାହିଁ। କିନ୍ତୁ ଏହାର ପ୍ରାସଙ୍ଗିକତା ରହିଛି। ଆମେ ପୂରା ଶକ୍ତି ଓ ସାମର୍ଥ୍ୟ ସହ ପଡିଆକୁ ଓହ୍ଲାଇବୁ ଓ ଜିତି ସେମିଫାଇନାଲକୁ ଉଠିବା ପାଇଁ ପ୍ରୟାସ କରିବୁ।



ମହିଳା ହକି: ଗୋଲ୍‌ସ୍କୋର ପରେ ନଭଜୋତ୍ କୌର୍ (ବାମ)ଙ୍କୁ ସାଥୀ ଖେଳାଳି ବଧାଇ ଜଣାଉଛନ୍ତି।

# ମାଲେସିଆ ବିପକ୍ଷରେ ଭାରତର ସହଜ ବିଜୟ

**କୁଆଲାଲମ୍ପୁର (ମାଲେସିଆ), ୬।୪:** ମାଲେସିଆ ବିପକ୍ଷ ଦ୍ୱିପାକ୍ଷିକ ମହିଳା ହକି ସିରିଜରେ ଭାରତ ଏହାର ପ୍ରାଧାନ୍ୟ ବଜାୟ ରଖିଛି। ଏଠାରେ ଶନିବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌କୁ ଦଳ ୫-୦ ଗୋଲରେ ଜିତିନେଇଛି। ଭାରତ ମ୍ୟାଚ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ଖେଳର ତୃତୀୟ ମିନିଟରେ ଏକ ପେନାଲଟି କର୍ନର ପାଇଥିଲା। ମାତ୍ର ମାଲେସିଆ ଡିଫେନ୍ସ ଏହାକୁ ରୋକିବାରେ ସଫଳ ରହିଥିଲେ। ପରେ ଭାରତ ଆଉ ଦୁଇଟି ସୁଯୋଗ ମଧ୍ୟ ହାତଛଡ଼ା କରିଥିଲା। ତେବେ ୧୨ଶ ମିନିଟ୍‌ରେ ନବଜୋତ କୌର ଭାରତ ତରଫରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ଭ୍ରମଣକାରୀ ଦଳ ମ୍ୟାଚରେ ପ୍ରାଧାନ୍ୟ ବିସ୍ତାର ଜାରି ରଖିଥିଲା। ୨୦ତମ ମିନିଟ୍‌ରେ ଅଭିଜ୍ଞ ଷ୍ଟ୍ରାଇକର ବନ୍ଦନା ଏକ ଫିଲ୍‌ଡ ଗୋଲ କରି ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ପୂର୍ବରୁ ନବନିତ କୌର ଦଳ ତରଫରୁ ତୃତୀୟ ଗୋଲ ସ୍କୋର କରିଥିଲେ। ତୃତୀୟ କ୍ୱାର୍ଟର ଖେଳରେ ଗୋଟିଏ ହେଲେ ଗୋଲ ସ୍କୋର ହୋଇପାରି ନ ଥିଲା। କିନ୍ତୁ ଫାଇନାଲ କ୍ୱାର୍ଟରରେ ଲାରେମସିଆମି ୫୪ତମ ଏବଂ ନିକ୍କି ପ୍ରଧାନ ୫୫ତମ ମିନିଟ୍‌ରେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ଭାରତର ଗୋଲ ସଂଖ୍ୟା ୫କୁ ବୃଦ୍ଧି କରିଥିଲେ। ମାଲେସିଆ ବିପକ୍ଷ ତୃତୀୟ ମ୍ୟାଚ ଏପ୍ରିଲ ୮ରେ ଖେଳାଯିବ।

**ପ୍ରେସ୍ ବିଜ୍ଞପ୍ତି**

ଏକକାଳୀନ ଲୋକସଭା ଓ ଓଡ଼ିଶା ରାଜ୍ୟ ବିଧାନସଭା ନିର୍ବାଚନ-୨୦୧୯ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ କରିଥିବା ଓ ପ୍ରାର୍ଥୀପତ୍ର ଦାଖଲ କରିବା ପାଇଁ ଇଚ୍ଛୁକ ଥିବା ପ୍ରାର୍ଥୀମାନଙ୍କୁ ଏବଂ ସମସ୍ତ ରାଜନୈତିକ ଦଳର ପଦାଧିକାରୀ ଓ କର୍ମକର୍ତ୍ତାମାନଙ୍କୁ ଜଣାଇ ଦିଆଯାଉଛି କି; ଜନ ପ୍ରତିନିଧି ଆଇନର ଧାରା ୨୨୭-କ ଓ ନିର୍ବାଚନ ଆୟୋଗ, ଭାରତ ସରକାରଙ୍କ ଆଦେଶ ସଂଖ୍ୟା-୩/୯/୨୦୦୪/JS-II ତା: ୨୪।୦୮।୨୦୦୪ରିଖ ମୁତାବିକ ନିର୍ବାଚନ ସମ୍ପର୍କିତ ପ୍ରଚାରପତ୍ର, ବ୍ୟାନର, ହୋର୍ଡିଂ, ପ୍ରାଚୀରପତ୍ର ଇତ୍ୟାଦି ଛାପିବା ସମୟରେ ପ୍ରକାଶକ ଓ ଛାପାଖାନା ମାଲିକଙ୍କ ନାମ ଓ ଠିକଣା ଉକ୍ତ ପ୍ରଚାରପତ୍ର, ବ୍ୟାନର, ହୋର୍ଡିଂ, ପ୍ରାଚୀରପତ୍ର ଇତ୍ୟାଦିରେ ଉଲ୍ଲେଖ ରହିବା ଜରୁରୀ ଅଟେ। ଉପରୋକ୍ତ ବ୍ୟବସ୍ଥାକୁ ଅମାନ୍ୟ କରି ଯଦି କୌଣସି ନିର୍ବାଚନ ସମ୍ପର୍କିତ ପ୍ରଚାରପତ୍ର, ବ୍ୟାନର, ହୋର୍ଡିଂ, ପ୍ରାଚୀରପତ୍ର ଇତ୍ୟାଦି ପ୍ରାର୍ଥୀଙ୍କ ନାମ କିମ୍ବା ଫଟୋ ଥାଇ ପ୍ରସ୍ତୁତ କରାଯାଇ ବ୍ୟବହାର ହୁଏ, ତେବେ ସମ୍ପୃକ୍ତ ପ୍ରାର୍ଥୀ ଏବଂ ଛାପାଖାନା ମାଲିକଙ୍କ ବିରୁଦ୍ଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଏହା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା।**

**ରମେଶ ଚନ୍ଦ୍ର ରାଉତ**
**ଜିଲ୍ଲା ନିର୍ବାଚନ ଅଧିକାରୀ ଓ ଜିଲ୍ଲାପାଳ, ବାଲେଶ୍ୱର**

**ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, ନୟାଗଡ଼**

ସଂଖ୍ୟା.୧୩୩୭ ତାରିଖ.୦୫।୦୪।୨୦୧୯

**ନୋଟିସ**

ଏତଦ୍ୱାରା ରଣପୁର ଓ ନୟାଗଡ଼ ନିର୍ବାଚନମଣ୍ଡଳୀର ସମସ୍ତ ଭୋଟରଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ନିର୍ବାଚନ କମିଶନଙ୍କ ଦ୍ୱାରା ଶ୍ରୀ ଅରୁଣ ପ୍ରକାଶ, ସାଧାରଣ ପର୍ଯ୍ୟବେକ୍ଷକ ଭାବେ ୧୧୯-ରଣପୁର ଓ ୧୨୨-ନୟାଗଡ଼ ନିର୍ବାଚନମଣ୍ଡଳୀ ନିମନ୍ତେ ଅବସ୍ଥାପିତ ହୋଇଛନ୍ତି।

ସୁତରାଂ ଯଦି କୌଣସି ସାଧାରଣ ନାଗରିକ ନିର୍ବାଚନ ସମ୍ବନ୍ଧୀୟ କୌଣସି ଅଭିଯୋଗ ଥାଏ, ତାହାହେଲେ ସଂପୃକ୍ତ ବ୍ୟକ୍ତି ସାଧାରଣ ପର୍ଯ୍ୟବେକ୍ଷକଙ୍କୁ ନିଜେ ସାକ୍ଷାତ କରି କିମ୍ବା ଫୋନ ଦ୍ୱାରା ଜଣାଇପାରିବେ। ତାଙ୍କର ଫୋନ ନମ୍ବର, ସାକ୍ଷାତକାର ସ୍ଥାନ ଓ ସମୟ ନିମ୍ନରେ ପ୍ରଦାନ କରାଗଲା।

| | |
|---|---|
| ସାକ୍ଷାତକାର ସ୍ଥାନ | ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ନୟାଗଡ଼ |
| ସାକ୍ଷାତକାର ସମୟ | ଅପରାହ୍ନ ୩ ଘଟିକାରୁ ୫ ଘଟିକା |
| ଫୋନ ନମ୍ବର | ୯୪୩୮୪୯୪୩୨୫ |

ସ୍ୱା./- ଜିଲ୍ଲା ନିର୍ବାଚନ ଅଧିକାରୀ, ନୟାଗଡ଼

ELECTION URGENT

**OFFICE OF THE SUB-COLLECTOR & E.RO BHANJANAGAR, GANJAM (ELECTION SECTION)**

Phone: 06821 241002(O), Email ID: subcollector_bnj@yahoo.in

Letter No. 3335/Elec. Dated: 04.04.19

**TENDER CALL NOTICE FOR PRINTING & SUPPLY OF T-SHIRTS FOR VOLUNTEERS INCONNECTION OF GENERAL ELECTION-2019**

Sealed quotations under bid system in the prescribed format are invited from intended Cloth Store having valid PAN Card, TIN, GST & registration of Cloth Store for supply of T-Shirts in connection with Simultaneous General Election-2019. The Tender Paper (bid documents) containing detailed terms and condition as below. The tender papers complete in all respect alongwith other required documents should reach in sealed cover to the Sub-Collector, Bhanjanagar on or before 08.04.2019 by 03.00 PM and sealed in the drop box. The tender papers received after the stipulated date and time will not be entertained. The tender shall be opened on 08.04.2019 at 04.00 PM in the office chamber of Sub-Collector, Bhanjanagar in presence of the members of Tender Committee and the bidder of their authorized representative only.

The undersigned reserves the right to reject or cancel any or all the tenders without assigning any reason thereof.

**Term & Condition**

1. The intended bidder has to deposit EMD in shape of IPO of Rs. 3000/- (Rupees Three Thousand) only which is refundable in case of failure in bidding.
2. The tenders should furnish a undertaking to supply the items within two days of issue of Supply order otherwise the security amounted will be forfeited and will be deposited in Govt. Account.
3. The rate should be written both in figure and words.

**THE DETAIL ITEMS**

| Sl. No. | Items | Specification | No. of Required |
|---|---|---|---|
| 1 | T-Shirt | White Cotton T-Shirt with Stickering/ Printing on back side (ECI logo and Volunteers) | 722 x 2 = 1444 |

Sd./- R.O- cum-Sub-Collector, Bhanjanagar

# ସେଭେନ୍-ଏ ସାଇଡ୍ ଫୁଟବଲ ଫାଇନାଲ ଆଜି



ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳି।

**କଟକ ଅଫିସ, ୬।୪:** ଫୁଟବଲ କ୍ଲବ ଗ୍ୟାଲାକ୍ସି ପକ୍ଷରୁ ପ୍ୟାରୀମୋହନ ସ୍କୁଲ ଗ୍ରାଉଣ୍ଡରେ ଚାଲିଥିବା ଅଲ୍‌ଓଡ଼ିଶା ସେଭେନ-ଏ ସାଇଡ୍ ଫୁଟବଲ ଟୁର୍ନାମେଣ୍ଟରେ ଶନିବାର ଭେଟେରାନ ଓ ସିନିୟର ବର୍ଗର ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଭେଟେରାନ ବର୍ଗରେ ରେଭେନ୍‌ଶା ମର୍ନିଂ କ୍ଲବ ଓ ବିଡ଼ାନାସୀ କ୍ଲବ ଫାଇନାଲରେ ପ୍ରବେଶ କରିଛନ୍ତି। ରେଭେନ୍‌ଶା ମର୍ନିଂ କ୍ଲବ ୨-୧ଗୋଲ୍‌ରେ ସନ୍‌ସାଇନ କ୍ଲବକୁ ଓ ବିଡ଼ାନାସୀ ଟାଇବ୍ରେକର ପଦ୍ଧତିରେ କଟକ ସଦର କ୍ଲବକୁ ହରାଇଥିଲା। ସିନିୟର ବର୍ଗର ସେମିଫାଇନାଲରେ ସନସାଇନ କ୍ଲବ ୩-୦ଗୋଲରେ ଆକା ଫୁଟବଲ ଏକାଡେମୀକୁ ଓ ଫୁଟବଲ କ୍ଲବ ଗ୍ୟାଲାକ୍ସି ଟାଇବ୍ରେକର ପଦ୍ଧତିରେ ଚାଉଳିଆଗଞ୍ଜ କ୍ଲବକୁ ହରାଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ରବିବାର ୧୬ ବର୍ଷରୁ କମ୍, ଭେଟେରାନ ଓ ସିନିୟର ବର୍ଗର ଫାଇନାଲ ମ୍ୟାଚ୍ ଖେଳାଯିବା ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ। ଶନିବାର ଅଭିନେତ୍ରୀ ରାଣୀ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ।

# ବ୍ରିଷ୍ଟଲ ବାର୍ ଘଟଣା ମୋ ଜୀବନରେ ପରିବର୍ତ୍ତନ ଆଣିଛି: ଷ୍ଟୋକ୍ସ

**ଜୟପୁର,୬।୪(ପି.ଟି.):** ବ୍ରିଷ୍ଟଲ ବାର୍ ମାରପିଟ୍ ଘଟଣା ଯୋଗୁ ମୋ କ୍ୟାରିୟରର ୧୫ ମାସ ବେକାର ହୋଇଥିଲା। କିନ୍ତୁ ଏହି ଘଟଣା ମୋ ପାଇଁ ଭଲ ସାବ୍ୟସ୍ତ ହୋଇଛି। କାରଣ ଉକ୍ତ ଘଟଣା ଯୋଗୁ ମୋ ଜୀବନରେ ବହୁ ପରିବର୍ତ୍ତନ ଆସିଛି ବୋଲି ଇଂଲଣ୍ଡର ଷ୍ଟାର ଅଲରାଉଣ୍ଡର ବେନ ଷ୍ଟୋକ୍ସ କହିଛନ୍ତି। ୨୦୧୭ ସେପ୍ଟେମ୍ବରରେ ଘଟିଥିବା ଘଟଣା ମୋ ଚିନ୍ତାଧାରାକୁ ବଦଳାଇ ଦେଇଛି। ମୋତେ କେହି ରାସ୍ତାରେ ମାରପିଟ କରୁଥିବା ଖେଳାଳି ଭାବେ ଚିହ୍ନନ୍ତୁ ବୋଲି ମୁଁ ଚାହେଁ ନାହିଁ। ଫିଲ୍ଡରେ ମୋ ପ୍ରଦର୍ଶନ ଯୋଗୁ ପ୍ରଶଂସକଙ୍କ ମନେରହିବାକୁ ଚାହେଁ। ମୋ ଜୀବନରେ କ'ଣ ଘଟୁଛି, ତାହା ମାନେ ରଖେ ନାହିଁ। କିନ୍ତୁ ବ୍ରିଷ୍ଟଲ କ୍ରାଉନ ଘଟଣା ସର୍ବଦା ମନେରହିବ। ମୁଁ ଏବେ ବାହାରକୁ ଯାଉନାହିଁ। ଯଦି ଯାଉଛି, କେବଳ ରାତ୍ରଭୋଜନ ପାଇଁ। ମୁଁ ଆଉ ଡ୍ରିଙ୍କ୍ସ କରୁନାହିଁ ବୋଲି ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଷ୍ଟୋକ୍ସ କହିଛନ୍ତି। ଉଲ୍ଲେଖଥାଉ କି, ଉକ୍ତ ଘଟଣା ପରେ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ ପକ୍ଷରୁ ଷ୍ଟୋକ୍ସଙ୍କୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାକୁ ବାରଣ କରାଯାଇଥିଲା। ଏଥିଯୋଗୁ ୨୦୧୭-୧୮ ଆଶେସ ସିରିଜ୍‌ରେ ସେ ଖେଳିପାରି ନ ଥିଲେ।





ଆକ୍ରମଣାତ୍ମକ ବ୍ୟାଟିଂ ପ୍ରଦର୍ଶନ କରିବା ଦ୍ୱାରା ଡେଭିଡ ୱାର୍ନର ଜଣେ ବିପଜ୍ଜନକ କ୍ରିକେଟ ଖେଳାଳିରେ ପରିଣତ ହୋଇପାରିଛନ୍ତି ।
–ୟୁସୁଫ ପଠାନ, ସନରାଇଜର୍ସ ହାଇଦ୍ରାବାଦ୍ ଖେଳାଳି



ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ଆନ୍ଦ୍ରେ ରସେଲ ଯେପରି ଖେଳିଲେ ମୁଁ ତାଙ୍କୁ ଆମ ଦଳର ବିଲିୟନ ଡଲାର ଖେଳାଳି ବୋଲି କହିବି ।
–କ୍ରିସ୍ ଲିନ୍, କୋଲକାତା ନାଇଟ ରାଇଡର୍ସ ଖେଳାଳି

## ସଂକ୍ଷେପରେ

### ସିଏସ୍‌କେକୁ ଝଟକା



**ଚେନ୍ନାଇ,୬।୪:** ଡିଫେଣ୍ଡିଂ ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଦଳକୁ ଏକ ବଡ଼ ଝଟକା ଲାଗିଛି। ଦଳର ଅଭିଜ୍ଞ ଅଲରାଉଣ୍ଡର ଡ୍ୱେନ ବ୍ରାଭୋଙ୍କ ମାଂସପେଶୀ ଟାଣି ହୋଇଯାଇଛି। ଏଥିଯୋଗୁ ସେ ଆଗାମୀ ୫ଟି ମ୍ୟାଚ୍ ଖେଳିପାରିବେ ନାହିଁ। ଏ ନେଇ ଫ୍ରାଞ୍ଚାଇଜ ପକ୍ଷରୁ କୁହାଯାଇଛି। ଗତ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ସେ ଆହତ ହୋଇଥିଲେ। ବ୍ରାଭୋଙ୍କ ଆହତ ହେବା ଦଳ ପାଇଁ ଏକ ଶକ୍ତ ଧକ୍କା। ଏଭଳି ସମସ୍ୟା ସହ ଆମେ ପୂର୍ବରୁ ସମ୍ମୁଖୀନ ହୋଇସାରିଛୁ। ଅଭିଜ୍ଞ ଅଲରାଉରଙ୍କ ଅନୁପସ୍ଥିତିରେ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଓ କୋଚ୍ ଷ୍ଟିଫେନ ଫ୍ଲେମିଂ ଡେଥ ଓଭର ବୋଲିଂ ପାଇଁ ସ୍କଟ୍ କୁଗେଲେଜିନଙ୍କୁ ଦଳରେ ଖେଳାଇପାରନ୍ତି। ଆମ ନିକଟରେ ମୋହିତ ଶର୍ମା ଓ ଶାର୍ଦ୍ଦୁଳ ଠାକୁରଙ୍କ ଭଳି ବୋଲର ରହିଛନ୍ତି ବୋଲି ବ୍ୟାଟିଂ କୋଚ୍ ମାଇକେଲ ହସି କହିଛନ୍ତି।

### ବାହୁବଳୀ ରସେଲ

**ବେଙ୍ଗାଲୁରୁ,୬।୪(ପି.ଟି.):** ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ବିପକ୍ଷ ମ୍ୟାଚ୍‌ରେ କୋଲକାତା ନାଇଟ ରାଇଡର୍ସଙ୍କୁ ଆନ୍ଦ୍ରେ ରସେଲ ଅବିଶ୍ୱସନୀୟ ବିଜୟ ଦେଇଥିଲେ। ଏଥିନେଇ ରସେଲଙ୍କୁ ଫ୍ରାଞ୍ଚାଇଜ ମାଲିକ ତଥା ବଲିଉଡ ସୁପରଷ୍ଟାର ଶାହାରୁଖ ଖାନ୍ ବାହୁବଳୀ ନାମ ଦେଇଛନ୍ତି। ଏଥିସହ ବାହୁବଳୀ ଲୁକ୍‌ରେ ରସେଲଙ୍କ ଏକ ଫଟୋ ମଧ କିଙ୍ଗ୍ ଖାନ୍ ଶେୟାର କରିଛନ୍ତି। ୱେଷ୍ଟଇଣ୍ଡିଆନ ଅଲରାଉଣ୍ଡରଙ୍କ ବ୍ୟତୀତ ଦଳରେ ସାମିଲ ନୀତିଶ ରାଣା, ରବୀନ ଉଥପ୍ପା, କ୍ରିସ ଲିନଙ୍କ ସମେତ ସମସ୍ତ ଖେଳାଳି ଭଲ ପ୍ରଦର୍ଶନ କରିଥିବା ସେ ଟୁଇଟ୍ କରିଛନ୍ତି।

# ଶୀର୍ଷରେ ଚେନ୍ନାଇ ସୁପର୍ କିଙ୍ଗ୍ସ

ଚେନ୍ନାଇ, ୬।୪ (ପି.ଟି.)

ଆଇପିଏଲ୍ ଦ୍ୱାଦଶ ସଂସ୍କରଣରେ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ଅଷ୍ଟାଦଶ ମ୍ୟାଚ୍‌ରେ ଘରୋଇ ଚେନ୍ନାଇ ସୁପର୍ କିଙ୍ଗ୍ସ ୨୨ ରନରେ ରବିଚନ୍ଦ୍ରନ ଅଶ୍ୱିନଙ୍କ ନେତୃତ୍ୱାଧୀନ କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ୨୦ ଓଭରରେ ୩ ଉଇକେଟ୍ ହରାଇ ୧୬୦ ରନ କରିଥିବାବେଳେ ପଞ୍ଜାବ ୫ ଉଇକେଟ୍‌ରେ ୧୩୮ ରନ କରିବାକୁ ସକ୍ଷମ ହୋଇଥିଲା। ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ଦଳର ଟୁର୍ନାମେଣ୍ଟରେ ଏହା ୫ମ ମ୍ୟାଚ୍‌ରୁ ୪ର୍ଥ ବିଜୟ ଥିଲା। ଚେନ୍ନାଇ ଏଥିସହ ୮ ପଏଣ୍ଟ ହାସଲ କରି ଟେବୁଲ ଶୀର୍ଷରେ ରହିଛି। ଅପରପକ୍ଷରେ ପଞ୍ଜାବ ସମାନ ସଂଖ୍ୟକ ମ୍ୟାଚ୍‌ରୁ ୨ ପରାଜୟ ଓ ୩ ବିଜୟ ସହ ୬ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ଲାଭ କରିଛି।

ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମର ସ୍ପିନ ଟ୍ରାକରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ବଡ଼ ସ୍କୋର ଦେଖିବାକୁ ମିଳି ନ ଥିଲା। ଉଭୟ ଇନିଂସରେ ସ୍ପିନରମାନେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଏହି ମ୍ୟାଚ୍‌ରେ ଟସ୍ ଜିତି ଧୋନୀ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମ ଉଇକେଟ୍ ଯୋଡ଼ିରେ ଭେଟେରାନ ଶେନ୍ ୱାଟସନ ଓ ଫାଫ୍ ଡୁ ପ୍ଲେସିସ୍ ୫୦ ରନର ପାର୍ଟନରଶିପ୍ କରି ଦୃଢ଼ ଆରମ୍ଭ କରିଥିଲେ। ଦଳୀୟ ସ୍କୋର ୫୬ ହୋଇଥିବାବେଳେ ୱାଟସନ ବ୍ୟକ୍ତିଗତ ୨୬ ରନ (୨୪ ବଲ, ୩ ଚୌକା ଓ ୧ ଛକା) କରି ଆଉଟ୍ ହୋଇଥିଲେ। ଏହାପରେ ଟି୨୦ ସ୍ପେଶାଲିଷ୍ଟ ଭାବେ ପରିଚିତ ସୁରେଶ ରାଇନା କ୍ରିଜରେ ଯୋଗଦେଇ ଡୁ ପ୍ଲେସିସଙ୍କ ସହ ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ୧୪ତମ ଓଭରରେ ଦଳ ୧୦୦ ରନ ଛୁଇଁଥିଲା। ତେବେ ଲଗାତର ୨ଟି ବଲରେ ଡୁ ପ୍ଲେସିସ ଓ ରାଇନାଙ୍କୁ ଆଉଟ୍ କରି ଅଶ୍ୱିନ ଚେନ୍ନାଇକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଅର୍ଦ୍ଧଶତକ ହାସଲ କରି ଖେଳୁଥିବା ଡୁ ପ୍ଲେସିସ (୫୪ ରନ, ୩୮ ବଲ୍, ୨ ଚୌକା, ୪ ଛକା)ଙ୍କୁ ଡେଭିଡ୍ ମିଲରଙ୍କ ହାତରେ କ୍ୟାଚ୍ କରାଇଥିବାବେଳେ ରାଇନା (୧୭ ରନ, ୨୦ ବଲ)ଙ୍କୁ କ୍ଲିନ ବୋଲ୍ଡ କରିଥିଲେ ଅଶ୍ୱିନ। ତେବେ ଧୋନୀ ଓ ଅମ୍ବାତି ରାୟୁଡୁ ଅସମାପ୍ତ ୪ର୍ଥ ଉଇକେଟ୍ ଯୋଡ଼ିରେ ୬୦ ରନ ଯୋଗ କରିବା ସହ ଦଳକୁ ନିର୍ଦ୍ଧାରିତ ଓଭରରେ ୩ ଉଇକେଟ୍‌ରେ ୧୬୦ ରନରେ ପହଞ୍ଚାଇଥିଲେ। ଫର୍ମରେ ଥିବା ଧୋନୀ ୨୩ ବଲରୁ ୪ ଚୌକା ଓ ୧ ଛକା ସହ ୩୭ ରନ ଏବଂ ରାୟୁଡୁ ୧୫ ବଲରୁ ଗୋଟିଏ ଲେଖାଏ ଚୌକା ଓ ଛକା ସହ ୨୧ ରନ କରି ଅପରାଜିତ ରହିଥିଲେ। ଅଧିନାୟକ ଅଶ୍ୱିନଙ୍କୁ ୩ଟି ଯାକ ଉଇକେଟ୍ ମିଳିଥିଲା।

ଜବାବରେ ୧୬୧ ରନର ଟାର୍ଗେଟ୍‌କୁ ପିଛା କରିଥିବା ପଞ୍ଜାବକୁ ପ୍ରାରମ୍ଭରୁ ଡବଲ୍ ଝଟ୍‌କା ଲାଗିଥିଲା। ବିସ୍ଫୋରକ କ୍ରିସ ଗେଲ୍ (୫ ରନ) ଓ ମୟଙ୍କ ଅଗ୍ରୱାଲ (୦)ଙ୍କୁ ୩ଟି ବଲ ଅନ୍ତରରେ ଆଉଟ୍ କରି ଭେଟେରାନ ହରଭଜନ ସିଂ ଚେନ୍ନାଇ ଶିବିରରେ ଉତ୍ସାହ ଖେଳାଇ ଦେଇଥିଲେ। ଏହାପରେ ଅନ୍ୟତମ ଓପନର ଲୋକେଶ ରାହୁଲ ଓ ସର୍ଫରାଜ ଖାଁ ଉଭୟ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ ମଧ ଦଳ ଟାର୍ଗେଟ୍‌ଠାରୁ ୨୨ ରନ ଦୂରରେ ରହିଯାଇଥିଲା। ରାହୁଲ ୪୭ ବଲରୁ ୫୫ ରନ (୩ ଚୌକା, ୧ ଛକା) ଓ ସର୍ଫରାଜ ୫୯ ବଲରୁ ୬୭ (୪ ଚୌକା, ୨ ଛକା) ରନ କରିବା ସହ ୩ୟ ଉଇକେଟ୍‌ରେ ୧୧୦ ରନ ସଂଗ୍ରହ କରିଥିଲେ। ତେବେ ଉଭୟଙ୍କ ଅର୍ଦ୍ଧଶତକୀୟ ଇନିଂସ ବେଶ୍ ଧିମା ଥିଲା। ମନଦୀପ ସିଂ (୧) ଓ ସାମ୍ କୁରାନ (୦) ଅପରାଜିତ ରହିଥିଲେ। ହରଭଜନ ବେଶ୍ ଇକୋନୋମିକ ବୋଲିଂ କରି ୪ ଓଭରରେ ଗୋଟିଏ ମେଡେନ ସହ ୧୭ ରନରେ ୨ଟି ଉଇକେଟ୍ ନେଇଥିଲେ। ସେହିଭଳି ଅନ୍ୟତମ ସ୍ପିନର ଇମ୍ରାନ ତାହିର ଉଇକେଟ୍‌ଶୂନ୍ୟ ରହିଥିଲେ ମଧ୍ୟ ନିଜ କୋଟାରେ ୨୩ ରନ ବ୍ୟୟ କରିଥିଲେ। ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ସ୍କଟ କୁଗେଲେଇଜନ ୨ ଓ ଦୀପକ ଚହର ଗୋଟିଏ ଉଇକେଟ୍ ପାଇଥିଲେ। ପ୍ରଭାବୀ ବୋଲିଂ ଲାଗି ହରଭଜନଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

### ଆଜିର ମ୍ୟାଚ



ଦିଲ୍ଲୀ କ୍ୟାପିଟାଲ୍ସ
ବନାମ
ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର
ସ୍ଥାନ : ବେଙ୍ଗାଲୁରୁ
ସମୟ : ଅପରାହ୍ନ ୪ଟା

କୋଲକାତା ନାଇଟ୍ ରାଇଡର୍ସ
ବନାମ
ରାଜସ୍ଥାନ ରୟାଲ୍ସ
ସ୍ଥାନ : ଜୟପୁର
ସମୟ: ରାତି ୮ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହରଭଜନ ସିଂ।

### ସଂକ୍ଷିପ୍ତ ସ୍କୋର

ଚେନ୍ନାଇ ସୁପର୍ କିଙ୍ଗ୍ସ- ୧୬୦/୩, ୨୦ ଓଭର (ଡୁ ପ୍ଲେସିସ ୫୪, ଧୋନୀ ୩୭*, ରାୟୁଡୁ ୨୧*, ୱାଟସନ ୨୬, ଅଶ୍ୱିନ ୩/୨୩)। କିଙ୍ଗ୍ସ ଇଲେଭେନ ପଞ୍ଜାବ- ୧୩୮/୫, ୨୦ ଓଭର (ଗେଲ୍ ୫, ରାହୁଲ ୫୫, ସର୍ଫରାଜ ୬୭, ହରଭଜନ ୨/୧୭)।

## ଆଜି ଦିଲ୍ଲୀକୁ ଭେଟିବ ବାଙ୍ଗାଲୋର

**ବେଙ୍ଗାଲୁରୁ, ୬।୪ (ପି.ଟି.):** ଚଳିତ ଆଇପିଏଲରେ କ୍ରମାଗତ ୫ଟି ମ୍ୟାଚ୍‌ରେ ପରାଜୟ ବରଣ କରିବା ପରେ ବିରଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ରବିବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ପଡିଆକୁ ଓହ୍ଲାଇବ। ସ୍ଥାନୀୟ ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଲିଗ୍‌ର ଏହି ୨୦ତମ ମ୍ୟାଚ୍ ଜିତି ଖାତା ଖୋଲିବା ସହ ବାଙ୍ଗାଲୋର ନୂଆ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। ଶ୍ରେୟାସ ଆୟରଙ୍କ ନେତୃତ୍ୱାଧୀନ ଦିଲ୍ଲୀ ଅନ୍ୟପଟେ ୫ଟି ମ୍ୟାଚ୍ ଖେଳି ଦୁଇଟିରେ ବିଜୟୀ ହେବା ସହ ୩ଟିରେ ପରାଜୟ ବରଣ କରିଛି। ଶୁକ୍ରବାର କୋଲକାତା ନାଇଟ୍ ରାଇଡର୍ସଠାରୁ ହାରିବା ପରେ ବାଙ୍ଗାଲୋର ପାଇଁ ଏବେ ବାକି ସବୁ ମ୍ୟାଚ୍ ଜିତିବା ପାଖାପାଖି ଅପରିହାର୍ଯ୍ୟ ହୋଇପଡିଛି। ଅଭିଜ୍ଞ ଏବି ଡି ଭିଲର୍ସ ଓ କୋହଲିଙ୍କ ଦମ୍‌ଦାର ବ୍ୟାଟିଂ ସତ୍ତ୍ୱେ ଆନ୍ଦ୍ରେ ରସେଲ ବିସ୍ଫୋରକ ବ୍ୟାଟିଂ କରି ବାଙ୍ଗାଲୋରଠାରୁ ଏହି ମ୍ୟାଚ୍ ଛଡ଼ାଇ ନେଇଥିଲେ। ତେଣୁ ଦିଲ୍ଲୀ ବିପକ୍ଷରେ ଟପ୍ ଅର୍ଡର ଫର୍ମକୁ ଫେରି ଭଲ ପ୍ରଦର୍ଶନ କରିବେ ବୋଲି ବାଙ୍ଗାଲୋର ଆଶା ରଖିଛି। ଅପରପକ୍ଷରେ ଦିଲ୍ଲୀ ପ୍ରଥମ ମ୍ୟାଚ୍‌ରେ ୩ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। ତେବେ ପରେ ଦଳ ଭଲ ପ୍ରଦର୍ଶନ କରିପାରି ନ ଥିଲା। ମୁମ୍ବାଇ ବିପକ୍ଷରେ ରିଷଭ ପନ୍ତ ସର୍ବାଧିକ ୭୮ ରନ ସଂଗ୍ରହ କରିଥିଲେ। ସେହିପରି ଅଭିଜ୍ଞ ଶିଖର ଧାୱନ, ପୃଥ୍ୱୀ ଶ, ଆୟର ଓ କଲିନ ଇନ୍‌ଗ୍ରାମ ମଧ ଭଲ ବ୍ୟାଟିଂ କରିଥିଲେ। ବୋଲିଂରେ କାଗିସୋ ରାବାଡ଼ା, ଟ୍ରେଣ୍ଟ ବୋଲ୍ଟ ଓ ଇଶାନ୍ତ ଶର୍ମାଙ୍କ ଭଳି ତାରକା ବୋଲର ଦିଲ୍ଲୀ ପାଇଁ ସମ୍ଭାବନା ସୃଷ୍ଟି କରିଛନ୍ତି।

# ବାଙ୍ଗାଲୋରର କ୍ରମାଗତ ପଞ୍ଚମ ପରାଜୟ

ବେଙ୍ଗାଲୁରୁ,୬।୪(ପି.ଟି.)

ଆନ୍ଦ୍ରେ ରସେଲଙ୍କ ଧୂଆଁଧାର ବ୍ୟାଟିଂ ବଳରେ କୋଲକାତା ନାଇଟ୍ ରାଇଡର୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୭ତମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ୫ଟି ବଲ ବାକିଥାଇ ୫ ଉଇକେଟରେ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବାଙ୍ଗାଲୋର ୩ ଉଇକେଟ ହରାଇ ୨୦୫ ରନ ସଂଗ୍ରହ କରିଥିଲା। ଜବାବରେ କୋଲକାତା ୧୯.୧ ଓଭରରେ ୫ ଉଇକେଟ ହରାଇ ୨୦୬ ରନ କରି ବିଜୟୀ ହୋଇଥିଲା। ଏଥିସହିତ ବାଙ୍ଗାଲୋର କ୍ରମାଗତ ପଞ୍ଚମ ପରାଜୟ ବରଣ କରିଛି। ମାତ୍ର ୧୩ଟି ବଲର ସମ୍ମୁଖୀନ ହୋଇ ଦ୍ରୁତ ଅପରାଜିତ ୪୮ ରନ କରିଥିବା ରସେଲ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୦୬ ରନ କଷ୍ଟସାଧ ବିଜୟ ଲକ୍ଷ୍ୟର ପିଛା କରି କୋଲକାତା ୧୦୮ ରନରେ ୨ ଉଇକେଟ ହରାଇ ଭଲ ସ୍ଥିତିରେ ଥିଲା। ଓପନର ସୁନୀଲ ନାରିନ ୧୦ ରନ କରି ପ୍ରଥମେ ଆଉଟ ହୋଇଥିଲେ। ରବିନ୍ ଉଥାପ୍ପା ୬ ଚୌକା ସହ ୨୫ବଲରୁ ୩୩ ରନ କରି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ୩୧ ବଲରୁ ୪ ଚୌକା ଓ ୨ ଛକା ସହ ୪୩ ରନ କରି କ୍ରିସ୍ ଲିନ୍ ପବନ ନେଗୀଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଇନ୍‌ଫର୍ମ ନୀତୀଶ ରାଣା ଦ୍ରୁତ ୩୭ ରନ (୨୩ ବଲ, ୧ ଚୌକା, ୨ ଛକା) କରି ୟୁଜବେନ୍ଦ୍ର ଚହଲଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଅଧିନାୟକ ଦୀନେଶ କାର୍ତ୍ତିକ ୧୯ ରନ କରି ପ୍ୟାଭିଲିୟନ ଫେରିଥିଲେ। ତେବେ ୧୯ତମ ଓଭରରେ ଟିମ ସୌଦିଙ୍କୁ ନିର୍ମମ ପ୍ରହାର କରି ଆନ୍ଦ୍ରେ ରସେଲ ୪ଟି ଛକା ଓ ଗୋଟିଏ ଚୌକା ସହ ୨୯ ରନ କରି ଦଳକୁ ପରାଜୟ ମୁହଁରୁ ରକ୍ଷା କରି ବିଜୟୀ କରାଇଥିଲେ।



କୋଲକାତାର ବିଜୟ ପରେ ଉଲ୍ଲସିତ ଆନ୍ଦ୍ରେ ରସେଲ।

### ଫର୍ମକୁ ଫେରିଲେ କୋହଲି, ଡିଭିଲର୍ସ

ପ୍ରଥମେ ବ୍ୟାଟିଂ କରିଥିବା ବାଙ୍ଗାଲୋର ବିରାଟ କୋହଲି ଓ ଏବି ଡିଭିଲର୍ସଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ୨୦୦ରୁ ଅଧିକ ରନ୍ ସଂଗ୍ରହ କରିବାରେ ସଫଳ ହୋଇଥିଲା। କୋହଲି ୪୯ଟି ବଲର ସମ୍ମୁଖୀନ ହୋଇ ୯ ଚୌକା ଓ ୨ ଛକା ସହ ୮୪ ଓ ଡିଭିଲର୍ସ ୩୨ଟି ବଲ୍ ଖେଳି ୫ ଚୌକା ଓ ୪ ଛକା ସହ ୬୩ ରନ କରିଥିଲେ। କୋଲକାତା ତରଫରୁ ନାରିନ, କୁଲଦୀପ ଓ ରାଣା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

# ବିଶ୍ୱ ରେକର୍ଡରେ ସାମିଲ ହେଲେ ୧୩ ଓଡ଼ିଆ ସ୍କେଟର

ଭୁବନେଶ୍ୱର, ୬।୪(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରୀଡ଼ା ପାଇଁ ଖୁସି ଖବର। ଓଡ଼ିଶା ରୋଲର୍ ସ୍କେଟିଂ ଆସୋସିଏଶନ (ଓଆର୍‌ଏସ୍‌ଏ) ସମେତ ରାଜ୍ୟର ୧୩ଜଣ ସ୍କେଟର ଲଗାତର ୪୮ ଘଣ୍ଟା ସ୍କେଟିଂ କରି ବିଶ୍ୱ ଗିନିଜ ରେକର୍ଡ୍ସ ବୁକ୍‌ରେ ସ୍ଥାନ ପାଇଛନ୍ତି। ଏହି ନନ୍-ଷ୍ଟପ୍ ୪୮ ଘଣ୍ଟିଆ ସ୍କେଟିଂ ପ୍ରତିଯୋଗିତା ଗତ ନଭେମ୍ବର ୧୦ରେ କର୍ଣ୍ଣାଟକର ବେଲଗାଭିଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅନ୍ତର୍ଜାତୀୟ ଇଭେଣ୍ଟରେ ସାରା ଭାରତରୁ ମୋଟ୍ ୫୪୫ ସ୍କେଟର ଅଂଶଗ୍ରହଣ କରିଥିବାବେଳେ ଓଆର୍‌ଏସ୍‌ଏର ୧୩ଜଣ ସଦସ୍ୟ ଏଥିରେ ସାମିଲ ଥିଲେ। ଅଫିସିଆଲ ଭାବେ ଏହାକୁ ବିଶ୍ୱ ଗିନିଜ ରେକର୍ଡ୍ସ ବୁକ୍‌ରେ ଏବେ ସ୍ଥାନ ମିଳିଛି। ଏହି ଅବସରରେ ରାଜ୍ୟ ଭବନଠାରେ ଶନିବାର ରାଜ୍ୟପାଳ ଗଣେଶୀ ଲାଲ୍ ଓଡ଼ିଶା ଟିମ୍‌ର ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ମାନିତ କରିଥିଲେ। ଓଆର୍‌ଏସ୍‌ଏର ସମ୍ପାଦକ ପାର୍ଥସାରଥି ଜେନା, ସଦସ୍ୟ ହରେଷ ମିଶ୍ର, ମଳୟ ଦାସ, ମନୋଜ ସାହୁ, ପ୍ରବୀଣ ବିଶୋଇ, ସୀମନ୍ତ ଅବଧ ଓ ପଞ୍ଚାନନ ବେହେରା (କୋଚ୍) ପ୍ରମୁଖ ଉପସ୍ଥିତ ରହିଥିଲେ।

**ଓଡ଼ିଶା ଖେଳାଳି:** ଭୁବନେଶ୍ୱରରୁ ସ୍ୱୟଂ ସୁଶ୍ରୁତ ଦାସ, କୌସ୍ତୁଭ ପଟ୍ଟନାୟକ, ଆରଭ କୁମାର ପଣ୍ଡା, ତେଜଦୀପ ଦାସ, ଅସୀମ ଅନୁରାଗ, ପାର୍ଥସାରଥି ଜେନା (ଓଏସ୍‌ଏ), ଅର୍ଣ୍ଣବ ପଟ୍ଟନାୟକ, କଟକରୁ ବୀରେନ ଦାସ, ଆର୍ଯ୍ୟାନ ନାୟକ, ନୈତିକ ଚୌଧୁରୀ, ସ୍ୱସ୍ତିକ ଶ୍ରୀଜିତ୍, ଶିବାଦିତ୍ୟ ଦାସ, ଭଦ୍ରକରୁ ଶୁଭଙ୍କର ଖିଲାର।



ରାଜ୍ୟପାଳଙ୍କ ଗହଣରେ କୃତୀ ଓଡ଼ିଆ ସ୍କେଟରମାନେ।

# ପ୍ରଫୁଲ୍ଲ ଫିଫା କାଉନ୍‌ସିଲ ସଦସ୍ୟ

**କୁଆଲାଲମ୍ପୁର, ୬।୪ (ପି.ଟି.):** ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ସଭାପତି ପ୍ରଫୁଲ୍ଲ ପଟେଲ ଶନିବାର ଫିଫା ପରିଷଦ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ସେ ପ୍ରଥମ ଭାରତୀୟ ଭାବେ ସମ୍ମାନଜନକ ଫିଫା ପ୍ୟାନେଲରେ ସ୍ଥାନ ପାଇଛନ୍ତି। ସେ ମୋଟ ୪୬ରୁ ୩୮ ଖଣ୍ଡ ଭୋଟ ପାଇଛନ୍ତି। ଏଆଇଏଫ୍‌ଏଫ୍ ମୁଖ୍ୟ ୮ ଜଣଙ୍କ ସହ ମାଲେସିଆର ରାଜଧାନୀଠାରେ ୨୯ତମ ଏଏଫ୍‌ସି କଂଗ୍ରେସ ନିର୍ବାଚନ ସମ୍ମୁଖୀନ ହୋଇଥିଲେ। ଏଏଫ୍‌ସି ସଭାପତି ଓ ଜଣେ ମହିଳା ସଦସ୍ୟଙ୍କ ସମେତ ୫ ଜଣ ନିର୍ବାଚିତ ହୋଇଛନ୍ତି। ମୋତେ ଏଏଫ୍‌ସିର ଯେଉଁ ସଦସ୍ୟମାନେ ଚୟନ କରିଛନ୍ତି ସେମାନଙ୍କ ପ୍ରତି ମୁଁ କୃତଜ୍ଞତା ଜଣାଉଛି। ଫିଫା ପରିଷଦ ସଦସ୍ୟ ଭାବେ ମୋ ଦାୟିତ୍ୱ ବହୁତ ଅଧିକ। ଏବେ କେବଳ ନିଜ ଦେଶ ପାଇଁ ନୁହେଁ ବରଂ ପୂରା ମହାଦେଶକୁ ମୁଁ ପ୍ରତିନିଧିତ୍ୱ କରିବି। ଏସିଆରେ ଫୁଟ୍‌ବଲର ଉନ୍ନତି ପାଇଁ ସଭିଙ୍କୁ ଧନ୍ୟବାଦ ବୋଲି ପଟେଲ ନିର୍ବାଚିତ ହେବା ପରେ କହିଛନ୍ତି। ଏଏଫ୍‌ସି ଇଲେକ୍ଟୋରାଲ କମିଟି ଓ ଫିଫା ରିଭ୍ୟୁ କମିଟି ନିର୍ବଚାନ ପରିଚାଳନା କରିଥିଲେ। ପଟେଲଙ୍କ ନେତୃତ୍ୱରେ ୨୦୧୬ରେ ଏଆଇଏଫ୍‌ଏଫ୍‌କୁ ଏଏଫ୍‌ସି ବେଷ୍ଟ ଡେଭଲପିଂ ମେମ୍ବର ଆସୋସିଏଶନ ପୁରସ୍କାର ପାଇଥିଲା। ୨୦୧୭ରେ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍‌ର ସଫଳ ଆୟୋଜନ ପରେ ଏଆଇଏଫ୍‌ଏଫ୍‌କୁ ଚାରିଆଡ଼ୁ ପ୍ରଶଂସା ମିଳିଥିଲା। ଏଥିଯୋଗୁ ଭାରତକୁ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ୨୦୨୦ ଆୟୋଜନ ଅଧିକାର ପ୍ରଦାନ କରାଯାଇଛି।



# ରଣନୀତି ବଦଳାଇବା ଅନାବଶ୍ୟକ

ଗୌତମ ଗମ୍ଭୀର

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ କୋଲକାତା ନାଇଟ ରାଇଡର୍ସ ବ୍ୟାଟ୍ସମ୍ୟାନ ତଥା ଅଲରାଉଣ୍ଡର ଆନ୍ଦେ ରସେଲଙ୍କୁ ନେଇ ଚର୍ଚ୍ଚା ଚାଲିଛି। ରସେଲଙ୍କୁ ଦଳରେ ସାମିଲ କରିବା ନେଇ କେତେକ ମୋତେ ପ୍ରଶ୍ନ ପଚାରିଛନ୍ତି। ରସେଲଙ୍କୁ କୋଲକାତା କିଭଳି ଅବିଷ୍କାର କଲା ? ଆଧୁନିକ କ୍ରିକେଟରେ ଏଭଳି ପ୍ରଶ୍ନର ଯଥାର୍ଥତା କେତେ ବୋଲି ମନରେ ପ୍ରଶ୍ନ ଉଠେ। ଖେଳାଳି ନିଲାମରେ କୋଲକାତାର ଏହା ଏକ ମାଷ୍ଟରଷ୍ଟ୍ରୋକ ନୁହଁ ତ? କୋଲକାତାର ପୂର୍ବତନ ଅଧିନାୟକ ହିସାବରେ ଏହି ପ୍ରଶ୍ନ ଗୁଡିକର ଯଥାର୍ଥତା ନାହିଁ ବୋଲି ମୁଁ ଭାବୁଛି। ଏହା ଏକଦମ୍ ଏକ ରଣନୀତିରେ ଅଂଶବିଶେଷ ନୁହଁ ବୋଲି ମୁଁ ଭାବୁଛି। ଏହାକୁ ବୁଝାଇବାକୁ ଚେଷ୍ଟା କରୁଛି।

୨୦୧୩-୧୪ରେ କିମ୍ବଦନ୍ତୀ ଅଲରାଉଣ୍ଡର ଜ୍ୟାକ୍ କାଲିସ୍‌ଙ୍କ ବଦଳ ଖେଳାଳିର ସନ୍ଧାନରେ ଆମେ ଥିଲୁ। ସେତେବେଳେ ଆମେ ରସେଲଙ୍କୁ ବାଛିଥିଲୁ। ସେତେବେଳକୁ ସେ ଦିଲ୍ଲୀ ପାଇଁ ଦୁଇଟି ସେସନ ଖେଳିସାରିଥିଲେ ଓ ୭ଟି ମ୍ୟାଚ୍ ଖେଳି ୫୮ ରନ ସଂଗ୍ରହ କରିଥିଲେ। ଅନ୍ୟ କୌଣସି ଅଲରାଉଣ୍ଡର ନ ମିଳିବାରୁ ଆମେ ୬୦ ଲକ୍ଷ ଟଙ୍କା ବିନିମୟରେ ରସେଲଙ୍କୁ ଦଳରେ ସାମିଲ କରିଥିଲୁ ଓ ଏହା ଆଦୌ ମହଙ୍ଗା ନ ଥିଲା। ତେବେ ରସେଲ ଭଲ ଛକା ମାରି ପାରିନ୍ତି ବୋଲି ମୁଁ ଜାଣିଥିଲି ଓ ଏକଥାକୁ ସ୍ୱୀକାର କରିବାକୁ ପଛାଇବି ନାହିଁ। ଚାପରେ ସେ ମଧ ଭଲ ବୋଲିଂ କରିବାର କ୍ଷମତା ରଖିଥାନ୍ତି। ଏବେ ଚଳିତ ସଂସ୍କରଣରେ ସେ ଏବେ ଆଶାଠାରୁ ଅଧିକ ଭଲ ପ୍ରଦର୍ଶନ କରିଛନ୍ତି। ଶୁକ୍ରବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲେର ବିପକ୍ଷ ଯେଭଳି ବ୍ୟାଟିଂ କଲେ ତାହା ଅତ୍ୟନ୍ତ ପ୍ରଶଂସନୀୟ ଓ ବିପକ୍ଷ ଦଳ ବାଙ୍ଗାଲେର ପାଇଁ ମୁଁ ଦୁଃଖିତ। ଅବଶ୍ୟ ଏହି ଅବସ୍ଥା ପାଇଁ ବାଙ୍ଗୋଲେର ମ୍ୟାନେଜମେଣ୍ଟ ପରୋକ୍ଷରେ ଦାୟୀ। ଗତବର୍ଷ ଖେଳାଳି ନିଲାମରେ ବାଙ୍ଗାଲୋର ଆରମ୍ଭରୁ ଗଡ଼ବଡ଼ କରିଥିଲା। ସେସନ ଆରମ୍ଭରେ ଯେତେବେଳେ ମାର୍କସ ଷ୍ଟୋଇନିସ ଓ ନାଥନ କୁଲ୍ଟ- ନୀଲ ଖେଳିବା ପାଇଁ ଉପଲବ୍ଧ ହେବେ ନାହିଁ ବୋଲି ଜଣାଥିଲା ତେବେ ଏହି ଖେଳାଳିଙ୍କୁ କାହିଁକି ଦଳରେ ସାମିଲ କରାଗଲା ? ଘରୋଇ ଗ୍ରାଉଣ୍ଡ ଏମ୍. ଚନ୍ନାସ୍ୱାମୀ ଷ୍ଟାଡିୟମର ଉଇକେଟ ଫ୍ଲାଟ ହୋଇଥିବା ବେଳେ ଜଣେ ଦ୍ରୁତ ବୋଲରଙ୍କୁ ମୁଁ ଦଳରେ ସାମିଲ କରିବାକୁ ପସନ୍ଦ କରିଥାନ୍ତି। ମୁମ୍ବାଇ ଇଣ୍ଡିଆନ୍ସର ଘରୋଇ ପିଚ୍ ମଧ ଫ୍ଲାଟ ଓ ହାଇସ୍କୋରିଂ। ତେବେ ମୁମ୍ବାଇର ବୋଲିଂ ବିଭାଗ ତୁଳନାରେ ବାଙ୍ଗାଲୋର ନିଶ୍ଚୟ ପଛରେ ରହିଛି।

ଅପରପକ୍ଷରେ ବିରାଟ କୋହଲି ଜଣେ ମାଷ୍ଟର ବ୍ୟାଟ୍ସମ୍ୟାନ, ଏଥିରେ ସନ୍ଦେହ ନାହିଁ। ଅଧିନାୟକ ହିସାବରେ ସେ ସେତେଟା ପରିପକ୍ୱ ନୁହଁ ବୋଲି ଭାବୁଛି। ସେ ଆହୁରି ବହୁତ କିଛି ଶିଖିବାର ଅଛି। ନିଜ ବୋଲରଙ୍କୁ ଦୋଷ ଦେବା ଅପେକ୍ଷା ଦଳର ଦୟନୀୟ ପ୍ରଦର୍ଶନ ପାଇଁ ସେ ନିଜକୁ ଦାୟୀ କରିବା ଉଚିତ। ଉଦାହରଣ ସ୍ୱରୂପ ମହମ୍ମଦ ସିରାଜଙ୍କ ଓଭର ବାକି ବଲ ପକାଇବା ପାଇଁ ସେ ଷ୍ଟୋଇନିସ୍‌ଙ୍କ ବଦଳରେ ବାମହାତୀ ସ୍ପିନର ପବନ ନେଗୀଙ୍କୁ ଡାକିବାର ଥିଲା, କାରଣ ବଲ ଗ୍ରିପ୍ କରୁଥିଲା। ପୁଣି ରସେଲ ପେସ ବଲ୍‌କୁ ଖେଳିବାକୁ ଅଧିକ ପସନ୍ଦ କରିଥାନ୍ତି। ତେବେ ନେଗୀ ଯେ, ଅଧିକ ରନ୍ ଦେଇ ନ ଥାନ୍ତେ ଏକଥା କହିବା ଭୁଲ ହେବ। କିନ୍ତୁ ସେ ଅପେକ୍ଷାକୃତ କମ୍ ରନ ବ୍ୟୟ କରିଥାନ୍ତେ। ଟିମ୍ ସାଉଦି ଯେଭଳି ବୋଲିଂ କଲେ ତାହା ଅତ୍ୟନ୍ତ ନୈରାଶ୍ୟଜନକ। ସାଉଦି ନିଜ ଅଭିଜ୍ଞତାର ଫାଇଦା ନେଇ ନ ଥିଲେ। ଅଧିନାୟକ କୋହଲି ତାଙ୍କୁ କାନରେ ମନ୍ତ୍ରଣା ଦେଇଥିଲେ ଓ ସେ ମଧ ବାରମ୍ବାର ଯୋଜନା ବଦଳାଇଥିଲେ। ତେବେ ଏହା କାମ ଦେଇ ନ ଥିଲା। ମୋର ମନେ ଅଛି କ୍ରିସ୍ ଗେଲ ଯେତେବେଳେ ବ୍ୟାଟିଂ କରୁଥିଲେ, ସେତେବେଳେ ମୋ ବୋଲରମାନଙ୍କୁ ଗେଲଙ୍କ ଶଟ୍‌କୁ ନେଇ ଚିନ୍ତିତ ନ ହେବା ପାଇଁ କହୁଥିଲି। କିନ୍ତୁ ନିଜ ରଣନୀତି ବା ଯୋଜନା ନ ବଦଳାଇବାକୁ ପରାମର୍ଶ ଦେଉଥିଲି। ୬୦ ଲକ୍ଷ ଟଙ୍କାରୁ ରସେଲ ଏବେ ୮.୫ କୋଟି ଟଙ୍କାରେ ପହଞ୍ଚିଗଲେଣି। ଏବେ କୋଲକାତା ଟିମ ମ୍ୟାନେଜମେଣ୍ଟ ବେଶ୍ ଖୁସି ଥିବ। ତେବେ ଅନ୍ୟ ଦଳଗୁଡ଼ିକ ପାଇଁ ରସେଲ ଏବେ ଆତଙ୍କ ସୃଷ୍ଟି କରିଛନ୍ତି। ଆଗକୁ ଆହୁରି ବହୁତ ରୋମାଞ୍ଚକ ମୁହୂର୍ତ୍ତ ଦେଖିବାକୁ ମିଳିବ।

–(ଗେମ୍ ପ୍ଲାନ)

SEAGRAM'S
ROYAL STAG
MEGA CRICKET · CRICKET GEAR

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ଏପ୍ରିଲ୍ ୭/୨୦୧୯ Bhubaneswar, Sunday, April 7/2019


**ସଂକ୍ଷେପରେ**

## ନାବାଳିକାଙ୍କୁ ନେଇ ଫେରାର ଘଟଣା: ଯୁବକ ଗିରଫ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୬।୪ (ଡି.ଏନ.ଏ./ସ୍ୱ.ପ୍ର.):** ସମ୍ପର୍କୀୟ ନାବାଳିକା ଭଉଣୀଙ୍କୁ ନେଇ ଫେରାର ଘଟଣାରେ ବାଲିଚନ୍ଦ୍ରପୁର ପୋଲିସ ଶୁକ୍ରବାର ଯୁବକଙ୍କୁ ହାଇଦ୍ରାବାଦରୁ ଗିରଫ କରି ଶନିବାର ବାଲିଚନ୍ଦ୍ରପୁର ଥାନାକୁ ଆଣିଛି। ଡାକ୍ତରୀମାଇନା ପରେ ପୋଲିସ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୁକ୍ତ ହେଲେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଜନକ ଗ୍ରାମର ହିମାଂଶୁ ସାହୁ (୩୨)। ରବିବାର କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ସୁକାନ୍ତ ପାତ୍ର ସୂଚନା ଦେଇଛନ୍ତି। ପ୍ରକାଶ ଯେ, ହିମାଂଶୁ ବିବାହିତ ହୋଇଥିବା ବେଳେ ତାଙ୍କର ଦୁଇ ସନ୍ତାନ ମଧ ଥିଲେ। ହେଲେ ତାଙ୍କର ଜଣେ ସମ୍ପର୍କୀୟ ଭଉଣୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ଗତ ଜାନୁୟାରୀ ୮ ତାରିଖରେ ହିମାଂଶୁ ନାବାଳିକାଙ୍କୁ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ନାବାଳିକାଙ୍କ ବାପା ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୪/୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ସୁରାକ ପାଇ ନ ଥିଲା। ପରେ ସେମାନେ ହାଇଦ୍ରାବାଦରେ ରହୁଥିବା କୌଣସି ସୂତ୍ରରୁ ଖବରପାଇ ବାଲିଚନ୍ଦ୍ରପୁର ପୋଲିସ ଶୁକ୍ରବାର ନାବାଳିକାଙ୍କୁ ସେଠାରୁ ଉଦ୍ଧାର କରିବା ସହ ହିମାଂଶୁଙ୍କୁ ଗିରଫ କରିଥିଲା।

### ■ ଚିକିତ୍ସା ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ

# ଧାରଣାରେ ବସିଲେ ପରିବାର ଲୋକେ

**କଳିଙ୍ଗନଗର,୬।୪(ଡି.ଏନ.ଏ.)**

■ ଲାଞ୍ଚ ନେଇଥିବା ୧ ହଜାର ଟଙ୍କା ଫେରାଇଲେ ନର୍ସ

■ ନବଜାତ ଶିଶୁକନ୍ୟାକୁ ମଧ କରାଯାଇ ନ ଥିଲା ଉପଯୁକ୍ତ ଚିକିତ୍ସା

ଚିକିତ୍ସା ଅବହେଳାରୁ ଜଣେ ପ୍ରସୂତି ଆଖି ବୁଜିଥିବା ବେଳେ ନବଜାତ ଶିଶୁକୁ ମଧ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଇ ନ ଥିବା ଏବଂ ଲାଞ୍ଚ ନେଇ ପ୍ରସୂତିଙ୍କ ମୃତ୍ୟୁ ପରେ ଉକ୍ତ ଟଙ୍କା ଫେରସ୍ତ କରିବା ଭଳି ସଙ୍ଗିନ ଅଭିଯୋଗ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଙ୍କ ନାଁରେ ହୋଇଛି। ଶୁକ୍ରବାର ସକାଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ପ୍ରସୂତି ଶିଶୁକନ୍ୟା ଜନ୍ମ ଦେବା ପରେ ମୃତ୍ୟୁବରଣ କରିଥିଲେ। ଏ ନେଇ ଚିକିତ୍ସାକେନ୍ଦ୍ରରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତାଙ୍କ ପରିବାର ଏବଂ ସେମାନଙ୍କ ସମ୍ପର୍କୀୟ ଚିକିତ୍ସାରେ ଅବହେଳା ଅଭିଯୋଗ ଆଣି ଶନିବାର ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେଇଥିଲେ। ଯାଜପୁରରୋଡ୍ ପୋଲିସ ପ୍ରସୂତିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ସମ୍ପୃକ୍ତ ଡାକ୍ତରଙ୍କ ନାମରେ ଏକ ମାମଲା (୮୭/୧୯) ରୁଜୁ କରିଛି।

ପ୍ରକାଶ ଯେ, ଶୁକ୍ରବାର ସକାଳେ ସୁକିନ୍ଦା ବ୍ଲକ ଅନ୍ତର୍ଗତ ବନ୍ଧଗାଁ ଗ୍ରାମପଞ୍ଚାୟତ ଦାମୋଦରପୁର ଗ୍ରାମର ବିଜୟ କୁମାର ମହାନ୍ତଙ୍କ ସ୍ତ୍ରୀ ନିବେଦିତା(୨୨) ପ୍ରସବ ବେଦନା ଯୋଗୁ ଦାନଗଦୀ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ସେ ରାତି ପ୍ରାୟ ସାଢ଼େ ୮ରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ମାତ୍ର ଡାକ୍ତର କିମ୍ବା ନର୍ସ କେହି ତାଙ୍କର ଉପଯୁକ୍ତ ଚିକିତ୍ସା କରି ନ ଥିଲେ। ଫଳରେ କିଛି ସମୟ ପରେ ନିବେଦିତା ଅସୁସ୍ଥ ଅନୁଭବ କରିବାରୁ ବିଜୟ କାର୍ଯ୍ୟରେ ଥିବା ଚିକିତ୍ସକଙ୍କୁ ଡାକିଥିଲେ। ଡାକ୍ତର ପ୍ରକାଶ ଚନ୍ଦ୍ର ମିଶ୍ର ଆସି ପରୀକ୍ଷା ନିରୀକ୍ଷା କରିବା ପରେ ପ୍ରସୂତିଙ୍କ ମାତ୍ରାଧିକ ରକ୍ତସ୍ରାବ କାରଣରୁ ଅବସ୍ଥା ଗୁରୁତର ହୋଇପଡ଼ିଥିବା ଏବଂ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିବା ପାଇଁ ପରାମର୍ଶ ଦେଇଥିଲେ। ପରିବାର ଲୋକେ ନିବେଦିତାଙ୍କୁ ମୁଖ୍ୟ ଚିକିତ୍ସାଳୟ ନେବାକୁ ୧୦୮ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ଆସିବା ପର୍ଯ୍ୟନ୍ତ ନିବେଦିତାଙ୍କ ଚିକିତ୍ସା କରିବାକୁ ଡାକ୍ତରଙ୍କୁ ଅନୁରୋଧ କରିଥିଲେ। ଏହାପରେ ଡାକ୍ତର ନିବେଦିତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ସମ୍ପର୍କୀୟ ଏବଂ ଗାଁ ଲୋକେ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ପୂର୍ବରୁ ଡାକ୍ତର ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ମାତ୍ର ବିଜୟ ତାଙ୍କୁ ୧ହଜାର ଟଙ୍କା ଦେଇଥିଲେ। ତେବେ ନିବେଦିତାଙ୍କ ମୃତ୍ୟୁ ପରେ ନର୍ସଙ୍କ ହାତରେ ଡାକ୍ତର ଉକ୍ତ ଟଙ୍କା ଫେରାଇ ଦେଇଥିବା ବିଜୟ ଦାନଗଦୀ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ନବଜାତ ଶିଶୁକନ୍ୟାକୁ ମଧ ଯେଉଁ ସେବା ଓ ଚିକିତ୍ସା ମିଳିବା କଥା ତାହା ଦିଆଯାଇ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଏ ନେଇ ପ୍ରସୂତିଙ୍କ ପରିବାର ବର୍ଗ ଓ ସମ୍ପର୍କୀୟ ପ୍ରସୂତି କକ୍ଷ ସମ୍ମୁଖରେ ଧାରଣାରେ ବସିଥିଲେ। ଘଟଣାର ଉପଯୁକ୍ତ ତଦନ୍ତ କରିବା ସହ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ଯାଜପୁର ରୋଡ୍ ଏବଂ ଦାନଗଦୀ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ନିବେଦିତାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନବଜାତ ଶିଶୁକନ୍ୟାକୁ ଅଧିକ ଚିକିତ୍ସା ନିମନ୍ତେ ଯାଜପୁର ସିଡବ୍ଲ୍ୟୁସି (ଶିଶୁ ମଙ୍ଗଳ କମିଟି)କୁ ପଠାଯାଇଛି। ଖବର ପାଇ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ, ପୂର୍ବତନ ବିଧାୟକ ଶରତ ରାଉତ, ଭାଜପା ନେତା ପ୍ରସନ୍ନ ସାମଲ ପ୍ରମୁଖ ପହଞ୍ଚି ମୃତାଙ୍କ ପରିବାର ସହ ଆଲୋଚନା କରିଥିଲେ। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଡାକ୍ତର ପ୍ରକାଶ ଚନ୍ଦ୍ର ମିଶ୍ରଙ୍କୁ ପଚାରିବାରେ, ପ୍ରସୂତିଙ୍କର ଅତ୍ୟଧିକ ରକ୍ତସ୍ରାବ ଯୋଗୁ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇ ମୃତ୍ୟୁ ଘଟିଥିଲା ଏବଂ ସେ ପ୍ରସୂତିଙ୍କ ପରିବାର ଲୋକଙ୍କଠାରୁ କୌଣସି ଲାଞ୍ଚ ନେଇ ନ ଥିଲେ ବୋଲି କହିଛନ୍ତି।

### ■ ଏପ୍ରିଲ ୧୮ରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

# ମଇଦାନରେ ୨୭୯ ପ୍ରାର୍ଥୀ

**ଭୁବନେଶ୍ୱର,୬।୪(ବ୍ୟୁରୋ)**

■ ଲୋକ ସଭା ପାଇଁ ୩୫, ବିଧାନସଭା ଲାଗି ୨୪୪

■ ୯୧୧୭ ବୁଥ୍‌ରେ ହେବ ମତଦାନ

■ ୭୭ ଲକ୍ଷ ମତଦାତା ବାଛିବେ ଜନ ପ୍ରତିନିଧି

■ ୩୭ଲକ୍ଷ ମହିଳା,୩୯ ଲକ୍ଷ ପୁରୁଷ ଭୋଟର

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୮ ତାରିଖରେ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟରେ ୫ ଲୋକ ସଭା ଏବଂ ୩୫ଟି ବିଧାନସଭା ଆସନ ପାଇଁ ଭୋଟଗ୍ରହଣ କରାଯିବ। ବରଗଡ଼(ସାଧାରଣ ବର୍ଗ) ଲୋକ ସଭା ଆସନ ସମେତ ଏହା ଅଧୀନରେ ଥିବା ପଦ୍ମପୁର, ବିଜେପୁର, ବରଗଡ଼, ଅତାବିରା, ଭଟ୍‌ଲି, ବ୍ରଜରାଜନଗର, ଝାରସୁଗୁଡ଼ା ବିଧାନସଭା ଏବଂ ସୁନ୍ଦରଗଡ଼(ଏସ୍‌ଟି) ଲୋକ ସଭା ଆସନ ସହିତ ତଳସରା, ସୁନ୍ଦରଗଡ଼, ବୀରମିତ୍ରପୁର, ରଘୁନାଥପାଲି, ରାଉରକେଲା, ରାଜଗାଙ୍ଗପୁର, ବଣାଇ ବିଧାନସଭା ଆସନ ଲାଗି ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ବଲାଙ୍ଗୀର(ସାଧାରଣ ବର୍ଗ) ଲୋକ ସଭା ଆସନ ସହିତ ବୀରମହାରାଜପୁର, ସୋନପୁର, ଲୋଇସିଂହା, ପାଟଣାଗଡ଼, ବଲାଙ୍ଗୀର, ଟିଟିଲାଗଡ଼ ଓ କଣ୍ଟାବାଞ୍ଜି ବିଧାନସଭା ଆସନ ଏବଂ କନ୍ଧମାଳ(ସାଧାରଣ ବର୍ଗ) ଲୋକ ସଭା ଆସନ ସହିତ ବାଲିଗୁଡ଼ା, ଜି. ଉଦୟଗିରି, ଫୁଲବାଣୀ, କଣ୍ଟାମାଳ, ବୌଦ୍ଧ, ଦଶପଲ୍ଲା ଏବଂ ଭଞ୍ଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ଏବଂ ଆସ୍କା (ସାଧାରଣ ବର୍ଗ) ଲୋକ ସଭା ଆସନ ସହିତ ଏହା ଅନ୍ତର୍ଗତ ପୋଲସରା, କବିସୂର୍ଯ୍ୟନଗର, ଖଲିକୋଟ, ଆସ୍କା, ସୋରଡ଼ା, ସାନଖେମୁଣ୍ଡି ଏବଂ ହିଞ୍ଜିଳି ବିଧାନସଭା ଲାଗି ନିର୍ବାଚନ ଅନୁଷ୍ଠିତ ହେବ।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୫ ଲୋକ ସଭା ଆସନରେ ମୋଟ ୩୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେମାନଙ୍କ ମଧ୍ୟରେ ୩୦ ଜଣ ପୁରୁଷ ଓ ୫ ଜଣ ମହିଳା ପ୍ରାର୍ଥୀ ଅଛନ୍ତି। ଏହି ନିର୍ବାଚନରେ ୩୫ ଜଣଙ୍କ ମଧ୍ୟରୁ ୧୪ ଜଣ ଜାତୀୟ ଦଳର, ୫ ଜଣ ଆଞ୍ଚଳିକ ଦଳର, ୯ ଜଣ ଅନ୍ୟାନ୍ୟ ଦଳର ଏବଂ ୭ ଜଣ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୩୫ ବିଧାନସଭା ପାଇଁ ୨୪୪ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ସେମାନଙ୍କ ମଧ୍ୟରେ ୨୧୯ ପୁରୁଷ ହୋଇଥିବାବେଳେ ୨୫ ଜଣ ମହିଳା ପ୍ରାର୍ଥୀ ଅଛନ୍ତି। ଏହି ନିର୍ବାଚନରେ ୨୪୪ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୯୭ ଜଣ ଜାତୀୟ ଦଳର ପ୍ରାର୍ଥୀ ହୋଇଥିବାବେଳେ ୩୫ ଜଣ ରାଜ୍ୟସ୍ତରୀୟ ଦଳ, ୪୨ ଜଣ ଅନ୍ୟାନ୍ୟ ଦଳ ଓ ୭୦ ଜଣ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନକୁ ଓହ୍ଲାଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ରାଜ୍ୟରେ ୯୧୧୭ ବୁଥ୍‌ରେ ୩୯ ଲକ୍ଷ ୪୫ ହଜାର ୨୫ ପୁରୁଷ ଭୋଟର ଥିବାବେଳେ ୩୭ ଲକ୍ଷ ୪୭ ହଜାର ୪୯୩ ମହିଳା ଭୋଟର ଏବଂ ୬୦୫ ଜଣ ତୃତୀୟ ଲିଙ୍ଗ ଭୋଟରଙ୍କୁ ମିଶାଇ ମୋଟ ୭୬ ଲକ୍ଷ ୯୩ ହଜାର ୧୨୩ ଜଣ ସେମାନଙ୍କ ମତଦାନ କରିବେ।

### ■ ରାଜନୈତିକ ଦଳଙ୍କ ସହ ସିଇଓଙ୍କ ବୈଠକ

# ଖର୍ଚ୍ଚ ହିସାବ ରେଜିଷ୍ଟରରେ ଉଲ୍ଲେଖ କରିବେ ପ୍ରାର୍ଥୀ

**ଭୁବନେଶ୍ୱର,୬।୪(ବ୍ୟୁରୋ):** ନିର୍ବାଚନ ବେଳେ କେତେ ଟଙ୍କା ଖର୍ଚ୍ଚ କରୁଛନ୍ତି ତାହାର ହିସାବ ପ୍ରାର୍ଥୀମାନେ ଲିଖିତ ଆକାରରେ ରଖିବେ। ଏଥିପାଇଁ ପ୍ରତ୍ୟେକ ପ୍ରାର୍ଥୀ ନିଜ ନିର୍ବାଚନ ଖର୍ଚ୍ଚ ସମ୍ବନ୍ଧୀୟ ଏକ ଛାୟା ରେଜିଷ୍ଟର (ସ୍ୟାଡୋ ରେଜିଷ୍ଟର) ବ୍ୟବହାର କରିବେ। ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକୁ ନିର୍ବାଚନ କମିଶନ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। କମିଶନଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟସ୍ତରୀୟ ସ୍ୱୀକୃତିପ୍ରାପ୍ତ ଦଳର କର୍ମକର୍ତ୍ତାଙ୍କୁ ନେଇ ଶନିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଆୟୋଗଙ୍କ ଖର୍ଚ୍ଚ ନିର୍ଦ୍ଦେଶାବଳୀ ଅନୁସାରେ ଆସନ୍ତା ନିର୍ବାଚନରେ ପ୍ରାର୍ଥୀମାନେ ନିର୍ବାଚନୀ ଖର୍ଚ୍ଚ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ଏକ ରେଜିଷ୍ଟରରେ ଲିପିବଦ୍ଧ କରି ରଖିବେ। ପ୍ରାର୍ଥୀଙ୍କର ନିର୍ବାଚନ ବ୍ୟୟ ଖାତାରେ କୌଣସି ପ୍ରକାର ତ୍ରୁଟି ବିଚ୍ୟୁତି ନ ଥାଇ ହିସାବ ରଖିବା ସହ ଦଳର ଖର୍ଚ୍ଚ ବିବରଣୀ ଲିପିବଦ୍ଧ କରି ରଖିବା ନିତାନ୍ତ ଆବଶ୍ୟକ ବୋଲି ସିଇଓ କର୍ମକର୍ତ୍ତାମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।। ପ୍ରକାଶ ଥାଉ କି, ମାର୍ଚ୍ଚ ୨୫ ତାରିଖରେ ଭାରତର ମୁଖ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ନୂଆଦିଲ୍ଲୀରେ ଜାତୀୟସ୍ତରର ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର କୋଷାଧ୍ୟକ୍ଷ ଓ ସାଧାରଣ ସମ୍ପାଦକଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମଧ ରେଜିଷ୍ଟର ବ୍ୟବହାର କରିବାକୁ ଦଳଗୁଡିକୁ ପରାମର୍ଶ ଦିଆଯାଇଥିଲା। ଏଥିରେ ବଜେଡି ମୁଖପାତ୍ର ଡ. ସସ୍ମିତ ପାତ୍ର, ଡ. ଲେନିନ୍ ମହାନ୍ତି, ସୁଲୋଚନା ଦାସ, ସୁଲତା ଦେଓଙ୍କ ସହ ଅତିରିକ୍ତ ଶାସନ ସଚିବ ତଥା ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ହରିବଲ୍ଲଭ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।






## ଗଞ୍ଜେଇ ଚାଷରେ ମାଓବାଦୀ ଲିଙ୍କ୍

### କନ୍ଧମାଳରୁ ୪.୮ କୁଇଣ୍ଟାଲ ଗଞ୍ଜେଇ ଜବତ, ଦୁଇ ଗିରଫ

**ଭୁବନେଶ୍ୱର,୬।୪ (ବ୍ୟୁରୋ)**

ମାଓବାଦୀ ଅଧ୍ୟୁଷିତ କନ୍ଧମାଳ ଜିଲାରେ ବେଧଡ଼କ ଭାବେ ଚାଲିଛି ଗଞ୍ଜେଇ ଚାଷ। ଗଞ୍ଜେଇ ମାଫିଆମାନେ ମାଓବାଦୀଙ୍କ ସହ ମିଶି ଏହି ଚାଷ ଓ ବ୍ୟବସାୟ କରୁଥିବାରୁ ସ୍ଥାନୀୟ ପୋଲିସ ଭୟରେ ସେପରି ଆଖିଦୃଶିଆ ପଦକ୍ଷେପ ନେଇପାରୁନି। ଗଞ୍ଜେଇ ଚାଷରୁ ମିଳୁଥିବା କୋଟି କୋଟି ଟଙ୍କାରୁ ଅଧା ମାଓବାଦୀଙ୍କ ପାଖକୁ ଯାଉଛି। ତେଣୁ ଜିଲାରେ ଗଞ୍ଜେଇ ଚାଷ ବନ୍ଦ ପାଇଁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଏବେ ଜୋର୍‌ଦାର ଉଦ୍ୟମ ଚଳାଇଛି। ଏସ୍‌ଟିଏଫ୍‌ର ଦୁଇଟି ଟିମ୍ କନ୍ଧମାଳ ଅଞ୍ଚଳରେ ଥିବା ଜଙ୍ଗଲରେ ଚଢ଼ାଉ କରି ଗଞ୍ଜେଇ ଚାଷକୁ ଠାବ କରୁଛି। ଏଥିସହ ଜିଲାରୁ ଅନ୍ୟ ରାଜ୍ୟକୁ ହେଉଥିବା ଗଞ୍ଜେଇ ଚାଲାଣ ଉପରେ କଡ଼ା ନଜର ରଖିଛି। ବାହାର ରାଜ୍ୟକୁ ଚାଲାଣ ହେଉଥିବାବେଳେ ଏସ୍‌ଟିଏଫ୍ କନ୍ଧମାଳ ଗୋଚ୍ଛପଡ଼ା ଅଞ୍ଚଳରେ ଚଢ଼ାଉ କରି ୪ କୁଇଣ୍ଟାଲ ୮୦ କେଜି ଗଞ୍ଜେଇ ଜବତ କରିଛି। ଏଥିସହ ସମ୍ପୃକ୍ତ ଦୁଇ ଜଣ ଗୋଚ୍ଛପଡ଼ାର ନାମରତ୍ନ କୁଅଁର ଓ ସହଯୋଗୀଙ୍କୁ ଗିରଫ କରିଛି। ଏନ୍‌ଡିପିଏସ୍ ମାମଲା (ନଂ. ୪୦୫/୧୯) ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ବେଆଇନ୍ ଗଞ୍ଜେଇ ଚାଲାଣ ର୍‍ୟାକେଟରେ ଅନ୍ୟ କେଉଁମାନେ ସଂପୃକ୍ତ ଅଛନ୍ତି ଓ ଏହାର ମାଷ୍ଟରମାଇଣ୍ଡ୍ କିଏ ତାହାର ଖୋଳତାଡ଼ ପାଇଁ ଏସ୍‌ଟିଏଫ୍ ନାମରତ୍ନଙ୍କୁ ରିମାଣ୍ଡରେ ଆଣିବ ବୋଲି ଜଣାପଡ଼ିଛି।














3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଅନ୍ୟଠାରୁ ଯାହା ଉପକାର ପାଇଲ, ତାକୁ ଭୁଲିଯିବା ଉଚିତ ନୁହେଁ କି ଅନ୍ୟ ପ୍ରତି କରିଥିବା ଉପକାର କଥା ଆଦୌ ମନେ ପକାଇବା ଉଚିତ ନୁହେଁ।

- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ପୋଲିସ ଅଧିକାରୀଙ୍କୁ ହତ୍ୟା ଉଦ୍ୟମ, ଯୁବକ ଗିରଫ

**ଓଡ଼ଗାଁ, ୬।୪(ସ୍ୱ.ପ୍ର.):** ସ୍ଥାନୀୟ ଆଦର୍ଶ ଥାନାର ଜଣେ କର୍ତ୍ତବ୍ୟରତ ପୋଲିସ ଅଧିକାରୀଙ୍କୁ ଚଳନ୍ତା ବାଇକ୍‌ରୁ ଠେଲି ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ପୋଲିସ ଏହି ଥାନା ରାବେରାଗୋଡିର ଶୁଭ୍ରଜିତ ଶତପଥୀ ଓରଫ ସିପୁନ୍ (୩୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଥାନାର ପୋଲିସ ଏସ୍ଆଇ ରମେଶ କୁମାର ବେହେରା ଶୁକ୍ରବାର ନୟାଗଡରୁ କୋର୍ଟ କାମ ସାରି ବାଇକ୍‌ରେ ଫେରୁଥିଲେ। ନନ୍ଦିଘୋର ନିକଟ ବରମୁଣ୍ଡା ଛକରେ ଶୁଭ୍ରଜିତ ପଛରୁ ବୁଲେଟରେ ଆସି ଉଦ୍ଦେଶ୍ୟମୂଳକ ଭାବେ ରମେଶଙ୍କୁ ପଛରୁ ହାତରେ ଧକ୍କା ମାରିଥିଲେ। ଫଳରେ ରମେଶ ନିଜ ବାଇକ୍‌ରୁ ଛିଟିକିପଡି ଅଳ୍ପକେ ବର୍ତ୍ତି ଯାଇଥିଲେ। ସେ ତଳେ ପଡିଥିବାବେଳେ ଶୁଭ୍ରଜିତ ସେଠାରୁ ନମ୍ବରବିହୀନ ବୁଲେଟରେ ଚାଲିଯାଇଥିଲେ। ଥାନା ପୋଲିସ ଏ ନେଇ ସୂଚନା ପାଇବା ପରେ ଆହତ ପୋଲିସ ଅଧିକାରୀଙ୍କୁ ଉଦ୍ଧାର କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ରମେଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଶୁଭ୍ରଜିତଙ୍କ ବିରୋଧରେ ୫୪/୧୯ରେ ଏକ ମାମଲା ରୁଜୁ କରିବା ସହିତ ସେ ବ୍ୟବହାର କରିଥିବା ବୁଲେଟ ଜବତ କରିଥିବା ଜଣାଯାଇଛି।

### ପୋଖରୀରେ ବୁଡ଼ି ଶିଶୁ ମୃତ

ବୋଲଗଡ଼,୬।୪(ଡି.ଏନ୍.ଏ.)- ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ସହଜପୁର ଗ୍ରାମ ମୁଣ୍ଡରେ ଥିବା ପୋଖରୀରେ ବୁଡ଼ି ଶନିବାର ଜଣେ ଶିଶୁର ମୃତ୍ୟୁ ଘଟିଛି। ସେ ହେଲେ ସେହି ଗ୍ରାମର ଧେଡ଼ି କହଲସିଂହଙ୍କ ୨ବର୍ଷର ପୁତ୍ର ଓମ୍‌ପ୍ରକାଶ। ଓମ୍ ପ୍ରକାଶ ଦ୍ୱିପ୍ରହରରେ ଘରେ ନ ଥିବା ଜାଣିପାରି ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ପୋଖରୀରେ ମୃତଦେହ ଭାସୁଥିବା ଦେଖି ତାଙ୍କୁ ଉଦ୍ଧାର କରିଥିଲେ। ଏହି ଖବର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

### କୁନିମଣି ଜିଲାର ଶ୍ରେଷ୍ଠ ପୋଲିସ ଅଧିକାରିଣୀ



**ଖଣ୍ଡପଡା,୬।୪(ସ୍ୱ.ପ୍ର.):** ଖଣ୍ଡପଡା ଥାନାରେ କାର୍ଯ୍ୟରତ ସବ୍‌ଇନ୍ସପେକ୍ଟର କୁନିମଣି ଦେଇ ଜିଲାସ୍ତରରେ ଶ୍ରେଷ୍ଠ ପୋଲିସ ଅଧିକାରିଣୀ ଭାବେ ପୁରସ୍କୃତ ହୋଇଛନ୍ତି। ନୟାଗଡ ଠାରେ ପୋଲିସ ଦିବସ ପାଳନ ଅବସରରେ କର୍ତ୍ତବ୍ୟପରାୟଣତା ଯୋଗୁ ୨୦୧୮ ମସିହା ପାଇଁ ଜିଲା ଆରକ୍ଷୀ ଅଧୀକ୍ଷକ ଶଶିଭୂଷଣ ଶତପଥୀ ସବ୍‌ଇନ୍ସପେକ୍ଟର କୁନିମଣିଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ।

### ଗାଡ଼ି ଡିକି ଭାଙ୍ଗି ୫୫ ହଜାର ଲୁଟ୍

ଦଶପଲ୍ଲା,୬।୪(ଡି.ଏନ୍.ଏ.)- ଶନିବାର ଦଶପଲ୍ଲା ତ୍ରିନାଥ ବଜାରଠାରେ ଇଲେକ୍ଟ୍ରି ଦୋକାନ କରିଥିବା ସମୀର ସାହୁଙ୍କ ଗାଡ଼ି ଡିକି ଭାଙ୍ଗି କେହି ଦୁର୍ବୃତ୍ତ ୫୫ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ସମୀର ସ୍ଥାନୀୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ଅନୁସନ୍ଧାନ ଆରମ୍ଭ କରିଛି। ସମୀରଙ୍କ ଅଭିଯୋଗ ଅନୁଯାୟୀ ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟା ସମୟରେ ତାଙ୍କ ବାପା ଅଶୋକ ସାହୁ ବ୍ୟାଙ୍କରୁ ୫୫ହଜାର ଟଙ୍କା ଉଠାଇଥିଲେ। ଏହି ଟଙ୍କାକୁ ବାଇକ୍ ଡିକିରେ ରଖି ସେ ଦୋକାନକୁ ଆସିଥିଲେ। କିଛି ସମୟ ପରେ ଦୋକାନରୁ ଫେରିବା ବେଳକୁ ଗାଡି ଡିକି ଭାଙ୍ଗି କେହି ଟଙ୍କା ଲୁଟିନେଇଥିବା ଦେଖିଥିଲେ। ଦୁଇଜଣ ଯୁବକ ଏକ ଲାଲ ପଲସରରେ ଆସି ଗାଡ଼ି ଡିକି ଭାଙ୍ଗି ଟଙ୍କା ଧରି ଚମ୍ପଟ ମାରିଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ପ୍ରକାଶ।

### ୧୫ କେଜି ଗଞ୍ଜେଇ ଜବତ, ୨ ଗିରଫ

**ମୋହନା,୬।୪(ଡି.ଏନ୍.ଏ.):** ଅଡବା ପୋଲିସ ଶନିବାର ବସ୍‌କୁ ଅପେକ୍ଷା କରିଥିବା ୨ ଜଣ ବ୍ୟକ୍ତିଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୧୫ କେଜି ଗଞ୍ଜେଇ ଜବତ କରିଛି। ସେମାନେ ହେଲେ ଅଜୟ ମାଝୀ (୨୬), ପ୍ରକାଶ ବୀର (୨୫)। ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଅଜୟ କୁମାର ବାରିକ ସୂଚନା ଦେଇଛନ୍ତି।

# ଭାରତୀୟ ସଂସ୍କୃତିର ପରିଚୟ ରାଷ୍ଟ୍ରୀୟ ନବବର୍ଷ

ପୁରୀ ଅଫିସ, ୬।୪

ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ଆନୁକୂଲ୍ୟରେ ସ୍ଥାନୀୟ ମୁକ୍ତାକାଶ ରଙ୍ଗମଞ୍ଚରେ ଶନିବାର ପବିତ୍ର ଚୈତ୍ର ଶୁକ୍ଳ ପ୍ରତିପଦା ଅବସରରେ ରାଷ୍ଟ୍ରୀୟ ନବବର୍ଷ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ତଥା ବରିଷ୍ଠ ସେବାୟତ ବୈଦ୍ୟନାଥ ସୁଆରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିହାରସ୍ଥ ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଯୋଗଦେଇଥିଲେ।

ସ୍ୱଦେଶୀ ଜାଗରଣ ମଞ୍ଚର ଅଖିଳ ଭାରତୀୟ ସଂଘର୍ଷ ବାହିନୀ ପ୍ରମୁଖ ଅନ୍ନଦା ପ୍ରସାଦ ପାଣିଗ୍ରାହୀ ରାଷ୍ଟ୍ରୀୟ ନବବର୍ଷର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଲେ ଯେ, ଭାରତବର୍ଷ ହେଉଛି ତ୍ୟାଗର ଭୂମି। ଏହାର ସଂସ୍କୃତି ପରମ୍ପରାର ସ୍ୱତନ୍ତ୍ରତା ରହିଛି। ପ୍ରାଚୀନ କାଳରୁ ଏହା ବିଶ୍ୱକୁ ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦେଇ ଆସିଛି। ଏକତା ହେଉଛି ଏହାର ପରିଚୟ। ଚୈତ୍ର ଶୁକ୍ଳ ପ୍ରତିପଦାର ମହାନତାକୁ ଦୃଷ୍ଟିରେ ରଖି ଏହି ଦିବସକୁ ରାଷ୍ଟ୍ରୀୟ ନବବର୍ଷ ଭାବେ ପାଳନ କରାଯାଏ। ଏହା ଭାରତୀୟ ସଂସ୍କୃତିର ପରିଚୟ ବହନ କରେ। ସମ୍ମାନିତ ଅତିଥି ଭାବେ ପୁରୀ ଜିଲା ସଂଘ ଚାଳକ ମନୋରଞ୍ଜନ ସାହୁ, ଉତ୍କଳ ପୂର୍ବ ପ୍ରାନ୍ତ ସଦସ୍ୟ ଶିକ୍ଷାବିତ୍ ରାଜକିଶୋର ସାହୁ, ଉମାଶଙ୍କର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଆର୍‌ଏସ୍‌ଏସ୍‌ର ବରିଷ୍ଠ କାର୍ଯ୍ୟକର୍ତ୍ତା ସ୍ୱର୍ଗତ ହରିହର ନନ୍ଦ ଓ ଶହୀଦଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ସମିତି ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ ବିବରଣୀ ପାଠ କରିଥିଲେ। ବାମଦେବ ନାୟକ ସଭା ଏବଂ ବିକାଶ ଦତ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ସମର୍ପଣ, ଶାନ୍ତି, ସଖା, ସାହିଭାଇ, ହୋପ ଇଜ୍ ଲାଇଫ, ଜନ ଜାଗରଣ ମଞ୍ଚ ପ୍ରଭୃତି ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା।




ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

### ସାଂସ୍କୃତିକ କାର୍ଯ୍ୟକ୍ରମରେ ଝଲସିଲା ମୁକ୍ତାକାଶ

ସାଂସ୍କୃତିକ କାର୍ଯ୍ୟକ୍ରମରେ ଝଲସି ଉଠିଥିଲା ମୁକ୍ତାକାଶ ରଙ୍ଗମଞ୍ଚ। ଶିଶୁ କଣ୍ଠଶିଳ୍ପୀ ଦର୍ଶନା କର ଓ ସାଥୀ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଗଞ୍ଜାମ ବ୍ରହ୍ମପୁରର ସଂସ୍କୃତି ଭବନମ୍ ପକ୍ଷରୁ ଭାରତ ନାଟ୍ୟମ୍ ଓ କୁଚିପୁଡି, ନବପ୍ରତିଭା ପକ୍ଷରୁ ଶ୍ରୀକୃଷ୍ଣ ରାସ, ଅନନ୍ୟା କଳାମନ୍ଦିରର କୁନି କୁନି ନୃତ୍ୟଶିଳ୍ପୀମାନେ ଓଡ଼ିଶୀ, କୃଷ୍ଣମଣି ନୃତ୍ୟପୀଠ ପକ୍ଷରୁ ଭଜନ ନୃତ୍ୟ ତଥା ଡିଭାଇନ୍‌ଲାଇଫ ସ୍ପିରିଟ୍‌ମାଲଖମ୍ବ ଗ୍ରୁପ୍ ପକ୍ଷରୁ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମାଲଖମ୍ବ କୁଇନ ଶ୍ରୀଲତା ରାୟ ପୋଲ ମାଲଖମ୍ବ, ଶିଳ୍ପୀ ଏଣ୍ଟରଟେନମେଣ୍ଟ ପକ୍ଷରୁ ଓଡ଼ିଶୀ, ମନୋଜ ବନାଟି ଗ୍ରୁପ୍ ପକ୍ଷରୁ ବନାଟି, ଘୋଡାବଜାର, ହରଚଣ୍ଡୀ ସାହି, ମଧୁବନ ଓ ମାରୁତି ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଦ୍ୟାର୍ଥୀମାନେ ଓଡ଼ିଶୀ, ପିରାମିଡ୍ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଏଥିସହିତ ସୁବାରଶ୍ମି ପ୍ରିୟଦର୍ଶିନୀ ଏକକ ଅଭିନୟ ନବ ଦୁର୍ଗା, ରାଧେଶ୍ୟାମ ତରାଇ ଭାରତନାଟ୍ୟମ୍ ପରିବେଷଣ କରିଥିଲେ।

## ଚୈତ୍ର ଶୁକ୍ଳ ପ୍ରତିପଦାରେ ହିନ୍ଦୁ ନବବର୍ଷ ପାଳନ

# ରାଷ୍ଟ୍ରୀୟ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଆହ୍ୱାନ

ଓଡ଼ଗାଁ, ୬।୪(ସ୍ୱ.ପ୍ର.)

ରାଷ୍ଟ୍ରୀୟ ଜାଗରଣ ମଞ୍ଚ ଓ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଆନୁକୂଲ୍ୟରେ ଶନିବାର ଚୈତ୍ର ଶୁକ୍ଳ ପ୍ରତିପଦା ଅବସରରେ ହିନ୍ଦୁ ନବବର୍ଷ ପାଳନ କରାଯାଇଛି । ମଞ୍ଚର ଜିଲା ସହ ପ୍ରଚାରକ ସୁଶାନ୍ତ କୁମାର ସାହୁଙ୍କ ଆହ୍ୱାନକ୍ରମେ ସ୍ଥାନୀୟ ଶ୍ରୀରଘୁନାଥଜୀଉଙ୍କ ମନ୍ଦିରରୁ ସଂକୀର୍ତ୍ତନ ମଣ୍ଡଳୀ ପଦଯାତ୍ରାରେ ସହର ପରିକ୍ରମା କରିଥିଲା। ମଧ୍ୟାହ୍ନରେ କୋମଣ୍ଡ ନିକଟ ପଥରାସ୍ଥିତ ସ୍ୱାମୀ ଦୟାନନ୍ଦ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ପରିଚାଳିତ ବୃଦ୍ଧାଶ୍ରମ ପରିସରରେ ହୋମଯଜ୍ଞ ସହିତ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ବୃଦ୍ଧାଶ୍ରମ ଟ୍ରଷ୍ଟି ଶଶିଭୂଷଣ ଆଚାରୀ, ଆର୍ଯ୍ୟସମାଜ ଜିଲା କର୍ମକର୍ତ୍ତା ରଘୁନାଥ ନାୟକ, ଅଖିଳ ଭାରତୀୟ ଇତିହାସ ସଂକଳନ ଯୋଜନା କ୍ଷେତ୍ରୀୟ ସଂଗଠନ ସଚିବ, ବଙ୍ଗ ଓ ବିହାର କ୍ଷେତ୍ର କମଳେଶ ଦାଶ ଏବଂ ଏବିଭିପି ବଙ୍ଗ କ୍ଷେତ୍ର କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ଗୋବିନ୍ଦ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ରାଷ୍ଟ୍ରୀୟ ଏକତା ଓ ଏହାର ଅଖଣ୍ଡତା ତଥା ରାଷ୍ଟ୍ରୀୟ କର୍ତ୍ତବ୍ୟ ସମ୍ପାଦନା କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଦିନରେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ଦ୍ୱାରା କାଳ ଗଣନା ଆରମ୍ଭ ହୋଇଥିବା ବେଳେ ମହାରାଜା ଯୁଧିଷ୍ଠିର, ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଅଭିଷେକ ହୋଇଥିବା ସୂଚନା ଦିଆଯାଇଥିଲା । ଲୋକମାନେ ଇଂଲିଶ ନବବର୍ଷକୁ ବହୁ ଆଡମ୍ବରରେ ପାଳନ କରୁଥିବାବେଳେ ବହୁ କମ୍ ଲୋକ ହିନ୍ଦୁ ନବବର୍ଷ ସମ୍ପର୍କରେ ଅବଗତ ଅଛନ୍ତି। ଏ ନେଇ ବ୍ୟାପକ ଜନସଚେତନତା ସହିତ ଭାରତୀୟ ସଂସ୍କୃତି ପରମ୍ପରାକୁ ଅକ୍ଷୁଣ୍ଣ ରଖିବାକୁ ସମସ୍ତେ ଆଗଭର ହେବା ଉଚିତ ବୋଲି ମତପ୍ରକାଶ ପାଇଥିଲା। ଚଳିତ ନିର୍ବାଚନରେ ଶତ ପ୍ରତିଶତ ମତଦାନ କରିବା ସହିତ ରାଷ୍ଟ୍ର ହିତରେ କାମ କରିବା ଭଳି ପ୍ରତିନିଧି ଓ ସରକାର ବାଛିବାକୁ ମୁଖ୍ୟଅତିଥି କମଳେଶ ଦାଶ ସୂଚନା ଦେଇଥିଲେ ।

# ଅତଡ଼ା ଖାଉଛି କୁଆଁରିଆ ନଦୀ

ଖଣ୍ଡପଡା,୬।୪(ସ୍ୱ.ପ୍ର.)

ବନ୍ୟା ସମୟରେ କୁଆଁରିଆ ନଦୀ ଅତଡା ଖାଇବାରୁ ଏହାର ପଠା ନଷ୍ଟ ହେଉଛି । କୁଆଁରିଆ ନଦୀ ତଟବର୍ତ୍ତୀ ଖଣ୍ଡପଡା ବ୍ଲକ ଅଞ୍ଚଳର ବଳଭଦ୍ରପ୍ରସାଦ, କୁମ୍ଭାରପଡା, ରୟତଢୋଲମରା, କୋସକା, କିଆଝର ଓ ଗଡିଆସାହି ପ୍ରଭୃତି ୬ଟି ପଞ୍ଚାୟତବାସୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। କୁଆଁରିଆ ନଦୀର ପ୍ରଖରସ୍ରୋତ ଯୋଗୁ ଅଞ୍ଚଳବାସୀଙ୍କ ଜାଗା ଓ ଜମି ସମୟାନୁକ୍ରମେ ନଦୀ ଗର୍ଭରେ ଲୀନ ହେବାରେ ଲାଗିଛି। ସେହିପରି ପ୍ରତିବର୍ଷ ନଦୀର ଗତିପଥରେ ପରିବର୍ତ୍ତନ ଯୋଗୁ ଉପରୋକ୍ତ ପଞ୍ଚାୟତବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିବର୍ଷ ପ୍ରଳୟଙ୍କରୀ ବନ୍ୟା ସମୟରେ ନଦୀ ପାର୍ଶ୍ୱସ୍ଥ ମାଳବନ୍ଧରୁ ପଥରପ୍ୟାକିଂଗୁଡିକ ନଦୀଗର୍ଭରେ ଖସି ପଡୁଥିବା ଯୋଗୁ ତାହା ଦୁର୍ବଳ ହେବାରେ ଲାଗିଛି। କୁଆଁରିଆ



କୁଆଁରିଆ ନଦୀ।

### ପଥର ପ୍ୟାକିଂ ପାଇଁ ଦାବି

ମାଳବନ୍ଧର ଦୁର୍ବଳସ୍ଥାନଗୁଡିକୁ ଚିହ୍ନଟ କରି ପଥର ପ୍ୟାକିଂ କରିବା ନିମନ୍ତେ କଣ୍ଟିଲୋ ଜଳସେଚନ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି ଖଣ୍ଡପଡା ବ୍ଲକ ଅଧୀନ କୋସକା-ଆଡକଟା ରାସ୍ତାର କୁଆଁରିଆ ସେତୁ ନିକଟସ୍ଥ ନଦୀର ଉଭୟ ପାର୍ଶ୍ୱରେ ପଥରପ୍ୟାକିଂ ନଷ୍ଟ ହୋଇଯାଇଥିବା ଯୋଗୁ କାଳକ୍ରମେ ପଠା ଖାଇଯାଇ ନଦୀ ଗର୍ଭ ଓସାରିଆ ହେବାରେ ଲାଗିଛି। ନଦୀର ଉଭୟ ପାର୍ଶ୍ୱରେ ପଥରପ୍ୟାକିଂ ନିମନ୍ତେ ଜଳସେଚନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହେଉଛି।

## ଡକାୟତି ଯୋଜନା ପଣ୍ଡ, ୬ ଗିରଫ

ଗୋପାଳପୁର,୬।୪

ଡକାୟତି ଯୋଜନା କରୁଥିବା ଏକ ଡକାୟତ ଗ୍ୟାଙ୍ଗକୁ ଗୋପାଳପୁର ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ଗିରଫ କରିଛି। ସେମାନେ ହେଲେ ରଞ୍ଜିତ ନାହାକ, ବିକି ବେହେରା, ରଞ୍ଜନ ବେହେରା, ଜୀବନ ବେହେରା, ବନା ଦାସ ଓ ବିକି ଦାସ। ସେମାନଙ୍କଠାରୁ ଗୋଟିଏ ଖଣ୍ଡା, ଦୁଇଟି ବୋମା, ଲୁହାରଡ, ଠେଙ୍ଗା ଓ ମଦ ବୋତଲ ଜବତ ହୋଇଛି। ଏ ନେଇ ପୋଲିସ ନଂ. ୪୪/୧୯ରେ ମାମଲା ରୁଜୁ କରି ଶନିବାର କୋର୍ଟଚାଲାଣ କରିଛି।

ପ୍ରକାଶ ଯେ, ଉକ୍ତ ଗୋପାଳପୁର ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥ ଭକ୍ତସାଲବେଗ ନଗର ନିକଟରେ ମଧ୍ୟରାତ୍ର ୨ଟାରେ ଅଭିଯୁକ୍ତମାନେ ବିଭିନ୍ନ ମାରଣାସ୍ତ୍ର ଧରି କରାପୁଲି ଗ୍ରାମର ଜଣଙ୍କ ଘରେ ଡକାୟତି ପାଇଁ ଯୋଜନା କରୁଥିଲେ। ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ପୋଲିସ ଚଢ଼ାଉ କରି ୬ ଜଣଙ୍କୁ କାବୁ କରିଥିଲା । ଏ ସମ୍ପର୍କରେ ବ୍ରହ୍ମପୁର ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ସମସ୍ତ ଅଭିଯୁକ୍ତମାନଙ୍କ ନାମରେ ବ୍ରହ୍ମପୁର ପୋଲିସ ଜିଲାର ବିଭିନ୍ନ ଥାନାରେ ମାମଲା ରହିଛି ବୋଲି କହିଥିଲେ।

# ମତଦାନ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି କାଲୁରାମ

### ସାଇକେଲରେ ବୁଲିବେ ସାରା ଭାରତ

ପୁରୀ ଅଫିସ, ୬।୪

ଦେଶପ୍ରେମ ଓ ମତଦାନ ନେଇ ସାଇକେଲରେ ବୁଲିବୁଲି ସଚେତନତା ସୃଷ୍ଟି କରୁଛନ୍ତି କାଲୁରାମ ରାୱାଲ(୭୫)। ବୟସର ଅପରାହ୍ନରେ ବି ସେ ଥକିପଡ଼ିନାହାନ୍ତି। ଦିଲ୍ଲୀ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼ ଦେଇ ଓଡ଼ିଶାରେ ପ୍ରବେଶ କରିଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନ ବୁଲିବା ପରେ ଶନିବାର ପୂର୍ବାହ୍ନରେ କାଲୁରାମ ଶ୍ରୀକ୍ଷେତ୍ରରେ ଆସି ପହଞ୍ଚିଛନ୍ତି। କାଲୁରାମ ମୂଳତଃ ରାଜସ୍ଥାନର ବାସିନ୍ଦା ହୋଇଥିବାବେଳେ ଅହମ୍ମଦାବାଦ ତାଙ୍କର କର୍ମଭୂମି। ପୂର୍ବରୁ ୨୦୧୧ ମସିହାରେ ଯୁବସମାଜକୁ ସଚେତନ କରିବା ଉଦ୍ଦେଶ୍ୟରେ ସାଇକେଲରେ ଭାରତ ଯାତ୍ରା କରିଥିଲେ। ଚଳିତବର୍ଷ ସାଧାରଣ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ସେ ସାଇକେଲରେ ବୁଲି ଜନଜାଗରଣ ସୃଷ୍ଟି କରିବେ ବୋଲି କହିଛନ୍ତି। ଦିନକୁ ୫୦ରୁ ୬୦ କିମି ଯାତ୍ରା କରୁଛନ୍ତି। ଶନିବାର ସେ ପୁରୀରେ ପାଦଦେଇ ପ୍ରଥମେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ପରେ ବଡଦାଣ୍ଡ, ବେଳାଭୂମି, ମୋଚିସାହି ଛକ, କଚେରି ରୋଡ଼, ଗୁଣ୍ଡିଚା ମନ୍ଦିର ଓ ସ୍ୱର୍ଗଦ୍ୱାର ପ୍ରଭୃତି ସ୍ଥାନ ବୁଲି ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଭୋଟଦାନ ଏକ ସାମ୍ବିଧାନିକ ଅଧିକାର। ପ୍ରତ୍ୟେକ ବ୍ୟକ୍ତି ନିଜ ମତଦାନ ସାବ୍ୟସ୍ତ କରନ୍ତୁ। ନୋଟା ପରିବର୍ତ୍ତେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦିଅନ୍ତୁ ବୋଲି ବୁଝାଇ ଥିଲେ। ଦେଶର ବିକାଶ ଓ ବିଚାର ଦୃଷ୍ଟିରୁ ଯୋଗ୍ୟ ପ୍ରାର୍ଥୀ ଏବଂ ଦଳକୁ ଭୋଟ ଦେବାକୁ ସଚେତନ କରିଥିଲେ। ବିଶ୍ୱକୁ ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦେଇ ଆସିଥିବା ଭାରତବର୍ଷରେ ଏବେ ଅନ୍ୟାୟ, ଦୁର୍ନୀତି, କୁସଂସ୍କାର ବଢିବାରେ ଲାଗିଛି। ଦେଶର ଭବିଷ୍ୟତ ଯୁବସମାଜ ପଥଭ୍ରଷ୍ଟ ହେଉଛନ୍ତି। ସଂସ୍କୃତି ଓ ଆଧ୍ୟାତ୍ମିକତା ମଧ୍ୟ ନଷ୍ଟ ହେବାକୁ ବସିଛି। ଏ ନେଇ ତାଙ୍କ ମନ ବ୍ୟାକୁଳ ହୋଇଉଠିଥିଲା। ଏକ ନବ ଜାଗରଣ ସୃଷ୍ଟି ନିମନ୍ତେ ସେ ନିଷ୍ପତ୍ତି ନେଇଛନ୍ତି ବୋଲି କାଲୁରାମ ପ୍ରକାଶ କରିଛନ୍ତି।

# ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ ପାଇଁ ଆହ୍ୱାନ

ଦଶପଲ୍ଲା,୬।୪(ଡି.ଏନ୍.ଏ.)

କନ୍ଧମାଳ ଲୋକ ସଭା ଅନ୍ତର୍ଗତ ଦଶପଲ୍ଲା ନିର୍ବାଚନମଣ୍ଡଳୀ ପାଇଁ ଚଳିତଥର ବିଜେଡି ରମେଶ ବେହେରାଙ୍କୁ ପ୍ରାର୍ଥୀ କରିଛି। ସେହିପରି କନ୍ଧମାଳ ଲୋକ ସଭା ପାଇଁ ଦଳ ଅଚ୍ୟୁତ ସାମନ୍ତଙ୍କୁ ପ୍ରାର୍ଥୀ କରିଛି। ଏହି ଅବସରରେ ଶନିବାର ବୁଣା ପାଣ ସମାଜ ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ତରଫରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଲୁଣିବଗିଚାଠାରେ ଆୟୋଜିତ ସଭାରେ ପ୍ରାର୍ଥୀ ରମେଶ ବେହେରା ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଶାର ଉନ୍ନତି ହୋଇପାରିଛି ଓ ଓଡ଼ିଶାକୁ ସେ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିଛନ୍ତି। ତେଣୁ ଆଗାମୀ ନିର୍ବାଚନରେ ବିଜେଡିକୁ ବିଜୟୀ ପାଇଁ ଆହ୍ୱାନ ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ବସନ୍ତ ସାହୁ, ପୂର୍ବତନ ବ୍ଲକ ଚେୟାରମ୍ୟାନ ଉପେନ୍ଦ୍ର ସାହୁ, ବିରଞ୍ଚି ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇ ଚଳିତ ନିର୍ବାଚନରେ ବିଜେଡିର ବିଧାନସଭା ଓ ଲୋକ ସଭା ପ୍ରାର୍ଥୀଙ୍କୁ ବିଜୟୀ ପାଇଁ ଆହ୍ୱାନ ଦେଇଥିଲେ। ଉପେନ୍ଦ୍ର କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ନିର୍ବାଚନମଣ୍ଡଳୀର ବହୁ ମହିଳାପୁରୁଷ ଯୋଗ ଦେଇଥିଲେ।

# ମିଳିନି ପଟ୍ଟା: ଭୋଟ ବର୍ଜନ କରିବେ ବସ୍ତିବାସିନ୍ଦା

ପୁରୀ ଅଫିସ,୬।୪

ବଳିଆପଣ୍ଡା ବସ୍ତିବାସିନ୍ଦାଙ୍କୁ ଏ ପର୍ଯ୍ୟନ୍ତ ପଟ୍ଟା ମିଳିନାହିଁ। ତେଣୁ ସେମାନେ ଆସନ୍ତା ସାଧାରଣ ନିର୍ବାଚନ ବର୍ଜନ କରିବେ। ପଟ୍ଟା ନ ମିଳିବା ପର୍ଯ୍ୟନ୍ତ କୌଣସି ନେତାଙ୍କୁ ବସ୍ତିରେ ପୂରାଇ ଦିଆଯିବନାହିଁ ବୋଲି ବଳିଆପଣ୍ଡାର ଜନମଙ୍ଗଳ ବସ୍ତି ବିକାଶ ସମିତିର ସଦସ୍ୟ ମନୋଜ କୁମାର ମଣ୍ଡଳ କହିଛନ୍ତି । ଓଡ଼ିଶା ସରକାରଙ୍କ ବସ୍ତିବାସିନ୍ଦା ଭୂମି ଅଧିକାର ଅଧିନିୟମ-୨୦୧୭ରୁ ବଳିଆପଣ୍ଡା ବସ୍ତିକୁ ବାଦ୍ ଦିଆଯାଇଛି। ଦୀର୍ଘ ୩୦/୩୫ ବର୍ଷ ଧରି ବସ୍ତିରେ ବହୁ ଲୋକ ଘର କରି ସପରିବାର ରହୁଛନ୍ତି। ସହରର ବିଭିନ୍ନ ସ୍ଥାନରେ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି। ସେମାନଙ୍କର ଅନ୍ୟ କୌଣସି ଜାଗାରେ ସ୍ଥାୟୀ ବାସଗୃହ ନାହିଁ। ସ୍ଥାୟୀ ପଟ୍ଟା ନ ଥିବାରୁ ସେମାନଙ୍କ ପିଲାଙ୍କୁ ତହସିଲରୁ ସାର୍ଟିଫିକେଟ ମିଳୁନାହିଁ । ଏ ନେଇ ବାରମ୍ବାର ପ୍ରଶାସନକୁ ଜଣାଇବା ପରେ ବସ୍ତିର ସର୍ଭେ କାମ ସମ୍ପୂର୍ଣ୍ଣ ହୋଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ପଟ୍ଟା ଦିଆଯାଇନାହିଁ। ତେଣୁ ଏଥର ବସ୍ତିବାସିନ୍ଦା ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ମନୋଜ ପ୍ରକାଶ କରିଛନ୍ତି।

# ମତଦାନ ସଚେତନକାରୀ ଦଳକୁ ସମ୍ବର୍ଦ୍ଧନା

ଦଶପଲ୍ଲା,୬।୪(ଡି.ଏନ୍.ଏ)

ଭୋଟ ଦେବା ଆମର ଅଧିକାର। ତେଣୁ ସମସ୍ତ ଜନସାଧାରଣ ଆଗାମୀ ନିର୍ବାଚନରେ ଭୋଟ ଦେବା ପାଇଁ ସଚେତନ କରିବା ନିମନ୍ତେ ଶନିବାର ସାଇକେଲରେ ଆସିଥିବା ଏକ ଦଳକୁ ଦଶପଲ୍ଲାଠାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ ଆଡଭେଞ୍ଚର କ୍ଲବ ତରଫରୁ ଏକ ୧୨ଜଣିଆ ଅଭିଯାତ୍ରୀ ଦଳ ସାଇକେଲରେ ଭୁବନେଶ୍ୱରଠାରୁ ସକାଳ ସାଢେ ୫ଟାରୁ ବାହାରିଥିଲା। ଦଶପଲ୍ଲା ତ୍ରିନାଥ ବଜାରଠାରେ ଦଳ ପହଞ୍ଚିବା ମାତ୍ରେ ସ୍ଥାନୀୟ ସୀତାରାମ କ୍ଲବ ତରଫରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ସେଠାରେ ଦଳର ସଦସ୍ୟମାନେ ଜନସାଧାରଣଙ୍କୁ ଭୋଟ ଦେବା ନିମନ୍ତେ ଆହ୍ୱାନ ଦେଇଥିଲେ। ସେମାନେ କୁଆଁରିଆ ଡ୍ୟାମଠାରେ ରାତ୍ରିଯାପନ କରିବା ପରେ ରବିବାର ଗଣିଆ ଅଞ୍ଚଳକୁ ଯାଇ ସଚେତନତା ସୃଷ୍ଟି କରିବେ ବୋଲି କହିଥିଲେ। ଶ୍ରୀନିବାସ ସାହୁଙ୍କ ନେତୃତ୍ୱରେ ଆସିଥିବା ଦଳରେ ଜଣେ ମହିଳା ମଧ୍ୟ ସାମିଲ ଅଛନ୍ତି।



ଦଶପଲ୍ଲାଠାରେ ପହଞ୍ଚିଥିବା ସଚେତନକାରୀ ଦଳ।

# ଚିଲିକାରେ ଚତୁର୍ମୁଖୀ ଲଢ଼େଇ, ସମୀକରଣ ଅନିଶ୍ଚିତତା

ବାଲୁଗାଁ,୬।୪(ଡି.ଏନ.ଏ.)



ପୃଥ୍ୱୀରାଜ ହରିଚନ୍ଦନ।



ପ୍ରଶାନ୍ତ ଜଗଦ୍ଦେବ।



ପ୍ରଦୀପ କୁମାର ସ୍ୱାଇଁ।



ଲଲାଟେନ୍ଦୁ ଶତପଥୀ।

ଖୋର୍ଦ୍ଧା ଜିଲା ଚିଲିକା ନିର୍ବାଚନମଣ୍ଡଳୀରେ ଆସନ୍ତା ୨୩ ତାରିଖ ତୃତୀୟ ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ହେବାକୁ ଥିବା ବେଳେ ଇତି ମଧ୍ୟରେ ସମସ୍ତ ପ୍ରାର୍ଥିପତ୍ର ଦାଖଲ ସରିଛି। ଚଳିତ ବିଧାନସଭା ନିର୍ବାଚନରେ ଏଠାରେ ୪ ପ୍ରମୁଖ ଦଳର ନୂତନ ପ୍ରାର୍ଥୀଙ୍କୁ ନେଇ ଲଢ଼େଇ ହେଉଛି । ବିଜେଡିରୁ ପ୍ରଶାନ୍ତ ଜଗଦ୍ଦେବ, ଭାଜପାରୁ ପୃଥ୍ୱୀରାଜ ହରିଚନ୍ଦନ ଓ କଂଗ୍ରେସରୁ ପ୍ରଦୀପ କୁମାର ସ୍ୱାଇଁ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଲାଟେନ୍ଦୁ ଶତପଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ନୂତନ ପ୍ରାର୍ଥୀ ଯୋଗୁ ଦଳୀୟ ଅସ୍ଥିରତା ଲାଗି ରହିଥିବା ବେଳେ ଭୋଟ କାହା ସପକ୍ଷରେ ଯିବ ସେ ନେଇ ସମୀକରଣରେ ଅନିଶ୍ଚିତତା ଦେଖାଦେଇଛି। ଚିଲିକା ରାଜନୀତି କ୍ଷେତ୍ରରେ ନୂତନ ମୁହଁକୁ ଭୋଟର ମଧ୍ୟ ସହଜରେ ଗ୍ରହଣ କରିପାରୁନାହାନ୍ତି । ଏବେ ଠାରୁ ପ୍ରମୁଖ ଦଳ ପକ୍ଷରୁ ନେତାମାନେ ଗାଁ ଗାଁ ବୁଲି ନିର୍ବାଚନୀ ପ୍ରଚାର ଓ ଭୋଟ ଭିକ୍ଷାରେ ଲାଗିପଡ଼ିଛନ୍ତି । ୨୦୦୯ ମସିହାରେ ଚିଲିକାରୁ ବିଧାୟକ ଭାବେ ବିଜେଡି ପ୍ରାର୍ଥୀ ରଘୁନାଥ ସାହୁ ବିଜୟୀ ହୋଇଥିଲେ। ପରବର୍ତ୍ତୀ ୨୦୧୪ରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ନେତା ଡ. ବିଭୂତି ଭୂଷଣ ହରିଚନ୍ଦନଙ୍କ ଠାରୁ ୫୪୬ଭୋଟରେ ରଘୁନାଥ ହାରିଯାଇଥିଲେ। କିନ୍ତୁ ଦୀର୍ଘ ୫ବର୍ଷ ମଧ୍ୟରେ ବିଜେଡି ସଂଗଠନକୁ ସୁଦୃଢ଼ ନିମନ୍ତେ ରଘୁନାଥ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଥିଲେ ହେଁ ଶେଷ ପର୍ଯ୍ୟାୟରେ ତାଙ୍କୁ ଟିକେଟରୁ ବଞ୍ଚିତ କରାଯାଇଥିଲା । ତେବେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବଙ୍କୁ ସେ ସମର୍ଥନ କରିବେ ବୋଲି କହିଛନ୍ତି । ଅନ୍ୟପକ୍ଷରେ ଡ. ବିଭୂତି ଭୂଷଣ ହରିଚନ୍ଦନ କୌଣସି କାରଣରୁ ଚଳିତ ନିର୍ବାଚନରୁ ଦୂରେଇ ଯାଇ ପୁତୁରା ପୃଥ୍ୱୀରାଜଙ୍କୁ ଏଠାରେ ବିଜୟୀ କରିବା ନିମନ୍ତେ ସଂକଳ୍ପବଦ୍ଧ ହୋଇଛନ୍ତି । ଅପରପକ୍ଷେ ଚିଲିକାରେ ଗତ ୫ବର୍ଷ ମଧ୍ୟରେ ସଂଗଠନକୁ ସୁଦୃଢ଼ କରିଥିବା କଂଗ୍ରେସ ନେତା ପ୍ରଦୀପ ସ୍ୱାଇଁଙ୍କ ମଧ୍ୟ ଜନ ସମର୍ଥନ ରହିଛି । ଦଳୀୟ ସଂଗଠନ ଓ ଜାତୀୟ କଂଗ୍ରେସ କ୍ଷେତ୍ରରେ ରାହୁଲ ଗାନ୍ଧୀଙ୍କ ନିର୍ବାଚନୀ ଇସ୍ତାହର ପ୍ରତିଶ୍ରୁତିକୁ ଅସ୍ତ୍ର କରି ବିଧାୟକ ପ୍ରାର୍ଥୀ ସ୍ୱାଇଁ ଭୋଟରଙ୍କୁ ମନେଇବାରେ ଲାଗିଛନ୍ତି । ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ଚାଷରେ ଉନ୍ନତି, ମହିଳା ସଶକ୍ତୀକରଣ ପ୍ରମୁଖ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସହ ବିଜେଡି ସରକାର ସମୟରେ ହୋଇଥିବା ବିଭିନ୍ନ ଜନହିତକର ଯୋଜନାକୁ ବିଜେଡି ମୁଖ୍ୟ ପ୍ରସଙ୍ଗ କରି ଭୋଟରଙ୍କୁ ଆପଣାଇବାରେ ଲାଗିଛି । ବିପର୍ଯ୍ୟସ୍ତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ, ଶ୍ରମିକ ଓ କୃଷି ସମସ୍ୟା ଆଦି ପ୍ରମୁଖ ଘଟଣା ଉପରେ ଫୋକସ୍ କରି ଭାଜପା ନିର୍ବାଚନ ମଇଦାନରେ ପ୍ରଚାର ଜୋର ଚଳାଇବା ସହ ଭୋଟରଙ୍କ ନିକଟତର ହେବାରେ ଲାଗିଛି । ଅନ୍ୟପକ୍ଷରେ କଂଗ୍ରେସ ମଧ୍ୟ ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣି ଏହାର ସମାଧାନ କ୍ଷେତ୍ରରେ ପ୍ରତିଶ୍ରୁତି ପାଳନ କରିବା ନିମନ୍ତେ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛି । ସେହିପରି ୩ ପ୍ରମୁଖ ରାଜନୈତିକ ଦଳ ବିପକ୍ଷରେ ପ୍ରଚାର କରି ସ୍ୱାଧୀନ ପ୍ରାର୍ଥୀ ଭୋଟରଙ୍କୁ ମନେଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ତେବେ ଏଠାରେ ଲଢ଼େଇ ଜୋରଦାର ଜାରି ରହିଥିବା ବେଳେ ପ୍ରତ୍ୟେକ ଦଳପାଇଁ ଜିତିବା ସମ୍ମାନର ପ୍ରଶ୍ନ ହୋଇଛି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୭ ଏପ୍ରିଲ, ୨୦୧୯



"ଗୃହରେ ରହି ସତ୍‌ଚିନ୍ତା କଲେ ସାଧୁସଙ୍ଗର ଫଳ ଲାଭ ହୁଏ, କିନ୍ତୁ ସାଧୁମାନଙ୍କ ସଙ୍ଗରେ ରହି ବିଷୟାଳାପ କଲେ, ତାହା ସତ୍‌ସଙ୍ଗ ମଧରେ ଗଣ୍ୟ ନୁହେଁ।
- ସ୍ୱାମୀ ବିବେକାନନ୍ଦ



## ଏଇ ସପ୍ତାହର କାର୍ଯ୍ୟକ୍ରମ

- ୭ ତାରିଖ (ରବିବାର)
ତ୍ରିନାଥ ଦେବଙ୍କ ୨୧ତମ ବାର୍ଷିକ ଉତ୍ସବ, ସ୍ଥାନ- ପୁରୁଣା ରିଜର୍ଭ ଲାଇନସ୍ଥିତ ମନ୍ଦିର ପରିସର, ନୟାଗଡ଼, ସମୟ- ସକାଳ ୮ଟା
- ବାସନ୍ତିକ ଦୁର୍ଗାପୂଜା ପାଳନ, ସ୍ଥାନ- ମହିଷାଶୁଣୀ ପୀଠ, ଜଗନ୍ନାଥପ୍ରସାଦ, ଖଣ୍ଡପଡ଼ା, ସମୟ- ସକାଳ ୯ଟା
- ଭାଜପାର ବିଜୟ ସଂକଳ୍ପ ସମାବେଶ, ସ୍ଥାନ- ମହୋତ୍ସବ ପଡ଼ିଆ, ଓଡ଼ଗାଁ, ସମୟ- ଅପରାହ୍ନ ୨ଟା

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଉଦ୍ୟମ

**ନୟାଗଡ଼ ଅଫିସ,୬।୪**

ନୟାଗଡ଼ ଜିଲା ସଦର ଥାନାରେ ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିବା ନେଇ ମହିଳା ହୋମଗାର୍ଡ ଲିପିରାଣୀ ଦାସ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ସେ ଶନିବାର ସନ୍ଧ୍ୟା ୬ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। କିରୋସିନ ଢ଼ାଳି ନିଆଁ ଲଗାଇବାକୁ ଯାଉଥିବା ବେଳେ ଏସ୍‌ପି ଶଶିଭୂଷଣ ଶତପଥୀ ଓ ଅନ୍ୟ ପୋଲିସ କର୍ମଚାରୀ ତାଙ୍କୁ ଉଦ୍ଧାର କରିଥିଲେ। ବର୍ତ୍ତମାନ ଲିପିଙ୍କୁ ଟାଉନ ଥାନାରେ ରଖାଯାଇଛି।

ପ୍ରକାଶ ଯେ, ନୟାଗଡ଼ କଚେରି ବଜାରର ହୋମଗାର୍ଡ ଲିପି ପୂର୍ବରୁ ବିଭିନ୍ନ ଥାନାରେ କାର୍ଯ୍ୟ କରିଥିବାବେଳେ ୬ମାସ ତଳେ ସଦର ଥାନାରେ ଯୋଗଦେଇଥିଲେ। ସଦର ଥାନାର ଷ୍ଟୋର ରୁମ୍‌ରେ ସେ ଓ ତାଙ୍କ ପରିବାର ରହୁଥିଲେ। ପରିବାର କହିଲେ ଲିପିରାଣୀ, ସ୍ୱାମୀ ରଣଜିତ୍ ଓ ୩ ପୁଅ। ପୂର୍ବତନ ସଦର ଥାନା ଅଧିକାରୀଙ୍କ ବଦଳି ପରେ ଲିପିଙ୍କୁ ନିର୍ଯାତନା ଦିଆଯାଉଥିବା ନେଇ ତାଙ୍କ ସ୍ୱାମୀ ରଣଜିତ୍ ପ୍ରକାଶ କରିଛନ୍ତି। ଥାନାରେ ଜଣେ ମହିଳା ଏସ୍‌ଆଇ, ପୁରୁଷ ଏଏସ୍‌ଆଇ ଲିପିଙ୍କୁ ଚାକରାଣୀ ଭାବେ ଖଟାଉଥିବା ସେ କହିଛନ୍ତି। ଏପରି କି ମହିଳା ଏସ୍‌ଆଇ ତାଙ୍କ ଘର କାମ କରିବାକୁ କହିବା ପରେ ସେ ମନା କରିବାରୁ ତାଙ୍କ ଉପରେ ଅତ୍ୟାଚାର ଆରମ୍ଭ ହୋଇଥିବା ସେ କହିଛନ୍ତି। ସେହିଭଳି ଶନିବାର ସକାଳେ ଷ୍ଟୋର ରୁମ୍‌ର ବିଦ୍ୟୁତ୍ ବିଚ୍ଛିନ୍ନ କରିଦିଆ ଯାଇଥିଲା। ବିଭିନ୍ନ ସମୟରେ ସେ ଥାନାରେ କାର୍ଯ୍ୟ କରୁଥିବା ବେଳେ ଆଜି ତାଙ୍କୁ ଡ୍ୟୁଟିରେ ଯିବା ପାଇଁ କୁହାଯାଇଥିଲା। ଏସବୁରେ ସେ ଅତିଷ୍ଠ ହୋଇ ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସାଙ୍ଗରେ ଆଣିଥିବା କିରୋସିନ ବୋତଲ ନିଜ ଦେହରେ ଢାଳି ନିଆଁ ଲଗାଇବାକୁ ଯାଉଥିଲେ। ଏହି ସମୟରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ଏ ନେଇ ସଦର ଥାନା ଅଧିକାରୀ ଅନ୍ନପୂର୍ଣ୍ଣା ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ଲିପିଙ୍କୁ କୌଣସି ନିର୍ଯାତନା ଦିଆଯାଉ ନ ଥିଲା। ସେ ଶୁକ୍ରବାର ଡ୍ୟୁଟିରେ ଯୋଗଦେଇ ନ ଥିବା ନେଇ ଏସ୍‌ପିଙ୍କଠାରେ ଅଭିଯୋଗ କରାଯାଇଥିଲା। ଏହା ପରେ ସେ ଜାଣିଶୁଣି ଏହିଭଳି କରୁଥିବା ସେ ପ୍ରକାଶ କରିଥିଲେ।

### ସଦର ଥାନାରେ ମହିଳା ହୋମଗାର୍ଡଙ୍କୁ ନିର୍ଯାତନା



ମହିଳା ହୋମଗାର୍ଡଙ୍କୁ ଏସ୍‌ପି ଓ ପୋଲିସ କର୍ମଚାରୀ ଉଦ୍ଧାର କରୁଛନ୍ତି।

## ସଂକ୍ଷେପରେ

### ବୋଲେରୋରୁ ୩ ଲକ୍ଷ ୮୭ ହଜାର ଜବତ: ଠିକାଦାର ଅଟକ

**ନୟାଗଡ଼ ଅଫିସ,୬।୪:** ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଫ୍ଲାଇଂ ସ୍କ୍ୱାଡ୍ ଶନିବାର ଚଢ଼ାଉ କରି ଜଣେ ଠିକାଦାରଙ୍କ ବୋଲେରୋରୁ ୩ ଲକ୍ଷ ୮୭ ହଜାର ୪୪୦ ଟଙ୍କା ଜବତ କରିଛି। ଠିକାଦାର ଜଣଙ୍କ ହେଲେ ପୂର୍ଣ୍ଣଚନ୍ଦ୍ର ପାତ୍ର। ଘଟଣାରୁ ପ୍ରକାଶ ଯେ, ଅପରାହ୍ନ ୧ଟାରେ ପୂର୍ଣ୍ଣଚନ୍ଦ୍ର ଏକ ବୋଲେରୋରେ ଟଙ୍କା ନେଇ ଯାଉଥିବା ବିଶେଷ ସୂତ୍ରରୁ ଖବର ପାଇ ଫ୍ଲାଇଂ ସ୍କ୍ୱାଡ୍ ଶରଣକୁଳ ଥାନା କରଡ଼ା ଗ୍ରାମ ନିକଟରେ ପହଞ୍ଚିଥିଲା। ଏହା ପରେ ଗାଡ଼ି ଯାଞ୍ଚ କରିବାରୁ ଟଙ୍କା ବାହାରିଥିଲା। ଏତେ ଟଙ୍କା କେଉଁଠୁ ଆସିଲା ପଚାରିବାରୁ ପୂର୍ଣ୍ଣଚନ୍ଦ୍ର ଏହାର ଉତ୍ତର ରଖିପାରି ନ ଥିଲେ। ପରେ ପୂର୍ଣ୍ଣଚନ୍ଦ୍ରଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆଣି ଜେରା କରାଯାଇଥିଲା। ଜିଲାପାଳ ଡା. ଏନ୍ ତିରୁମାଲା ନାୟକ କହନ୍ତି, ପୂର୍ଣ୍ଣଚନ୍ଦ୍ରଙ୍କଠାରୁ ଟଙ୍କା ଜବତ କରାଯାଇଛି। ଏତେ ଟଙ୍କାର ହିସାବ ସେ ଦେଇ ନ ପାରିବାରୁ ତାଙ୍କୁ ଅଟକ ରଖାଯାଇ ପଚାରଉଚରା କରାଯାଉଛି। ଘଟଣାର ଖୋଳତାଡ କରାଯାଉଥିବା ଜିଲାପାଳ ପ୍ରକାଶ କରିଥିଲେ।

### ଅଗ୍ନିକାଣ୍ଡରେ ୨ ବଖରା ପୋଡିଗଲା



**ଖଣ୍ଡପଡା/ଭାପୁର, ୬।୪ (ସ୍ୱ.ପ୍ର/ଡ଼ି.ଏନ.ଏ.):** ଭାପୁର ବ୍ଲକ ଅନ୍ତର୍ଗତ ବିଜିପୁର ପଞ୍ଚାୟତର ବିଜିପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ମୁରଲୀ ଖଟେଇଙ୍କ ଘରେ ଅଗ୍ନିକାଣ୍ଡ ଘଟି ୨ ବଖରା ପୋଡି ଯାଇଛି। ଶୁକ୍ରବାର ପୂର୍ବାହ୍ନରେ ମୁରଲୀଙ୍କ ଘରେ ରୋଷେଇ ହେଉଥିବାବେଳେ ଚୁଲିରୁ ନିଆଁ ଉଡି ତାଙ୍କ ଚାଳ ଛପର ଘରେ ଲାଗି ଯାଇଥିଲା। ତାଙ୍କର ୨ ବଖରା ଘର ସହ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ଭାପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା। ଅଗ୍ନିକାଣ୍ଡରେ ତାଙ୍କର ଆନୁମାନିକ ୫୦ ହଜାରରୁ ଉର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତି ପୋଡି ନଷ୍ଟ ହୋଇ ଯାଇଛି।

### ମହିଷାଶୁଣୀ ପୀଠରେ ବାସନ୍ତିକ ଦୁର୍ଗାପୂଜା

**ଖଣ୍ଡପଡା,୬।୪(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଜଗନ୍ନାଥପ୍ରସାଦ ପଞ୍ଚାୟତର ଅଧିଷ୍ଠାତ୍ରୀ ଦେବୀ ମା'ମହିଷାଶୁଣୀଙ୍କ ବାସନ୍ତିକ ଦୁର୍ଗାପୂଜା ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ଏହି ପୂଜା ୯ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏହି ଅବସରରେ ଭୋର ୫ଟାରେ ମା'ଙ୍କ ପହଡ ଖୋଲାଯାଇ ମଙ୍ଗଳ ଆଳତୀ, ମାଜଣା, ଚନ୍ଦନ ଲାଗି ବେଶ ଅନୁଷ୍ଠିତ ହେବା ସହ ପ୍ରତ୍ୟେହ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ ପୂଜା କରାଯାଇ ମା'ଙ୍କ ଦର୍ଶନ ହୋଇଥାଏ। ଏହି ପୂଜା ଚୈତ୍ରମାସ ଶୁକ୍ଳପକ୍ଷ ଶ୍ରୀରାମ ନବମୀରେ ସମ୍ପନ୍ନ ହେବ। ଏହି ଅବସରରେ ମହୁଲପଡା,ଦରଦା ଗ୍ରାମବାସୀଙ୍କ ପକ୍ଷରୁ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଚାଲୁ ରହିଛି।

# ଦଣ୍ଡପର୍ବ: ଉତ୍ସବମୁଖର ଦେବଦେବୀ ପୀଠ

**ଖଣ୍ଡପଡା,୬।୪(ସ୍ୱ.ପ୍ର.)**

ଖଣ୍ଡପଡା ଅଞ୍ଚଳର ବିଭିନ୍ନ ଶୈବପୀଠ ଓ ଦେବଦେବୀ ପୀଠଗୁଡିକ ପାରମ୍ପରିକ ଦଣ୍ଡ ପର୍ବକୁ ନେଇ ଗତ କିଛିଦିନ ଧରି ଉତ୍ସବମୁଖର ହୋଇଉଠିଛି। ବିଭିନ୍ନ ସ୍ଥାନରେ ଶହଶହ ମାନସିକଧାରୀ ଦଣ୍ଡପର୍ବରେ ସାମିଲ ହୋଇଛନ୍ତି। ଖଣ୍ଡପଡା ସହର ସମେତ ଆଖପାଖ ଗାଁରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। କେତେକ ଦେବଦେବୀ ପୀଠରେ ୨୧ ଦିନ ଧରି ଦଣ୍ଡପର୍ବ ପାଳିତ ହେଉଥିବା ବେଳେ ଅନ୍ୟ ପୀଠଗୁଡିକରେ ୧୭ ଦିନ ଧରି ଦଣ୍ଡପର୍ବ ପାଳିତ ହେଉଛି। ଖଣ୍ଡପଡା ସହରର ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ, ଖଳିସାହିସ୍ଥିତ ପ୍ରସିଦ୍ଧ ଶୈବପୀଠ, ବୋଦସାହିସ୍ଥିତ ବାବା ବାଲୁଙ୍କେଶ୍ୱରଦେବଙ୍କ ପୀଠ ସମେତ ଆଖପାଖ ଗ୍ରାମରେ ଦେବଦେବୀଙ୍କ ପୀଠରେ ଦଣ୍ଡୁଆମାନେ ମନସ୍କାମନା ପୂର୍ଣ୍ଣ ନିମନ୍ତେ ମାନସିକ କରି ବ୍ରତଧାରଣ କରିଛନ୍ତି। ପ୍ରତ୍ୟହ ଅପରାହ୍ନରେ ନଦୀପଠା, ପୋଖରୀ ତୁଠରେ ଦଣ୍ଡୁଆମାନେ ସ୍ନାନସାରି ମା' ଦଣ୍ଡକାଳୀଙ୍କୁ ପୂଜାର୍ଚ୍ଚନା କରିବା ପରେ ମା'ଙ୍କ ପାଟଦଣ୍ଡୁଆ ଉଭା ହୋଇଥାନ୍ତି। ଉଭାପର୍ବ ଦେଖିବା ନିମନ୍ତେ ଜନସାଧାରଣଙ୍କ ଭିଡ ହୋଇଥାଏ। ସେହିପରି କଣ୍ଟିଲୋ ଗ୍ରାମର ୩ଟି ଦଣ୍ଡ କୋଠି ସମେତ ଆଖପାଖ ଗ୍ରାମ ବଡବାଣପୁର, ଘଣାଶାଳିଆ, ଲକ୍ଷ୍ମୀପ୍ରସାଦ, ମାଧପୁର, କଳପଙ୍ଗି, ଧାନଚାଙ୍ଗଡା ଆଦି ଗ୍ରାମରେ ଅତ୍ୟନ୍ତ ନିଷ୍ଠାର ସହ ଏହି ପର୍ବ ପାଳନ ହେଉଥିବା ପରିଲକ୍ଷିତ ହୋଇଛି। ସନ୍ଧ୍ୟା ସମୟରେ ଦଣ୍ଡ ଠାକୁର ଗ୍ରାମ ପରିକ୍ରମା କରୁଥିବା ବେଳେ ମନସ୍କାମନା ପୂରଣ ନିମନ୍ତେ ଭକ୍ତମାନେ ଠାକୁରଙ୍କ ସମ୍ମୁଖରେ ଗୁହାରିଆ ପଡିଥାନ୍ତି। ରାତ୍ରକାଳରେ ଦଣ୍ଡଯାତ୍ରାରେ ସାମିଲ ହୋଇଥିବା ମାନସିକଧାରୀମାନେ ପାରମ୍ପରିକ ଦଣ୍ଡନୃତ୍ୟ, ପୌରାଣିକ ନାଟକ ପରିବେଷଣ କରୁଛନ୍ତି। ଦିନ ସମୟରେ ଧୂଳିଦଣ୍ଡ ଓ ରାତିରେ ବିଭିନ୍ନ ସୁଆଙ୍ଗ ଯଥା ଚଢେୟା, ଯୋଗୀ-ଯୋଗିଆଣୀ, କେଳା-କେଳୁଣୀ, ପତରସୌରା ଆଦି ଲୋକ ନାଟକ ପରିବେଷଣ କରାଯାଉଛି।



ଦଣ୍ଡୁଆଙ୍କ ସାହି ପରିକ୍ରମା।

# ବାଇକ୍‌କୁ ଚାପିଦେଲା ଟ୍ରକ୍ ଝିଅ ମୃତ, ବାପପୁଅ ଗୁରୁତର

**ନୟାଗଡ଼ ଅଫିସ,୬।୪**

ନୟାଗଡ଼ ଜବାହର ନବୋଦୟ ବିଦ୍ୟାଳୟରୁ ବାଇକ୍‌ରେ ଫେରୁଥିବା ଏକ ପରିବାର ଶନିବାର ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଏକ ଟ୍ରକ୍ ଚାପାରେ ଝିଅର ମୃତ୍ୟୁ ଘଟିଥିବାବେଳେ ବାପପୁଅ ଗୁରୁତର ହୋଇଛନ୍ତି। ବାଇକ୍‌ରୁ ଡେଇଁ ମା' ବର୍ତ୍ତିଯାଇଛନ୍ତି। ନୟାଗଡ଼ ବ୍ଲକ ଲାଠିପଡ଼ା ଗ୍ରାମ କାଦୁଆସାହିର ସାଗର ମହାରଣା (୩୫)ଙ୍କ ବଡ଼ପୁଅ ଚିନ୍ମୟ(୧୦) ନୟାଗଡ଼ ଜବାହର ନବୋଦୟ ବିଦ୍ୟାଳୟରେ ପଢ଼ିବା ପାଇଁ ଶନିବାର ପ୍ରବେଶିକା ପରୀକ୍ଷା ଦେବାକୁ ଆସିଥିଲେ। ସାଗର ବାଇକ୍‌ରେ ଚିନ୍ମୟଙ୍କୁ ଧରି ବାହାରୁଥିବା ବେଳେ ଚିନ୍ମୟଙ୍କ ମାଆ ରଞ୍ଜିତା (୨୮) ଓ ସାନଭଉଣୀ ଲକ୍ଷ୍ମୀ (୭) ତାଙ୍କ ସହ ବାହାରିଥିଲେ। ସମସ୍ତେ ବାଇକ୍‌ରେ ଜବାହର ନବୋଦୟ ବିଦ୍ୟାଳୟକୁ ଆସିଥିଲେ। ୧୧ଟା ୩୦ରୁ ପରୀକ୍ଷା ଆରମ୍ଭ ହୋଇ ୧ଟା ୩୦ରେ ଶେଷ ହୋଇଥିଲା। ପରେ ସମସ୍ତେ ନୟାଗଡ଼ରେ କିଛି ଦରକାରୀ ଜିନିଷ କିଣାକିଣି କରି ଘରକୁ ଫେରୁଥିଲେ। ଅପରାହ୍ନ ୨ଟା ୩୦ ମିନିଟ ସମୟରେ ଗାଡ଼ିରେ ତେଲ ପକାଇବା ପାଇଁ ସାଗର ଘଡୁଆଳସ୍ଥିତ ତେଲ ଟାଙ୍କିକୁ ଯାଇଥିଲେ। ଟାଙ୍କିରୁ ତେଲ ପକାଇ ବାହାରୁଥିବା ସମୟରେ ଏକ ଟ୍ରକ୍ (ଓଆର୦୯ଜେ-୩୦୧୫) ବାଇକ୍ ପଛପଟୁ ଧକ୍କା ଦେଇଥିଲା। ପଛପଟେ ବସିଥିବା ରଞ୍ଜିତା ଡେଇଁ ପଡ଼ିଥିବାବେଳେ ଅନ୍ୟମାନେ ଗାଡ଼ି ଚକା ତଳେ ରହିଯାଇଥିଲେ। ଘଟଣାସ୍ଥଳରେ ଦ୍ୱିତୀୟ ଶ୍ରେଣୀ ପରୀକ୍ଷା ଦେଇଥିବା ଲକ୍ଷ୍ମୀଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ସାଗର ଓ ଚିନ୍ମୟଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଉଭୟଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ନୟାଗଡ଼ ଏସ୍‌ପି ଶଶିଭୂଷଣ ଶତପଥୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଘଟଣା ବିଷୟରେ ପଚାରି ବୁଝିଥିଲେ। ଅନ୍ୟପଟେ ଦୁର୍ଘଟଣା ପରେ ଡ୍ରାଇଭର ଟ୍ରକ୍‌ଟିକୁ ସଦର ଥାନାରେ ରଖି କେଉଁଆଡ଼େ ଫେରାର ହୋଇଯାଇଛନ୍ତି।





ଆହତ ବାପ ଓ ପୁଅ।

## ଜବାହର ନବୋଦୟ ପ୍ରବେଶିକା ପରୀକ୍ଷା

# ନୂଆଗାଁରେ ୧୭୯, ଗଣିଆରେ ଦେଲେ ୧୬୭ ଛାତ୍ରୀଛାତ୍ର

**ନୂଆଗାଁ, ୬।୪ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ନୂଆଗାଁ ହାଇସ୍କୁଲଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି ଜବାହର ନବୋଦୟ ପ୍ରବେଶିକା ପରୀକ୍ଷା। ପରୀକ୍ଷା ଦେବା ପାଇଁ ନୂଆଗାଁ ବ୍ଲକର ୨୧୩ ଜଣ ଛାତ୍ରୀଛାତ୍ର ଅନଲାଇନ ଯୋଗେ ନାମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୩୪ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ବେଳେ ୧୭୯ ପରୀକ୍ଷା ଦେଇଥିଲେ। ନୂଆଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ପରୀକ୍ଷା ପରିଚାଳିତ ହୋଇଥିବା ବେଳେ ତହସିଲଦାର ପ୍ରଭାକର ସେଠୀ ଓ କେନ୍ଦ୍ରସ୍ତରୀୟ ପର୍ଯ୍ୟବେକ୍ଷକ ଉପସ୍ଥିତ ରହି ପରୀକ୍ଷାକୁ ତଦାରଖ କରିଥିଲେ।

**ଗଣିଆ,(ଡି.ଏନ.ଏ.):** ଗଣିଆ କିଶୋରଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାପୀଠ ପରିସରରେ ଶନିବାର ୫ମ ଶ୍ରେଣୀ ନବୋଦୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଗଣିଆ ବ୍ଲକର ବିଭିନ୍ନ ବିଦ୍ୟାଳୟର ୧୬୭ଜଣ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଛନ୍ତି। ନବୋଦୟ ପ୍ରବେଶିକା ପରୀକ୍ଷା ଦେବା ନିମନ୍ତେ ବ୍ଲକର ୧୮୬ଜଣ ଛାତ୍ରୀଛାତ୍ର ଅନଲାଇନ ଯୋଗେ ଆବେଦନ କରିଥିଲେ। ସେଥିମଧ୍ୟରୁ ଶନିବାର ୧୬୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୯ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିଲେ। ଏହି ପରୀକ୍ଷା ପରିଚାଳନା ପାଇଁ ପରୀକ୍ଷାକେନ୍ଦ୍ରରେ ନୟାଗଡ ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ, ଗଣିଆ ବ୍ଲକ ଶିକ୍ଷା ଅଧିକାରୀ ପ୍ରସନ୍ନ ଦାଶ ଉପସ୍ଥିତ ରହିଥିଲେ। ଗଣିଆ ତହସିଲଦାର ମିତାଲି ପାତ୍ର ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।



ନୂଆଗାଁର ଏକ କେନ୍ଦ୍ରରେ ପିଲାମାନେ ପରୀକ୍ଷା ଦେଉଛନ୍ତି।

# ଦେଶୀ ମଦ ଜବତ, ଜଣେ ଗିରଫ

**ଦଶପଲ୍ଲା,୬।୪ (ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ କୁଲୁରୁକୁମ୍ପା ପଞ୍ଚାୟତ ଜାନିପଦର ଗ୍ରାମରେ ଶନିବାର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ମଦ ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଉପେନ୍ଦ୍ର ମାଝି(୬୬)। ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅମରେନ୍ଦ୍ର କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚଢାଉ କରାଯାଇଥିଲା। ଉପେନ୍ଦ୍ର ଜାନିପଦର ନିକଟ ବୃତ୍ତଙ୍ଗ ନଦୀ କୂଳରେ ମଦ ରାନ୍ଧୁଥିବାବେଳେ ଅବକାରୀ କର୍ମଚାରୀଙ୍କୁ ଦେଖି ଖସିଯିବାକୁ ଚେଷ୍ଟା କରିଥିଲେ। ପରେ ତାଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୧୦ ଲିଟର ଦେଶୀମଦ ସହ ୮୦ କିଗ୍ରା ମହୁଲ ପୋଚ ଓ ମଦରନ୍ଧା ସାମଗ୍ରୀ ଜବତ କରାଯାଇଛି। ଚଢାଉରେ ଅବକାରୀ ଥାନା ଅଧିକାରୀ ସତ୍ୟ ନାରାୟଣ ଦାଶ, ପ୍ରତ୍ୟୁଷ ରଞ୍ଜନ ଦେହୁରି ଓ ଲକ୍ଷ୍ମୀଧର ବେହେରା ପ୍ରମୁଖ ସାମିଲ ଥିଲେ।

# ଛାତ୍ରୀଙ୍କୁ କମେଣ୍ଟ ମରାକୁ ନେଇ ଆକ୍ରମଣ: ୩ ଆହତ

**ଖଣ୍ଡପଡା, ୬।୪(ସ୍ୱ.ପ୍ର.)**

ଜଣେ କଲେଜ ଛାତ୍ରୀଙ୍କୁ କମେଣ୍ଟ ମାରିବାକୁ କେନ୍ଦ୍ରକରି ଆକ୍ରମଣ ହୋଇଛି। ଏଥିରେ ଛାତ୍ରୀଙ୍କ ପରିବାରର ୩ଜଣ ଆହତ ହୋଇଛନ୍ତି। ଏ ନେଇ ଖଣ୍ଡପଡା ଥାନାରେ ଏକ ମାମଲା ରୁଜୁ ହୋଇଛି।

ପ୍ରକାଶ ଯେ, ଖଣ୍ଡପଡା ଥାନା ଅନ୍ତର୍ଗତ ରାଣୀପଡା ପଞ୍ଚାୟତ ବିରିଡିହି ଗ୍ରାମର ଜଣେ ଛାତ୍ରୀ କଲେଜକୁ ଯିବାବେଳେ ଉକ୍ତ ଗ୍ରାମର ଜଣେ ଯୁବକ ତାଙ୍କୁ ବାରମ୍ବାର କମେଣ୍ଟ ମାରି ଆସୁଥିଲେ। ଏ ସମ୍ପର୍କରେ ଛାତ୍ରୀ ଜଣଙ୍କ ଗତ ଗୁରୁବାର ପରିବାରବର୍ଗଙ୍କୁ ଜଣାଇଥିଲେ। ପରିବାର ଲୋକେ ସମ୍ପୃକ୍ତ ଯୁବକଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ପଚରା ଉଚରା କରିବାରୁ କଳହର ସୂତ୍ରପାତ ହୋଇଥିଲା। ଏହି ଘଟଣାରେ ଉତ୍ତ୍ୟକ୍ତ ହୋଇ ଯୁବକ ଅଶ୍ୱିନୀ ପଣ୍ଡା, ତାଙ୍କ ସାନ ଭାଇ , ବାପା ଓ ମା' ପ୍ରମୁଖ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଛାତ୍ରୀଙ୍କ ପରିବାରର ୩ଜଣ ଆହତ ହୋଇଛନ୍ତି। ସେମାନେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ସମ୍ପୃକ୍ତ ୪ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ଆଇଆଇସି ବିମଳ କୁମାର ମଲ୍ଲିକଙ୍କଠାରୁ ସୂଚନା ମିଳିଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

# ଜମିକୁ ପାଣି ନାହିଁ ତ ଭୋଟ ନାହିଁ

### କୃଷକ କଲ୍ୟାଣ ମଞ୍ଚର ଚେତାବନୀ

**ଗଣିଆ,୬।୪(ଡି.ଏନ.ଏ.)**

ନୟାଗଡ ଜିଲା ଗଣିଆ ବ୍ଲକ କୃଷକ କଲ୍ୟାଣ ମଞ୍ଚ ତରଫରୁ କିଶୋରପ୍ରସାଦ ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଚାଷୀ ଓ ଚାଷ ସମସ୍ୟାକୁ ନେଇ ଗତ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମଞ୍ଚର ସଭାପତି ଦାଶରଥି ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଉପସଭାପତି ମନ୍ଦରଧର ନାୟକ, ସମ୍ପାଦକ ପାଣ୍ଡବ ରଣା, ମାର୍କଣ୍ଡ ପ୍ରଧାନ, ଶିବ ବେହେରାଙ୍କ ସମେତ ମଞ୍ଚର ବହୁ ସଦସ୍ୟ ଯୋଗଦେଇଥିଲେ। ବିଶେଷକରି କିଶୋରପ୍ରସାଦ ପଞ୍ଚାୟତରେ ଉଠାଜଳସେଚନ ଓ ମାଳବନ୍ଧ ସମସ୍ୟାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ପଞ୍ଚାୟତର ୯ଟି ମୌଜାର ପ୍ରାୟ ୧୨ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀ ଚାଷକାମ କରି ଜୀବିକା ନିର୍ବାହ କରିଥାନ୍ତି। ଏହି ପଞ୍ଚାୟତ ନିକଟ ଦେଇ ମହାନଦୀ ପ୍ରବାହିତ ହେଉଥିଲେ ମଧ୍ୟ ଚାଷଜମିକୁ କୌଣସି ଜଳସେଚନ ବ୍ୟବସ୍ଥା କରାଯାଇନାହିଁ। ଏହା ଫଳରେ ପ୍ରତ୍ୟେକ ବର୍ଷ ପାଣି ଅଭାବରୁ ଧାନଫସଲ ନଷ୍ଟ ହୋଇଯାଇଥାଏ ଏବଂ ଆଉ କେତେକ ଜମିରେ ପାଣି ଅଭାବରୁ ଚାଷ ହୋଇ ନ ପାରି ପଡିଆ ପଡିଥାଏ। ଏ ନେଇ କୃଷକ କଲ୍ୟାଣ ମଞ୍ଚ ତରଫରୁ ସ୍ଥାନୀୟ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ଲୋକପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରାଯାଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ଏପରି କି ପଞ୍ଚାୟତର କିଶୋରପ୍ରସାଦ, ଇନ୍ଦିପଙ୍ଗା ଗ୍ରାମଗୁଡିକରେ ଥିବା ଜଳାଶୟଗୁଡିକ ଖରାଦିନ ଆରମ୍ଭରୁ ଶୁଖିଯିବାକୁ ବସିଲାଣି। ଫଳରେ ସ୍ଥାନୀୟ ଲୋକ ଓ ଗୋରୁ ଗାଧୋଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀ ଏବଂ ଚାଷର ଉନ୍ନତି ପାଇଁ ବହୁ ଯୋଜନା ପ୍ରଣୟନ କରୁଥିବା ବେଳେ ବାସ୍ତବରେ କିନ୍ତୁ ଚାଷୀମାନଙ୍କୁ ଅଣଦେଖା କରାଯାଉଛି। ନିର୍ବାଚନ ସମୟ ଆସିଲେ ଏହି ପଞ୍ଚାୟତ ସହ ବ୍ଲକର ସମସ୍ତ ପଞ୍ଚାୟତରେ ଉଠାଜଳସେଚନ ବ୍ୟବସ୍ଥା କରାଯିବ ବୋଲି କେବଳ ପ୍ରତିଶ୍ରୁତି ମିଳୁଛି। କିନ୍ତୁ ନିର୍ବାଚନ ପରେ ବାସ୍ତବ ଚିତ୍ର ଓଲଟା ଦେଖିବାକୁ ମିଳୁଛି ବୋଲି ଅଞ୍ଚଳର ବହୁ ଚାଷୀ ଅଭିଯୋଗ କରିଛନ୍ତି। ତେବେ ଜମିକୁ ପାଣି ନାହିଁ ତ ଭୋଟ ନାହିଁ ବୋଲି ଆହ୍ୱାନ କରି ଆସନ୍ତା ସାଧାରଣ ନିର୍ବାଚନରେ ଚାଷୀମାନେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବା କୃଷକ କଲ୍ୟାଣ ମଞ୍ଚର ଉପସଭାପତି ମନ୍ଦରଧର ନାୟକ ସୂଚନା ଦେଇଛନ୍ତି।

# ରୋଗଗ୍ରସ୍ତ ବ୍ୟକ୍ତିଙ୍କ ଆତ୍ମହତ୍ୟା

**ଦଶପଲ୍ଲା,୬।୪ (ଡି.ଏନ.ଏ.)**

ରୋଗଗ୍ରସ୍ତ ହୋଇଥିବା ଜଣେ ବ୍ୟକ୍ତି ଶେଷରେ ଆତ୍ମହତ୍ୟା ପଥ ବାଛିନେଇଛନ୍ତି। ଦଶପଲ୍ଲା ଥାନା ରଙ୍ଗମାଟିଆ ଗ୍ରାମରେ ଘଟିଥିବା ଏହି ଘଟଣା ଆଲୋଚନାର ବିଷୟ ହୋଇଛି। ଆତ୍ମହତ୍ୟା କରିଥିବା ବ୍ୟକ୍ତି ହେଉଛନ୍ତି ବେଲାରସେନ ଜାନି (୫୦)। ମିଳିଥିବା ସୂଚନା ଅନୁଯାୟୀ ବେଲାରସେନଙ୍କ ଘର ବାଦଭୂଇଁ ଗ୍ରାମରେ ହୋଇଥିବା ବେଳେ ପ୍ରାୟ ୧୨ ବର୍ଷ ହେଲା ସେ ଶ୍ୱଶୁର ଘର ରଙ୍ଗମାଟିଆ ଗ୍ରାମରେ ରହିଆସୁଥିଲେ। ପୁଅ ଗୌତମ(୧୭) ଅର୍ଥାଭାବରୁ ପାଠପଢା ଛାଡିଥିବା ବେଳେ ଝିଅ ବର୍ଷା ଏବେ ୭ମ ଶ୍ରେଣୀରେ ପଢୁଛନ୍ତି। ବେଲାରସେନ ପ୍ରାୟ ୧୦ ବର୍ଷ ହେଲା ଯକ୍ଷ୍ମା ରୋଗରେ ପୀଡିତ। କାମ କରିବା ପାଇଁ ସେ ଅକ୍ଷମ ହୋଇ ପଡିଥିବା ବେଳେ ସ୍ତ୍ରୀ ଶଶି ଜାନି ରାଜମିସ୍ତ୍ରି ସାଙ୍ଗରେ ଯାଇ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ଏଥିରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ଚଳେ। ଅର୍ଥାଭାବରୁ ସ୍ୱାମୀ ବେଲାରସେନଙ୍କ ଉପଯୁକ୍ତ ଚିକିତ୍ସା କରିବା ସମ୍ଭବ ହେଉ ନ ଥିଲା। ଏପରିସ୍ଥଳେ ଶଶି ଶନିବାର ସକାଳୁ ଘରକାମ ସାରି ରାଜମିସ୍ତ୍ରି ସହିତ କାମ କରିବା ପାଇଁ ଯାଇଥିଲେ। ଝିଅ ସ୍କୁଲ ଯାଇଥିବା ବେଳେ ପୁଅ ବାହାରେ ଥିଲେ। ଘରେ ଏକାକି ବେଲାରସେନ ଥିବାବେଳେ ମାନସିକ ଭାରସାମ୍ୟ ହରାଇ ବିଷ ପିଇଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

